

# ଓଡ଼ିଶା ଭାସ୍କର


ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





ସୁପ୍ରିମକୋର୍ଟ ରାୟରେ ଅସନ୍ତୋଷ ପ୍ରକାଶ | ୬

ନୂଆ ଅବତାରରେ ମୌନୀ ରୟ | ୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪ Vol. 22 No-4 4 APRIL 2025 FRIDAY BHUBANESWAR ଶୁକ୍ରବାର, ୪ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୱାକଫ୍ ସଂଶୋଧନ ବିଲ୍ ରାଜ୍ୟସଭାରେ ପାରିତ

# ରାଷ୍ଟ୍ରପତିଙ୍କ ଅନୁମୋଦନକୁ ଅପେକ୍ଷା



- ବିଲ୍ ସପକ୍ଷରେ ପଡ଼ିଲା ୧୨୮, ବିପକ୍ଷରେ ୯୫
- ବିଳମ୍ବିତ ରାତିଯାଏ ରାଜ୍ୟସଭାରେ ଆଲୋଚନା
- ବିତର୍କ ପରେ ଭୋଟିଂ ପାଇଁ ନିର୍ଦ୍ଦେଶ ଦେଲେ ଅଧ୍ୟକ୍ଷ

ନୂଆଦିଲ୍ଲୀ,୩।୪: ବହୁ ବିତର୍କିତ ତଥା ବିବାଦୀୟ ୱାକଫ ସଂଶୋଧନ ବିଲ୍ ଗୁରୁବାର ରାଜ୍ୟସଭାରେ ପାରିତ ହୋଇଛି। ବିଲ୍ ସପକ୍ଷରେ ୧୨୮ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୯୫ଟି ଭୋଟ ପଡ଼ିଥିଲା। ରାଜ୍ୟସଭାରେ ମୋଟ ସଦସ୍ୟଙ୍କ ସଂଖ୍ୟା ୨୩୬ ରହିଥିବାବେଳେ ମ୍ୟାଜିକ ନମ୍ବର ଥିଲା ୧୧୯। ବିଜେପି ଓ ଏହାର ସହଯୋଗୀ ଦଳଙ୍କ ସଂଖ୍ୟା ୧୧୭ରେ ସୀମିତ ଥିବାବେଳେ ମ୍ୟାଜିକ ନମ୍ବର ଛୁଇଁବା ପାଇଁ ଅଧିକ ଦୁଇଜଣ ସଦସ୍ୟଙ୍କ ଆବଶ୍ୟକତା ରହିଥିଲା। ତେବେ ଏନଡିଏ ସପକ୍ଷରେ ଅଧିକ ୧୧ଟି ଭୋଟ ପଡ଼ିବା ଘଟଣା ବିଜେପିର ପାରଦର୍ଶିତାକୁ ଅଧିକ ପ୍ରତିପାଦିତ କରିଛି ବୋଲି କୁହାଯାଇପାରେ। ଏଥିପୂର୍ବରୁ ବୁଧବାର ଲୋକସଭାରେ ଏହି ସଂଶୋଧନ ବିଲ୍ ୨୮୮-୨୩୨ ଭୋଟରେ ପାରିତ ହୋଇଥିଲା। ଗୁରୁବାର କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ଏହି ବିଲ୍ ଆଗତ କରିବା ପରେ ଏହା ଉପରେ ବିସ୍ତୃତ ଭାବେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଏପରିକି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଲ୍ ଉପରେ ରାଜ୍ୟସଭାରେ ଆଲୋଚନା ଚାଲୁ ରହିଥିଲା। ପରେ ଏହା ଉପରେ ଭୋଟଗ୍ରହଣ କରାଯାଇଥିଲା। ବିଲ୍ ଆଗତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜିଜୁ କହିଥିଲେ ଯେ ଏହି ବିଲ୍‌ରେ କୌଣସି ଅଣ ମୁସଲମାନଙ୍କ ହସ୍ତକ୍ଷେପ ଯେପରି ନ ରହେ ସେ ନେଇ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହାକୁ ସଂସଦରେ ବିରୋଧୀ ଅଲଗା ଅର୍ଥରେ ପ୍ରତିପାଦିତ କରୁଛନ୍ତି। ସେମାନେ କହୁଛନ୍ତି, କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେଉଛନ୍ତି ସେଥିରେ ମୁସଲମାନମାନଙ୍କର କ୍ଷତି ହେବ। ଏହି ସଂଶୋଧନ ବେଆଇନ ଏବଂ ଅସାମ୍ବିଧାନିକ। ସମସ୍ତଙ୍କୁ ନିଜ ନିଜ କଥା କହିବାର ଅଧିକାର ରହିଛି। କିନ୍ତୁ ଯେଉଁ ଅଭିଯୋଗ କରାଯାଉଛି ତାହା ଠିକ୍ ନୁହେଁ ବୋଲି ସେ ସ୍ପଷ୍ଟ କହିଥିଲେ। ସେହିପରି ଆଲୋଚନାରେ ଭାଗ ନେଇ ୟୁବିଟି ଏମପି ସଞ୍ଜୟ ରାଉତ କହିଥିଲେ ଯେ ଆମେରିକା ସରକାର ଭାରତ ସରକାରଙ୍କ ଉପରେ ଯେଉଁ ମୋଟା ଅଙ୍କର ଟାରିଫ ଲଗାଇଛନ୍ତି ସେଥିରୁ ନଜର ହଟାଇବା ପାଇଁ ତରବରିଆ ଭାବେ ଏହି ବିଲ୍ ଆଗତ କରାଯାଇ ପାରିତ କରିବାକୁ ଉଦ୍ୟମ କରାଯାଉଛି। ଦେଶରେ ଯେଉଁମାନେ ମୁସଲମାନଙ୍କ ବିରୁଦ୍ଧରେ କହୁଛନ୍ତି, ସେମାନେ ଏବେ ମୁସଲମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏହି ବିଲ୍ ଏବେ ସଂସଦର ଉଭୟ ଗୃହରେ ପାସ୍ ହେବାପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ। ରାଷ୍ଟ୍ରପତି ସ୍ୱୀକୃତି ଦେବାପରେ ଏହା ଆଇନରେ ପରିଣତ ହେବ। ଏଥିପୂର୍ବରୁ ଲୋକସଭାରେ ମଧ୍ୟ ଏହି ସଂଶୋଧନ ବିଲ୍‌କୁ ତୀବ୍ର ବିରୋଧ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ମଧ୍ୟ ଆଲୋଚନା ଚାଲୁ ରହିଥିଲା। ଅନୁରୂପ ଭାବେ ଗୁରୁବାର ମଧ୍ୟ ରାଜ୍ୟସଭାରେ ସଦସ୍ୟମାନେ ଦୀର୍ଘସମୟ ଧରି ଏହି ବିଲ୍ ଉପରେ ଆଲୋଚନା କରିଥିଲେ। ବିରୋଧୀଦଳ କେତେକ ପରାମର୍ଶ ଦେଇଥିଲେ ମଧ୍ୟ ତାହାକୁ ସରକାରୀ ଦଳ ଗ୍ରହଣ କରିନଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅଧ୍ୟକ୍ଷ ଭୋଟିଂ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଖୋର୍ଦ୍ଧା-ହଳଦୀପଦାରେ ନୂଆ ଶିଳ୍ପାଞ୍ଚଳ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ଶିଳ୍ପର ବିକାଶରେ ରାଜ୍ୟର ବିକାଶ ସମ୍ଭବ




- ଅରାଙ୍ଗରେ ଟେକ୍ସଟାଇଲ ପାର୍କର ଶିଳାନ୍ୟାସ
- ଶ୍ରମିକ ଆବାସ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ
- ଶିଳ୍ପପାଇଁ ଖର୍ଚ୍ଚ ହେବ ୬ ହଜାର କୋଟି
- ସୃଷ୍ଟିହେବ ୩୭ ହଜାର ନିଯୁକ୍ତି ସୁଯୋଗ

ଖୋର୍ଦ୍ଧା/ଭୁବନେଶ୍ୱର,୩।୪(ଭାସ୍କର ନ୍ୟୁଜ): ଶିଳ୍ପର ବିକାଶରେ ରାଜ୍ୟର ବିକାଶ ସମ୍ଭବ। ଅଧିକ ଶିଳ୍ପ ପ୍ରତିଷ୍ଠା ହେଲେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଓଡ଼ିଶାର ବେକାରୀ ସମସ୍ୟା କିଛି ପରିମାଣରେ ଦୂର ହୋଇପାରିବ ବୋଲି ଗୁରୁବାର ଖୋର୍ଦ୍ଧା ଜିଲ୍ଲା ହଳଦୀପଦାରେ ନୂଆ ଶିଳ୍ପାଞ୍ଚଳ ଉଦ୍‌ଘାଟନ ଅବସରରେ ଆୟୋଜିତ ସମାରୋହରେ ଯୋଗଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ଖୋର୍ଦ୍ଧା ଜିଲ୍ଲାରେ ଶିଳ୍ପ ସମୂହର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ। ସେ କହିଥିଲେ, ବିଜେପି ସରକାର ଓଡ଼ିଶାର ଶାସନ ଦାୟିତ୍ୱ ନେବାପରେ ଗତ ଜାନୁଆରୀ ମାସରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଆୟୋଜନ କରି ଓଡ଼ିଶାରେ ନିବେଶକାରୀଙ୍କ ସହ ଶିଳ୍ପପାଇଁ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ତିନିମାସ ମଧ୍ୟରେ ଶିଳ୍ପ ପ୍ରକଳ୍ପର ଗ୍ରାଉଣ୍ଡେଡ୍ ଆରମ୍ଭ କରାଯାଇଛି। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ହଳଦୀପଦାରେ ୧୩ ଶିଳ୍ପପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଗୋଟିଏ ଶିଳ୍ପର ଶ୍ରୀଗଣେଶ କରିଛନ୍ତି। ଏହି ଶିଳ୍ପସମୂହରେ ପ୍ରାଥମିକ ପର୍ଯ୍ୟାୟରେ ୬ହଜାର କୋଟି ଟଙ୍କା ନିବେଶ କରାଯାଇ ୩୭ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଏଥିସହ ଶ୍ରମିକମାନଙ୍କ ପାଇଁ ଦୀନଦୟାଲ କର୍ମଚାରୀ ଆବାସ ଯୋଜନାରେ ୩ଶହ କୋଟି ଟଙ୍କା ବ୍ୟୟରେ ଶ୍ରମିକ ଆବାସ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ପୂର୍ବ ସରକାରରେ ମେକ୍ ଇନ୍ ଓଡ଼ିଶାରେ ପ୍ରଚାର ପ୍ରବଳ କରାଯାଉଥିବାବେଳେ ଶିଳ୍ପର ଗ୍ରାଉଣ୍ଡେଡ୍ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ସମ୍ବଲପୁରରେ ଡିଜିପିଙ୍କ ସମୀକ୍ଷା

ସମ୍ବଲପୁର,୩।୪(ଭାସ୍କର ନ୍ୟୁଜ): ସମ୍ବଲପୁର ଗସ୍ତରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ। ଗୁରୁବାର ସକାଳେ ଶ୍ରୀ ଖୁରାନିଆ ପ୍ରଥମେ ମା ସମଲେଶ୍ୱରୀ ମନ୍ଦିର ଯାଇ ଦର୍ଶନ କରିଥିଲେ। ପରେ ଉତ୍ତରାଞ୍ଚଳ ରେଞ୍ଜ ଅଧୀନ ଯୋଗ୍ୟ ବିବେଚିତ ପୋଲିସ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଆସନ୍ତା ହନୁମାନ ଜୟନ୍ତୀ ଓ ରାମନବମୀ ଅବସରରେ ଆଇନଶୃଙ୍ଖଳା ସ୍ଥିତିର ମଧ୍ୟ ସମୀକ୍ଷା କରିବା ସହ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

### ରାଜଧାନୀରେ ଡବଲ ଏନ୍‌କାଉଣ୍ଟର

ଭୁବନେଶ୍ୱର,୩।୪(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ଦୁଇ ଲୁଟେରାଙ୍କୁ କମିଶନରେଟ ପୋଲିସ ପକ୍ଷରୁ ଏନକାଉଣ୍ଟର କରାଯାଇଥିବା ସୂଚନା ମିଳିଛି। କ୍ୟାପିଟାଲ ଥାନା ଅଞ୍ଚଳରେ ଏହି ଦୁଇ ଲୁଟେରା ଲୁଟ୍ କରିବା ପାଇଁ ପ୍ରୟାସ କରୁଥିବାବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ତେବେ ପୋଲିସକୁ ଦେଖି ସେମାନେ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଏନକାଉଣ୍ଟର କରିଥିଲା।
(ବିବରଣୀ ତୃତୀୟ ପୃଷ୍ଠାରେ)

### ମହାରାଷ୍ଟ୍ରରେ ମୃଦୁ ଭୂକମ୍ପ ଝଟ୍‌କା

ମୁମ୍ବାଇ,୩।୪: ଗୁରୁବାର ପୂର୍ବାହ୍ନରେ ମହାରାଷ୍ଟ୍ରର ସୋଲାପୁରରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୨.୬ ରେକର୍ଡ କରାଯାଇଛି। ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମିରୁ ୫ କିଲୋମିଟର ତଳେ ଥିବା ସୂଚନା ଦିଆଯାଇଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିପାରି ନାହିଁ।

ସେନ୍‌ସେକ୍ସ: ୭୬,୨୯୫.୩୬
ସର୍ବାଧିକ: ୩୫.୨ ଡିଗ୍ରୀ
ସର୍ବନିମ୍ନ: ୨୪.୮ ଡିଗ୍ରୀ

**୩।୪।୨୦୨୫ ର ମତାମତ**

ମାଓ ସଂଗଠନ ପକ୍ଷରୁ ଦିଆଯାଇଥିବା ଶାନ୍ତି ପ୍ରସ୍ତାବ ସ୍ୱାଗତଯୋଗ୍ୟ ନୁହେଁ କି ?




**ଆଜିର ପ୍ରସଙ୍ଗ**

ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଗଣତନ୍ତ୍ରର ମନ୍ଦିରକୁ ମୁଲତବୀ ରଖାଯିବା ଉଚିତ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ବିଧାନସଭା ବଜେଟ୍ ଅଧିବେଶନ ଶେଷ

# ଗୃହ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ

ଭୁବନେଶ୍ୱର,୩।୪(ଭାସ୍କର ନ୍ୟୁଜ): ଶେଷ ହୋଇଛି ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ଏହି ଅଧିବେଶନକୁ ତିନୋଟି କାର୍ଯ୍ୟ ଦିବସ ପୂର୍ବରୁ ବାଚସ୍ପତି ସୁରମା ପାଢୀ ଅନିର୍ଦ୍ଦିଷ୍ଟ କାଳପାଇଁ ମୁଲତବୀ ଘୋଷଣା କରିଛନ୍ତି। ଆଗକୁ କୌଣସି କାର୍ଯ୍ୟକ୍ରମ ନଥିବାରୁ ଗୃହ ମୁଲତବୀ ପାଇଁ ପ୍ରସ୍ତାବ ଆଣିଥିଲେ ସରକାରୀ ଦଳ ମୁଖ୍ୟ ସଚେତକ। ଯାହାକୁ ଏକାଧିକ ବିଧାୟକ ମଧ୍ୟ ସମର୍ଥନ କରିଥିଲେ।



### ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ

ପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ ଘୋଷଣା କରିଥିଲେ। ତେବେ ଦୀର୍ଘ ଦଶନ୍ଧିର ରେକର୍ଡ ଭାଙ୍ଗିଥିଲା ବିଧାନସଭାର ଏହି ବଜେଟ୍ ଅଧିବେଶନ। ବୁଧବାର ରାତିସାରା ଚାଲିଥିଲା ଗୃହକାର୍ଯ୍ୟ। ଏହି ଅଧିବେଶନ କାଳରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିପୂର୍ବରୁ ରାଜ୍ୟପାଳ ମଧ୍ୟ ପ୍ରଥମ ଦିନରେ ଗୃହକୁ ସମ୍ବୋଧିତ କରିଥିଲେ। ବଜେଟ୍ ଅଧିବେଶନ କାଳରେ ଦୁଇଟି ବିଭାଗର ଆଇନ ପ୍ରଣୟନ ବିଲ୍ ଗୃହରେ ପାରିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୪ ଏବଂ ରାଜ୍ୟ ରାଜପଥ ପ୍ରାଧିକରଣ-୨୦୨୫ ବିଲ୍ ପାରିତ ହୋଇଥିଲା। ଚଳିତ ଅଧିବେଶନରେ ୨୮ଟି କାର୍ଯ୍ୟ ଦିବସ ରହିଥିଲେ ମଧ୍ୟ ୨୫ଟି କାର୍ଯ୍ୟ ଦିବସ ଚାଲୁ ରହିଥିଲା। ତେବେ ଏହି ଅଧିବେଶନଟି ବେଶ୍ ଉତ୍ତେଜନାପୂର୍ଣ୍ଣ ଓ ରୋଚକ ହୋଇଥିଲା। ନାରୀ ନିର୍ଯାତନା ପ୍ରସଙ୍ଗରେ କଂଗ୍ରେସ ବିଧାୟକମାନେ ଗୃହରେ ଜୋରଦାର ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି କଂଗ୍ରେସର ସମସ୍ତ ସଦସ୍ୟମାନଙ୍କୁ ଗୃହରୁ ନିଲମ୍ବିତ କରିଥିଲେ। ବିଧାନସଭାରେ ବିଲ୍ ପାସ୍ ହେବାର ରେକର୍ଡ ରହିଛି ୨୦୦୩ ପୋଲିସ ବିଲ୍ ପାସ୍ ସମୟର। ତତ୍କାଳୀନ ମିଳିତ ସରକାର ୨୦୦୩ ନଭେମ୍ବର ୧୦ ତାରିଖରେ ପୋଲିସ ବିଲ୍ ଉପସ୍ଥାପନ କରିଥିଲେ। ଏହି ବିଲ୍ ଉପରେ ● ପୃଷ୍ଠା ୫ ଦେଖନ୍ତୁ

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

# ସାର୍ବଜନୀନ ହେବ ବିଚାରପତିଙ୍କ ସମ୍ପତ୍ତି



ନୂଆଦିଲ୍ଲୀ,୩।୪: ନିଜର ସମସ୍ତ ସମ୍ପତ୍ତିକୁ ସାର୍ବଜନୀନ କରିବେ ସର୍ବୋଚ୍ଚ ନ୍ୟାୟାଳୟର ସମସ୍ତ ବିଚାରପତି। ସ୍ୱଚ୍ଛତା ଏବଂ ନ୍ୟାୟପାଳିକା ଉପରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟଙ୍କ ସରକାରୀ ୱେବସାଇଟ୍‌ରେ ଏହି ସମ୍ପତ୍ତି ତାଲିକା ଅପଲୋଡ କରାଯିବ। ସୁପ୍ରିମକୋର୍ଟର ୩୦ଜଣ ବିଚାରପତି ସେମାନଙ୍କ ସମ୍ପତ୍ତିର ବିବରଣୀ ସାର୍ବଜନୀନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗତ ୧ ତାରିଖରେ ଅନୁଷ୍ଠିତ ପୂର୍ଣ୍ଣକୋର୍ଟ ବୈଠକରେ ବିଚାରପତିମାନେ ପ୍ରଧାନ ବିଚାରପତିଙ୍କ ନିକଟରେ ସେମାନଙ୍କ ସମ୍ପତ୍ତି ତାଲିକା ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଘୋଷଣାଗୁଡ଼ିକ ସୁପ୍ରିମକୋର୍ଟଙ୍କ ସରକାରୀ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବା ପାଇଁ ନିବେଦନ କରିଥିଲେ। ସୁପ୍ରିମକୋର୍ଟଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏହି ସୂଚନା ଖୁବ୍‌ଶୀଘ୍ର ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ। ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରୁଥିବା ସମୟରେ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନ ପରିସରରେ ନଗଦ ଉଠିଥିବା ଅଭିଯୋଗକୁ ନେଇ ବିବାଦ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ ବିଚାରପତିଙ୍କ ସମ୍ପତ୍ତି ଘୋଷଣା ପ୍ରକାଶ କରିବା ପାଇଁ ନିର୍ଦ୍ଦିଷ୍ଟ ପଦ୍ଧତି ଯଥାଶୀଘ୍ର ଚୂଡ଼ାନ୍ତ କରାଯିବ। ବର୍ତ୍ତମାନ ସୁପ୍ରିମକୋର୍ଟର ସମସ୍ତ ବିଚାରପତି ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରି ସାରିଛନ୍ତି। ହେଲେ ଏହାକୁ ସାର୍ବଜନୀନ କରାଯାଇନାହିଁ। ସୂଚନାଯୋଗ୍ୟ ଯେ ପୂର୍ବରୁ ୨୦୦୯ ଅଗଷ୍ଟ ୨୬ରେ ସୁପ୍ରିମକୋର୍ଟଙ୍କ ତତ୍କାଳୀନ ବିଚାରପତିମାନେ ସେମାନଙ୍କ ସମ୍ପତ୍ତିର ବିବରଣୀ ସାର୍ବଜନୀନ କରିଥିଲେ।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ରାତି ପାହିଗଲା ବିଧାନସଭାରେ
ଶୋଇଲେନି ବିଧାୟକ
ଚାହା କଫି ପିଇ ଗରମ ହୋଇଲେ
ଅନର୍ଗଳ ଫୁଟେ ବାକ୍ୟ
ବିରୋଧୀ-ଶାସକ ଗପ
ଭୋଅରୁ ଭୋଅରୁ ଘରକୁ ଚାଲିଲେ
ନାହିଁ କିଛି ଚିନ୍ତା ଦକ...।


TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପ୍ରତିଦିନ ନିଜର ବିଦ୍ୟୁତ୍ ଦେୟ ଉପରେ ସଞ୍ଚୟ କରନ୍ତୁ

ଆଜି ହିଁ ରୁଫ୍‌ଟପ୍ ସୋଲାର ସ୍ଥାପନ କରନ୍ତୁ

ବାଛନ୍ତୁ: ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜଲି ଯୋଜନା




ସରକାରୀ ସବସିଡି ବିବରଣୀ

| ରୁଫ୍‌ଟପ୍ ସୋଲାର କ୍ଷମତା | କେନ୍ଦ୍ରୀୟ ସବସିଡି ସହାୟତା | ରାଜ୍ୟ ସବସିଡି ସହାୟତା (ଓଡ଼ିଶାର ବାସିନ୍ଦାଙ୍କ ପାଇଁ) | ସମୁଦାୟ ଆର୍ଥିକ ସହାୟତା |
|---|---|---|---|
| ୧ କିଲୋୱାଟ୍ | ₹୩୦,୦୦୦ | ₹୨୫,୦୦୦ | ₹୫୫,୦୦୦ |
| ୨ କିଲୋୱାଟ୍ | ₹୬୦,୦୦୦ | ₹୫୦,୦୦୦ | ₹୧,୧୦,୦୦୦ |
| ୩ କିଲୋୱାଟ୍ | ₹୭୮,୦୦୦ | ₹୬୦,୦୦୦ | ₹୧,୩୮,୦୦୦ |

*ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।

ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ବିଷୟରେ ଅଧିକ ଜାଣିବା ପାଇଁ ଆମର ନିଃଶୁଳ୍କ ହେଲ୍ପଲାଇନ ନମ୍ବର ୧୯୧୨/୧୮୦୦୩୪୫୭୧୨୨ ରେ ଯୋଗାଯୋଗ କରନ୍ତୁ

pmsuryaghar.gov.in ରେ ଆବେଦନ କରନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଡେରା ପଞ୍ଚାୟତ କାଠ ପାଙ୍ଗରା ଗ୍ରାମରେ ଚଳିତ ବର୍ଷ ଗତକାଲି ଠାରୁ ଆରମ୍ଭ ହୋଇଛି ବିଶ୍ୱଶାନ୍ତି ଦେବୀ ମହାଯଜ୍ଞ।ଗ୍ରାମର ମୁରବୀ ସତ୍ୟାନନ୍ଦ ସାମଲ, ପିତାମ୍ବର ବିଶ୍ୱାଳ, ପୁରୁଷୋତ୍ତମ ବିଶ୍ୱାଳ,ରଞ୍ଜନ ସାମଲ,ରତ୍ନାକର ଜେନା,ପ୍ରଫୁଲ୍ଲ ବିଶ୍ୱାଳ ଓ ଗୋପିନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଯଜ୍ଞ କାର୍ଯ୍ୟକ୍ରମ ୧ତାରିଖ ସୋମବାର ଠାରୁ ଆରମ୍ଭ ହୋଇ ୩ ତାରିଖ ଗୁରୁବାର ଦିନ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପୂଜକ ରାଜକିଶୋର ପାଣିଙ୍କ ନେତୃତ୍ୱରେ ପ୍ରଥମ ଦିନ ଅଙ୍କୁରରୋପଣ କରାଯାଇ ଗତକାଲି ୧୦୮ ମହିଳାଙ୍କ ଦ୍ୱାରା ପେଣ୍ଠରୁ କଳସାଧୀବାସ କରି ପାଞ୍ଚ କିମି ଚାଲିଚାଲି ଯଜ୍ଞ ମଣ୍ଡପକୁ ଆଣିଥିଲେ। କର୍ତ୍ତା ଭାବେ ପ୍ରବୀର ସାମଲ ସସ୍ତ୍ରୀକ ପୂଜାରେ ବସିଥିବାବେଳେ ଗୁରୁପୂଜା,ସୂର୍ଯ୍ୟ ପୂଜା,ଗୋପୂଜା,ଚଣ୍ଡିପାଠ ଓ ସହସ୍ର ଦେବା ଦେବୀଙ୍କ ଆହୁତୀ ଯଜ୍ଞ ହୋଇଥିଲା। ଶେଷଦିନରେ ଗୀତା ପାଠ,ବିଷ୍ଣୁଙ୍କ ସହସ୍ର ନାମ ଓ ଶିବଙ୍କ ସହସ୍ର ନାମ ପାଠ ପରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ହୋଇଛି ବୋଲି ଗ୍ରାମର ମୁରବୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସହସ୍ରାଧିକ ଦର୍ଶକଙ୍କୁ ଦୈନିକ ପ୍ରସାଦ ସେବନର ବ୍ୟବସ୍ଥା ଚାଲୁଛି। ଗ୍ରାମର ମା ବୁଢୀ ଜାଗୁଳାଇ ଯୁବକ ସଂଘର ହେମନ୍ତ,ସଚିଦା ନନ୍ଦ, ପ୍ରବୀର, କେଦାର, ମଳୟ, ଜିତେନ୍ଦ୍ର, ଅନନ୍ତ, ଅଲେଖ, ଉତ୍ତମ, ବିଜୟ ପ୍ରମୁଖ କାର୍ଯ୍ୟ କ୍ରମରେ ସହଯୋଗ କରିଛନ୍ତି।

# ଉଦ୍‌ଘାଟିତ ହେଲା ଗ୍ରାମୀଣ ମହୋତ୍ସବ

## ଓଡିଶୀ ଓ ସମ୍ବଲପୁରୀ ଡ୍ୟାନ୍ସରେ ଦୁଲୁକିଲା ଦ୍ୱୀପାଞ୍ଚଳ



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି କସର୍ଦାସ୍ଥିତ ଦିପୋଟି ମେଳଣ ପଡିଆରେ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ (ଜିଏସ୍ଏସ୍) ଏବଂ ପ୍ରେସ ୟୁନିଟ ନିଆଳି ଆନୁକୂଲ୍ୟରେ ପଞ୍ଚ ଦିବସୀୟ ଗ୍ରାମୀଣ ମହୋତ୍ସବ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଏସ୍ଏସ୍‌ର ନିର୍ଦ୍ଦେଶକ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଭୂମିବାର୍ତ୍ତା ଖବର କାଗଜର ସମ୍ପାଦକ ଶ୍ରୀଯୁକ୍ତ ସ୍ୱଦେଶ ଚନ୍ଦ୍ର ଦାସ, ସମ୍ମାନୀତ ଅତିଥି ଭାବେ କଣ୍ଡାପଡ଼ା ସରପଞ୍ଚ ସଂଘ ସଭାପତି ସଞ୍ଜୟ କୁମାର ରାଉତରାୟ, ଜିଏସ୍ଏସ୍ ର ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ମଲ୍ଲିକ, ଉପାଧ୍ୟକ୍ଷ ଅବିନାଶ ମହାପାତ୍ର,ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ଉପସଭାପତି ତଥା ପ୍ରେସ ୟୁନିଟର ସଭାପତି ଦ୍ୱିଜବର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଭୂମିବାର୍ତ୍ତା ର ସମ୍ପାଦକ ସ୍ୱଦେଶ ଚନ୍ଦ୍ର ଦାସ ତାଙ୍କ ଭାଷଣରେ ଏହି ଗ୍ରାମୀଣ ଅନୁଷ୍ଠାନର ପ୍ରଶଂସା କରିବା ସହିତ ଗାନ୍ଧୀଙ୍କ ବିଚାରଧାରା ପରିଚାଳିତ ହେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। କୃଷିବିତ୍ ପ୍ରମୋଦ ମଲ୍ଲିକ ତାଙ୍କର ଭାଷଣରେ ଗାନ୍ଧୀଙ୍କୁ ଅନୁସରଣ କରିବା ସହିତ ନିଶାରୁ ଦୂରେଇ ରହିବା ପାଇଁ ଅନୁରୋଧ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଯାଇଥିଲା। କୁନିକୁନି ପିଲାମାନେ ନିଜ ନିଜର ପ୍ରତିଭା ମଞ୍ଚ ଉପରେ ପ୍ରଦର୍ଶନ କରିଥିଲେ। ମଞ୍ଚାସୀନ ଅତିଥି ମାନେ ପ୍ରଥମେ ଦୀପ ପ୍ରଜ୍ଜ୍ୱଳନ ଏବଂ ବୃକ୍ଷରେ ଜଳଦାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ସଭାପତିତ୍ୱ କରିବା ସହିତ ସାମ୍ବାଦିକା ସୁଶ୍ରୀ ସୋନାଲି ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।ଏଥିରେ କୋଷାଧ୍ୟକ୍ଷ ହେମନ୍ତ କୁମାର ମଲ୍ଲିକ ମହୋତ୍ସବର ସଂଯୋଜିକା ସୁଶ୍ରୀ ମୋନାଲିସା ମୁଦୁଲି, ମହିଳା ସମ୍ପାଦିକା ପାୟଲ ପ୍ରିୟ ଦର୍ଶନୀ ପରିଡା, ସହ ସମ୍ପାଦିକା ପ୍ରିୟଙ୍କା ସେନାପତି, ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ଚିରଞ୍ଜୀବି ସ୍ୱାଇଁ ପ୍ରତୀକ କୁମାର ସାହୁ, ପ୍ରେସ ୟୁନିଟ ର ସମ୍ପାଦକ ସନ୍ଦୀପ ମଲ୍ଲିକ ଅଂଶୁମାନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ଏଥିରେ କସର୍ଦା ମହାସଂଘର ସମସ୍ତ ମା' ଭଉଣୀମାନେ ଯୋଗଦେଇ ସଭାକୁ ସଫଳ କରିଥିଲେ।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟ ରାଜପଥ ବେତନଟୀ ସତସଙ୍ଗବିହାର ଠାରେ ବୁଧବାର ଅପରାହ୍ନରେ ଏକ ଦ୍ରୁତଗାମୀ ବାଇକ ଦୁର୍ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଓଡି -୨୭ଏ -୦୬୫୯ନମ୍ବର ବିଶିଷ୍ଟ ମୋଟର ସାଇକେଲଯୋଗେ ଟ୍ରଲି ବ୍ୟାଗ କମ୍ପାନୀରେ କାମ କରୁଥିବା ଦୁଇଜଣ ବ୍ୟକ୍ତି ବାଲେଶ୍ୱରରୁ ବେତନଟୀ ଅଭିମୁଖେ ଆସୁଥିବା ବେଳେ ୧୮ନଂ ଜାତୀୟ ରାଜପଥ ସତସଙ୍ଗବିହାର ଠାରେ ଅନ୍ୟ ଏକ ଗାଡ଼ି ସାଇଡ ମାରିବାରୁ ଚାଳକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱସ୍ଥ ମାଇଲଖୁଣ୍ଟ ଦେହରେ ପିଟିହୋଇ ଯାଇଥିଲେ। ଗୁରୁତରଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ବ୍ୟକ୍ତିଦ୍ୱୟ ହେଲେ ବାଲେଶ୍ୱର ସହର ମୋତିଗଞ୍ଜ ଅଞ୍ଚଳର ରାଜ ମହାନ୍ତି ଓ ଉତ୍ତର ପୂର୍ବ ଭାରତର ତ୍ରିପୁରା ଅଞ୍ଚଳର ରୋହିତ ଶର୍ମା। ଉଭୟ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବେତନଟୀ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୋଟର ସାଇକେଲ ଜବତ କରି ଥାନାକୁ ଆଣିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

# ଜୟରାମପୁରରେ ବଡଧରଣର ଡକାୟତି

## ଲକ୍ଷ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ସମେତ ନଗଦ ୨ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ

**ପୋଲିସକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ**

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍): ଗତ କିଛି ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଅପରାଧ ଚରମ ସୀମାରେ ପହଞ୍ଚିଛି। ଏହି ବ୍ଲକ ଅଞ୍ଚଳରେ ଘନ ଘନ ଡକାୟତି ହେବାରେ ଲାଗିଛି। ଡକାୟତମାନେ ପୋଲିସକୁ ଖୁଲମଖୁଲା ଭାବେ ଚ୍ୟାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ଡକାୟତି କରିବାରେ ଲାଗିଛନ୍ତି। ପୋଲିସ ଅପରାଧିମାନଙ୍କୁ ଧରିବାରେ ସକ୍ଷମ ହେଉନଥିଲା ବେଳେ ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତ କୋଇଲି ବ୍ଲକ ଜୟରାମପୁର ଗ୍ରାମରେ ଏକ ବଡଧରଣର ଡକାୟତି ହୋଇଯାଇଛି। ସାଲେପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ ଓ ଅନୁସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଜାରି ରଖିଛନ୍ତି। ଗତକାଲି ରାତ୍ରରେ ଜୟରାମପୁର ଗ୍ରାମର ହରେକୃଷ୍ଣ ସାହୁ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମରେ ତାଙ୍କ ଭଣଜାର ହେଉଥିବା ୧୬ପୂଜା ନିମନ୍ତେ ଯାଇଥିଲେ। ଆଜି ସକାଳ ୬ଟା ବେଳେ ତାଙ୍କର ଦାଦାପୁଅ ଭାଇ ଅଶୋକ ସାହୁ ଫୋନ ଯୋଗେ ତାଙ୍କ ଘରୁ ଚୋରି ଡକାୟତି ହୋଇଯାଇଥିବାର କହିଥିଲେ। ଫୋନରୁ ଖବର ପାଇ ଶ୍ରୀ ସାହୁ ନିଜ ଘରକୁ ଫେରି ଆସିଥିଲେ। ଏହି ସମୟରେ ଶ୍ରୀ ସାହୁଙ୍କ ଘରର ମୁଖ୍ୟ ଦ୍ୱାର ଗ୍ରୀଲକୁ ଦୁର୍ବୃତ୍ତମାନେ କାଟି ଘରେ ପ୍ରବେଶ କରିଥିବାର ଦେଖିବାକୁ ମିଳିଥିଲା। ଡକାୟତମାନେ ତାଙ୍କଘରୁ ୩୦ଗ୍ରାମ ସୁନା, ୨ଟି ସୁନାଚେନ, କାନଫୁଲ ୨ହଳ, ଶାଙ୍ଖି ୧ଟି, ସୁନାମୁଦି ୬ଟା, ଲକେଟ ୬ଟା, ରୂପାର ଅଣ୍ଟାବିଛା ୧ଟା, କଡା ୫ଟା, ନଗଦ ୨ଲକ୍ଷ ଟଙ୍କା ଲୁଟି ନେଇଥିବାର ଶ୍ରୀ ସାହୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ସାଲେପୁର ଥାନା ଆଇଆଇସି ଅନିତା ସାହୁ ,ଏସଆଇ ଶ୍ରଦ୍ଧାଞ୍ଜଳି ସୋନପତି ପ୍ରମୁଖ ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଜାରି ରଖିଛନ୍ତି। ତେବେ କୁକୁରଟି ପାଇକରାପୁର ଆଡକୁ ଯାଉଥିବାର ଦେଖିବାକୁ ମିଳିଥିଲା। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର କିଛି ଦୁର୍ବୃର୍ତ୍ତଙ୍କ ପ୍ରଚ୍ଛନ୍ନ ହାତ ରହିଥିବାର ସନ୍ଦେହ କରାଯାଉଛି। ଏଠାରେ ସୂଚନା ଯୋଗ୍ୟ ଯେ ନିକଟରେ ନିଶ୍ଚିନ୍ତ କୋଇଲି ଥାନା ଗୋପପୁର,ନେମାଳ ଥାନା ଝାଡେଶ୍ୱରପୁର ଗ୍ରାମପଂଚାୟତ, ମଙ୍ଗଳପୁର ଗ୍ରାମର ୨ଜଣ ବ୍ୟକ୍ତି ଓ କିଶନନଗର ଥାନା ମଣିଜଙ୍ଗ ଗ୍ରାମପଂଚାୟତ ଅଂଚଳରୁ ସମାନ ଢଙ୍ଗରେ ୩ଜଣ ବ୍ୟକ୍ତିଙ୍କ ଘରୁ ବଡ ଧରଣର ଡକାୟତି ହୋଇଥିବାର ଜଣାଯାଇଛି। ତେବେ ଏହି ବ୍ଲକ ଅଂଚଳରେ ନିଶ୍ଚିନ୍ତକୋଇଲି, ନେମାଳ, କିଶନନଗର ଓ ସାଲେପୁର ୪ଟି ଥାନା ରହିଛି। ଏହି ୪ଟି ଥାନା ଅଂଚଳରୁ ଘନ ଘନ ଡକାୟତି ହେଉଥିବା କାରଣରୁ ଲୋକେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁନାହାନ୍ତି। ଅପରପକ୍ଷରେ ଏହି ୪ଟି ଥାନା ଅଂଚଳରେ ପୋଲିସ ଚାନ୍ଦା ଗୋଟାଇବାରେ ବ୍ୟସ୍ତ ଥିଲା ବେଳେ ଆଇନ ଶୃଙ୍ଖଳାର ଚରମ ଅଧୋଗତି ଘଟିଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ପାରାଦୀପ ରିଫାଇନରୀରେ ଉତ୍କଳ ଦିବସ ପାଳିତ




ପାରାଦୀପ(ଭାସ୍କର ନ୍ୟୁଜ୍): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ଉତ୍କଳ ଦିବସ (ଓଡ଼ିଶା ରାଜ୍ୟ ପ୍ରତିଷ୍ଠା ଦିବସ) ଅତ୍ୟନ୍ତ ଉତ୍ସାହ ଏବଂ ଉଲ୍ଲାସର ସହ ପାଳନ କରାଯାଇଥିଲା। ଉତ୍ସବକୁ ସମ୍ବୋଧିତ କରି କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ କହିଛନ୍ତି ଯେ 'ପାରାଦୀପ ରିଫାଇନରୀ ଓଡ଼ିଶାର ଏକ ଅଂଶ ହୋଇଥିବାରୁ ଗର୍ବିତ ଏବଂ ରାଜ୍ୟର ଅଭିବୃଦ୍ଧି ତଥା ବିକାଶ ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ'। ସେ ଓଡ଼ିଶାର ସମସ୍ତ ମହାପୁରୁଷମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଏବଂ ଗଭୀର ସମ୍ମାନ ପ୍ରଦାନ କରିଥିଲେ, ଯାହାଙ୍କ ଅବଦାନ ଏବଂ ବଳିଦାନ ଓଡ଼ିଶା ରାଜ୍ୟର ସୃଷ୍ଟି ଓ ଗଠନରେ ସହାୟକ ହୋଇଥିଲା। ଉତ୍କଳ ଦିବସ ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଦୀପ ପ୍ରଜ୍ଜ୍ୱଳନ ସହିତ ଶୁଭାରମ୍ଭ ହୋଇଥିଲା। ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭ୍ସ କ୍ଲବ୍ ପକ୍ଷରୁ ଓଡ଼ିଶାର ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରା ଯାଇଥିଲା। ଏହା ପରେ ରାଜ୍ୟର କଳା ଏବଂ ସଂସ୍କୃତିର ସମୃଦ୍ଧିକୁ ପ୍ରଦର୍ଶିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ ସାଂସ୍କୃତିକ ସନ୍ଧ୍ୟାର ଅଂଶ ଭାବରେ ବିଶ୍ୱ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ, ରଣପ୍ପା ନୃତ୍ୟ, ପାରମ୍ପରିକ ଗୀତ, ସମ୍ବଲପୁରୀ ଏବଂ ଲୋକନୃତ୍ୟ ଗୁଡିକ ଏମ୍ପ୍ଲଇଜ କ୍ଲବ୍ ଏବଂ ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭ୍ସ କ୍ଲବ୍ ଏବଂ ବାହ୍ୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶ୍ରୀଯୁକ୍ତ ଶମ୍ଭୁ ଚକ୍ରବର୍ତ୍ତୀ, ମୁଖ୍ୟ ମହାପ୍ରବନ୍ଧକ (ଏଚ୍ଆର) କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମ୍ମାନିତ ଅତିଥି, ସମସ୍ତ କଳାକାର, କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଶ୍ରୀଯୁକ୍ତ ଧର୍ମେଶ ଚୌଧୁରୀ, ମହାପ୍ରବନ୍ଧକ (ଇଏମ୍ଏସ୍) ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ବେତନଟୀ(ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ସ୍ଥିତ ସଠିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବ୍ଲକସ୍ତରୀୟ ପ୍ରବେଶଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବେତନଟୀ ବ୍ଲକ ଶିକ୍ଷାଅଧିକାରୀ ବିପ୍ଲବ ବାରିକ, ସ୍ୱତନ୍ତ୍ର ଅତିଥି ଭାବର ୩୫ନଂ ଜୋନ ମଣ୍ଡଳ ସଭାପତି ଜୀବନ କୁମାର ପରିଡା , ୩୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱଥାନ ହେମ୍ବ୍ରମ, ସଠିଲୋ ସମିତି ସଭ୍ୟ କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷାଅଧିକାରୀ ରମାକାନ୍ତ ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ପରମ୍ପରାର ତାତ୍ପର୍ଯ୍ୟ ଉପରେ ଅତିଥି ଅଧିକାରୀଗଣ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ପାଇଁ ଏକ ସଚେତନତା ରଥ ବ୍ଲକ ପରିକ୍ରମା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ଗୋପାଳଚନ୍ଦ୍ର ସେନାପତି, ଏବିଇଓ ଅନ୍ନପୂର୍ଣ୍ଣା ସାହୁ , ଯୁବ ସଂଗଠକ ଚନ୍ଦ୍ର ଶେଖର ବେହେରା, ସଂଜୀବ ଜେନା, ମନୋଜ ପଣ୍ଡାଙ୍କ ସମେତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବେଆଇନ ବାଲି ଟ୍ରାକ୍ଟର ଜବତ




ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ପୋଲିସ ପକ୍ଷରୁ ନେରଡା ବୈତରଣୀ ଶଯ୍ୟାରୁ ବେଆଇନ ବାଲି ପରିବହନ କରୁଥିବା ୪ଟି ନମ୍ବର ବିହୀନ ଟ୍ରାକ୍ଟରକୁ ଗତ ମଙ୍ଗଳବାର ଜବତ କରାଯାଇଥିବା ଜଣାଯାଇଛି। ପୋଲିସ ପାଟ୍ରୋଲିଂ ଦଳ ପକ୍ଷରୁ ବାଲିଘାଟରେ ଚଡାଉ କରାଯାଇ ଏହି ଟ୍ରାକ୍ଟରଗୁଡିକୁ ଜବତ କରାଯାଇଥିଲା। ସଂପୃକ୍ତ ଟ୍ରାକ୍ଟର ଚାଳକମାନଙ୍କୁ ଥାନାରେ ଅଟକ ରଖାଯାଇଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ମାମଲା ରଜୁ ହୋଇନଥିବା ଜଣାଯାଇଛି। ଏହି ଘଟଣାରେ ମାମଲା ରଜୁ କରାଯିବ ବୋଲି ଥାନାଧିକାରୀ କମଳାକାନ୍ତ ଦାସ ସୂଚନା ଦେଇଛନ୍ତି।

# ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସ୍ୱବ ଓ ଗଡିଲା ଶିକ୍ଷା ସଚେତନତା ରଥ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସଚେତନତା ରଥ ପରିକ୍ରମା ବୁଧବାର 'ଖଡିଛୁଆଁ' ଉତ୍ସବରୁ ଆରମ୍ଭ ହୋଇଛି। ସ୍ଥାନୀୟ ଉତ୍ତରବାଡ(ଦ) ପ୍ରାଥମିକ ପରିସରରେ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଶେଣ୍ଠଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସ୍ୱବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା, ସରପଞ୍ଚ ବର୍ଷାରାଣୀ ଯେନା, ଶିକ୍ଷା ସଂଯୋଜକ ତ୍ରିଲୋଚନ ନାୟକ, କ୍ଷୀରୋଦ କୁମାର ଜେନା, ପୂର୍ବତନ ଶିକ୍ଷାସଂଯୋଜକ କୈଳାସ ଚନ୍ଦ୍ର ସାମଲ, ଏସଏମସି ସଭାପତି କାର୍ତ୍ତିକ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶତପ୍ରତିଶତ ନାମଲେଖା ପାଇଁ ଅଭିଭାବକମାନଙ୍କୁ ଉତ୍ସାହିତ କରିବା ପାଇଁ ଶିକ୍ଷା ସଚେତନତା ରଥ ପରିକ୍ରମା ଆରମ୍ଭ କରାଯାଇଥିଲା। ୫ ରୁ ୬ ବର୍ଷ ବୟସର ଶିଶୁ ଶିଶୁବାଟିକା ଓ ୬ ବର୍ଷ ବୟସର ପିଲାମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଏହି ଅଭିଯାନ ଆରମ୍ଭ କରାଯାଇଛି ବୋଲି ଶିକ୍ଷାଧିକାରୀ ଶ୍ରୀ ତରାଇ ପ୍ରକାଶ କରିଥିଲେ। ଆଗାମୀ ୫ ତାରିଖ ମଧ୍ୟରେ ପର୍ଯ୍ୟାୟ କ୍ରମେ ବ୍ଲକର ୨୩ ଯାକ ପଞ୍ଚାୟତକୁ ରଥ ପରିକ୍ରମା କରିବ ବୋଲି ଜଣାଯାଇଛି। ଏହି ଅବସରରେ ସଂପୃକ୍ତ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ 'ଖଡିଛୁଆଁ' ଓ 'ପ୍ରବେଶ ଉତ୍ସ୍ୱବ' ପାଳନ କରାଯାଇଥିଲା। ଉଭୟ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖାଇଥିବା ଶିଶୁମାନଙ୍କୁ ପାଠ୍ୟପୋକରଣ କିଟ୍ ପ୍ରଦାନ କରାଯାଇଥିଲା।

# ଲୋକଉତ୍ସବ ଉଦ୍‌ଯାପିତ

ଗୋପ(ଭାସ୍କର ନ୍ୟୁଜ୍): ଗତ ୨୭ ତାରିଖ ଠାରୁ ଆରମ୍ଭ ହୋଇ ୭ ଦିନ ବ୍ୟାପୀ ଚାଲିଥିବା ପୁରୀ ଜିଲ୍ଲାର ସର୍ବପୁରାତନ ଶ୍ରୀ ଗୋପାଳଜୀଉ ସାଗରସ୍ନାନ ମେଳନ ଓ ଲୋକ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଗୋପ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ତଥା ସମାଜସେବୀ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀର୍ଘ ବର୍ଷର ଏହି ମେଳନ ସଂପର୍କରେ ଆଲୋକପାତ କରିବା ସହ ଆସ୍ତେଆସ୍ତେ ଲୋପ ପାଇବାକୁ ବସିଥିବା ଏହି ମେଳଣ ପ୍ରତି ସ୍ଥାନୀୟ ଲୋକାମାନଙ୍କ ସମେତ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ପଡିଲେ ପୂର୍ବପରି ଏହି ମେଳନ ଉଦ୍‌ଜୀବିତ ହେବା ସହ ଆକର୍ଷଣୀୟ ହେବ ବୋଲି କହିଥିଲେ। ସେହିପରି ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର ପ୍ରମୁଖ ଯୋଗଦେଇ ବ୍ରିଟିଶ ଅମଳର ଏହି ମେଳନ ସଂପର୍କରେ ଆଲୋକପାତ କରିଥିଲେ। ପରେ କୁନିକୁନି ପିଲାମାନଙ୍କ ଡ୍ୟାନ୍ସ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଗ୍ରାମ କେଶରୀ ଭୋଳ, ପ୍ରଣବ କୁମାର ସାହୁ, ବିଶ୍ୱନାଥ ମୁଖୀ ପ୍ରମୁଖ ପରିଚାଳନା କରିଥିଲେ।

# ବୁଦ୍ଧିବର କ୍ଲଷ୍ଟରସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ )ରାଜ୍ୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାନିମନ୍ତେ ନୂତନ ଶିକ୍ଷା ନୀତି ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟ ରେ ଶିଶୁ ବାଟିକା ଆରମ୍ଭ କରାଯାଇଛି। ଏଥିରେ ୫ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଙ୍କୁ ଏକ ଉତ୍ତମ ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଧାନ ନିମନ୍ତେ ଏକ ଅଭିନବ ପ୍ରୟାସ। ଏହିକ୍ରମରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଶିକ୍ଷା ସର୍କଲର ବୁଦ୍ଧିବର କ୍ଲଷ୍ଟର ପଥରଗଞ୍ଜା, ବୁଦ୍ଧିବର ସାହାବାଜପୁର ଦିଆକୁଦା ଖୋଲଗଞ୍ଜ ବିରିପଦର ଓ ଅଲିପୁର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ମହାଆଡମ୍ବର ସହକାରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଖଡ଼ିଛୁଆଁକୁ ସ୍ମରଣୀୟ କରିବା ପାଇଁ ଆକର୍ଷଣୀୟ ତୋରଣ ରଙ୍ଗ ବେରଙ୍ଗ ବେଲୁନ ସାଙ୍ଗକୁ ସୁନ୍ଦର ଝୋଟି ଓ ଫୁଲମାନ ସଜାଯାଇଥିଲା ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା ବୁଦ୍ଧିବର କ୍ଲଷ୍ଟରର ବୁଦ୍ଧିବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଜେନା ବୁଦ୍ଧଦେବ ତରେଇ ସ୍କୁଲ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ତରେଇ ସାହାବାଜପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ପଟନାୟକ ବିଭୂତି ଭୂଷଣ ଦଳବେହେରା ବସନ୍ତ କୁମାର ଜେନା ବିନୋଦ କୁମାର ଦାସ ଦିଆକୁଦା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ବିଶ୍ୱାଳ ରବୀନ୍ଦ୍ର ନାଥ ତରେଇ ଖୋଲଗଞ୍ଜ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନିମା ଜେନା ତପନ କୁମାର ଦାସ ଅଲିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଚିତ୍ରାବତୀ ସେଠି ବିରିପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ନାୟକ ଅସିତ କୁମାର ଜେନା ଓ ପଥରଗଞ୍ଜା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମଲ୍ଲିକ ସୁରେନ୍ଦ୍ର ପ୍ରଧାନ ଦେବରାଜ ମଲ୍ଲିକ ଝିଲି ମାନସିଂହ ଅତିଥି ଶିକ୍ଷକ ଚୁନିବାଳା ପ୍ରଧାନ ସ୍କୁଲ ପରିଚାଳନା କମିଟ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ ସମେତ ସମସ୍ତ ବିଦ୍ୟାଳୟ ର ପରିଚାଳନା ସଭ୍ୟ ସଭ୍ୟା ଉପସ୍ଥିତ ରହି ସେମାନଙ୍କ ଏହି ନୂତନ ଶିକ୍ଷା ଯାତ୍ରାକୁ ଭବ୍ୟ ଅବିସ୍ମରଣୀୟ କରିଥିଲେ। ସମସ୍ତ ବିଦ୍ୟାଳୟରେ ପ୍ରବେଶ ଦ୍ୱାର ଠାରୁ ବାଲବାଟିକା କକ୍ଷକୁ ଯାଇ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ ଏବଂ ବିଦ୍ୟାଳୟ ର ଅନ୍ୟ ଛାତ୍ରଛାତ୍ରୀ ମାନେ ସେମାନଙ୍କୁ ଫୁଲ ତୋଡ଼ା ଚନ୍ଦନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଉଦ୍ଦିଷ୍ଟ କୋଠରୀରେ ସୁସଜିତ ତୋରଣ ବେଲୁନ ଖେଳନା ଦେଖାଇବା ସହ ନାଚଗୀତ କରି ଏକ ଖୁସିର ମାହଲ ରେ ନୂତନ ପ୍ରବେଶ କରିଥିବା ଛାତ୍ରଛାତ୍ରୀଙ୍କୁ ଖଡ଼ିଛୁଆଁ ଇ. ବ୍ରହ୍ମା ବିଷ୍ଣୁ ମହେଶ୍ୱର କହି ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ କାମନା କରିଥିଲେ। ପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଅନ୍ନ ପ୍ରସାଦ ସେବନ କରିଥିଲେ।

**ଟ୍ରେଡିଂ ଆପ୍‌ରେ ଅର୍ଥ ଠକେଇ ଘଟଣା**

# ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ସହ ଗିରଫ ଦାବିକଲା ବିଜେପି



କାକଟପୁର(ଭାସ୍କର ନ୍ୟୁଜ୍): ଗତ ଜାନୁଆରୀ ମାସରେ କାକଟପୁର ବିଧାୟକ ତଥା ପୂର୍ବତନ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଠାରୁ ଟ୍ରେଡି ଆପର ଠକ ମାନେ ୧ କୋଟି ୪୦ ଲକ୍ଷ ଟଙ୍କା ଠକି ଥିବା ନେଇ ବିଧାୟକ ଶ୍ରୀ ବେହେରା ରାଜ୍ୟ ସାଇବର ସେଲରେ ଅଭିଯୋଗ କରିବା ପରେ ରାଜ୍ୟ ରାଜନୀତି ରେ ଏକପ୍ରକାର ହଟଚମଟ ସୃଷ୍ଟି ହୋଇଛି। ଏହି ଘଟଣାକୁ ସହଜରେ ହଜମ କରିପାରୁନି କାକଟପୁର ବିଜେପି। ଏ ସଂକ୍ରାନ୍ତରେ କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ବିଧାୟକ ଶ୍ରୀ ବେହେରା ୨୦୨୪ ନିର୍ବାଚନ ସମୟରେ ନିଜର ଓ ପରିବାରର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୯୭ ଲକ୍ଷ ୧୧ ହଜାର ୪୬୮ ଟଙ୍କା ରହିଥିବା ନେଇ ନିର୍ବାଚନ କମିଶନ ଙ୍କୁ ସତ୍ୟପାଠ ମାଧ୍ୟମରେ ଦର୍ଶାଇ ଥିଲେ। ମାତ୍ର ଦିନ କେଇଟା ପରେ ସାଇବର ଠକଙ୍କ ଦ୍ୱାରା ୧ କୋଟି ୪୦ ଲକ୍ଷ ଟଙ୍କା ଚୂନ ଲଗାଇବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ଯେ ଗତ ୨୦୧୯ ରୁ ୨୦୨୪ ମଧ୍ୟରେ ପୂର୍ବ ସରକାରଙ୍କ ବହୁ ପଦ ପଦବୀରେ ଥାଇ ଏକାଧିକ ବିଭାଗରୁ ବହୁ ବେନାମୀ ଅର୍ଥ ଆହରଣ କରି ନିଜ ପରିବାର ମାଧ୍ୟମରେ ଦୁରୁପଯୋଗ କରୁଥିବା ପଦାରେ ପଡିଛି ବୋଲି କାକଟପୁର ବିଜେପି ଶାଖା ପକ୍ଷରୁ ଅଭିଯୋଗ ହୋଇଛି। ଯଦି ଉପରୋକ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆନଯାଏ, ତାହେଲେ ଆଗାମୀ ଦିନରେ କାକଟପୁର ବିଜେପି ରାଜରାସ୍ତା କୁ ଓହ୍ଲାଇବା ସହିତ କୋର୍ଟର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରତିକାନ୍ତ ବେହେରା,ମଙ୍ଗଳା ପ୍ରସାଦ ସାମନ୍ତରାୟ, ସରୋଜ ମିଶ୍ର, କାଳନ୍ଦୀ ଦୀକ୍ଷିତ, ପ୍ରିୟବ୍ରତ ବିଶ୍ୱାଳ, ଲଳିତ ରଥ, ନାରାୟଣ ମହାରଣା, ଉପେନ୍ଦ୍ର ସୁବୁଦ୍ଧି, ଗନ୍ଧର୍ବ ପୃଷ୍ଟି ଓ ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଶ୍ରମ କାର୍ଯ୍ୟାଳୟରୁ ନ୍ୟାୟ ପାଉନାହାନ୍ତି ଶ୍ରମିକ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଶ୍ରମିକମାନେ ନ୍ୟାୟ ପାଇପାରୁ ନାହାନ୍ତି। ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଯେଉଁ ଅର୍ଥ ଆସୁଛି ତାହା ହେରଫେର ହୋଇଯାଉଛି। ନିର୍ମାଣ ଶ୍ରମିକଙ୍କୁ ଗୁରୁତ୍ୱ ଦିଆନଯାଇ ଅଣସଂଗଠିତ ଶ୍ରମିକମାନଙ୍କୁ ଗୁରୁତ୍ୱ ଦିଆଯାଉଛି ବୋଲି କେନ୍ଦ୍ରାପଡା ଜିଲ୍ଲା ମିଳିତ ଟ୍ରେଡ ୟୁନିଅନ କମିଟି ପକ୍ଷରୁ ବୁଧବାର ଖଡିଅଙ୍ଗସ୍ଥିତ ସି.ପି.ଆଇ.(ଏମ) କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଶ୍ରମିକ ନେତା ଜଗତଜୀବନ ଦାଶ ଅଭିଯୋଗ କରିଛନ୍ତି ଯେ ୭୦ଜଣ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ବାବଦ ଏକ କୋଟି ୪୦ଲକ୍ଷ ଟଙ୍କା ସେମାନଙ୍କ ପରିବାରକୁ ଦିଆନଯାଇ ହେରଫେର କରାଯାଇଛି। ଜଣେ ଅଣସଂଗଠିତ ଶ୍ରମିକଙ୍କ ମୃତ୍ୟୁ ହେଲେ ସପ୍ତାହକ ମଧ୍ୟରେ ତାଙ୍କ ପରିବାରକୁ ୩ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଥିବା ବେଳେ ନିର୍ମାଣ ଶ୍ରମିକଙ୍କ ପରିବାର ସଦସ୍ୟ ଏଥିପାଇଁ ବର୍ଷ ବର୍ଷ ଧରି ଶ୍ରମ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁ ନାହାନ୍ତି। ମହାକାଳପଡାରେ ୩ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଏକ ନିର୍ମାଣ ଶ୍ରମିକ ସେଡ ନିର୍ମାଣ କରାଯାଇଥିବା କାଗଜପତ୍ରରେ ଦର୍ଶାଯାଇ ସେହି ଅର୍ଥ ଚଳୁ କରାଯାଇଛି। ଶ୍ରମିକମାନଙ୍କୁ ସାଇକେଲ, ଯନ୍ତ୍ରପାତି ସହାୟତା, ଗୃହନିର୍ମାଣ ସହାୟତା, ଚିକିତ୍ସା ସହାୟତା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏସଂକ୍ରାନ୍ତ ଅଭିଯୋଗ ଲୋକପାଳଙ୍କୁ ପ୍ରଦାନ କରାଯାଇଥିଲା। ଲୋକପାଳ ଏହାର ତଦନ୍ତ କରିବା ପାଇଁ ଅର୍ଥନୈତିକ ଅପରାଧ ଶାଖାକୁ ଦେଇଥିଲେ। ଅର୍ଥନୈତିକ ଅପରାଧ ଶାଖା ଏହାର ତଦନ୍ତ ଦାୟିତ୍ୱ ଭିଜିଲାନ୍ସକୁ ଦେଇଥିଲେ। କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏହାର ପ୍ରତିବାଦରେ କେନ୍ଦ୍ରାପଡା ଭିଜିଲାନ୍ସ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଫକୀର ଚରଣ ଖଟୁଆ, ସଞ୍ଜୀବ ରାଉତ, କାଞ୍ଚନବାଳା ସ୍ୱାଇଁ, ମାଧବ ଦାସ, ଜଗତଜୀବନ ଦାଶ, ପ୍ରଜ୍ଞାଦୀପ୍ତ ସାମଲ, ତ୍ରିଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଗୋପ(ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଅଧିନ ତରଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ରାଜକିଶୋର ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଜି ଉକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଦୀପ୍ତି ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ୧୧ ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ଯୋଗ ଦେଇ ଶିକ୍ଷାଦାନ କ୍ଷେତ୍ରରେ ରାଜୁ ସାରଙ୍କ ପ୍ରତିଭା ଅତୁଳନୀୟ ବୋଲି କହିବା ସହ ତାଙ୍କର ଉତ୍ତୋରତ୍ତର କାମନା କରିଥିଲେ। ସେହିପରି ବିଶିଷ୍ଟ ଅତିଥି ଭାବେ ବନ୍ତଳିଗ୍ରାମ ସରପଂଚ ମହେଶ୍ୱର ସ୍ୱାଇଁ, ମୁଖ୍ୟବକ୍ତା ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବନ୍ତଳୀଗ୍ରାମ ସମିତି ସଭ୍ୟା ଜୟଶ୍ରୀ ସାମନ୍ତରାୟ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାଶ, ସହ ମଣ୍ଡଳ ଶିକ୍ଷାଧିକାରୀ ପୁଷ୍ପମିତ୍ରା ମିଶ୍ର, ରାଜ୍ୟ ଅବସରପ୍ରାପ୍ତ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ମୁଖ୍ୟ ଉପଦେଷ୍ଟା ମାଧବ ଚନ୍ଦ୍ର ବିଶ୍ୱାଳ, ସଭାପତି ଭାଗ୍ୟଧର ପ୍ରଧାନ, ଉପ ସଭାପତି ସୁଶାନ୍ତ କୁମାର ନାୟକ, ଉପଦେଷ୍ଟା ପଂଚାନନ ସ୍ୱାଇଁ, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ୟୁନିୟନର ସଂପାଦକ ଶିବଦତ୍ତ ନାୟକ, ସଭାପତି ଅଜୟ କୁମାର ରଥ, ସଂପାଦକ ସରୋଜ କୁମାର ମିଶ୍ର, ସିଆରସିସି ହାଡିବନ୍ଧୁ ମଙ୍ଗରାଜ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ରାଜୁ ସାରଙ୍କ ଶିକ୍ଷାଦାନ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ତାଙ୍କର ଥିବା ଅବଦାନ ଓ କର୍ତ୍ତବ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନ୍ଦ୍ର କୁମାର ପ୍ରଧାନ, ମଦନ ମୋହନ ନାୟକ, କଳ୍ପନା ବାରିକ, ପିଚାଳନା କମିଟି ସଭାପତି ମହେନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।




# ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ସ୍ଥିତ ସଠିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଅତିଥି ଭାବରେ ବେତନଟୀ ବ୍ଲକ ଶିକ୍ଷାଅଧିକାରୀ ବିପ୍ଲବ ବାରିକ, ସ୍ୱତନ୍ତ୍ରଅତିଥି ଭାବର ୩୫ନଂ ଜୋନ ମଣ୍ଡଳ ସଭାପତି ଜୀବନ କୁମାର ପରିଡା , ୩୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱଥାନ ହେମ୍ବ୍ରମ, ସଠିଲୋ ସମିତି ସଭ୍ୟ କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷାଅଧିକାରୀ ରମାକାନ୍ତ ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ପରମ୍ପରାର ତାତ୍ପର୍ଯ୍ୟ ଉପରେ ଅତିଥି ଅଧିକାରୀଗଣ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ କ୍ଷ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ପାଇଁ ଏକ ସଚେତନତା ରଥ ବ୍ଲକ ପରିକ୍ରମା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ଗୋପାଳଚନ୍ଦ୍ର ସେନାପତି, ଏବିଇଓ ଅନ୍ନପୂର୍ଣ୍ଣା ସାହୁ , ଯୁବ ସଂଗଠକ ଚନ୍ଦ୍ର ଶେଖର ବ୍ରୋ, ସଂଜୀବ ଜେନା, ମନୋଜ ପଣ୍ଡାଙ୍କ ସମେତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର





କଟକ(ଭାସ୍କର ନ୍ୟୁଜ୍): ଜଣେ ନାବାଳିକା ଅସଦାଚରଣ ମାମଲାର ବିଚାର କରି ପୋକ୍ସୋ କୋର୍ଟ କଟକ ଜିଲ୍ଲାର ନିଆଳୀ ଥାନାର ଟମପଡା ଅଞ୍ଚଳରେ ରହୁଥିବା ବିହାରର ଟିକା ମାଝୀ ଭାଗଲପୁରର ବବ୍‌ଲୁ ବର୍ମାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥିସହିତ ତାକୁ ୧୦ ହଜାର ଟଙ୍କା ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ଜୋରିମାନା ନ ଦେଇପାରିଲେ ଆସାମୀଙ୍କୁ ଆଉ ଅଧିକ ୧ ମାସ ସଶ୍ରମ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏଥଇସହିତ କୋର୍ଟ ପିଡିତାକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ଆଦେଶ ଦେଇଛନ୍ତି । ୨୦୨୩ ମସିହା ଜୁଲାଇ ୨୩ ତାରିଖରେ ଆସାମୀ ଜଣକ ଜଣେ ୯ ବର୍ଷୀୟା ନାବାଳିକା ସହିତ ଅସଦ୍ ଆଚରଣ କରିଥିଲା । ଏ ସମ୍ପର୍କରେ ପିଡିତାର ପରିବାର ପକ୍ଷରୁ ଘଟଣା ଦିନ ନିଆଳି ଥାନାରେ ଏତଲା ରୁଜୁ କରାଯାଇଥିଲା । ପୁଲିସ୍ ଘଟଣାର ତଦନ୍ତ କରି ଆସାମୀକୁ ତାକୁ ଗିରଫ କରି ଘଟଣାର ତଦନ୍ତ ଚଳାଇଥିଲା । ୨୦୨୩ ମସିହା ଅଗଷ୍ଟ ୩୧ ତାରିଖରେ ପୁଲିସ୍ ତା ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ୨୦୨୪ ମସିହା ଫେବୃୟାରୀ ୧୩ ତାରିଖରେ କୋର୍ଟରେ ତା ବିରୋଧରେ ଚାର୍ଜଫ୍ରେମ୍ ହୋଇଥିଲା । କଟକର ପୋକ୍ସୋ କୋର୍ଟରେ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ ।



କଟକର ବାଲୁବଜାର, ଦରଘା ବଜାର ଓ ବଙ୍ଗାଳି ସାହିରେ ପୂଜା ପାଉଛନ୍ତି ମା' ବାସନ୍ତୀ ଦୁର୍ଗା ।

### ରାଜଧାନୀରେ ଡବଲ ଏନ୍‌କାଉଣ୍ଟର

## ବିହାରର ଦୁଇ କୁଖ୍ୟାତ ଲୁଟେରା ଗୁରୁତର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଦିନକୁ ଦିନ ଚୋରି, ରାହାଜାନୀ ବଢ଼ିବାରେ ଲାଗିଛି । ଏହା କମିଶନରେଟ୍ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି । ତେବେ ଏହାକୁ ନିପାତ କରିବା ନିମନ୍ତେ କମିଶନରେଟ୍ ପୋଲିସ ପକ୍ଷରୁ ଉଦ୍ୟମ କରାଯାଇଥିବା ବେଳେ ଗୁରୁବାର ରାଜଧାନୀରେ ଡବଲ ଏନ୍‌କାଉଣ୍ଟର କରାଯାଇଛି । ଏହି ଏନ୍‌କାଉଣ୍ଟରେ ବିହାରର ଦୁଇଜଣ କୁଖ୍ୟାତ ଲୁଟେରା ଗୁରୁତର ଆହତ ହୋଇଛନ୍ତି । ଦୁଇ ଲୁଟେରାଙ୍କ ନାମ ହେଲା ସୋନୁ ଯାଦବ ଓ ମନୀଶ ଯାଦବ । ଏମାନଙ୍କ ନାମରେ ପୂର୍ବରୁ ୧୫ରୁ ଊର୍ଦ୍ଧ୍ୱ ଛିନ୍ତାଇ ଅଭିଯୋଗ ରହିଥିଲା । ପୋଲିସ ଏମାନଙ୍କୁ ଗିରଫ କରିବା ନିମନ୍ତେ ସିସିଟିଭି ଆଧାରରେ ଯାଞ୍ଚ କାର୍ଯ୍ୟ ଜୋରଦାର କରିଥିଲା । ତେବେ ଗୁରୁବାର ସନ୍ଧ୍ୟାରେ ବଡ଼ଗଡ଼ ଥାନା ଅଞ୍ଚଳରେ ଦୁଇ କୁଖ୍ୟାତ ଲୁଟେରା ଚେନ୍ ଲୁଟ୍ ଉଦ୍ୟମ କରୁଥିବା ବେଳେ ପୋଲିସ ପଞ୍ଝାରେ ପଡ଼ିଯାଇଥିଲେ । ସେମାନେ ସେଠାରୁ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପ୍ରଥମେ ପୋଲିସକୁ ଆକ୍ରମଣ କରିଥିଲେ । ପରେ ପୋଲିସ ଉଭୟଙ୍କୁ ଏନ୍‌କାଉଣ୍ଟର କରିଥିଲା । ଉଭୟଙ୍କ ବାମଗୋଡରେ ଗୁଳି ବାଜିଥିବା ସ୍ପଷ୍ଟ ହୋଇଛି । ପରେ ସେମାନଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଅନ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ପରେ ଉଭୟଙ୍କୁ ପୋଲିସ ରିମାଣ୍ଡରେ ଘଟଣାର ଛାନ୍‌ଭିନ୍ କରିବ ବୋଲି ଜଣାପଡ଼ିଛି । ଉଭୟ ରାଜଧାନୀରେ ସେମାନଙ୍କ ଗ୍ୟାଙ୍ଗ ସହ ମିଶି ବିଭିନ୍ନ ସ୍ଥାନରୁ ଲୁଟ୍‌ପାଟ୍ କରି ଫେରାର ହୋଇଯାଉଥିଲେ ।

### ୧୫୦ତମ କର୍ତ୍ତୃପକ୍ଷ ବୈଠକ

# ବିଡିଏର ସମ୍ପ୍ରସାରଣ ଓ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୦ତମ କର୍ତ୍ତୃପକ୍ଷ ବୈଠକ ଗୁରୁବାର ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆକଳନ ତଥା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ ଆକଳନ ଉପସ୍ଥାପିତ ହୋଇଥିଲା । ତେବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସମୁଦାୟ ୧,୫୩୬.୦୮ କୋଟିର ବଜେଟ ଅନୁମୋଦନ କରାଯାଇଥିବା ବେଳେ ବିଶେଷ କରି ସହରର ସମ୍ପ୍ରସାରଣ ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ବିଡିଏ ପକ୍ଷରୁ ସହର ସମ୍ପ୍ରସାରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଏନେଇ ସମୁଦାୟ ୧୪୩ ନୂତନ ରାଜସ୍ୱ ଗ୍ରାମକୁ ବିଡିଏ ସହ ସାମିଲ କରିବା ନେଇ ଅନୁମୋଦନ ମିଳିଛି । ବାବୁ ସିଂ ଏକାମ୍ର ବିଧାୟକ, ସୁଲଚନା ଦାସ ମେୟର ଭୁବନେଶ୍ୱର ମହାନଗର ନିଗମର, ଅନନ୍ତ ବେହେରା ଅଧ୍ୟକ୍ଷ ଜଟଣୀ ପୌର ପରିଷଦ, ଲକ୍ଷ୍ମୀ ମହାନ୍ତି ଅଧ୍ୟକ୍ଷ ଖୋର୍ଦ୍ଧା ପୌର ପରିଷଦ, ଉଷା ପାଢ଼ୀ ପ୍ରମୁଖ ଶାସନ ସଚିବ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଡା .ଏନ୍ ତିରୁମାଲା ନାୟକ ବିଡିଏ ଉପାଧ୍ୟକ୍ଷ, ମାନସ ରଞ୍ଜନ ପାଢୀ ବିଡିଏ ସଚିବଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଷୟରେ ବିଶଦ ଆଲୋଚନା କରିଥିଲେ । ପ୍ରକାଶ ଥାଉକି, ୧୯୮୩ରେ ମାତ୍ର ୧୧୬ଟି ରାଜସ୍ୱ ଗ୍ରାମକୁ ନେଇ ବିଡିଏର ସହର ବିକାଶ ଚିନ୍ତାଧାରା ଆରମ୍ଭ ହୋଇଥିଲା । ପରେ ୨୦୦୨, ୨୦୦୩ ଏବଂ ୨୦୧୧ରେ ଏହାର କଳେବରକୁ ସମ୍ପ୍ରସାରଣ କରାଯାଇଛି । ତେବେ ଏହି ନୂତନ ଯୋଜନାବଦ୍ଧ ସହର ସମ୍ପ୍ରସାରଣ ଯୋଜନା ସହର ସହ ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ ଦେବା ସହ ଭିତ୍ତିଭୂମି ବିକାଶରେ ସହାୟକ ହେବ । ଏହି ନୂତନ ଗ୍ରାମଗୁଡ଼ିକ ମିଶିବା ପରେ ବିଡିଏ ଅଧିକାର କ୍ଷେତ୍ରରେ ଥିବା ମୋଟ ଗ୍ରାମ ସଂଖ୍ୟା ୫୬୯ରୁ ବୃଦ୍ଧି ପାଇ ୭୧୨କୁ ପହଞ୍ଚିବ । କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଏହି ପ୍ରସ୍ତାବ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ , ୧୯୮୨ର ଧାରା ୩ ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟକୁ ବିଚାର ଓ ଅନୁମୋଦନ ପାଇଁ ପଠାଯିବ । ଏହା ସହିତ, ବିଡିଏର ରାଜସ୍ୱ ସୃଷ୍ଟି କରିବା ଲାଗି କର୍ତ୍ତୃପକ୍ଷ ଜମି ମୁଦ୍ରୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ଉଦ୍ୟମକୁ ସମର୍ଥନ କରିବା ପାଇଁ ଅନେକ ଜମି ଖଣ୍ଡକୁ ନିଲାମ ପାଇଁ ଚିହ୍ନଟ କରାଯାଇଛି ।

### ୫ରୁ ଲିଙ୍ଗରାଜ ମହୋତ୍ସବ

# ଯୋଗଦେବେ ୭ଶହରୁ ଊର୍ଦ୍ଧ୍ୱ କଳାକାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପି ଚାଲିବ । ଏଥରେ ୭୦୦ରୁ ଉର୍ଦ୍ଧ କଳାକାର ଯୋଗଦେବେ । ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଓ ରଥଯାତ୍ରା ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଓ ସମ୍ପାଦକ ସନତ୍ ମିଶ୍ର ସୂଚନା ଦେଇଛନ୍ତି ଯେ, ଚଳିତ ବର୍ଷ ଅଧିକ ପଡ଼ୋଶୀ ତଥା ଓଡ଼ିଶାର କଳାକାର ନୃତ୍ୟ ପରିବେଷଣ କରିବେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡା ଓ ତାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓଡ଼ିଶା କଳାବିକାଶ କେନ୍ଦ୍ରର ସୁନାମ ଧନ୍ୟ କଳାକାରଙ୍କ ସହ ବିଣାପାଣି କଳା ନିକେତନ ନୃତ୍ୟ ପରିବେଷଣ କରିବେ । ବିଶାଖାପାଟଣାର ଭାରତନାଟ୍ୟମ୍, ହାଇଦ୍ରାବାଦର ଓଡ଼ିଶୀ ଏବଂ ଫ୍ୟୁଜନ, ବର୍ଦ୍ଧମାନର ଓଡ଼ିଶୀ ଶୋଲ, କୋଲକତାର କଥକ ଡ୍ୟାନ୍ସ, ରାୟପୁରର ନୃତ୍ୟ ଶ୍ରୀଧାରା, ଚୌଦ୍ୱାରର ପଦ୍ମଶ୍ରୀ ଗୁରୁ ଉଚ୍ଛବ ଦାସଙ୍କର ବିଶ୍ୱ ପ୍ରସିଦ୍ଧ ଘୋଡ଼ାନାଚ, ରାୟଗଡ଼ାର ଥେସା ଟ୍ରାଇବାଲ ଡ୍ୟାନ୍ସ, ବିଳାସପୁରର କ୍ରିଏଟିଭ୍, ଗଜପତିର ମାହାରିଗ୍ରୁପର ପଲ୍ଲିନୃତ୍ୟ, ଆଠଗଡ଼ର ଫୋକ୍ ଡ୍ୟାନ୍ସ, ଓଡ଼ିଶାର ୩୬ ଗ୍ରୁପ୍ ସୁନାମଧନ୍ୟ କଳାକାର ବିଭିନ୍ନ ପ୍ରକାରର ନୃତ୍ୟ ପରିବେଷଣ କରିବେ । ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, କେଦାରନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, ଶ୍ରୀବତ୍ସ ପତି, ଲଲାଟେନ୍ଦୁ ମହାନ୍ତି, ପ୍ରମୋଦ କୁମାର ଦାସ, ବିଶ୍ୱନାଥ ମହାପାତ୍ର, ଗଣେଶ ପାଲ, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଏନ୍‌ସିସି ଗ୍ରୁପ ମୁଖ୍ୟାଳୟର ୭୬ ତମ ପ୍ରତିଷ୍ଠା ଦିବସ

## ଏନ୍‌ସିସିର ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ କର: ରାଜ୍ୟପାଳ

କଟକ(ଭାସ୍କର ନ୍ୟୁଜ୍): ଓଡିଶାର ବିକାଶ କାହାଣୀରେ ଯୁବବର୍ଗଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଆମ ପାଇଁ ଏହା ଗର୍ବର ବିଷୟ ଯେ ଆମ ରାଜ୍ୟର ଏନସିସି କ୍ୟାଡେଟ୍ ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଗ୍ରଭାଗରେ ରହିଛନ୍ତି । ରାଜ୍ୟର ବିକାଶ ନିମନ୍ତେ ଶୃଙ୍ଖଳିତ, ଦାୟିତ୍ୱବାନ ଏବଂ ଦୂରଦୃଷ୍ଟିସମ୍ପନ୍ନ ଯୁବକ ଭାବରେ ଏନସିସି କ୍ୟାଡେଟ୍‌ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ପ୍ରଗତି, ସମାଜ କଲ୍ୟାଣ କ୍ଷେତ୍ରରେ ପ୍ରତ୍ୟେକ ଯୁବକ ଜଣେ ଜଣେ ପରିବର୍ତ୍ତନର ମଶାଲ ହୁଅନ୍ତୁ । ଏନସିସିର ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ଏବଂ ଉତ୍ସର୍ଗୀକୃତ ପଥରେ ଚାଲିବା ପାଇଁ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବାକୁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । କଟକ ଏନସିସି ଗ୍ରୁପ ମୁଖ୍ୟାଳୟର ୭୬ ତମ ପ୍ରତିଷ୍ଠା ଦିବସ ଏବଂ ଏନସିସି ବିଶାଳ ସାଇକ୍ଲୋଥନ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଦୀର୍ଘ ୨୩ ଦିନବ୍ୟାପୀ ଚାଲିଥିବା ସାଇକ୍ଲୋଥନ ୮୫୦ କିମି ପଥ ଅତିକ୍ରାନ୍ତ କରି ୧୫ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଂରକ୍ଷଣ, ମହିଳା ସଶକ୍ତିକରଣ, ନିଶା ନିବାରଣ, ସାଇବର ସୁରକ୍ଷା, ଡିଜିଟାଲ ସାକ୍ଷରତା, ସଡ଼କ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିବା କ୍ୟାଡେଟଙ୍କର ନିଷ୍ଠା, ଉଦ୍ୟମ, ଦେଶପ୍ରେମ ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା କରିଥିଲେ । ରାଜ୍ୟପାଳ ସାଇକ୍ଲୋଥନରେ ଅଂଶଗ୍ରହଣ କରିଥିବା ୨୧ କ୍ୟାଡେଟଙ୍କୁ ପୁରସ୍କୃତ କରିଥିଲେ । ମେଜର ଆଶୁତୋଷ ତ୍ରିପାଠୀ ଏନସିସି ସାଇକ୍ଲୋଥନର ଟିମ ଲିଡର ରାଜ୍ୟପାଳଙ୍କୁ କ୍ଷୁଦ୍ରାକାର ପତାକା ପ୍ରଦାନ କରିଥିଲେ । ଗତ ମାର୍ଚ୍ଚ ମାସ ୧୨ରେ ପୁରୀରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ ଆଜି ଉଦ୍‌ଯାପିତ ହୋଇଥିଲା । ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଏନ୍‌ସିସି କ୍ୟାଡେଟଙ୍କର ଉଦ୍ୟମକୁ ପ୍ରଶଂସା ସହ ସାଇକେଲ ଶୋଭାଯାତ୍ରାକୁ ସଫଳ କରିବାରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡିଶା ଯୁବ ପ୍ରଶିକ୍ଷଣ ସଂସ୍ଥାର ଭୂମିକାକୁ ପ୍ରଶଂସା କରି ଅଭିଯାନ ସାମୂହିକ ପ୍ରୟାସର ଶକ୍ତି ଏବଂ ସଚେତନତାକୁ ପୂରଣ କରିବାରେ ସମର୍ଥ ହୋଇଛି ବୋଲି କହିଥିଲେ । ରାଜ୍ୟପାଳ ନବନିର୍ମିତ ଏନ୍‌ସିସି ମୁଖ୍ୟାଳୟ ଭବନ ଉଦ୍‌ଘାଟନ ସହ ପୁରୁଣା ସଚିବାଳୟ ପରିସରରେ ଥିବା ସମ୍ପ୍ରସାରିତ ଏନସିସି କ୍ୟାଣ୍ଟିନ ପରିଦର୍ଶନ କରିଥିଲେ ।

## ଓଡ଼ିଶାରେ କ୍ୟାନ୍ସର ରୋଗର ଅତ୍ୟାଧୁନିକ ଚିକିତ୍ସା ମିଳିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ବାଗଚୀ ଶ୍ରୀ ଶଙ୍କର କ୍ୟାନ୍ସର ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟର କ୍ୟାନ୍ସର ରୋଗର ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବ ବୋଲି ସ୍ପଷ୍ଟ ହୋଇଛି । ଦେଶରେ ପ୍ରାୟ ୮୦ରୁ ୯୦ହଜାର ଲୋକଙ୍କୁ ଲିଫୋମା ଲିକୋମିଆ ହୋଇଥାଏ । ଏହା ମଧ୍ୟରେ ଓଡ଼ିଶାରେ ୩ରୁ ୪ହଜାର ଲୋକ ଏହି ରୋଗର ଶିକାର ହୋଇଥାନ୍ତି । ତେଣୁ ଏହି ରୋଗର ମୂଳୋତ୍ପାଟନ ପାଇଁ ଓଡ଼ିଶାରେ ସମସ୍ତ ଅତ୍ୟାଧୁନିକ ସୁବିଧାସୁଯୋଗ ମହଜୁଦ୍ ରହିଛି । ଯେପରି ଓଡ଼ିଶାର ରୋଗୀମାନେ ଅନ୍ୟ ରାଜ୍ୟକୁ ନ ଯାଇ ଏଠାରେ ଚିକିତ୍ସିତ ହେବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶଙ୍କର କ୍ୟାନ୍ସର ହସ୍ପିଟାଲ ଓ ରିସର୍ଚ୍ଚ ଷ୍ଟେରର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଛନ୍ତି । ସେମାନେ ଆହୁରି ମଧ୍ୟ କହିଛନ୍ତି




ଯେ, ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟଠାରୁ ଆରମ୍ଭ କରି ରକ୍ତ କର୍କଟ ଭଳି ରୋଗକୁ ସମୂଳେ ଓଡ଼ିଶାରେ ଚିକିତ୍ସା କରାଯାଇ ରୋଗୀଙ୍କୁ ରୋଗମୁକ୍ତ କରିବା ପାଇଁ ପ୍ରୟାସ କରାଯାଇଛି । ଏହି ସେଣ୍ଟରରେ ବହୁ ଅଭିଜ୍ଞତା ସମ୍ପନ୍ନ ବରିଷ୍ଠ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶଙ୍କର କ୍ୟାନ୍ସର ଫାଉଣ୍ଡେସନ୍‌ର ପରିଚାଳନା ଟ୍ରଷ୍ଟୀ ଡକ୍ଟର ବି. ଏସ.ତ୍ରିନାଥ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗ୍ରାମ୍ୟ ନିର୍ମାଣ ଡିଭିଜନ୍ ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲାଞ୍ଚ ନେବା ଅଭିଯୋଗରେ ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ ଡିଭିଜନ୍‌ର ସହକାରୀ ଯନ୍ତ୍ରୀ ନରେଶ ଦାସଙ୍କୁ ଗିରଫ କରିଛି ଭିଜିଲାନ୍ସ । ଗତକାଲି ଜଣେ ଠିକାଦାରଙ୍କଠୁବିଲ୍ କ୍ଲିୟର ପାଇଁ ଲକ୍ଷେ ଟଙ୍କା ଲାଞ୍ଚ ନେବାବେଳେ ଧରା ପଡ଼ିଥିଲେ ନରେଶ । ରେଡ୍ ବେଳେ ୩ ଲକ୍ଷ ୫୬ ହଜାର ଟଙ୍କା ଜବତ କରିଥିଲେ ଭିଜିଲାନ୍ସ ଅଧିକାରୀ ।

## ଛେପ ପକାଇବା ଏବଂ ଆବର୍ଜନା ପାଇଁ ୫୮୧ ଜଣଙ୍କୁ ଜରିମାନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଗତ ମାର୍ଚ୍ଚ ୨୦୨୫ରେ ରେଳ ଷ୍ଟେସନରେ ଛେପ ପକାଇବା ଏବଂ ଆବର୍ଜନା ପକାଇବା ପାଇଁ ୫୮୧ ଜଣଙ୍କୁ ଜରିମାନା ଆଦାୟ କରାଯାଇଅଛି । ଏହି କାର୍ଯ୍ୟ ସମଗ୍ର ରେଳ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଏକ ନିରନ୍ତର ପଦକ୍ଷେପର ଅଂଶ । ମାର୍ଚ୍ଚ ମାସରେ ଆଦାୟ କରାଯାଇଥିବା ମୋଟ ଜରିମାନା ପରିମାଣ ୧,୧୭,୧୦୦ ଟଙ୍କା ଅଟେ । ପୂର୍ବତଟ ରେଳପଥର କଠୋର ସତର୍କତା ଉପରେ ଧ୍ୟାନ ଏହାର କ୍ଷେତ୍ରାଧିକାର ମଧ୍ୟରେ ଥିବା ସମସ୍ତ ଷ୍ଟେସନରେ ବିସ୍ତାର କରାଯାଇଛି ଯାହାଦ୍ୱାରା ଷ୍ଟେସନ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଉଲ୍ଲଂଘନ ପାଇଁ ଦଣ୍ଡ ଲାଗୁ କରିବାର ଦାୟିତ୍ୱ ରହିଛି ।

## ତିନିଘରିଆ ନାଳବନ୍ଧ ରାସ୍ତାରେ ଯାନବାହନ ନିୟନ୍ତ୍ରଣ ଦାବି

କଟକ(ଭାସ୍କର ନ୍ୟୁଜ୍): ମାତୃଭବନ ଠାରୁ ବିରିବାଟୀ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ପ୍ରଶସ୍ତି କରଣ ହେବା ପରେ ପୂର୍ବାପେକ୍ଷା ଅଧିକ ଗାଡିମଟର ଉକ୍ତ ରାସ୍ତା ଦେଇ ପ୍ରତ୍ୟେହ କ୍ଷୀପ୍ରଗତିରେ ଯିବାଆସିବା କରୁଛି । ତିନିଘରିଆ ନାଳବନ୍ଧ ରାସ୍ତାରେ ଯାନବାହନ ନିୟନ୍ତ୍ରଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ବହୁ ସ୍କୁଲର ଛାତ୍ରଛାତ୍ରୀ ଏହି ବନ୍ଧ ରାସ୍ତା ଦେଇ ଯିବାଆସିବା କରିଥାନ୍ତି । ଏଥି ସହ ଉକ୍ତ କେନାଲ ବନ୍ଧ ରାସ୍ତାକୁ ଲାଗିଥିବା ସାହିର ଲୋକମାନେ ମଧ୍ୟ ବନ୍ଧ ରାସ୍ତା ଉପରକୁ ଉଠିଲା ବେଳକୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି କଟକ ନଗର ୫୧ନଂ ୱାର୍ଡ କଂଗ୍ରେସ ପକ୍ଷରୁ ସଭାପତି ରଜନୀକାନ୍ତ ବସ୍ତିଆଙ୍କ ନେତୃତ୍ୱରେ କଂଗ୍ରେସ୍‌ର ଏକ ପ୍ରତିନିଧି ମଣ୍ଡଳୀ ମଧୁପାଟଣା ସ୍ଥିତ ଟ୍ରାଫିକ ଟାୱାରରେ ଟ୍ରାଫିକ ଏସିପି ଜୟନ୍ତ କୁମାର ଦୋରାଙ୍କୁ ସାକ୍ଷାତ କରି ଲୋକଙ୍କ ସୁବିଧା ଓ ସୁରକ୍ଷା ଦୃଷ୍ଟିରୁ ଉକ୍ତ ରାସ୍ତାରେ ଯାନବାହନର ନିୟନ୍ତ୍ରଣ ପାଇଁ ତିନିଘରିଆ ସାହିଗଡା, ଭଗବତୀ ମନ୍ଦିରଗଡ଼ା ଓ ମଦନମୋହନ ନଗରଗଡାରେ ପୋଲିସ ପ୍ରଶାସନ ପକ୍ଷରୁ ଷ୍ଟପବୋର୍ଡ ଲଗାଇବାକୁ ଦାବି କରାଯାଇଛି ।

## ଓଡ଼ିଆ ପକ୍ଷ ପାଳନ ପାଇଁ ସ୍ୱତନ୍ତ୍ର ୱେବସାଇଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆମ ରାଜ୍ୟରେ ପ୍ରଥମ ଥର ପାଇଁ ଏପ୍ରିଲ ୧ ତାରିଖ ଠାରୁ ନେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବସାଇଟର ମଧ୍ୟ ନିର୍ମାଣ କରାଯାଇଛି । ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି । ଏଥିସହିତ ଏପ୍ରିଲ ୧ରୁ ନେଇ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି । ଏଥିସହିତ ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ଏକ କୁଇଜ୍ ମଧ୍ୟ ରଖାଯାଇଛି । ଏହି କୁଇଜ୍‌ରେ ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି । ସମସ୍ତ ପ୍ରତିଭାଗୀମାନେ କୁଇଜ୍‌ରେ ଅଂଶଗ୍ରହଣ କରି ନିଜର ଡିଜିଟାଲ୍ ପ୍ରମାଣପତ୍ର ମଧ୍ୟ ଡ଼ାଉନଲୋଡ୍ କରିପାରିବେ । ଏଥିସହିତ ନିଜ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ, ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସେଲ୍ଫି ମଧ୍ୟ ଏହି ଓଡ଼ିଆ ପକ୍ଷ ୱେବସାଇଟରେ ଅପଲୋଡ଼ କରିପାରିବେ ।

## ଏପ୍ରିଲକୁ ଗ୍ରାହକ ସେବା ମାସ ଭାବେ ଘୋଷଣା କଲା ବିଏସ୍‌ଏନ୍‌ଏଲ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରାୟତ୍ତ ଟେଲିକମ୍ ପ୍ରଦାନକାରୀ ସଂସ୍ଥା-ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସଏନଏଲ) ଏପ୍ରିଲ ୨୦୨୫କୁ 'ଗ୍ରାହକ ସେବା ମାସ' ଭାବେ ଘୋଷଣା କରିଛି । ଏହା ଏକ ଦେଶବ୍ୟାପୀ ପଦକ୍ଷେପ, ଯାହା ଗ୍ରାହକଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବା ଏବଂ ବ୍ୟବହାରୀଙ୍କ ସହିତ ଦୃଢ଼ ସଂଯୋଗ ସ୍ଥାପନ ପାଇଁ ଉତ୍ସର୍ଗୀକୃତ । ସେବା ଉତ୍କର୍ଷତା ଉପରେ ବିଏସଏନଏଲର ନୂତନ ଅଭିଯାନ ଏବଂ 'ଗ୍ରାହକ ପ୍ରଥମ' ପ୍ରତି ଏହାର ଦୀର୍ଘ ଦିନର ପ୍ରତିବଦ୍ଧତାର ଅଂଶବିଶେଷ ଭାବରେ, ବିଏସଏନଏଲର ସମସ୍ତ ପରିମଣ୍ଡଳ, ବ୍ୟବସାୟୀ କ୍ଷେତ୍ର ଏବଂ ୟୁନିଟ୍ ଏହି ମାସବ୍ୟାପୀ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳ, ସହରାଞ୍ଚଳ, ଉଦ୍ୟୋଗ ତଥା ସମସ୍ତ କ୍ଷେତ୍ରରେ ଗ୍ରାହକମାନଙ୍କୁ ପୁନଃସଂଯୁକ୍ତ କରିବା । ଚଳିତ ମାସରେ ବିଏସଏନଏଲ ଏହାର ସମସ୍ତ ମୋବାଇଲ୍ ଗ୍ରାହକ, ଏଫ୍‌ଟିଟିଏଚ୍, ବ୍ରଡବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍ ଏବଂ ଇବି ଗ୍ରାହକଙ୍କୁ ସେମାନଙ୍କ ମତାମତ, ଅଭିଜ୍ଞତା ଏବଂ ପରାମର୍ଶ ବିଏସଏନଏଲ ଗ୍ରାହକ ସେବା କେନ୍ଦ୍ର, ବିଏସଏନଏଲ ୱେବ୍‌ସାଇଟ୍, ସୋସିଆଲ ମିଡିଆ ଚ୍ୟାନେଲ, ସ୍ୱତନ୍ତ୍ର ଗ୍ରାହକ ପୋର୍ଟାଲ ଜରିଆରେ ଦେବାପାଇଁ ଅନୁରୋଧ କରୁଛି ।

## ନାରୀ ନିର୍ଯାତନା ପ୍ରସଙ୍ଗରେ ୧୫ରେ ମଶାଲ ଶୋଭାଯାତ୍ରା କରିବ କଂଗ୍ରେସ, ୨୧ରେ ଜିଲ୍ଲାପାଳ ଅଫିସ୍ ଘେରାଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନାରୀ ନିର୍ଯାତନା ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛି କଂଗ୍ରେସ । ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଆସନ୍ତା ଏପ୍ରିଲ ୧୫ରେ ରାଜ୍ୟବ୍ୟାପୀ କଂଗ୍ରେସର ମଶାଲ ଶୋଭାଯାତ୍ରା ହେବ । ସମସ୍ତ ବ୍ଲକ ମୁଖ୍ୟାଳୟରେ ଶୋଭାଯାତ୍ରା କରିବ କଂଗ୍ରେସ । ସେହିପରି ଏପ୍ରିଲ ୨୧ରେ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଅଫିସ୍ ଘେରାଉ କରାଯିବ ବୋଲି କହିଛନ୍ତି ପିସିସି ସଭାପତି । ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ୧୫ରେ ପ୍ରତି ବ୍ଲକ ଓ ସହରରେ ନାରୀ ନ୍ୟାୟ ଏବଂ ୬୦ ହଜାର ନିଖୋଜ ମହିଳାଙ୍କୁ ଖୋଜିବା ପାଇଁ ମଶାଲ ର୍‍ୟାଲି ଏବଂ ୨୧ରେ ଜିଲ୍ଲା ସଦର ମହକୁମାରେ ଏହି ପ୍ରସଙ୍ଗରେ ମଶାଲ ର୍‍ୟାଲି କରାଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ପିସିସି ସଭାପତି ଘୋଷଣା କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାର ସ୍ଥାନୀୟ ସମସ୍ୟା, କ୍ଷେତପାଇଁ ପାଣି, ବେକାରୀ ସମସ୍ୟା, ଖଣି ଦୁର୍ନୀତି, ଅନ୍ୟାନ୍ୟ ସରକାରୀ ଦୁର୍ନୀତି, ଚାଷ ଓ ଚାଷୀ ସମସ୍ୟା ପ୍ରସଙ୍ଗ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଏହାପରେ କଂଗ୍ରେସର ୩୫ ସାଂଗଠନିକ ଜିଲ୍ଲାରେ ୧୦ କି.ମି. ପଦଯାତ୍ରା ଏବଂ ସମାବେଶ ଆୟୋଜନ ହେବ ଯାହାକୁ ସଫଳ କରିବା ପାଇଁ ସମସ୍ତ ବରିଷ୍ଠ କଂଗ୍ରେସ ନେତା ଦାୟିତ୍ୱ ନ୍ୟସ୍ତ ହେବେ । ଜିଲ୍ଲା କମିଟି ଗଠନ ପାଇଁ ସଂପୃକ୍ତ ଜିଲ୍ଲାର ଜିଲ୍ଲା, ବ୍ଲକର ସମସ୍ତ ନେତୃବର୍ଗଙ୍କ ସହ ଆଲୋଚନା ହେବ ଏବଂ ସମସ୍ତଙ୍କ ମତାମତକୁ ନେଇ ଜିଲ୍ଲା କମିଟି ଗଠନ ହେବ । ଓଡ଼ିଶାର ନାରୀ ନ୍ୟାୟ ନପାଇବା ପର୍ଯ୍ୟନ୍ତ କଂଗ୍ରେସର ଆନ୍ଦୋଳନ ଚାଲୁ ରହିବ । ୬୦ ହଜାର ନିଖୋଜ ମହିଳାଙ୍କ ଉଦ୍ଦେଶ୍ୟରେ ଏବଂ ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଗାଁର ମା' ଭଉଣୀମାନେ ନିଜ ଗାଁ, ସାହିରେ ବା ଘରେ ମହମବତୀ ଜାଳି ନିଜକୁ ସାମିଲ କରିବାକୁ ଶ୍ରୀ ଦାସ ନିବେଦନ କରିଛନ୍ତି ।

## ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍, ୨୦୨୪ ବିଧାନସଭାରେ ପାରିତ ହେବାକୁ ସ୍ୱାଗତ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ସେ ଲେଖିଛନ୍ତି ଯେ, ଓଡ଼ିଶାରେ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତାକୁ ସମ୍ମାନ ଦେବା ସହିତ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା, ଶିକ୍ଷାର ଗୁଣାତ୍ମକ ମାନରେ ଉନ୍ନତି ଆଣିବା ଏବଂ ଶିକ୍ଷାବିତଙ୍କ ମନୋବଳ ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରସ୍ତାବିତ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍, ୨୦୨୪ ଗୃହରେ ପାରିତ ହେବା ସ୍ୱାଗତଯୋଗ୍ୟ । ବିଧାନସଭାରେ ପାରିତ ହୋଇଥିବା ନୂଆ ସଂଶୋଧିତ ବିଶ୍ୱବିଦ୍ୟାଳୟ ବିଲ୍ ରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତି ୨୦୨୦ରେ ଦର୍ଶାଯାଇଥିବା ଉଦ୍ଦେଶ୍ୟ ଅନୁଯାୟୀ ବିଶ୍ୱବିଦ୍ୟାଳୟ ଶାସନର ଆଧୁନିକୀକରଣ, ଅଧିକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ପ୍ରଶାସନ ସୁନିଶ୍ଚିତ କରିବା ଏବଂ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ପ୍ରସ୍ତୁତ କରାଯାଇଛ ।



କଟକ ମାରୱାଡ଼ି କ୍ଲବ୍‌ଠାରେ ବୈଷ୍ଣୋ ପରିବାର ପକ୍ଷରୁ ୨୧ତମ ଭବ୍ୟ ଭଗବତୀ ଜାଗରଣ ଅବସରରେ ମହିଳାଙ୍କ କଳସ ଶୋଭାଯାତ୍ରା ।

## ଦେବେନ୍ଦ୍ର କୁମାର ଦାଶଙ୍କୁ ମରଣୋତ୍ତର ଗଙ୍ଗାଧର ମେହେର ସମ୍ମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଭୁବନେଶର ସ୍ଥିତ ଗଙ୍ଗାଧର ମେହେର ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଶତବାର୍ଷିକୀ ପୂର୍ତ୍ତି ଉତ୍ସବରେ ପ୍ରଦାନ କରାଯିବାକୁ ଥିବା ମର୍ଯ୍ୟାଦାଜନକ 'ଗଙ୍ଗାଧର ମେହେର ସମ୍ମାନ' ଘୋଷଣା କରାଯାଇଛି । ଏ ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ଅଧ୍ୟାପକ ସ୍ୱର୍ଗତ ଦେବେନ୍ଦ୍ର କୁମାର ଦାଶଙ୍କୁ ମରଣୋତର ଗଙ୍ଗାଧର ମେହେର ସମ୍ମାନ ପ୍ରଦାନ କରାଯିବ । ବିଶିଷ୍ଟ ବାନ୍ଧଶିଳ୍ପୀ ରାମକୃଷ୍ଣ ମେହେର ଓ ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥା 'ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ' କଟକଙ୍କୁ ଗଙ୍ଗାଧର ମେହେର ସମ୍ମାନ ପ୍ରଦାନ କରାଯିବ । ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ଭଞ୍ଜକଳା ମଣ୍ଡପରେ ପ୍ରାକ୍ତନ ନିର୍ବାଚନ ଆୟୁକ୍ତ ତଥା ସାହିତ୍ୟିକ ସଞ୍ଜୀବ ଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଏହି କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯିବ । ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ହର ପ୍ରସାଦ ଦାସ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ସୁସାହିତ୍ୟିକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଅତିଥିଭାବରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଶେଷରେ କଟକ ସ୍ଥିତ ନୃତ୍ୟାଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ କଳାକାର କବି ମେହେରଙ୍କ ରଚିତ କାବ୍ୟାଂଶ ଆଧାରିତ ନୃତ୍ୟନାଟିକା ପରିବେଷଣ କରିବେ ବୋଲି ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର କୁମାର ମେହେର ସୂଚନା ଦେଇଛନ୍ତି ।

### ଫିଲ୍ଡ ମାର୍ଶାଲ୍ ସାମ୍ ମାନେକ୍‌ଶଙ୍କ

## ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ଫିଲ୍ଡ ମାର୍ଶାଲ୍ ସାମ୍ ମାନେକ୍‌ଶଙ୍କ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, ଏକ ଅଦମ୍ୟ ଯୋଦ୍ଧା ଏବଂ ଭାରତୀୟ ସେନାର ଗୌରବମୟ ଅଧ୍ୟାୟ ରଚିଥିବା ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଫିଲ୍ଡ ମାର୍ଶାଲ୍ ସାମ୍ ମାନେକ୍‌ଶଙ୍କ ଜନ୍ମ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛି । ତାଙ୍କ ଅଦ୍ଭୁତ ନେତୃତ୍ୱ, ସାହସ ଏବଂ ସେନା ପ୍ରତି ଅତୁଟ ସମର୍ପଣ ଦେଶବାସୀଙ୍କ ପାଇଁ ସବୁବେଳେ ଏକ ଦୃଢ଼ ପ୍ରେରଣା ହୋଇ ରହିବ ।

# ସୋନିଆ ଗାନ୍ଧୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାରର ପ୍ରତିବାଦ କରିବ କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋନିଆ ଗାନ୍ଧୀଙ୍କ ପ୍ରତି ବିଜେପିର ନେତୃମଣ୍ଡଳୀ ଯେଉଁ ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ସେ କହିଛନ୍ତି ବିଜେପି ନେତା ଭାଷା ଶୁଦ୍ଧି କରନ୍ତୁ ନହେଲେ ଯେଉଁ ରାଷ୍ଟ୍ରୀୟନେତା ମାନେ ଅଶାଳୀନ ଭାଷା ପ୍ରୟୋଗ କରିଥିବେ ସେମାନଙ୍କୁ ଓଡ଼ିଶାରେ କଂଗ୍ରେସ ପକ୍ଷରୁ ଦୃଢ଼ ବିରୋଧ କରାଯିବ । ସୋନିଆ ଗାନ୍ଧୀଙ୍କ ଆଦର୍ଶ ଅତୁଳନୀୟ । ସେ କ୍ଷମତା ପାଇଁ ଲାଳାୟିତ ନୁହନ୍ତି । ପ୍ରଧାନମନ୍ତ୍ରୀ ପଦକୁ ମଧ୍ୟ ସେ ଗ୍ରହଣ କଲେ ନାହିଁ । ଶ୍ରୀ ଦାସ କହିଲେ ଯେ ସେ ବିରୋଧ ଦଳରେ ଥିବା ବେଳେ ସେ କଳାହାଣ୍ଡି ଗସ୍ତରେ ଆସିଥିଲେ । ତୁରନ୍ତ ଖାଦ୍ୟ ବ୍ୟବସ୍ଥା, ଚାଉଳ ବ୍ୟବସ୍ଥା, ଭତା ବ୍ୟବସ୍ଥା ଓ ଅନେକ ଜନ ହିତୈଷୀ ଯୋଜନା ହୋଇଥିଲା । ଉପା ସରକାରର ମଧ୍ୟ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷା ରହି ସୋନିଆ ଗାନ୍ଧୀ ଭାରତରେ ଖାଦ୍ୟ ଅଧିକାର ଆଇନ, ଶିକ୍ଷା ଅଧିକାର ଆଇନ, ସୂଚନା ଅଧିକାର ଆଇନ, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ, ମହାତ୍ମା ଗାନ୍ଧୀ ନରେଗା ପ୍ରଭୃତି ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରାଇଥିଲେ । ତେଣୁ ଏଭଳି ଜଣେ ଆଦର୍ଶ ମହିଳାଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ଦାସ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିରୋଧି ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ବିଜେପି ସରକାର ଗୃହରେ ବିଧାୟକ ମାନଙ୍କର ସାମ୍ବିଧାନିକ ଅଧିକାର ଛଡ଼ାଇ ନେଉଛନ୍ତି । କଂଗ୍ରେସର ବିଧାୟକ ମାନଙ୍କର କଣ୍ଠରୋଧ କରାଯାଉଛି । ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଲେ ଯେ ବିଜେଡ଼ି-ବିଜେପି ଏକାଠି ହୋଇ ସବୁ ବିଲ ପାରିତ କରିଲେ । ଗଣତନ୍ତ୍ରକୁ ହତ୍ୟା କରାଯାଇ କଂଗ୍ରେସକୁ ବେଆଇନ ଭାବେ ଗୃହରୁ ବାହାରେ ରଖାଗଲା । କଂଗ୍ରେସ ହୁଇପ ରାଜନ ଏକା କହିଛନ୍ତି ଯେ କଂଗ୍ରେସ ବିଧାୟକମାନେ ବିଧାନସଭାରେ ମହିଳାମାନଙ୍କୁ ନ୍ୟାୟ ଦେବାପାଇଁ ଯେଉଁ ଦାବି ରଖିଲେ ତାହା ଓଡ଼ିଶାର ୨ କୋଟି ୨୦ଲକ୍ଷ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ । ମହିଳାମାନଙ୍କ ସୁରକ୍ଷା ପ୍ରସଙ୍ଗକୁ ବିଜେପି ସରକାର ଉପେକ୍ଷା କରୁଛି । ଏହି ପ୍ରସଙ୍ଗ ଓ ଆନ୍ଦୋଳନ କଂଗ୍ରେସ ବିଧାୟକ ଦଳ ଜାରି ରଖିବ । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ମଙ୍ଗୁ ଖିଲ, କାଡରାକା ଆପାଲ ସ୍ୱାମୀ, ପ୍ରଫୁଲ୍ଲ ପ୍ରଧାନ, ସତ୍ୟଜିତ ଗମାଙ୍ଗ ଓ ନିଳମାଧବ ହିକକା ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



# ନରମିଳା ମାଓବାଦୀଙ୍କ ସ୍ୱର

## ୪ଶହ ସାଥୀଙ୍କ ନିପାତ ପରେ ଆଲୋଚନାକୁ ସମ୍ମତି

ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରା ଭାରତକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଯେଉଁ ସଂକଳ୍ପ ନେଇଛନ୍ତି, ତାହା ସତ୍ୟ ପ୍ରମାଣିତ ହେବାକୁ ଯାଉଛି। ଗତ କିଛିଦିନ ଧରି ମାଓ ଅଧ୍ୟୁଷିତ ଛତିଶଗଡ଼ ଓ ଅନ୍ୟ କେତେକ ରାଜ୍ୟରେ 'ମାଓବାଦୀ ନିପାତ ଅଭିଯାନ' ଜୋରଦାର ହେବା ପରେ ସେମାନେ ଭୟଭୀତ ହୋଇପଡିଥିବା ଭଳି ମନେହେଉଛି। ସରକାରଙ୍କ ସହ ଶାନ୍ତି ଆଲୋଚନା ଓ ବୁଝାମଣା କରିବାକୁ ଏହି ଉଗ୍ରବାଦୀ ସଂଗଠନ ସମ୍ମତି ପ୍ରଦାନ କରିଛି। ବିଶେଷ କରି କେନ୍ଦ୍ର ଗୃହମନ୍ତ୍ରୀ ଆସନ୍ତା ୫ ତାରିଖରେ ଛତିଶଗଡ଼ର ବସ୍ତର ଅଞ୍ଚଳକୁ ଗସ୍ତ କରିବା ପୂର୍ବରୁ ମାଓ ଶିବିରରେ ଛନକା ପଶିଛି। ସଶସ୍ତ୍ର ବିପ୍ଳବ ଓ ହିଂସାକାଣ୍ଡ ଜରିଆରେ ଶାସନ କ୍ଷମତା ଦଖଲ କରିବା ନକ୍ସଲବାଦ୍ କିମ୍ବା ମାଓବାଦ୍‌ର ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ନିମନ୍ତେ ନକ୍ସଲପନ୍ଥୀମାନେ ଗତ ଅନେକ ବର୍ଷ ଧରି ଆମ ଦେଶରେ ବିଭିନ୍ନ ସ୍ଥାନରେ ହିଂସା, ରକ୍ତପାତ ଓ ଅରାଜକତା ସୃଷ୍ଟି କରିଚାଲିଛନ୍ତି। ୧୯୬୭ ମସିହାରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗର ଶିଲିଗୁଡି-ଦାର୍ଜିଲିଂ ଅଞ୍ଚଳର ଏକ ଛୋଟ ଗ୍ରାମ ନକ୍ସଲବାଡିରୁ ମୁଣ୍ଡ ଟେକିଥିବା ଏହି ହିଂସାତ୍ମକ ଚାଷୀ ଆନ୍ଦୋଳନ ପରବର୍ତ୍ତୀ ସମୟରେ ଦେଶର ବହୁ ରାଜ୍ୟକୁ ବ୍ୟାପି ଯାଇଥିଲା। ଗୋଟିଏ ସମୟରେ ଆମ ଦେଶର ୧୯ଟି ରାଜ୍ୟରେ ନକ୍ସଲପନ୍ଥୀ ବା ମାଓବାଦୀମାନେ ସେମାନଙ୍କର ପ୍ରଭାବ ପତିଆରା ଜାହିର କରିଥିଲେ, ଯାହା ସାମଗ୍ରିକ ଭାବରେ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ବଡ଼ ଆହ୍ୱାନ ରୂପେ ଦେଖାଦେଲା। କେବଳ ସୁରକ୍ଷାକର୍ମୀ ବା ଧନୀ ଜମିଦାର୍ ସେମାନଙ୍କ ହିଂସାତ୍ମକ ଆକ୍ରମଣର ଶିକାର ହେଲେ ନାହିଁ, ଇନଫର୍ମର୍ ସନ୍ଦେହରେ ଅନେକ ନିରୀହ ନାଗରିକଙ୍କ ଜୀବନ ମଧ୍ୟ ସେମାନେ ଲୁଟି ନେଇଥିଲେ। ତେବେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁ ନକ୍ସଲ ଆନ୍ଦୋଳନ ଅନେକାଂଶରେ ନିୟନ୍ତ୍ରଣାଧୀନ ହୋଇପାରିଛି। ଏବେ ଦେଶର ଅଳ୍ପ କେତୋଟି ରାଜ୍ୟରେ ସେମାନଙ୍କ କାର୍ଯ୍ୟକଳାପ ସୀମିତ ରହିଛି, ଯାହା ମଧ୍ୟରେ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ଏବଂ ଆମ ଓଡ଼ିଶାର କିଛି ଅଞ୍ଚଳ ଅନ୍ତର୍ଭୁକ୍ତ। ଏହିସବୁ ରାଜ୍ୟ ମଧ୍ୟରୁ ଛତିଶଗଡ଼କୁ ନକ୍ସଲପନ୍ଥୀଙ୍କ ଏକ ଅଭେଦ୍ୟ ଗଡ଼ ରୂପେ ବିଚାର କରାଯାଉଛି। ଏଠାରେ ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କର ବହୁ ସମୟରେ ସଂଘର୍ଷ ଓ ଗୁଳି ବିନିମୟ ହେବାର ଦେଖାଯାଇଥାଏ। ଏହି ଦୀର୍ଘକାଳୀନ ଅଭିଯାନରେ ଉଭୟ ପକ୍ଷରୁ ଅସଂଖ୍ୟ ଜୀବନହାନି ହୋଇଛି। ଏଇ କିଛିଦିନ ହେଲା ଛତିଶଗଡ଼ରେ ମାଓ ଦମନ ଅଭିଯାନ ଖୁବ୍ ଜୋରଦାର ହେବା ସଙ୍ଗେ ସଙ୍ଗେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ବହୁ ସଂଖ୍ୟକ ମାଓବାଦୀ ପ୍ରାଣହରାଇଥିବା ଖବର ହସ୍ତଗତ ହୋଇଛି। କିଛିଦିନ ତଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ବିଜାପୁର ଏବଂ ଦାନ୍ତେୱାଡ଼ାରେ ଯବାନ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩୦ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରୁ ୨୬ଜଣ ବିଜାପୁରରେ ଓ ୪ଜଣ ଦାନ୍ତେୱାଡାରେ ମରିଥିବା ବେଳେ ଜଣେ ଯବାନ୍ ଶହୀଦ ହୋଇଥିଲେ। ଏହି ଘଟଣା ପରେ ମାଓ ଦମନ ଅଭିଯାନକୁ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ବସ୍ତର ଆଇ.ଜି ସୂଚନା ଦେଇଥିଲେ ଏବଂ ଏଯାବତ୍ ଏହା ଅବ୍ୟାହତ ରହିଛି। ମାଓ ଦମନ କ୍ଷେତ୍ରରେ ଛତିଶଗଡ଼ ସରକାରଙ୍କ ସଫଳତାକୁ କେନ୍ଦ୍ର ଗୃହମନ୍ତ୍ରୀ ଭୂୟସୀ ପ୍ରଶଂସା କରିଥିଲେ। ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ଗୃହମନ୍ତ୍ରୀ କହିଥିଲେ ଯେ, ମୋଦି ସରକାର ନକ୍ସଲଙ୍କ ପ୍ରତି ନିର୍ଦ୍ଦୟ ଆଭିମୁଖ୍ୟ ପୋଷଣ କରିବା ସଙ୍ଗେ ସଙ୍ଗେ ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି। ମାଓ ସଂଗଠନର କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟ ବୁଧବାର ଦିନ ଏକ ବୟାନ ଜାରିକରି ସ୍ୱୀକାର କରିଛନ୍ତି ଯେ ଗତ ୧୫ମାସରେ ସେମାନଙ୍କର ୪ଶହ ସାଥୀ ନିପାତ ହୋଇଛନ୍ତି। ତେଣୁ ସରକାରଙ୍କ ଏହି ନିପାତ ଅଭିଯାନ ବନ୍ଦ ହେଲେ ଅସ୍ତ୍ରବିରତି କରିବାକୁ ସେମାନେ ସମ୍ମତ ଅଛନ୍ତି। ତାଙ୍କର ଏହି ସୂଚନା ଦେଶକୁ ମାଓମୁକ୍ତ କରିବା କ୍ଷେତ୍ରରେ କିଛିଟା ଆଶାର ଆଲୋକ ଦେଲା ଭଳି ମନେ ହେଉଛି।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ମୁକ୍ତି ଯଜ୍ଞର ଅମର ଶହୀଦ ରଘୁ-ଦିବାକର



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

୧୯୪୧ ଏପ୍ରିଲ ୪ ତାରିଖ ଓଡ଼ିଶା ଇତିହାସରେ ଲିପିବଦ୍ଧ ହୋଇ ରହିଯାଇଛି ରକ୍ତାକ୍ଷରରେ। ଏହିଦିନ ପ୍ରତ୍ୟୁଷରେ ସୁଦୂର ଭାଗଲପୁର ଜେଲ୍‌ରେ ଦୁଇଜଣ ଉଦୀୟମାନ ଓଡ଼ିଆ ଯୁବନେତା ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ବ୍ରିଟିଶ ପ୍ରଶାସନ ଝୁଲାଇ ଦେଇଥିଲା ଫାଶୀ ଖୁଣ୍ଟରେ। ଦେଶ ପାଇଁ ଶହୀଦ ହୋଇଥିବା ରଣପୁର ଗଡ଼ଜାତ ଅଞ୍ଚଳର ଏହି ଦୁଇ ବିପ୍ଳବୀଙ୍କ ମରଶରୀରକୁ ସେମାନଙ୍କ ପରିବାର କିମ୍ବା ଆତ୍ମୀୟସ୍ୱଜନଙ୍କୁ ହସ୍ତାନ୍ତର କରାନଯାଇ ବର୍ବର ବ୍ରିଟିଶ ପ୍ରଶାସନ ପୋଡ଼ି ଦେଇଥିଲା ଭାଗଲପୁରରେ।

ଏହି ଦୁଇ ଶହୀଦଙ୍କ ଶରୀର ଦୁଇଟି ଥିଲେ ମଧ୍ୟ ଲକ୍ଷ୍ୟ ଓ ଆତ୍ମା ଥିଲା ଗୋଟିଏ। ସେଇଥିପାଇଁ ଏବେବି ଲୋକେ ଏମାନଙ୍କୁ ସମ୍ମାନ ଓ ଶ୍ରଦ୍ଧାର ସହ ସମ୍ବୋଧନ କରନ୍ତି ଶହୀଦ ରଘୁ-ଦିବାକର ନାମରେ। ୧୯୩୧ ମାର୍ଚ୍ଚ ୨୩ ତାରିଖରେ ଅମର ଶହୀଦ ଭଗତ୍ ସିଂ ଏବଂ ତାଙ୍କ ସମର୍ଥକ ରାଜଗୁରୁ ଓ ସୁଖଦେବଙ୍କୁ ସେମାନଙ୍କ ଦେଶପ୍ରେମ ପାଇଁ ଫାଶୀ ଖୁଣ୍ଟରେ ଝୁଲିବାକୁ ପଡିଥିଲା। ୧୯୪୩ ମାର୍ଚ୍ଚ ୨୯ରେ ବ୍ରହ୍ମପୁର କେନ୍ଦ୍ର ଜେଲ୍‌ରେ ଯୁବ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯାଇଥିଲା। କନିକା ପ୍ରଜା ଆନ୍ଦୋଳନ ସମୟରେ ବାସୁ-ବିଶୁନିଙ୍କୁ ଅତ୍ୟାଚାରୀ ରାଜତନ୍ତ୍ରର ପୃଷ୍ଠପୋଷକ ବ୍ରିଟିଶ ପୋଲିସ ଗୁଳିମାରି ହତ୍ୟା କରିଥିଲା। ଦେଶ ମାତୃକାର ଚରଣ କମଳକୁ ନିଜ ରକ୍ତରେ ଧୌତ କରିଥିବା ଏଭଳି ସମର୍ପିତ ସଂଗ୍ରାମୀଙ୍କ ତାଲିକା ବେଶ୍ ଲମ୍ବା। ଏ ମାଟି ବଳିଦାନର ଏବଂ ସେବା, ସମର୍ପଣ ଓ ତ୍ୟାଗର- ଏହା ବାରମ୍ବାର ପ୍ରମାଣ କରିଯାଇଛନ୍ତି ଆମର ଅମର ଶହୀଦମାନେ।

ଫାଶୀ ଖୁଣ୍ଟରେ ଝୁଲିବାବେଳକୁ ରଘୁ-ଦିବାକରଙ୍କ ବୟସ ଥିଲା ୩୦-୩୧ ବର୍ଷ। ରଘୁନାଥ ମହାନ୍ତି ଥିଲେ ଦିବାକର ପରିଡାଙ୍କ ଠାରୁ ଅଳ୍ପ କେଇମାସ ବଡ଼। କୌଣସି ଅପରାଧରେ ଲିପ୍ତ ନଥାଇ ମଧ୍ୟ ପ୍ରତିହିଂସା ପରାୟଣ ପ୍ରଶାସନ ଓ ତାହାର ଅନୁଗତ ରାଜତନ୍ତ୍ର ଏହି ଦେଶପ୍ରେମୀ ଦୁଇ ବନ୍ଧୁଙ୍କୁ ମିଥ୍ୟା ମାମଲାରେ ଛନ୍ଦି ପ୍ରାଣଦଣ୍ଡାଦେଶରେ ଦଣ୍ଡିତ କରିଥିଲା। ବସ୍ତୁତଃ ସେମାନଙ୍କ ବିରୋଧରେ ଆଗତ ମିଥ୍ୟା ମାମଲାର ବିଚାର ଏକ ପ୍ରହସନ ଥିଲା। ବର୍ତ୍ତମାନର ପିଢି ହୁଏତ ବିଶ୍ୱାସ କରିବେ ନାହିଁ ଯେ ସ୍ୱାଧୀନତା ଆନ୍ଦୋଳନ କାଳରେ ଅତ୍ୟାଚାରୀ ରାଜତନ୍ତ୍ର ଓ ବର୍ବର ବ୍ରିଟିଶ ପ୍ରଶାସନ ଲୋକମତକୁ ଦବାଇବା ପାଇଁ କେତେ ତଳ ସ୍ତରକୁ ଚାଲିଯାଉଥିଲା। ଶୋଷଣ, ଅତ୍ୟାଚାର, ନିର୍ଯାତନା, ମିଥ୍ୟା ମାମଲା ଆଦିର ସୀମା ସରହଦ କିଛି ନଥିଲା। ଲକ୍ଷ୍ମଣ ନାୟକଙ୍କୁ ମିଛ ମାମଲାରେ ଫାଶୀ ଦିଆଯାଇଥିବା ବେଳେ ମା' ରମାଦେବୀଙ୍କୁ ଝିଅ ଅପହରଣ ମାମଲାରେ କାରା ଦଣ୍ଡାଦେଶ ହୋଇଥିଲା। ଅନ୍ୟତମ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କୁ ଲଙ୍ଗଳ ଚୋରି ଭଳି ମିଛ ମାମଲାରେ ଗିରଫ କରାଯାଇଥିଲା। ଏଭଳି ତାଲିକା ଢେର ଲମ୍ବା। ଏସବୁ ସତ୍ତ୍ୱେ ବି ବ୍ରିଟିଶ ଓ ରାଜତନ୍ତ୍ରର ଅନୁଗତ ହୋଇ ସ୍ରୋତର ଅନୁକୂଳରେ ମଲା ମୁର୍ଦ୍ଦାର ଭଳି ଭାସିବା ପରିବର୍ତ୍ତେ ପ୍ରତିକୂଳ ଦିଗରେ ସନ୍ତରଣ କରି ଯେଉଁମାନେ ନିଜ ଜୀବନକୁ ସାର୍ଥକ କରୁଥିଲେ ସେହିମାନେ ଇତିହାସ ପୃଷ୍ଠାରେ ରହିଯାଇଛନ୍ତି ଜାତିସ୍ମର ହୋଇ।

ଇଂରେଜମାନେ ଭାରତ ଅଧିକାର କରିବା ପୂର୍ବରୁ ବସ୍ତୁତଃ ଅନେକ ଦେଶୀୟ ରାଜା ଓ ଜମିଦାର ସେମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ ସାଧନ, ଅହଙ୍କାର ଓ ପରସ୍ପର ବିରୁଦ୍ଧରେ ଶତ୍ରୁତା ପାଇଁ ବ୍ରିଟିଶମାନଙ୍କ ଶରଣାପନ୍ନ ହୋଇ ଆମ ମାଟି ମା'କୁ ସେମାନଙ୍କ ହାତରେ ଟେକି ଦେଉଥିଲେ। ଅବଶ୍ୟ ଲକ୍ଷ୍ମୀବାଇ, ଦୁର୍ଗାବତୀ ଆଦିଙ୍କ ଭଳି କେତେକ ରାଣୀ ମାତୃଭୂମିର ଟେକ ରଖିବା ଲାଗି ବ୍ରିଟିଶ ବିରୁଦ୍ଧରେ ସାଲିସ ବିହୀନ ସଂଗ୍ରାମ କରି ଜୀବନ ବିସର୍ଜନ କରିଥିଲେ। ଓଡ଼ିଶାର ସମୃଦ୍ଧ ଇତିହାସ ପୃଷ୍ଠାରେ ପାଇକ ବିଦ୍ରୋହ ଠାରୁ ଆରମ୍ଭ କରି କନ୍ଧ, ଭୂୟାଁ, ସାନ୍ତାଳ ଆଦିଙ୍କ ସଂଗ୍ରାମ ଏବଂ ବୀର ସୁରେନ୍ଦ୍ର ସାଏ, ଘେଁସ ଜମିଦାର ପରିବାର, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, କୃତିବାସ ପାଟଶାଣୀ, ଧରଣୀଧର ଭୂୟାଁ, ନିର୍ମଳ ମୁଣ୍ଡା, ଦୋରା ବିଷୋୟୀ, ଚକରା ବିଷୋୟୀ, କଷ୍ଟି ଡାକୁଆଙ୍କ ଭଳି ବୀରମାନଙ୍କ ଅଭୂତପୂର୍ବ ସଂଗ୍ରାମର ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଢେଙ୍କାନାଳ ଗଡ଼ଜାତରେ ଦେଶର ସର୍ବକନିଷ୍ଠ ଶହୀଦ ହେବାର ଗୌରବ ପାଇଥିଲେ ବାଳକ ବାଜି ରାଉତ। ଢେଙ୍କାନାଳ, ତାଳଚେର, ନୟାଗଡ଼, ସୋନପୁର, ନୀଳଗିରି, ରଣପୁର, ଗାଙ୍ଗପୁର ଆଦି ଗଡ଼ଜାତ ଅଞ୍ଚଳରେ ସାମ୍ରାଜ୍ୟବାଦ ଓ ସାମନ୍ତବାଦ ବିରୋଧରେ ସଂଗ୍ରାମ କରି ଉତ୍କଳ ଜନନୀର ଅନେକ ସୁପୁତ୍ର ଶହୀଦ ହୋଇଛନ୍ତି। ଗାଙ୍ଗପୁର ରାଜ୍ୟର ଆମ୍‌କୋ-ସିମ୍‌କୋରେ ତ ଗୋଟିଏ ଦିନରେ ପ୍ରାୟ ୪୦ଜଣ ଆଦିବାସୀଙ୍କୁ ହତ୍ୟା କରାଯିବା ଭଳି ବର୍ବର ଘଟଣା ଇତିହାସର କଥାବସ୍ତୁ।

୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା ଅବିଭକ୍ତ କୋରାପୁଟ, ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାକୁ ନେଇ। ଅବଶିଷ୍ଟ ଅଞ୍ଚଳ ଗଡ଼ଜାତ ନାମରେ ନାମିତ ଥିଲା। ଏହି ଗଡ଼ଜାତଗୁଡ଼ିକ ଇଂରେଜ ଅନୁଗତ ରାଜା ଓ ଜମିଦାରମାନଙ୍କ ଦ୍ୱାରା ଶାସିତ ହେଉଥିଲା। ଓଡ଼ିଶାର ଏଭଳି ଅନେକ ଗଡ଼ଜାତ ଭିତରୁ ରଣପୁର ଗୋଟିଏ। ସେତେବେଳେ ରଣପୁରର ପକ୍ଷାଘାତଗ୍ରସ୍ତ ରାଜା କୃଷ୍ଣଚନ୍ଦ୍ର ସିଂହଦେଓ ନରେନ୍ଦ୍ର ବଜ୍ରଧର ମହାପାତ୍ର ଅତ୍ୟନ୍ତ ଜିଦ୍‌ଖୋର ଓ ତୋଷାମଦ ପ୍ରିୟ ଥିଲେ। ରାଜାଙ୍କର ରାଣୀ, ଯୁବରାଜ ଓ ଯୁବରାଣୀଙ୍କ ସହ ସମ୍ପର୍କ ବିଗାଡି ଥିଲେ ତୋଷାମଦିଆ କିଛି ରାଜ କର୍ମଚାରୀ। ବସ୍ତୁତଃ ଚଳପ୍ରଚଳ କରିପାରୁନଥିବା ରାଜାଙ୍କୁ ଏହି ତୋଷାମଦିଆ ରାଜକର୍ମଚାରୀମାନେ ଖେଳନା କଣ୍ଢେଇ ଭଳି ନଚାଇ ଗାଁରେ ଗାଁରେ ଶୋଷଣ ଓ ଅତ୍ୟାଚାର ଚଳାଇ ନିଜର ଫାଇଦା ଉଠାଉଥିଲେ। ଏହାର ପ୍ରତିବାଦ କରିବା ପାଇଁ ରଣପୁରରେ ପ୍ରଜା ଆନ୍ଦୋଳନ ମୁଣ୍ଡ ଟେକିଲା। ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି, ଦିବାକର ପରିଡା ଆଦି ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଉଥିଲେ। ଏ ପରିପ୍ରେକ୍ଷୀରେ ଲୋକଙ୍କୁ ଦବାଇବା ପାଇଁ ଅନ୍ୟ ରାଜ୍ୟରୁ ପୋଲିସ ମଗାଇ ଗାଁରେ ଗାଁରେ ନାହିଁ ନଥିବା ଅତ୍ୟାଚାର ଚାଲିଲା। ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ପ୍ରାଣନାଥ ପଟ୍ଟନାୟକ, ଗୋକୁଳ ମୋହନ ରାୟ ଚୁଡାମଣି, ଗଙ୍ଗାଧର ପାଇକରାୟ, ପର୍ଶୁରାମ ପଦାତିକ ରାୟ, ଗଙ୍ଗାଧର ମିଶ୍ର, ଦାମୋଦର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ମୁରାରି ତ୍ରିପାଠୀ, ଲକ୍ଷ୍ମଣ ପଟ୍ଟନାୟକ ପ୍ରମୁଖ ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନକୁ ତେଜାଉଥିଲେ। ୧୯୩୮ ନଭେମ୍ବର ମାସରେ ରଣପୁରରେ ପ୍ରଜାମଣ୍ଡଳର ଏକ ବିଶାଳ ସମାବେଶ ହୋଇଥିଲା। ଏଥିରେ ଭୟଭୀତ ହୋଇ ଦେୱାନ ରାଜ୍ୟଛାଡି ପଳାଇବାବେଳେ ସହକାରୀ ଦେୱାନ ତାଙ୍କର କୋପ ଦେଖାଉଥିଲେ। ଆନ୍ଦୋଳନକୁ ଦମନ କରିବା ପାଇଁ ବୌଦ୍ଧରୁ ପୋଲିସ ଫୋର୍ସ ଅଣାଯାଇ ପ୍ରଜାମଣ୍ଡଳର ବହୁ ନେତାଙ୍କ ଘର ଖାନତଲାସ କରାଯିବା ସହ କେତେକ ନେତାଙ୍କୁ ପୋଲିସ ଧରିନେଇ ରଣପୁର ଜେଲରେ ରଖିଥିଲା। ଏମାନଙ୍କୁ କାଳେ ହତ୍ୟା କରାଯିବ ସେହି ଆଶଙ୍କାରେ ୧୯୩୯ ଜାନୁୟାରୀ ୫ ତାରିଖରେ ହଜାର ହଜାର ଲୋକ ରଣପୁର ରାଜବାଟୀ ଆଗରେ ସମବେତ ହୋଇ ଗିରଫ ହୋଇଥିବା ପ୍ରଜାମଣ୍ଡଳର ସମସ୍ତ ନେତାଙ୍କୁ ଛାଡିଦେବା ପାଇଁ ଦାବି କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଅଥର୍ବ ରାଜା ଓ ତାଙ୍କ ମନ୍ତ୍ରଣାଦାତା ସହକାରୀ ଦେୱାନଙ୍କର ସାହସ ନପାଇବାରୁ ସେମାନେ ନୟାଗଡ଼ରେ ଡେରା ପକାଇଥିବା ପଲିଟିକାଲ୍ ଏଜେଣ୍ଟ ମେଜର ଆର୍. ଏଲ୍. ବେଜେଲ୍‌ଗେଟ୍‌ଙ୍କ ସହାୟତା ନେଲେ।

ସଶସ୍ତ୍ର ପୁଲିସ ସହ ବେଜେଲ୍‌ଗେଟ୍ ରଣପୁର ଗଡ଼କୁ ଆସିବା ବାଟରେ ଲୋଧାଚୁଆଠାରେ ଗଛ କଟାହୋଇ ରାସ୍ତା ଅବରୋଧ ଥିଲା। ଗାଁ ଲୋକଙ୍କୁ ବେଜେଲ୍‌ଗେଟ୍‌ର ସଶସ୍ତ୍ର ବାହିନୀ ରାସ୍ତା ସଫା କରିବା ପାଇଁ ହୁକୁମ୍ ଦେଲେ ବି ସେମାନେ ମାନିଲେନାହିଁ। ଫଳସ୍ୱରୂପ ଲୋଧାଚୁଆର ଚକ୍ର ରାଉତ ଓ ଭୋବନୀ ପୃଷ୍ଟି ସଶସ୍ତ୍ର ବାହିନୀର ଆକ୍ରମଣରେ ଗୁରୁତର ଭାବେ ଆହତ ହେଲେ। ବେଜେଲ୍‌ଗେଟ୍ ରଣପୁର ଗଡ଼ରେ ପହଞ୍ଚିବା ପରେ ପରେ ଭୋବନୀ ଓ ଚକ୍ରଙ୍କୁ ଶଗଡ଼ ଗାଡିରେ ପକାଇ ଲୋକେ ଆଣୁଥିଲେ ଚିକିତ୍ସା ପାଇଁ। ସେତେବେଳକୁ ରଘୁନାଥ ମହାନ୍ତି ଓ ଦିବାକର ପରିଡା ପ୍ରଜାମଣ୍ଡଳର ଦାବି ହାସଲ ପାଇଁ ରାଜ ଉଆସ ଭିତରେ ଆଲୋଚନା କରୁଥାନ୍ତି। ଆହତମାନଙ୍କୁ ଚିକିତ୍ସା ଲାଗି ଆଣୁଥିବା ଶଗଡ଼ ରଣପୁର ଗଡ଼ରେ ପହଞ୍ଚିବା ପୂର୍ବରୁ ଗୁଜବ ପ୍ରଚାରିତ ହୋଇଯାଇଥିଲା ଯେ, ବେଜେଲ୍‌ଗେଟ୍ ସେମାନଙ୍କୁ ମାରି ଦେଇଛି ବୋଲି। ଏ ପ୍ରସଙ୍ଗରେ ଉତ୍ତ୍ୟକ୍ତ ଲୋକଙ୍କ ସହ ବେଜେଲ୍‌ଗେଟ୍ ଓ ତାର ସହଯୋଗୀମାନଙ୍କର ଯୁକ୍ତିତର୍କ ଚାଲୁଥିବାବେଳେ ହଠାତ୍ ବେଜେଲ୍‌ଗେଟ୍ ଗୁଳି ଚଳାଇବାରୁ ମୟୂରଝାଲିଆ ଗାଁର ଯୁବକ ଅର୍ଜୁନ ରାଉତ ଘଟଣାସ୍ଥଳରେ ଟଳି ପଡିଲେ। ପୁଣି ସେ ଆଉ ଏକ ରାଉଣ୍ଡ ଗୁଳି ଚଳାଇବାକୁ ଉପକ୍ରମ କରିବାବେଳେ ଠେଙ୍ଗା ମାଡ଼ରେ ତା' ହାତରୁ ରିଭଲଭର ଖସିପଡିଲା। ଜୀବନ ବଞ୍ଚାଇବା ପାଇଁ ବେଜେଲ୍‌ଗେଟ୍ ନିକଟସ୍ଥ ବିମ୍ବା ପଡିଆରୀଙ୍କ ବାରଣ୍ଡାକୁ ଉଠିଯାଇ ସେଠି ଆଉଜା ହୋଇଥିବା ଶଗଡ଼ ଚକ ଆଢୁଆଳରେ ଲୁଚି ଯାଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ତାକୁ ପିଟି ପିଟି ମାରିଦେଲେ। ପ୍ରତ୍ୟକ୍ଷଦର୍ଶୀମାନେ କହନ୍ତି ଯେ ଯାହାଙ୍କ ଠେଙ୍ଗା ପ୍ରହାରରେ ବେଜେଲ୍‌ଗେଟ୍‌ର ମୃତ୍ୟୁ ହେଲା ସେ ସପରିବାର ରଣପୁର ଛାଡ଼ି ସୁବର୍ଣ୍ଣପୁର ରାଜ୍ୟରେ ବହୁବର୍ଷ ଧରି କର୍ମକାଣ୍ଡ କରି ଚଳୁଥିଲେ। ହତ୍ୟାକାଣ୍ଡ ସ୍ଥଳରେ ରଘୁନାଥ ମହାନ୍ତି କିମ୍ବା ଦିବାକର ପରିଡା ଉପସ୍ଥିତ ନଥିଲେ। ତେବେ ଏହି ଘଟଣା ପରେ ରାଜ ପ୍ରଶାସନ ଭୀତତ୍ରସ୍ତ ହୋଇ ଜେଲରେ ଅଟକ ଥିବା ରାଜବନ୍ଦୀମାନଙ୍କୁ ଛାଡି ଦେଇଥିଲେ।

**ଗାନ୍ଧୀ ବିଚାର**

ଏଠାରେ ଉଲ୍ଲେଖନୀୟ ଯେ ପ୍ରଜା ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ରାଜାଙ୍କ ପକ୍ଷରୁ ସହକାରୀ ଦେୱାନ ରଘୁ-ଦିବାକରଙ୍କ ସମେତ ପ୍ରଜାମଣ୍ଡଳର ଅନ୍ୟ ଅଗ୍ରଗଣ୍ୟ ନେତାମାନଙ୍କୁ ଅନେକ ପ୍ରଲୋଭନ ଦେଖାଇଥିଲେ ମଧ୍ୟ ସେମାନେ ସେ ସବୁକୁ ପ୍ରତ୍ୟାଖ୍ୟାନ କରି ଅତ୍ୟାଚାରିତ ଓ ଶୋଷିତ ଲୋକମାନଙ୍କ ପାଇଁ ସଂଗ୍ରାମ କରିବାକୁ ସଙ୍କଳ୍ପ କରିଥିଲେ। ଏମାନେ ଥିଲେ ସଚ୍ଚା ଦେଶପ୍ରେମୀ। ପୁରୀ ଜିଲ୍ଲା କଂଗ୍ରେସ ସହିତ ଏମାନେ ଜଡ଼ିତ ଥିଲେ। ଏମିତିକି ୧୯୩୮ ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ବେରବୋଇ ଗସ୍ତ ସମୟରେ ରଘୁ-ଦିବାକର ସକ୍ରିୟ ସ୍ୱେଚ୍ଛାସେବକ ଭାବେ କାର୍ଯ୍ୟ କରୁଥିଲେ। ବେଜେଲ୍‌ଗେଟ୍ ହତ୍ୟା ଘଟଣା ବ୍ରିଟିଶ ପାର୍ଲିଆମେଣ୍ଟରେ ମଧ୍ୟ ଉଠିଥିଲା। ମେଜର ବେଜେଲ୍‌ଗେଟ୍‌ଙ୍କୁ କେଉଁ ପ୍ରକାର ଅସ୍ତ୍ରରେ ହତ୍ୟା କରାଯାଇଥିଲା ତାହା ଜାଣିବା ପାଇଁ ସାଂସଦମାନେ ଆଗ୍ରହ ପ୍ରକାଶ କରିଥିଲେ। ରଣପୁର ଜଙ୍ଗଲରୁ ବାଉଁଶ କାଟି ତାହାକୁ ଭଲରେ ସେକାସେକି କରି ପ୍ରାୟ ୫ଶହ ଠେଙ୍ଗା ପଠାଯାଇଥିଲା ଲଣ୍ଡନ। ସେ ସମୟରେ ବ୍ରିଟିଶ ପାର୍ଲିଆମେଣ୍ଟର ଜଣେ ସାଂସଦ କହିଥିଲେ, 'ଦି ସପ୍ରେସ୍‌ଡ ଫିଲିଂ ଅଫ୍ ଆନ୍ ଅପ୍ରେସ୍‌ଡ ନେସନ୍ ଫାଉଣ୍ଡ ଏକ୍ସପ୍ରେସନ୍ ଇନ୍ ଦି ମର୍ଡର ଅଫ୍ ମେଜର୍ ବେଜେଲ୍‌ଗେଟ୍।' ବେଜେଲ୍‌ଗେଟ୍ ହତ୍ୟା ଓ ରଣପୁର ପ୍ରଜା ଆନ୍ଦୋଳନ ସଂପର୍କରେ ମହାତ୍ମା ଗାନ୍ଧୀ ଓ ନବକୃଷ୍ଣ ଚୌଧୁରୀଙ୍କ ଅନେକ ବକ୍ତବ୍ୟ ଓ ପତ୍ର ସେତେବେଳେ ୟଙ୍ଗ ଇଣ୍ଡିଆ, ନବଜୀବନ, ହରିଜନ ଆଦି ପତ୍ର ପତ୍ରିକାରେ ପ୍ରକାଶ ପାଉଥିଲା। ଏହାର ଝଲକ ମଧ୍ୟ 'କଲେକ୍ଟେଡ୍ ୱାର୍କ ଅଫ୍ ମହାତ୍ମା ଗାନ୍ଧୀ'ରେ ଦେଖିବାକୁ ମିଳେ।



୧୯୩୯ ଜାନୁଆରୀ ୫ ତାରିଖରେ ବେଜେଲ୍‌ଗେଟ୍ ହତ୍ୟାକାଣ୍ଡ ଘଟିଥିବାବେଳେ ଫେବୃୟାରୀ ୯ ତାରିଖରେ ରଣପୁର ଥାନାର ଜଣେ ସବ୍ ଇନ୍‌ସପେକ୍ଟରଙ୍କଠାରୁ ଲେଖାଇ ନିଆଯାଇଥିବା ରିପୋର୍ଟ ଆଧାରରେ ବେଜେଲ୍‌ଗେଟ୍ ହତ୍ୟାକାଣ୍ଡ ପାଇଁ ମଦନମୋହନ ଦାସ, ରଘୁନାଥ ମହାନ୍ତି, ଦିବାକର ପରିଡା, ଅଗାଧୁ ବରାଡ଼ ଆଦିଙ୍କୁ ଦାୟୀ କରି ଏତଲା ଲେଖାଗଲା ଓ ତାହାରି ଆଧାରରେ ୧୦୪ଜଣଙ୍କ ବିରୁଦ୍ଧରେ ହତ୍ୟା ଓ ହତ୍ୟା ଷଡଯନ୍ତ୍ର ମାମଲା ରୁଜୁ ହେଲା। ଦୀନବନ୍ଧୁ ସାହୁଙ୍କ ଭଳି ପ୍ରଖ୍ୟାତ ଓକିଲ କଟକରୁ ଯାଇ ଅଭିଯୁକ୍ତମାନଙ୍କ ସପକ୍ଷରେ ମାମଲା ଲଢୁଥିଲେ। ବେଜେଲ୍‌ଗେଟ୍ ହତ୍ୟାକାଣ୍ଡ ପରେ ଚାଲିଥିବା ଅତ୍ୟାଚାର ଯୋଗୁ ଅନେକ ଗାଁ ଜନମାନବଶୂନ୍ୟ ହୋଇ ଯାଇଥିଲା। ଏକ ତରଫା ବିଚାର କରି ରଘୁ-ଦିବାକର ଓ ଚିନ୍ତା ନାୟକଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ପାଟ୍‌ନା ହାଇକୋର୍ଟରେ ଚିନ୍ତା ନାୟକ ପ୍ରାଣଦଣ୍ଡାଦେଶରୁ ମୁକ୍ତ ହୋଇଥିଲେ ମଧ୍ୟ ରଘୁ-ଦିବାକରଙ୍କ ଦଣ୍ଡାଦେଶ କାୟମ ରହିଲା ଏବଂ ଅନ୍ୟ ଅନେକ ଅଭିଯୁକ୍ତଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଗଲା।

ହତ୍ୟାକାଣ୍ଡରେ ସମ୍ପୃକ୍ତ ନଥାଇ ମଧ୍ୟ ବିପ୍ଳବୀ ରଘୁ-ଦିବାକରଙ୍କ ଭଳି ଦୁଇଜଣ ଉଦୀୟମାନ ଯୁବନେତାଙ୍କୁ ଭାଗଲପୁର ଜେଲରେ ୧୯୪୧ ଏପ୍ରିଲ ୪ ତାରିଖରେ ଫାଶୀ ଦିଆଗଲା। ଦେଶ ମୁକ୍ତି ଯଜ୍ଞରେ ଏମାନଙ୍କ ବଳିଦାନ କାଳକାଳ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଗଲା। ଯେଉଁ ଲକ୍ଷ୍ୟ ଓ ଆଦର୍ଶ ପାଇଁ ପ୍ରାକ୍ ସ୍ୱାଧୀନତା କାଳରେ ରଘୁ-ଦିବାକରଙ୍କ ଭଳି ହଜାର ହଜାର ମୁକ୍ତି ପିପାସୁ ଶହୀଦ ହୋଇଥିଲେ ଏବଂ ଲକ୍ଷ ଲକ୍ଷ ସଂଗ୍ରାମୀ କାରା ଓ ନିର୍ଯାତନା ବରଣ କରିଥିଲେ ତାହା ସ୍ୱାଧୀନତା ପ୍ରାପ୍ତିର ୭୮ବର୍ଷରେ କେତେଦୂର ହାସଲ କରାଯାଇଛି ତାହାର ସମୀକ୍ଷା ଆମେ କରୁଛେ ତ? ଦେଶ ପାଇଁ ଯେଉଁମାନେ ଶହୀଦ ହୋଇଗଲେ ସେମାନେ ମରି ବି ଅମର। ଅନ୍ୟପକ୍ଷରେ ସ୍ୱାଧୀନତାର ସୌଧକୁ ଯେଉଁମାନେ ଦୁର୍ବଳ କରୁଛନ୍ତି ସେମାନେ ବଞ୍ଚି ବି ମଲାଭଳି। ଶୋଷଣ କଷଣର ଅନ୍ତ ଘଟାଇ ସମତା ଭିତ୍ତିକ ସାମ୍ୟ ସମାଜ ଗଠନ ଲାଗି ସ୍ୱରାଜ ସଂଗ୍ରାମର ଯେଉଁ ଘୋଷିତ ପ୍ରତିଶ୍ରୁତିମାନ ଥିଲା ତାହା ଏବେ ବି ହାସଲ ହୋଇନାହିଁ। ବସ୍ତୁତଃ ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେବା ବେଳକୁ ଜାତିର ଜନକ ମହାତ୍ମା ଗାନ୍ଧୀ ସ୍ପଷ୍ଟ ଭାବେ କହିଥିଲେ ଯେ ଯେଉଁ ସ୍ୱରାଜ ହାସଲ ପାଇଁ ହଜାର ହଜାର ସଂଗ୍ରାମୀ ବଳିଦାନ ଦେଇଛନ୍ତି ଓ ଲକ୍ଷଲକ୍ଷ କାରା ଓ ନିର୍ଯାତନା ବରଣ କରିଛନ୍ତି ତାହା ମିଳିନାହିଁ। ଏହା ହାସଲ କରିବାକୁ ବାପୁଜୀ ପୁଣି ଲମ୍ବା ଲଢ଼େଇ ଲଢ଼ିବାକୁ ଯେଉଁ ଆହ୍ୱାନ ଦେଇଥିଲେ ତାହା ଏବେ ଅଧିକ ପ୍ରାସଙ୍ଗିକ ମନେ ହେଉଛି।

# ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ...



ରାକେଶ ପଣ୍ଡା
ବନ୍ଧାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

କିଛିଦିନ ତଳେ, ରେଳରେ ଯାତ୍ରା କରିବା ସମୟରେ ଦୁଇଜଣ ସହଯାତ୍ରୀଙ୍କର ବାର୍ତ୍ତାଳାପ ମୋତେ ଆକୃଷ୍ଟ କରିଥିଲା ସେମାନଙ୍କ କଥା ଶୁଣିବା ନିମନ୍ତେ। ପାଖାପାଖି ବୟସର ହେବା କାରଣରୁ, କିଛି ସମୟ ଅତିବାହିତ ପରେ, ଦୁହେଁ କିଛି ବୃତ୍ତିଗତ, ଶିକ୍ଷାଗତ ଓ ବ୍ୟକ୍ତିଗତ କଥା ହେଲା ମଧ୍ୟରେ ଜଣେ ଅନ୍ୟଜଣଙ୍କର ନାମ ପଚାରିଥିଲେ। ପ୍ରତିଉତ୍ତରରେ ଦ୍ୱିତୀୟ ବ୍ୟକ୍ତି ଜଣଙ୍କ କହିଲେ, ମୋର ନାଁ ହେଉଛି 'ସସ୍ମିତ ବାରିକ'। ଏହାପରେ, ପ୍ରଥମ ବ୍ୟକ୍ତି ଜଣଙ୍କ ତାଙ୍କର ରେଳ ଷ୍ଟେସନ ରହଣୀର ନାମ, ବାପାଙ୍କ ନାମ ଓ ଘର ଠିକଣା ଆଦି ମଧ୍ୟ ପଚାରିବାକୁ ଲାଗିଲେ। ଜବାବରେ, ପ୍ରଥମ ବ୍ୟକ୍ତି ଜଣଙ୍କ ସସ୍ମିତଙ୍କ ଠାରୁ ତାଙ୍କର ବାପାଙ୍କ ନାମ 'ସନାତନ ସାହୁ' ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପଚାରିଲେ ଯେ ବାପାଙ୍କ ସାଙ୍ଗିଆ ଯଦି 'ସାହୁ' ତେବେ ଆପଣଙ୍କର ସାଙ୍ଗିଆ 'ବାରିକ' କିପରି ଅଟେ? ପ୍ରତିଉତ୍ତରରେ, ସେ କହିଲେ ମୋ ବାପାଙ୍କର କୌଳିକ ବୃତ୍ତି ହେଉଛି ଗୁଡିଆ କାମ କରିବା ଏବଂ ସେ ଆମ ବଜାରରେ ଏକ ଭଲ ଜଳଖିଆ ଓ ମିଠା ଦୋକାନ କରିଛନ୍ତି। କିନ୍ତୁ, ମୋତେ ଉକ୍ତ କାର୍ଯ୍ୟକୁ ବୃତ୍ତି ଭାବରେ ଗ୍ରହଣ କରିବାକୁ ମୋତେ ଭଲ ଲାଗିଲା ନାହିଁ। ମୁଁ ନିଜର ରୁଚି ଅନୁସାରେ, ବିୟୁଟିସିଆନ ପାଠ୍ୟକ୍ରମରେ ତାଲିମ ନେଇ, ରାଜଧାନୀରେ ଏକ ଭଲ ସେଲୁନ୍ ଖୋଲିଛି। ସେଥିପାଇଁ ମୁଁ ମୋର ପୈତୃକ ସାଙ୍ଗିଆ 'ସାହୁ'କୁ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ପରିବର୍ତ୍ତନ କରି ବର୍ତ୍ତମାନର ବୃତ୍ତି ଅବା ଜୀବିକା ହିସାବରେ 'ବାରିକ' ବୋଲି ରଖିଛି। କାରଣ ମୁଁ ଜାଣେ ଯେ ଭାରତୀୟ ସଭ୍ୟତାରେ ବୃତ୍ତି ଓ କର୍ମକୁ ଆଧାର କରି 'ଜାତି' ସୃଷ୍ଟି ହୋଇଥିଲା। ତାଙ୍କଠାରୁ ଏହିପରି ଶୁଣି ମୁଁ ଆଶ୍ଚର୍ଯ୍ୟ ହେବା ସହ ଅନୁଭବ କଲି ଯେ ବିଷୟ ବସ୍ତୁଟି ସାମାନ୍ୟ କଟୁ ହେଲେ ମଧ୍ୟ, ତାହା ସତ୍ୟ ଓ ବାସ୍ତବତାକୁ ବହନ କରୁଛି।

ଏହାପରେ, ମନ ମଧ୍ୟରେ ଅନେକ କୌତୁହଳ ଓ ପ୍ରଶ୍ନବାଚୀକୁ ଧରି ମୁଁ ଉକ୍ତ ବିଷୟବସ୍ତୁ ସମ୍ବନ୍ଧରେ କିଛି ତଥ୍ୟ ଅନ୍ୱେଷଣରେ ରହିଲି। ପ୍ରାଥମିକ ପର୍ଯ୍ୟାୟରେ, ଏହା ମୋର ଜ୍ଞାତସରକୁ ଆସିଲା ଯେ, ମହାଭାରତ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣ, ସଖା ଅର୍ଜୁନଙ୍କୁ କହିଥିଲେ-

"ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣ କର୍ମ ବିଭାଗଶଃ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟ କର୍ତ୍ତାରମବ୍ୟୟମ ?"

ଯାହାର ଅର୍ଥ ହେଉଛି: "ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର- ଏହି ଚାରି ବର୍ଣ୍ଣ ତଥା ଜାତିକୁ ନିଜର ଗୁଣ ଓ କର୍ମ ହିସାବରେ ମୁଁ ସୃଷ୍ଟି ଅବା ରଚନା କରିଅଛି। ଏହିପରି ଭାବରେ ମୁଁ ସେହି ସୃଷ୍ଟି, ରଚନାଦି କର୍ମର କର୍ତ୍ତା ହୋଇଥିଲେ ମଧ୍ୟ, ତୁମେ ମୋତେ ଅର୍ଥାତ ଅବିନାଶୀ ପରମେଶ୍ୱରଙ୍କୁ ବସ୍ତୁତଃ ଅକର୍ତ୍ତା ବୋଲି ହିଁ ଜାଣ।" ଯାହାକି' ହିନ୍ଦୁମାନଙ୍କର ପବିତ୍ର ଗ୍ରନ୍ଥ ଓ ବିଶାଳ ମାର୍ଗ ଦର୍ଶକ "ଭଗବଦ୍ ଗୀତା"ର ଅଧ୍ୟାୟ-୪, ଶ୍ଳୋକ ୧୩ରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ଅଟେ।

ତେବେ, ସାମାଜିକ ଆବଶ୍ୟକତାକୁ ଆଧାର କରି 'ଜାତି' ରୂପକ ଶବ୍ଦଟି ଭାରତୀୟ ସଭ୍ୟତାରେ ବିବାହ, ବୃତ୍ତି ନିର୍ବାହ, ସଂସ୍କୃତି ଓ ପରମ୍ପରା ଏବଂ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀ ହେବା ନିମନ୍ତେ ସଂରକ୍ଷଣ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକ ବଡ଼ଧରଣର ଭୂମିକା ଗ୍ରହଣ କରିଥାଏ। ଏହିପରିପ୍ରେକ୍ଷୀରେ, କିଛି ସାମାଜିକ ଜୀବନଶୈଳୀକୁ ଅନୁଧ୍ୟାନ ପରେ ଏହା ଜଣାପଡିଲା ଯେ, ଆଜିର ସମୟରେ ଗ୍ରାମଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବଢେଇ ଘରର ପିଲାଟିଏ କାଠ କାମ ଛାଡି ବଜାରରେ ଜଳଖିଆ ଦୋକାନ ଦେଇଛି। ଗୁଡିଆ ଘରର ପିଲାଟି ରାଜମିସ୍ତ୍ରୀ କାମ କରୁଛି। ଶୂଦ୍ର ଘରର ପୁଅ କ୍ଷତ୍ରିୟ ପରି ଦେଶ ସୁରକ୍ଷା ନିମନ୍ତେ ସୈନ୍ୟ ବାହିନୀରେ ଯୋଗ ଦେଇଛି। ତନ୍ତି ପରିବାରର ପିଲା ତନ୍ତ ବୁଣିବା ଛାଡି ଚାଷ କାର୍ଯ୍ୟ ତଥା ଅର୍ଥକାରୀ ଫସଲ ଉତ୍ପାଦନ ଓ ବ୍ୟବସାୟରେ ଲିପ୍ତ ଅଛି। ବ୍ରାହ୍ମଣ ପୁଅ ଡାକ୍ତରୀ ପାଠ ପଢି ଡାକ୍ତରଖାନାରେ ରୋଗୀ ସେବା କରୁଛି। କିଏ ପୁଣି ଠିକାଦାର ନିକଟରେ ରହି ଶ୍ରମିକ ଭାବେ ମଧ୍ୟ କାମ କରୁଛି। ଯେଉଁ ଗହଣରେ, ଗୋଟିଏ ନିର୍ଦ୍ଦିଷ୍ଟ କୌଳିକ ବୃତ୍ତିକୁ ନିର୍ବାହ କରୁଥିବା ସେହି ଜାତିର ପିଲାଟିଏ ଖୋଜି ପାଇବା ଅବା ଚିହ୍ନିବା ବଡ଼ କଷ୍ଟକର ବ୍ୟାପାର ଅଟେ!

ଏତଦବ୍ୟତୀତ, ଆଜିର ପ୍ରତିଟି ପିତାମାତା ନିଜର ଜାତି ଆଧାରରେ ଉପଯୁକ୍ତ କର୍ମ ବା କୌଳିକ ବୃତ୍ତି ବ୍ୟତିରେକେ ତଥା ତାକୁ ଭୁଲି ନିଜର ସନ୍ତାନମାନେ କିପରି ସମାଜରେ ଆଜିର ତାରିଖ ଓ ସମୟରେ ପ୍ରଚଳିତ ଅବା ଚାହିଦା ଥିବା ସମ୍ମାନନୀୟ, ସୁରକ୍ଷିତ ଏବଂ ଅଧିକ ପାଉଣା ମିଳୁଥିବା ବୃତ୍ତି ନିମନ୍ତେ ଯୋଗ୍ୟ ହେବେ ଓ ସେଥିରେ ନିଜକୁ ନିୟୋଜିତ କରିପାରିବେ ସେଥିପ୍ରତି ଗଭୀର ଭାବରେ କ୍ରିୟାଶୀଳ ଅଟନ୍ତି। ସେଥିଲାଗି ନିଜର ଉତ୍ତମ ତଥା ସର୍ବଶ୍ରେଷ୍ଠ ଅବଦାନ ପ୍ରଦାନ ନିମନ୍ତେ ସର୍ବଦା ଚେଷ୍ଟିତ ରହୁଛନ୍ତି ଏବଂ ସନ୍ତାନମାନଙ୍କୁ ପ୍ରାସଙ୍ଗିକ/ପ୍ରଯୁଜ୍ୟ ପାଠ୍ୟକ୍ରମରେ ନିୟୋଜିତ କରିବା ନିମନ୍ତେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଫଳସ୍ୱରୂପ, ବର୍ତ୍ତମାନ ସମାଜରେ ଜାତି ଆଧାରରେ ନିଜର ନାମ ପଛରେ କେବଳ ସାଙ୍ଗିଆ ହିଁ ବଞ୍ଚିଛି ଏବଂ କେଉଁ ଆଦିମ କାଳରୁ ଯେଉଁ ବୃତ୍ତି ତଥା କର୍ମ ଅନୁସାରେ ଭାରତରେ ଜାତିର ଅଭ୍ୟୁଦୟ ହୋଇଥିଲା, ତାହା ଆଜି ପଥଚ୍ୟୁତ ଏବଂ ଅପଭ୍ରଂଶିତ।

ଉପରୋକ୍ତ ତର୍ଜମା ତଥା ବିଶ୍ଳେଷଣରୁ ଏହା ଅନୁମିତ ହୁଏ, ବର୍ତ୍ତମାନର ଏହି ଆଧୁନିକ ସମାଜରେ କର୍ମ ବା ବୃତ୍ତି ସାର୍ବଜନୀନ ଅଟେ। କର୍ମ ନିଯୁକ୍ତିର ମୁକ୍ତ ଏକ ଦ୍ୱାର ମଧ୍ୟରେ ପ୍ରବେଶ କରି ନିଜର କ୍ଷମତା, ସାମର୍ଥ୍ୟ, କୌଶଳ, ଆଗ୍ରହ ତଥା ପସନ୍ଦ ମୁତାବକ ଆଜିର ଯୁବକ, ଯୁବତୀ ମାନେ ବୃତ୍ତି ଅବା କର୍ମକ୍ଷେତ୍ର ଚୟନ କରୁଛନ୍ତି। ଯେଉଁଥିଲାଗି, ସମାଜରେ ବୃତ୍ତି ଓ ଜାତିକୁ ନେଇ ବର୍ତ୍ତମାନ ଏକ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଛି। ଯେମିତିକି, ଯଦି ଜଣେ ବାରିକ ତନ୍ତ କାର୍ଯ୍ୟକୁ ନିଜର ବୃତ୍ତି ରୂପରେ ଆପଣେଇ ନେଇଛି, ତଥାପି ସେ ଆଜି ବାରିକ ଜାତିରେ ଗଣା ହେଉଛି। ସମାଜ ତାକୁ ବାରିକ ରୂପେ ଗ୍ରହଣ କରୁଛି! କିନ୍ତୁ, କୌଣସି ବି ପରିସ୍ଥିତିରେ ଆଜିର ସମାଜ ତାକୁ ତନ୍ତି ରୂପରେ ଗ୍ରହଣ କରିବା ନିମନ୍ତେ ରାଜି ନୁହେଁ! ତେବେ, ଏହି ପରିପ୍ରେକ୍ଷୀରେ ପ୍ରଶ୍ନଟିଏ ମନ ମଧ୍ୟରେ ଉଙ୍କି ମାରେ ଯେ, 'ମୁଁ କେଉଁ ଜାତିର'? ଯେଉଁ କୂଳ ଅବା ପୈତୃକ ଜାତିରେ ଜନ୍ମ ହୋଇଛି, ତାହା ମୋର ଜାତି, ଅବା ଯେଉଁ ଜାତିର କୌଳିକ ବୃତ୍ତିକୁ ଆପଣେଇ ମୁଁ ବର୍ତ୍ତମାନ ଜୀବନ ନିର୍ବାହ କରୁଛି, ତାହା ମୋର ଜାତି?

ହେଲେ, ଆମର ପବିତ୍ର ଧର୍ମଗ୍ରନ୍ଥ 'ଭଗବଦ୍ ଗୀତା'ରେ ବର୍ଣ୍ଣିତ ଭଗବାନ ଶ୍ରୀକୃଷ୍ଣଙ୍କର ମୁଖ ନିସୃତ ଶାଶ୍ୱତ ଓ ଅମୂଲ୍ୟ ବାଣୀ ଅନୁସାରେ ଯଦି କର୍ମ ଭିତ୍ତିରେ 'ଜାତି'କୁ ବିବେଚନା କରାଯାଏ, ତେବେ ଉକ୍ତ ବାରିକ ଜଣଙ୍କ ତନ୍ତ କାର୍ଯ୍ୟକୁ ନିଜର ବୃତ୍ତି ଭାବରେ ଗ୍ରହଣ କରିଥିବାରୁ, ସେ ତନ୍ତି କୂଳରେ ଜନ୍ମ ନ'ହେଲେ ମଧ୍ୟ ସମାଜ ତାକୁ ତନ୍ତି ଭାବରେ ଗ୍ରହଣ କରିବା ଉଚିତ୍। କିନ୍ତୁ, ଯଦି କୌଣସି ବ୍ୟକ୍ତି ଅନ୍ୟଏକ କର୍ମ ସହିତ ନିଜ ଜାତିଗତ ତଥା କୌଳିକ ବୃତ୍ତିକୁ ସଠିକ୍ ଭାବରେ ସମ୍ପାଦନ କରୁଥାନ୍ତି, ତେବେ ଏଥିରେ କୌଣସି ଦ୍ୱିମତ ନାହିଁ। ଅପରପକ୍ଷରେ, ଯଦି କେହି, ନିଜର କୌଳିକ ବୃତ୍ତିକୁ ସଂପୂର୍ଣ୍ଣ ଭାବରେ ପରିତ୍ୟାଗ କରି ସ୍ଥାୟୀ ତଥା ପୂର୍ଣ୍ଣ ସମୟ ଭାବରେ ଅନ୍ୟ ଏକ ବୃତ୍ତିକୁ ଆପଣେଇଛନ୍ତି, ତେବେ ସେହି କ୍ଷେତ୍ରରେ, ସମାଜରେ ଏକ ସନ୍ତୁଳନ ରକ୍ଷା ଉଦ୍ଦେଶ୍ୟରେ, ବର୍ତ୍ତମାନ ଯିଏ ଯେଉଁ ବୃତ୍ତିରେ ଜଡିତ ଅଛନ୍ତି କିମ୍ବା ଆଗାମୀ ସମୟରେ ଯେଉଁ ବୃତ୍ତିକୁ ଗ୍ରହଣ କରିବା ନିମନ୍ତେ ଆଗ୍ରହୀ, ସେମାନେ ନିଜସ୍ୱ ଇଚ୍ଛାରେ ଉକ୍ତ ବୃତ୍ତି ସମ୍ପୃକ୍ତ ଜାତିରେ ନିଜକୁ ରୂପାନ୍ତରିତ କରିବା ଉଚିତ୍। ତଦାନୁଯାୟୀ, ସେମାନଙ୍କର ସାଙ୍ଗିଆରେ ମଧ୍ୟ ପରିବର୍ତ୍ତନ ଘଟିବା ଜରୁରି। ଯେଉଁଥିରେ ଏକ ସାମାଜିକ ବିପ୍ଳବ ତଥା ବିଶାଳ ସାମୂହିକ ପରିବର୍ତ୍ତନ ଆସିବା ଦରକାର।

# ଭଗବାନ କାହା ପାଖକୁ ଯାଆନ୍ତି ?

ଦେବଦତ୍ତ ବିଶ୍ୱାଳ
ଚହଟା, କଟକ
ମୋ : ୯୮୬୧୯୪୪୫୯୪

ସତରେ ଏ ଦୁନିଆରେ କ'ଣ ଭଗବାନ ଅଛନ୍ତି? ଭଗବାନ ଥିଲେ ସିଏ କେଉଁମାନଙ୍କୁ ବେଶି ଭଲ ପାଆନ୍ତି? ଆଉ ଭଗବାନ ବାସ୍ତବରେ କାହା ପାଖକୁ ଯାଇଥାନ୍ତି? ଏହିପରି ଅନେକ ଆଧ୍ୟାତ୍ମିକ ଦିଗ ପାଇଁ ବଡ଼ ହୋଇପାରେ କିନ୍ତୁ ଛୋଟ ପ୍ରଶ୍ନଟି ଅନେକଙ୍କ ଭିତରେ ଉଙ୍କି ମାରିଥାଏ। ଭଗବାନଙ୍କୁ ପାଇବାର ଏବଂ ଭଗବାନଙ୍କର ଭକ୍ତମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପର୍କରେ ଆଲୋଚନା କଲାବେଳେ ଅନେକ ଦିନ ତଳେ ଗୋଟିଏ ଆଧ୍ୟାତ୍ମିକ ଆଲୋଚନାର ଶିକ୍ଷଣୀୟ କଥାଟି ମୋର ମନେ ପଡ଼ିଗଲା। ଥରେ ନାରଦ ଭଗବାନଙ୍କୁ ପଚାରିଲେ ପ୍ରକୃତରେ ଆପଣଙ୍କୁ ପାଇବାର ପ୍ରକୃତ ବାଟଟି କେଉଁଟା? ଭଗବାନ କହିଲେ - ମୋ ସହିତ ଏବେ ମର୍ତ୍ତ୍ୟକୁ ଚାଲ। ତୁମକୁ ଦେଖାଇ ଦେବି। ଏହା କହି ଭଗବାନ ଜଣେ ଅତି ଦରିଦ୍ର ରୋଗଗ୍ରସ୍ତ ମୁମୂର୍ଷୁ ବୃଦ୍ଧ ରୂପରେ ଗୋଟିଏ ଗଛ ମୂଳରେ ପଡ଼ି ରହିଲେ। ସେଇ ବାଟ ଦେଇ ପ୍ରଥମେ ଗଲେ ଜଣେ ସାମନ୍ତ। ସେ ବୃଦ୍ଧଙ୍କୁ ଦେଖି କ୍ଷଣିଏ ଅଟକିଲେ ସିନା, ହେଲେ ଭାବିଲେ ଏହାକୁ ସାହାଯ୍ୟ କରିବା ମୋର କର୍ତ୍ତବ୍ୟ। କିନ୍ତୁ ଏହାଙ୍କ ଦାୟିତ୍ୱ ନେଲା ବେଳକୁ ମୋ ରାଜ କାର୍ଯ୍ୟ ଅଟକିଯିବ। ରାଜାଙ୍କ ଅନ୍ନରେ ମୁଁ ପ୍ରତିପାଳିତ। ତାଙ୍କ କାର୍ଯ୍ୟ ପ୍ରଥମେ ସମ୍ପାଦନ କରିବା ହେଉଛି ନୀତିସମ୍ମତ। ତେଣୁ ସେ ନିଜ ବାଟରେ ଚାଲିଗଲେ।

କିଛି ସମୟ ପରେ ସେଇ ବାଟ ଦେଇ ଗଲେ ଜଣେ ମନ୍ଦିର ପୂଜକ। ସେ ବି କ୍ଷଣିଏ ଅଟକିଲେ। ତାପରେ ସେ ନିଜକୁ କହିଲେ - ଆଜି ମୋ ବିଳମ୍ବ ହେତୁ ମନ୍ଦିରରେ ଦେବନୀତିରେ ବିଳମ୍ବ ହୋଇଗଲାଣି। ମୋ ଠାକୁର ତେଣେ ଉପାସ। ତେଣୁ ଏଠାରେ ଅଟକିବା ଅନୁଚିତ? ତୃତୀୟରେ ଗଲେ ଜଣେ ସୈନିକ। ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ସେ ରାଜ୍ୟର ସୀମାନ୍ତକୁ ଯାଉଥିଲେ। ତାଙ୍କ କାର୍ଯ୍ୟ ଏତେ ଜରୁରି ଥିଲା ଯେ ସେ ବୃଦ୍ଧଙ୍କ ଠାରେ ଅଟକିଲେ ନାହିଁ। ଚତୁର୍ଥରେ ଜଣେ ଚାଷୀ ସପତ୍ନୀକ ବିଲକୁ ଯାଉଥିବା ବେଳେ ଅଟକିଗଲେ ଏବଂ ନିଜ ପତ୍ନୀଙ୍କୁ କହିଲେ ଯେ ବୃଦ୍ଧ ଶୁଶ୍ରୁଷା ନପାଇଲେ ମରିଯିବେ। ତେଣୁ ପ୍ରଥମେ ଏହାଙ୍କୁ ଦେଖିବା। ପତ୍ନୀ କହିଲେ କିନ୍ତୁ ଆଜିକାଲି ପାଗଯୋଗ ଯେମିତି ହେଉଛି, ବିଲରେ ଆଜି କାମ ଆଜି ନ ସାରିଲେ କେତେବେଳେ କେଉଁ କଥା? ଚାଷୀ କହିଲେ ତୁମେ ଯାହା କହୁଛ ତାହା ଠିକ୍। କିନ୍ତୁ ମନ ଭିତରୁ ଯେଉଁ ସ୍ୱର ଶୁଭିଲାଣି ତାକୁ ନଶୁଣିଲେ ମନ ଭଲ ଲାଗିବ ନାହିଁ। ଏହା କହି ସେ ବୃଦ୍ଧଙ୍କୁ ଉଠାଇ ନିଜ ଘରକୁ ନେଇ ସେବା କରିବାର ବ୍ୟବସ୍ଥା କଲେ। ଭଗବାନ କହିଲେ ଦେଖିଲ ତ ନାରଦ ମୁଁ କାହା ପାଖକୁ ଗଲି। ମୋତେ ଦେଖି ସମସ୍ତଙ୍କ ମନ ଭିତରୁ କିଛି ସ୍ୱର ଉଠିଲା। କିନ୍ତୁ ଯିଏ ସେଇ ସ୍ୱରକୁ ଶୁଣିଲା ନାହିଁ, ସେ ମୋତେ ପାଇବାର ସୁଯୋଗ ହରାଇଲା। ଅସଲ କଥାଟି ହେଉଛି ଭଗବାନଙ୍କୁ ପାଇବା ପାଇଁ ମଠ ମନ୍ଦିରର ଆବଶ୍ୟକତା ପଡ଼ିନଥାଏ ଆମ ଆଖପାଖରେ ରହିଥିବା ଅସହାୟ, ପୀଡ଼ିତ, ଯନ୍ତ୍ରଣା ଜର୍ଜରିତମାନଙ୍କ ଭାବନା ବୁଝି ସେମାନଙ୍କୁ ନିଜ ସୀମା ସାଧ୍ୟ ମତେ ସାହାଯ୍ୟ କରିବା ଦ୍ୱାରା ହିଁ ଭଗବାନଙ୍କୁ ପାଇବା ସହଜ ହୋଇଥାଏ।

ଓଡ଼ିଶା
ଭାସ୍କର
ODISHA BHASKAR

# ରାଜ୍ୟ ଖବର





କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନୂଆଗାଁ ଗ୍ରାମର ସହିଦ ରାଜକିଶୋର ମୁଣ୍ଡାଙ୍କ ଘରକୁ ମଙ୍ଗଳବାର ରାଜ୍ୟ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଜେପି ଜିଲା ସଭାପତି ଶୁକଦେବ ମହାନ୍ତ, ଜିଲା ଉପସମ୍ପାଦିକା ଗୀତାଞ୍ଜଳୀ ମହାନ୍ତ, ସମାଜସେବୀ କୃପାସିନ୍ଧୁ ମହାନ୍ତ, ଗୌରହରି ମହାନ୍ତ ପହଞ୍ଚି ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଦଳୀୟ ନେତାଙ୍କ ସହଯୋଗରେ ଶୁଦ୍ଧିକ୍ରିୟା ପାଇଁ ଜଙ୍ଗଲ ବିଭାଗମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ରାଜକିଶୋରଙ୍କ ସ୍ତ୍ରୀ ଅମିତା ମୁଣ୍ଡାଙ୍କୁ ୪୦ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ରାଜ କିଶୋରଙ୍କ ସ୍ତ୍ରୀ ଅମିତା ମୁଣ୍ଡା, ବଡଝିଅ ସୁନିଆଁ ମୁଣ୍ଡା ସାନଝିଅ ରିଙ୍କି ମୁଣ୍ଡା ସମେତ ପରିବାରଙ୍କ ସହିତ ଭଲମନ୍ଦ ସୁବିଧା ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଡିଏଫଓ ଧନରାଜ ଏଚଡି, ସଦର ପୋଲିସ ଏସ୍ ଆଇ ସ୍ୱରୂପରଞ୍ଜନ ନାୟକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାଛଡା ପଦ୍ମପୁରଠାରୁ ନୂଆଗାଁ ପର୍ଯ୍ୟନ୍ତ, ନୂଆଗାଁ ପଞ୍ଚାୟତକୁ ପ୍ରବେଶ ରାସ୍ତା ମରାମତି ଅଭାବରୁ ଅତି ଶୋଚନୀୟ ହୋଇଛି। ସହିଦ ରାଜକିଶୋରଙ୍କ ସାହିକୁ ପାନୀୟ ଜଳ ସୁବିଧା ପାଇଁ ଗ୍ରାମବାସୀ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ମନ୍ତ୍ରୀ ଜିଲା ପ୍ରଶାସନ ଅଧିକାରୀଙ୍କ ସହିତ ସମ୍ପର୍କ କରି ତୁରନ୍ତ ସମସ୍ୟା ଗୁଡିକୁ ସମାଧାନ କରିବାକୁ ପ୍ରତିଶୃତି ଦେଇଛନ୍ତି।

### ପାରାଦୀପ ସହର ମୁଖ୍ୟ ଜଳ ନିଷ୍କାସନ ପଥ ଏନ୍‌ଆର୍‌ଏଲ୍ ଦ୍ୱାରା ଅବରୋଧ

## ପରିବେଶ ପ୍ରଦୂଷିତ, କାର୍ଯ୍ୟାନୁଷ୍ଠାନ ଶୂନ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ସହରର ଏକମାତ୍ର ବର୍ଜ୍ୟ ଜଳ ନିଷ୍କାସନ ମୁଖ୍ୟ ପଥ ହେଉଛି ମଧୁବନର କପିଳ ଜୋର । ଏହି ଜୋରଟି ବଡ଼ପଡ଼ିଆ ଠାରୁ ଆରମ୍ଭ ହୋଇ ମଧୁବନ ଅଫିସର୍ସ କ୍ଲବ ଓ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଯାଇ ସମୁଦ୍ରରେ ମିଶିଛି । ତେବେ ବର୍ଜ୍ୟ ପାଣି ସୁନିଷ୍କାସନ ପାଇଁ ତତ୍କାଳୀନ ବନ୍ଦର ଅଧକ୍ଷ ସନ୍ତୋଷ ମହାପାତ୍ର ଏହି ଜୋର କୁ ଗଭୀର ଭାବେ ଖନନ କରାଇ ଷଣ୍ଢକୁଦ ନିକଟସ୍ଥ ସମୁଦ୍ରରେ ମିଶାଇଥିଲେ । ଯାହାଫଳରେ ଏହି ବର୍ଜ୍ୟ ପାଣି ସୁବିଧାରେ ନିଷ୍କାସିତ ହେବା ସହ ସମୁଦ୍ର ଜୁଆରର ଲୁଣା ପାଣି ପଶି ମତ୍ସ୍ୟ ବଂଶ ବୃଦ୍ଧିରେ ସହାୟକ ହେଉଥିଲା । ଏହି ଜୋରର ପାଣି ସର୍ବଦା ଚଳପ୍ରଚଳ କରୁଥିବା ଯୋଗୁଁ ଏଥିରେ ଦଳ କିମ୍ବା ଅନ୍ୟ କୌଣସି ଲଟାପତ୍ର ମାଡି ପାରୁ ନଥିଲା । ତେବେ ନିକଟରେ ଷଣ୍ଢକୁଦ ବସ୍ତି ନିକଟରେ ନିର୍ମାଣଧୀନ ନୁମାଲୀଗଡ଼ ତୈଳ ଭଣ୍ଡାର (ଏନଆରଏଲ) ପ୍ରକଳ୍ପ ଯୋଗୁଁ ପାରିପାର୍ଶ୍ୱିକ ଅଞ୍ଚଳ ଏବେ କ୍ଷତିଗ୍ରସ୍ତ ଆଡକୁ ଗତି କରୁଥିବା ଦେଖିବାକୁ ମିଳୁଛି । ନିକଟ ଅତୀତରେ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜଳ ପାଇଁ ବସ୍ତି ଅଞ୍ଚଳରୁ ଭୁତଳ ଜଳକୁ ପମ୍ପ ଯୋଗେ ବାହାର କରି ବ୍ୟବହାର କରୁଥିବା ନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିବା ବେଳେ ଏବେ ସହରର ମୁଖ୍ୟ ଜଳ ନିଷ୍କାସନ ପଥକୁ ଅବରୋଧ କରିବା ଘଟଣା ସାମ୍ନାକୁ ଆସିଛି । ଏହି କପିଳ ଜୋର ଅବରୋଧ ଯୋଗୁଁ ପାଣି ନିଷ୍କାସନ ରେ ବ୍ୟାଘାତ ସୃଷ୍ଟି ହୋଇ ଏହା ଉପରେ ଦଳ ମାଡି ଗଲାଣି କ୍ଷ ଅନ୍ୟପକ୍ଷରେ ଜୋର ନିକଟସ୍ଥ ହାଉସିଂ ବୋର୍ଡ କଲୋନୀ, ଜଗନ୍ନାଥ କଲୋନୀ ସମେତ ବିଭିନ୍ନ ବସ୍ତିରେ ଏହି ଜୋରରୁ ବିଷାକ୍ତ ସାପ, ଜୋକ ଓ ଅନ୍ୟାନ୍ୟ କୀଟ ମାନେ ଘର ମାନଙ୍କରେ ପଶି ଏକ ଆତଙ୍କର ବାତାବରଣ ସୃଷ୍ଟି କଲେଣି । ସେହିପରି ପାଣି ଜମା ହେବା ଓ ଦଳ ଭର୍ତ୍ତି ରହିବା କାରଣରୁ ଏଠାରେ ମଶାଙ୍କ ବଂଶ ବୃଦ୍ଧି ପାଇ ସହରବାସୀଙ୍କୁ ଅସ୍ତବ୍ୟସ୍ତ କଲାଣି । ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ସହରର ଏହି ବର୍ଜ୍ୟ ପାଣି ନିଷ୍କାସିତ ନହୋଇପାରିଲେ ଏହା ପରିବେଶକୁ ପ୍ରଦୂଷିତ କରିବ ବୋଲି ବରିଷ୍ଠ ନାଗରିକ ଲକ୍ଷ୍ମୀଧର ନାୟକ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ପ୍ରତିକାର ପାଇଁ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଇଥିଲେ ମଧ ଏଥିରେ କୌଣସି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରି ଏଭଳି ଗମ୍ଭୀର ସମସ୍ୟାକୁ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି । ସେହିପରି ଏଭଳି ଜନବିରୋଧୀ ପ୍ରକଳ୍ପ ପାଇଁ ପ୍ରଶାସନର ଏତେ ଅନୁକମ୍ପା କାହିଁକି ବୋଲି ଶ୍ରୀ ନାୟକ ପ୍ରଶ୍ନ ଉଠାଇବା ସହ ଏହି ସମସ୍ୟାର ତୁରନ୍ତ ସମାଧାନ ନହେଲେ ସମସ୍ତ ପ୍ରଭାବିତ ଜନସାଧାରଣ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି ।

### ନିମାପଡାରେ ଜଳସଂକଟ ଉତ୍କଟ

## ଲୋକ ପିଉଛନ୍ତି ଚୂଆ ପାଣି, ମହିଳଙ୍କ ପ୍ରତିବାଦ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଜଳ ପାଇଁ ହାହାକାର ସୃଷ୍ଟି ହୋଇଛି । ପାଣି ମୁନ୍ଦେ ପିଇବା ପାଇଁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ଚୁଆପାଣି ପିଉଛନ୍ତି । ଜଳସଂକଟ ଦେଖାଦେଇଥିବା ବେଳେ ବିଭାଗୀୟ ଅଧିକାରୀ ନୀରବ ସାଜିବା ପଛରେ କି ଉଦ୍ଦେଶ୍ୟ ରହିଛି, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି । ବେଆଇନ ଭାବେ କେତେଜଣ ବ୍ୟକ୍ତି ଏଲଆଇ ପଏଣ୍ଟ ବୋରି କରି ଧାନଚାଷ ପାଇଁ ପାଣି ବିକ୍ରି କରୁଥିବାରୁ ଜଳସ୍ତର କମିବାରେ ଲାଗିଛି । ନିମାପଡା ବ୍ଲକରେ ହଜାର ହଜାର ସଂଖ୍ୟକ ନଳକୂପ ଦ୍ୱାରା ପାଣି ଉଠାଯାଇ କେତେକ ଚାଷୀଙ୍କୁ ବିକ୍ରି କରାଯାଉଥିଲେ ମଧ କୃଷି ବିଭାଗ ନୀରବ ସାଜିଛି । ସୂଚନା ଅନୁଯାୟୀ ନିମାପଡା ବ୍ଲକରେ ଜଳସଂକଟ ଉତ୍କଟ ହୋଇଥିବା ବେଳେ ସଲଙ୍ଗ ପଞ୍ଚାୟତ ଜଁଅରା ଗ୍ରାମରେ ପାଇବା ପାଣିର ଘୋର ଅଭାବ ଯୋଗୁଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ଉତ୍ତମ ଜଳ ଯୋଗାଇବା ପାଇଁ ଦାବି ହେଉଥିଲେ ମଧ ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନାହାଁନ୍ତି, ଯାହାକୁ ନେଇ ମହିଳାମାନେ ବାଲଟି, କୁଣ୍ଡ, ଗରା ଥୋଇ ବିକ୍ଷୋଭ କରୁଛନ୍ତି । ବସୁଧା ଯୋଜନାରେ ସରକାର ଯୋଗାଉଥିବା ପାଣି ସମୁଦ୍ରକୁ ଶଂଖେ ସଦୃଶ ପାଲଟିଛି । ପାଣି ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ଡିଣ୍ଡିମ ପିଟାଯାଉଥିବା ବେଳେ ଗ୍ରାମମୁଣ୍ଡରେ ପାଣି ନପହଞ୍ଚିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ଚୁଆ ଓ ପୋଖରୀର ଜଳ ପିଉଛନ୍ତି। ବେଆଇନ ଭାବେ ହଜାର ହଜାର ସଂଖ୍ୟକ ଉଠା ଜଳସେଚନ ପଏଣ୍ଟରୁ ପାଣି ବିକ୍ରି କରାଯାଉଥିବା କାରଣରୁ ଜଳସ୍ତର କମିବାରେ ଲାଗିଛି । ଏହି ଘଟଣା ଉପରେ ଦୃଷ୍ଟି ଦିଆନଗଲେ ଆଗକୁ ଆହୁରି ଜଳସଂକଟ ହେବ ବୋଲି ଆଶଙ୍କା କରାଯାଉଛି ।

## ନିମାପଡାରେ ଧଳାଜହର ଓ ଦେଶୀମଦର ବହୁଳ ପ୍ରସାର

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଧଳାଜହର ସାଙ୍ଗକୁ ଦେଶୀମଦର ବ୍ୟାପକ ବିକ୍ରି ଚାଲିଥିବା ବେଳେ ନିଶା ବେପାରୀଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ବେଳକୁ ବେଳ ନିଶା କାରବାର ବୃଦ୍ଧି ପାଉଛି । ନିଶା ବେପାରୀମାନେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନିଶା କାରବାର କରୁଥିବା ବେଳେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ସୂଚନା ଅନୁଯାୟୀ ନିମାପଡା ବ୍ଲକ ଓ ପୌରପରିଷଦରେ ବ୍ୟାପକ ମାତ୍ରାରେ ନିଶା କାରବାର ବୃଦ୍ଧି ପାଉଛି । ଅରିଷଣ୍ଡ ପଞ୍ଚାୟତରେ ଧଳାଜହର ବ୍ୟବସାୟୀ ଓ ଆସ୍କାଫର୍ଟ ଦେଶୀମଦ ବ୍ୟବସାୟୀ ଖୋଲାରେ ନିଶା କାରବାର କରୁଥିବା ବେଳେ ସେମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନିଆଯାଉନାହିଁ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନିଶା ବ୍ୟବସାୟୀ ବାଇକ ଯୋଗେ ବାମଦେଇପୁର ଗଡାରୁ ପାଟପୁର ଶନିମନ୍ଦିର ଓ ନଦୀବନ୍ଧ ରାସ୍ତାରେ ନିଶା କାରବାର କରୁଛନ୍ତି । ଅରିଷଣ୍ଡ ବାଲି ତୋଟା ପାଲଟିଛି ଧଳାଜହର ବ୍ୟବସାୟୀଙ୍କର ନିରାପଦ ସ୍ଥାନ । ତ୍ରିନାଥମାର୍ଗରୁ ପାଟପୁର ଗଡା ପର୍ଯ୍ୟନ୍ତ ରାତ୍ର ସାରା ଚାଲିଛି ନିଶା କାରବାର । ଡେଙ୍ଗୁଆଁ ପଞ୍ଚାୟତରୁ ତ୍ରିନାଥମାର୍ଗ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ମଧ ନିଶାଖୋରଙ୍କ ଅଡ୍ଡା ଜମୁଛି । ଦୀର୍ଘଦିନ ହେବ ନିଶାଖୋରଙ୍କ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠୁଥିଲେ ମଧ ସେମାନଙ୍କୁ କଣ ପାଇଁ ଗିରଫ କରାଯାଉନାହିଁ ତାହା ଏକ ପରିତାପର ବିଷୟ ବୋଲି ମତପ୍ରକାଶ ପାଇଛି । ନିମାପଡା ବଜାରରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କେତେକ ଦୋକାନୀ ଦୋକାନ ଖୋଲା ରଖୁଥିବାରୁ ନିଶାଖୋରଙ୍କ ଆଡ୍ଡା ଜମୁଛି । ଏପରିକି ଗୁରୁତର ରୋଗୀକୁ ନେଇ ଯାଉଥିବା ରୋଗୀ ସଂପର୍କୀୟଙ୍କୁ ନିଶାଖୋରମାନେ ଦୁର୍ବ୍ୟବହାର କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି । ଏହି ଘଟଣା ପ୍ରତି ଅବକାରୀ ବିଭାଗ ଓ ପୋଲିସ୍ ଦୃଷ୍ଟି ଦେଇ ନିଶାଖୋରମାନଙ୍କୁ ଗିରଫ କରିବା ପାଇଁ ଦାବୀ ହୋଇଛି ।

## କଲୋନୀ ମୁଖ୍ୟରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ବିଜୟଚନ୍ଦ୍ରପୁର ନାଗରିକ ପରିଷଦର ଦାବି



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପୌରାଞ୍ଚଳର ୫ ନମ୍ବର ୱାର୍ଡ ଅନ୍ତର୍ଗତ ବିଜୟିଚନ୍ଦ୍ରପୁର ଅଞ୍ଚଳର ମୁଖ୍ୟ ରାସ୍ତାରେ ଜବର ଦଖଲ ଯୋଗୁଁ ସାଧାରଣରେ ଯାତାୟାତ କଷ୍ଟସାଧ୍ୟ ହୋଇପଡିଛି । ବ୍ୟସ୍ତବହୁଳ ରାସ୍ତାରେ ସବୁବେଳେ ଭିଡ଼ ଲାଗି ରହୁଥିବାରୁ ବିଭିନ୍ନ ଯାନ, ସ୍କୁଲ ଛାତ୍ରଛାତ୍ରୀ, ଡ୍ୟୁଟିକୁ ଯାଉଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ଜାତୀୟ ରାଜପଥ ଏବେ ନିର୍ମାଣଧୀନ ଥିବାରୁ ବ୍ୟାଙ୍କ ଛକଠାରୁ ଗାୟତ୍ରୀ ନଗର ଓ କଳିଙ୍ଗ ନଗର କଲୋନୀ ରାସ୍ତା ମାନଙ୍କରେ ଟ୍ରାଫିକ ଜାମ ଲାଗି ରହୁଛି । ତେବେ ଏହାକୁ ଦୃଷ୍ଟିରେ ରଖି ଗତ ୨ରେ ଗ୍ରାମ୍ୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯାତାୟାତ ସୁଗମ ପାଇଁ ଜବର ଦଖଲ ଉଚ୍ଛେଦ କରି ଅଞ୍ଚଳର ସମସ୍ତ ରାସ୍ତାକୁ ୨ ଫୁଟ ଚଉଡା ନିମନ୍ତେ ସାମୁହିକ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଗୁରୁବାର ବିଜୟଚନ୍ଦ୍ରପୁର ନାଗରିକ ପରିଷଦ ସଭାପତି ପ୍ରଭାତ କୁମାର ନନ୍ଦୀ, ଉପସଭାପତି ପ୍ରସନ୍ନ କୁମାର ରାଉତରାୟ ଓ ପିତାମ୍ବର ବେହେରା, ସମ୍ପାଦକ ଆଭାସ ଚନ୍ଦ୍ର ଚୌଧୁରୀ, ଯୁଗ୍ମ ସମ୍ପାଦକ ଧରଣୀଧର ଦାଶ, ସହ ସମ୍ପାଦକ ପ୍ରକାଶ କୁମାର ଜେନା, ନଗେନ୍ଦ୍ର ରାଉତ ଓ ବିକାଶ କୁମାର ସାହୁ, କୋଷାଧ୍ୟକ୍ଷ ବିଜୟ ମଲ୍ଲିକ ଓ ବିଭୁଦତ୍ତ ଜେନା, ନାରୀ ନେତ୍ରୀ ସବିତା ମହାପାତ୍ର ପ୍ରମୁଖ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ଜବରଦଖଲ ଉଚ୍ଛେଦ ଓ ନବୀକରଣ ସମ୍ପର୍କରେ ଆଲୋଚନା କରି ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଓ ଖଡିଛୁଆଁ ଉତ୍ସବ



ଭୁବନ(ଭାସ୍କର ନ୍ୟୁଜ): ପିଏମଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ଶିଶୁ ବାଟିକା ପାଇଁ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଶୁଭାରମ୍ଭ ହୋଇଯାଇଛି । ପ୍ରଥମଠାରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ପ୍ରାରମ୍ଭ ହୋଇଛି । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆଲୁମିନା କମିଟି ସଭାପତି ଇଂ ଦେବେନ୍ଦ୍ର କୁମାର ପୃଷ୍ଟି ମୁଖ୍ୟ ଅତିଥି, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗଣେଶ୍ୱର ସାହୁ ମୁଖ୍ୟବକ୍ତା, ବସନ୍ତ ପୋଥାଳ ଏବଂ ଅନାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁ ବାଟିକା ଶୁଭାରମ୍ଭର ଉଦ୍ଦେଶ୍ୟ ଓ ବିଦ୍ୟାଳୟର ଉପଲବ୍ଧ ସମସ୍ତ ସୁବିଧା, ସୁଯୋଗ ସମ୍ପର୍କରେ ଅଭିଭାବକଙ୍କୁ ସୂଚନା ଦିଆଯାଇଥିଲା । କ୍ରୀଡା ଶିକ୍ଷକ ସାଗର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଜୟଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତକୁ ବର୍ଷେ ଜେଲ

କେନ୍ଦୁଝର(ଭାସ୍କର ନ୍ୟୁଜ): ନାବାଳିକା ଅସଦାଚରଣ ମାମଲାର ବିଚାର କରି କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ପାଟଣା ଥାନା ଅନ୍ତର୍ଗତ ସିଲପଦା ଗ୍ରାମର ଅଭିଯୁକ୍ତ ସୁନିଲ କୁମାର ମହାନ୍ତ(୩୦) କୁ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦୦ ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୧୫ ଦିନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଜଣେ ନାବାଳିକା ଫଟୋକୁ ଅଭିଯୁକ୍ତ ଜଣକ ନିଜ ଫଟୋ ସହ ଯୋଡି ବାହା ହେବା ପାଇଁ କହିଲା ଓ ବାହା ନହେଲେ ପୀଡିତା ଓ ପୀଡିତାର ଘର ଲୋକଙ୍କୁ ମାରି ଦେବାକୁ ଧମକ ଦେବା ସହ ପୀଡିତାକୁ ରାସ୍ତାଘାଟରେ ଚଳାଇ ଦେଉ ନଥିବାରୁ ପୀଡିତା ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ କେଶ ରୁଜୁ କରି ଆସାମୀକୁ କୋର୍ଟ ଚାଲାଣ କରିଥିଲା । ଅଦାଲତ ୯ ଜଣ ସାକ୍ଷଙ୍କ ବୟାନକୁ ଭିତ୍ତି କରି ଆସାମୀକୁ ଧାରା ୩୫୪(ଘ) ଓ ୫୦୯ ଭାରତୀୟ ପିଙ୍ଗଳ ଧାରାରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ।

## ବିଦ୍ୟୁତ୍ ପ୍ରସାରଣ ପ୍ରକଳ୍ପ ପରିଚାଳନାରେ ପକ୍ଷପାତିତା ନେଇ ପ୍ରତିବାଦ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶକ୍ତି ପ୍ରକଳ୍ପଗୁଡିକ ରାଜ୍ୟ ବିକାଶର ମୂଲ୍ୟାଙ୍କନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉପେକ୍ଷା ହେତୁ ବିଭିନ୍ନ ବାଧାର ସମ୍ମୁଖୀନ ହେଉଅଛି । ବିନା ଭୂମି ଅଧିଗ୍ରହଣ, ଲାଇନରୁ ସର୍ଭେ, ମୃତ୍ତିକା ସର୍ବେକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପୂର୍ବ ଆବଶ୍ୟକୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ନିଗମ କର୍ତ୍ତୃପକ୍ଷଙ୍କ ଚାପ ଯୋଗୁଁ କର୍ମଚାରୀ ପ୍ରକଳ୍ପର ଆର୍ଥିକ ଆକଳନ ଏବଂ ଟେଣ୍ଡର ପ୍ରକ୍ରିୟା ସମାପ୍ତ କରିବାକୁ ବାଧ ହେଉଛନ୍ତି । ଯୋଜନାର ଅଭାବ ଯୋଗୁଁ ପ୍ରକଳ୍ପ ସମାପ୍ତିରେ ଅହେତୁକ ବିଳମ୍ବ ହେଉଛି । ଏହି ବିଷୟରେ ଦୀର୍ଘବର୍ଷ ଧରି ନିଗମର ସର୍ବୋଚ ଅଧିକାରୀଙ୍କୁ ଯନ୍ତ୍ରୀ ସଂଘ ବାରମ୍ବାର ଅବଗତ କରାଇଥିବା ସତ୍ତ୍ୱେ କୌଣସି ସୁଫଳ ମିଳିପାରିନାହିଁ । ୨୦୨୧ ମସିହାରୁ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ପ୍ରତ୍ୟେକ ବୈଷୟିକ ବିଭାଗ ଏବଂ ଅକ୍ଟୋବର ୨୦୨୪ ମସିହାରେ ବିଦ୍ୟୁତ ବିତରଣ ସଂସ୍ଥାଙ୍କର କ୍ୟାଡର ପୁନଃଗଠନ ପ୍ରକ୍ରିୟା ସମାପ୍ତ ହୋଇସାରିଥିଲା ବେଳେ ଓପିଟିସିଏଲର କ୍ୟାଡର ପୁନଃଗଠନ ପ୍ରସ୍ତାବ ଶକ୍ତି ବିଭାଗରେ ଦୀର୍ଘ ଦେଢବର୍ଷ ଧରି ପଡିରହିଛି । ଶକ୍ତିବିଭାଗ ଅଧୀନରେ ଥିବା ନିଗମରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କର ଚାକିରି ସର୍ତ୍ତାବଳି ଓ ନୀତିରେ ସମାନତା ରକ୍ଷା କରାଯାଇଥାଏ । କିନ୍ତୁ ଶକ୍ତି ସଚିବଙ୍କ ଉଦାସୀନତା ଏଥିରେ ବିଚ୍ୟୁତି ସୃଷ୍ଟି କରିଛି ଯାହାକି ଶକ୍ତି ବିଭାଗ ନିଗମରେ କାର୍ଯରତ ଯନ୍ତ୍ରୀଙ୍କ ପଦୋନ୍ନତିରେ ଅସମାନତା ଆଣିଛି । ଏହି ପାତରଅନ୍ତର ବିରୁଦ୍ଧରେ ବିଦ୍ୟୁତ ଶକ୍ତି ସଞ୍ଚାରଣ ଯନ୍ତ୍ରୀ ସଂଘ ମହମବତି ଜାଳି ପ୍ରତିବାଦ କରିବା ସହିତ ସମସ୍ୟାର ଆଶୁ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାଡ ଅଭିଯୋଗ

ଗରଦପୁର(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନ ନିମିତ୍ତ ତଦନ୍ତ କରିବାକୁ ଯାଇଥିବା ବେଳେ ଭଗବାନପୁର ପଞ୍ଚାୟତର କାର୍ଯ୍ୟନିର୍ବାହି ଅଧିକାରୀ ବାଦଲ କୁମାର ପରିଡାଙ୍କୁ ଧାନମଣ୍ଡଳ ଗ୍ରାମର କିଛି ଯୁବକ ଆକ୍ରମଣ କରିଥିବା ନେଇ କୁଦାନଗରୀ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଥାଉକି ଗତକାଲି ଗରଦପୁର ବ୍ଲକ୍ ବିଡିଓ ଆଲୋକ କୁମାର ସେଠୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନ ନିମିତ୍ତ ଭଗବାନପୁର ପଞ୍ଚାୟତ ଗସ୍ତ କରି ୧୦ରୁ ଉର୍ଦ୍ଧ୍ୱ ଘର ତଦନ୍ତ କରି ଫେରିଆସିଥିବା ବେଳେ ବାକି ଥିବା ୨/୩ଟି ଘର ତଦନ୍ତ କରି ରିପୋର୍ଟ ଦେବାପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ବାଦଲ କୁମାର ପରିଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ବାଦଲ ପରିଡା ଧନମଣ୍ଡଳ ଗ୍ରାମକୁ ଯାଇ ଉକ୍ତ ୨/୩ଟି ଘର ତଦନ୍ତ କରୁଥିବା ବେଳେ ସରକାରୀ ନିୟମ ଅନୁସାରେ ନିଜର ପ୍ରଧାନମନ୍ତ୍ରୀ ଆବାସ ଘର ନ ମିଳିବା ଜାଣିପାରି ଧନମଣ୍ଡଳ ଗ୍ରାମର ସରୋଜ ମଳିକ, ସାଗର ମଳିକ, ଭାଗବତ ମଳିକ ଓ ଯମୁନା ମଳିକ ପ୍ରମୁଖ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ ବୋଲି ବାଦଲ କୁମାର ପରିଡା କୁଦାନଗରୀ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଘଟଣା ସମ୍ପର୍କରେ ବାଦଲ ଗରଦପୁର ବିଡିଓଙ୍କୁ ଜଣାଇବା ପରେ ବିଡିଓ ଆଲୋକ କୁମାର ସେଠୀ କୁଦାନଗରୀ ଥାନା ଅଧିକାରୀଙ୍କ ସହିତ କଥା ହୋଇ ଆସାମୀମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିବା ଜଣାଯାଇଛି । ଅପରପକ୍ଷ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ଅସଦାଚରଣ ଅଭିଯୋଗ ଆଣିଥିବା ଶୁଣିବାକୁ ମିଳୁଛି । ସରକାରୀ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି ।

## ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବ୍ଲକ ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ୍ତ କୁମାର ଖଟୋଇ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷର ରଖିଥିଲେ । ମୁଖ୍ୟ ବକ୍ତାଭାବେ ପୁରାତନ ଛାତ୍ର ସଂସଦର ସଭାପତି ବିପିନ ବିହାରୀ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଅଗଣାନନ୍ଦ ବାଘ, ଲିଙ୍ଗରାଜ ଖଟୋଇ, ଭାଟବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜ କିଶୋର ସାହୁ, ପୁରାତନ ଛାତ୍ର ସଂସଦର ସଂପାଦକ ଚନ୍ଦ୍ରକାନ୍ତ ବରାଳ ଯୋଗଦେଇ ଜାତୀୟ ଶୀକ୍ଷାନୀତି ସଂପର୍କରେ କହିଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ବାର୍ଷିକ ବିବରଣୀ ପାଠ




କରିଥିଲେ । ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଅନ୍ୟ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସରସ୍ୱତୀ ମଲ୍ଲିକ, ଦେବଯାନୀ ମହାନ୍ତି, ସାଶ୍ୱତୀ ବ୍ରହ୍ମା, ସଂଚୟିତା ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ସଭାଶେଷରେ ଶିକ୍ଷକ ଜଗଦିଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା ।

## ରାସ୍ତା ପାଇଁ ତହସିଲ ଆଗରେ ଧାରଣା ଦେଲେ ଗ୍ରାମବାସୀ



ଚାନ୍ଦବାଲି(ଭାସ୍କର ନ୍ୟୁଜ): ଆଗକୁ ଆସୁଛି ବର୍ଷା ଋତୁ ଜଣଙ୍କ ପାଇଁ ଦୁଇ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା କାମ ବନ୍ଦ । ଗୁରୁବାର ପୂର୍ବାହ୍ନରେ ଚାନ୍ଦବାଲି ତହସିଲ ଆଗରେ ଧାରଣା ଦେଲେ ଶତାଧିକ ମହିଳା ଓ ପୁରୁଷ । ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନରେ ଯାଉଥିବା କାଣ୍ଡଗରଡି ପଞ୍ଚାୟତର ବିଶ୍ରାମପୁରରୁ ନେଦୁଆଳି ଭାୟା ଯୋଗୀପୋଖରୀ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଛି । ଯୋଗୀପୋଖରୀ ଗ୍ରାମର ଜଣେ ବ୍ୟକ୍ତି ରାସ୍ତା ଯାଉଥିବା ଜାଗାରେ ନିଜ ଜମି ଅଛି ବୋଲି କହି କାମ ବନ୍ଦ କରିରଖିଛି । ଏନେଇ ପୂର୍ବରୁ ଗ୍ରାମବାସୀମାନେ ତହସିଲଦାରଙ୍କୁ ଦାବୀ କରିଥିଲେ ପୋଲିସ ଓ ଆରଆଇ ଉପସ୍ଥିତରେ ମାପ ମଧ ହୋଇଥିଲା କାମ ଆରମ୍ଭ ହୋଇଥିଲା । ଏବେ ପୁଣି ଉକ୍ତ ବ୍ୟକ୍ତି କାମ ବନ୍ଦ କରିଛି । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଏବେ ତହସିଲ ପ୍ରଶାସନ କିଛି ବୁଝୁନି ଆଗକୁ ବର୍ଷା ଦିନ ଆସୁଥିବାରୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକ ନାହିଁନଥିବା ଅସୁବିଧାରେ ପଡିବେ । ତୁରନ୍ତ ତହସିଲଦାର ସେ ଜାଗାକୁ ଯାଇ ଜାଗା ଚିହ୍ନଟ କରିବାକୁ ଗ୍ରାମବାସୀ ଜିଦ କରି ତହସିଲ ସାମ୍ନାରେ ସ୍ଥାନୀୟ ସରପଞ୍ଚ ଲମ୍ବୋଦର ପଣ୍ଡା, ଆନନ୍ଦ ପରିଡା, ଲକ୍ଷ୍ମୀଧର ସାମଲ, ବିଶ୍ୱମ୍ବର ସାମଲ, ଧରଣୀଧର ରାଉତ, ରବୀନ୍ଦ୍ର ସାହାଣୀ, ସୁରେନ୍ଦ୍ର ସାହାଣୀ, ସନାତନ ବେହେରା, ପଞ୍ଚାନନ ପରିଡା, ଯଶବନ୍ତ ଦାସ, ମନମୋହନ ବେହେରା, ବାସନ୍ତୀ ସାମଲ ପ୍ରମୁଖ ମହିଳା ଓ ପୁରୁଷମା ଗ୍ରାମବାସୀ ମାନେ ବସିରହିଥିଲେ । ତେବେ ତହସିଲଦାର ଭାବତୋଷ ମଲ୍ଲିକ ସରକାରୀ କାର୍ଯ୍ୟକ୍ରମରେ ଧାମରା ଯାଇଥିବାରୁ କାଣ୍ଡଗରଡ଼ି ସରପଞ୍ଚ ଲମ୍ବୋଦର ପଣ୍ଡା ଟେଲିଫୋନ ଯୋଗେ କଥା ହୋଇ ତହସିଲଦାର ଆସନ୍ତାକାଲି ସାନି ମାପ କରିବାକୁ ନିଷ୍ପତି ହେବାରୁ ଦୀର୍ଘ ୪ଘଣ୍ଟା ପରେ ଧାରଣାରୁ ଓହରିଲେ ଗ୍ରାମବାସୀମାନେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ ଓ ଖଡ଼ିଛୁଆଁ ପର୍ବ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଦିନୋତ୍ସବ ବିଦ୍ୟାରମ୍ଭ ଯଜ୍ଞ ଓ ଶିଶୁ ଛାତ୍ର ଛାତ୍ରୀ ମାନଙ୍କର ଖଡ଼ି ଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ମାତୃଭାରତୀଙ୍କ ଦ୍ୱାରା ସଂକୀର୍ତ୍ତନ ମଣ୍ଡଳୀ ସହିତ କାକଟପୁର ବଜାର ପରୀକ୍ରମା ଓ ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଛାତ୍ରଛାତ୍ରୀମାନେ ଶିଶୁ ବିଦ୍ୟା ମନ୍ଦିରରେ ପ୍ରବେଶ କରିଥିଲେ । ପରେ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଯଜ୍ଞ ପରିସମାପ୍ତି ପରେ ନୂତନ ଭାବେ ନାମ ଲେଖେଇଥିବା ଶିଶୁ ମାନଙ୍କର ଖଡ଼ି ଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା । ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ପ୍ରଧାନାଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ, ସଭାପତି ପ୍ରମୋଦ କିଶୋର ପୃଷ୍ଟି, ସମ୍ପାଦକ ପ୍ରଭାକର ଖୁଣ୍ଟିଆ, ସୂର୍ଯ୍ୟନାରାୟଣ ଜେନା, ଅନ୍ନଦା କୁମାର ବେହେରା, ରାଜକିଶୋର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା । ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ ।

### ଲକ୍ଷ୍ମୀ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

## ଖଡ଼ିଛୁଆଁ ଦିବସ ଓ ପ୍ରବେଶ ଉତ୍ସବ ପାଳିତ




ନିଆଳି(ଭାସ୍କର ନ୍ୟୁଜ): ଲକ୍ଷ୍ମୀ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ କସର୍ଦାରେ ଅବସର ପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ମହେନ୍ଦ୍ର କୁମାର ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଦ୍ଧନା ଉତ୍ସବ ସହିତ ଚଳିତ ଶିକ୍ଷାବର୍ଷର ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସର ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଥିଲା । ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ, ସଭ୍ୟାମାନଙ୍କ ଉପସ୍ଥିତିରେ ବିଦ୍ୟାଳୟରେ ନିରନ୍ତର ସେବା କରିଥିବା ପୂର୍ବତନ ଶିକ୍ଷା କର୍ମଚାରୀ ମହେନ୍ଦ୍ର କୁମାର ପ୍ରଧାନଙ୍କୁ ସମ୍ମାନିତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବିଦାୟୀ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ନାଥ ମୁଖୀ, ପ୍ରେମାନନ୍ଦ ମହାପାତ୍ର, ଶୁଧାସୁଂ ଶେଖର ସ୍ୱାଇଁ, ହୃଷିକେଶ ଜେନା, ରେଣୁକା ମହାପାତ୍ର ଆଦି ବିଭିନ୍ନ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପ୍ରବେଶ ଉତ୍ସବ, ଖଡ଼ି ଛୁଆଁ ଦିବସ ଓ ଅବସର ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ସ୍ୱାଇଁଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷକ ମଙ୍ଗଳ ପ୍ରସାଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ରଶ୍ମିତା ସାହୁ ମାନପତ୍ର ପାଠ କରିଥିଲେ ଓ କଲ୍ୟାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ବାଟିକା ଶ୍ରେଣୀରେ ନୂତନ ଭାବେ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇଥିଲେ ଓ ସେମାନଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ କରାଯାଇଥିଲା । ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଯଥା ଶିବାନୀ ଦତ୍ତ, ସଙ୍ଘମିତ୍ରା ମହାନ୍ତି, ଜୟନ୍ତୀ ବେତାଳ, ଲକ୍ଷ୍ମୀପ୍ରିୟା ତରଣିଆ, ପ୍ରଣତି ମହାପାତ୍ର, ସସ୍ମିତା ସେନାପତି, ସୁଲୋଚନା ସେଠୀ, ସବିତା ସେଠୀ, ସୁଶ୍ରୀ ଲୋପାମୁଦ୍ରା ବେହେରା, ଆର୍ତ୍ତବନ୍ଧୁ ପାତ୍ର, କ୍ଷୀରୋଦ କୁମାର ମହାପାତ୍ର, ଲୋକନାଥ ମହାପାତ୍ର, ଆଲୋକ କୁମାର ଦାସ, ଅଜୟ କୁମାର ରାଉତରାୟ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ବିଦାୟୀ ସଙ୍ଗୀତ ଗାନ କରାଯାଇଥିଲା ।

## ପେଟ ଚାଖଣ୍ଡେ ପାଇଁ ସଂଘର୍ଷ: ସହାୟତା ଦାବି



ଉମରକୋଟ(ଭାସ୍କର ନ୍ୟୁଜ): ପିଲାଟି ଦିନରୁ ବାପାକୁ ହରେଇଲେ, ହେଲେ ତିନି ଛୁଆକୁ ନେଇ ମା ବଞ୍ଚିବାର ରାହା ନ ପାଇ ତା ବାପା ଘରକୁ ଚାଲି ଆସିଥିଲା ସୁଦୂର କଳାହାଣ୍ଡି ଜିଲ୍ଲା କୋଖସରା ବ୍ଲ ର କୁଟୁରୁ ଗ୍ରାମରୁ । ନିଜ ବାପା ଘର ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଚକଲାପଦର ଗ୍ରାମପଂଚାୟତ ଅନ୍ତର୍ଗତ ଯୋଡ଼ଆମ୍ବ ଗ୍ରାମକୁ ଚାଲିଆସିଥିଲା ଏବଂ ନିଜେ କୋଡ଼ି କୋଦାଳ ଧରି କୁଲି ମଜୁରୀ କରି ନିଜର ତିନି ଛୁଆଙ୍କ ସହିତ ବୃଦ୍ଧ ବାପା ମା'ର ଭରଣ ପୋଷଣ କଲା । ସବୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ଏହି ପରିବାରରୁ ଦୁଃଖ ଆଉ କେବଳ ଦୁଃଖ ହୋଇ ରହିଲା ନାହିଁ । ଶେଷରେ ଦଇବ ଏମାନଙ୍କୁ ଦେଇଦେଲେ ଦାରୁଣ ଦୁଃଖ । ଘରର ରୋଜଗାରକ୍ଷମ ତିନି ଛୁଆର ମା ବନିତାଙ୍କ ମୃତ୍ୟୁ ଘଟିଲା । ୧୧ ବର୍ଷର ବଡଝିଅ କୌଶଲ୍ୟା ମାଝୀ, ୯ ବର୍ଷର ମଝିଆ ଝିଅ ମଙ୍ଗଳମାଝି ସହିତ ୭ ବର୍ଷର ପୁଅ ସୁଦର ମାଝୀ ମା' ବାପା ଛେଉଣ୍ଡ ହୋଇଗଲେ । ବର୍ତ୍ତମାନ ଘରେ ୬୦ରୁ ଉର୍ଦ୍ଧ ବୟସର ବୃଦ୍ଧା ଦମ୍ପତି ତଥା ପିଲାଙ୍କ ଅଜା ନରେନ୍ଦ୍ର ଏବଂ ଆଇ ବୁଢ଼ି କନାଇ ଏବେ ଚିନ୍ତାରେ । ଯେଉଁ ମାନେ ଆଉ କାହା ଉପରେ ହୁଏତ ବୋଝ ହୋଇଥାନ୍ତେ ଆଜି ତାଙ୍କ ଉପରେ ବୋଝ ହୋଇପଡିଛନ୍ତି ଏହି ତିନି ନାତିନାତୁଣୀ । ଏପଟେ ନାଁ ମିଳୁଛି ପେନସନ ନାଁ ମିଳୁଛି ରାସନ, ଏମିତିକି ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଖଣ୍ଡିକୁ ମଧ କେହି ଜଣେ କରିଦେବ କହି ଗରିବର ଫାଇଦା ଉଠେଇ ସବୁତକ ଟଙ୍କା ଉଠେଇ ନେଇଗଲା । ଶେଷରେ ନିଜର ଥିବା ଜାଗା ଟିକେକ ବିକି ପ୍ରଧାନମନ୍ତ୍ରୀ ଆବାସ ଗୃହରେ ଟିଣ ପକେଇ ରହୁଛନ୍ତି । ଏଭଳି ସବୁ ସରକାରୀ ସୁବିଧା ସୁଯୋଗ ଏମାନଙ୍କ ପାଇଁ ସାତସପନ, କହିବାକୁ ଗଲେ ପରିବାରରେ ପାଞ୍ଚ ପ୍ରାଣୀଙ୍କୁ ମିଳୁଛି ପାଞ୍ଚକେଜି ଚାଉଳ, ଆଉ ପାଞ୍ଚ କେଜି ଚାଉଳ ପାଇଁ ପଚାଶ ଟଙ୍କା ଖର୍ଚ୍ଚ କରି ଏମାନଙ୍କୁ ଯିବାକୁ ପଡୁଛି ପାଞ୍ଚ କିଲୋମିଟର ଦୂର । ସେଠାରେ ସେତକ ଚାଉଳ ପାଇଁ ଦିନ ତମାମ ଅପେକ୍ଷା କରିବାକୁ ହୁଏ ଯେଉଁଥିପାଇଁ ପାଞ୍ଚ କେଜି ଚାଉଳ ନେବା ପରିବର୍ତ୍ତେ ଏବେ ଆଉ ଚାଉଳ ପାଇଁ ଯାଉନଥିବା କହିଛନ୍ତି ବୃଦ୍ଧା ଦମ୍ପତି । ପେନସନ କଥା ତ ଛାଡ଼ ବୃଦ୍ଧ ନରେନ୍ଦ୍ରକୁ ବୟସ ଷାଠିଏରୁ ଉର୍ଦ୍ଧ ହୋଇଥିଲେ ବି ମିଳୁନି ଭତ୍ତା । ଏମାନଙ୍କୁ ଭତ୍ତା ବାବଦରେ ଟଙ୍କା ଟିଏ ବି ମିଳୁନାହିଁ, ସ୍ତ୍ରୀଙ୍କ ବୟସ ମଧ ଆନୁମାନିକ ଷାଠିଏରୁ ଉର୍ଦ୍ଧ ହୋଇଥିଲେ ବି ଆଧାର ସଂଶୋଧନ ନ ହୋଇପାରିବା କାରଣରୁ ସିଏବି ବଞ୍ଚିତ ହୋଇଛନ୍ତି ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ । ଏବେ ଘରେ ରହୁଥିବା ଏହି ପାଞ୍ଚ ପ୍ରାଣୀ ମଧ୍ୟରେ କଅଁଳା ତିନି ଛୁଆର କଅଁଳା ବୟସରୁ ଏମାନଙ୍କ ଭବିଷ୍ୟତ ଏବେ ଅନ୍ଧାରରେ । କେବେ ବି ଏମାନେ ବିଦ୍ୟାଳୟର ପିଣ୍ଡା ମାଡ଼ିନାହାନ୍ତି । ପାଠ ପଢିବା ପାଇଁ ମନରେ ଅସୁମାରୀ ଆଶା ଥିଲେ ମଧ ଏମାନଙ୍କ ଦୁଃଖଦୁର୍ଦ୍ଦଶା ଏମାନଙ୍କୁ ଯିବାକୁ ଦେଇନି ବିଦ୍ୟାଳୟ । ସକାଳ ପାହିଲେ କେବେ ମହୁଲ ଗୋଟେଇ ଯାଆନ୍ତି ତ କେବେ ମକା ଲଗେଇବାକୁ, ଏମିତିକି ଲୋକଙ୍କ ଘରେ କାମ କରି ଦୁଇ ପଇସା ରୋଜଗାର କରିବାକୁ ବାଧ ହେଉଥିବା କହିଛନ୍ତି । ମନଟା ଖାଲି ମାଆକୁ ଖୋଜୁଛି ହେଲେ ଦୁଃଖ ସହିତ ପେଟର ଭୋକ ପାଇଁ ଏବେ ତିନି ଭାଇଭଉଣୀ ମହୁଲ ଗୋଟେଇବାକୁ ପହଞ୍ଚି ଯାଉଛନ୍ତି ଜଙ୍ଗଲର ମହୁଲ ବୃଦାମୂଳରେ । ଅକ୍ଷର କଣ ଏମାନଙ୍କୁ ଜଣାନାହିଁ ଏମାନଙ୍କ ଭବିଷ୍ୟତ କ'ଣ ଏମାନଙ୍କୁ ଜଣା ନାହିଁ, ସମୟ ସ୍ରୋତରେ ଭାସିଯାଉଥିବା ଏହି ତିନି ନିରୀହ ଜୀବନକୁ କିଏ ସାହା ହେବ ଯାହାକୁ ନେଇ ଗ୍ରାମବାସୀ ଏଭଳି ଦୁଃଖ ଆଉ ଦୁର୍ଦ୍ଦଶାରେ ଜୀବନ ବିତାଉଥିବା ପରିବାରକୁ ସରକାର ସହାୟତା ଯୋଗେଇଦେବା ସହ ଏହି ଅନାଥ ଶିଶୁଙ୍କୁ ହଷ୍ଟେଲରେ ରଖି ଶିକ୍ଷାଦାନର ବ୍ୟବସ୍ଥା ଲାଗି ଜଣେଇଛନ୍ତି । ଏ ସମ୍ପର୍କରେ ଝରୀଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଅବଗତ କରାଯିବାରୁ ତୁରନ୍ତ ଏହାର ସମାଧାନ ଲାଗି ପ୍ରତିଶୃତି ଦେଇଛନ୍ତି । ବର୍ତ୍ତମାନ ଦେଖିବାକୁ ବାକି ରହିଲା ଏହି ପରିବାରର ଦୁଃଖ ଦୂର ହେବ କେବେ ?

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍ ) : ଖପ୍ରାଖୋଲ ବ୍ଲକ ହରିଶଙ୍କର ଠାରେ ଧଣ୍ଡାମୁଣ୍ଡା ଜବାହାର୍ ଲାଲ୍ ଉଚ୍ଚ ବିଦ୍ୟାଳୟର ୧୯୯୩ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁମନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ରୂପେ ଅବସର ଶିକ୍ଷକ ପ୍ରେମ ଚାନ୍ଦ ଭୋଇ, ସମ୍ମାନୀତ ଅତିଥି ରୂପେ ଅବସର ଖେଳ ଶିକ୍ଷକ ଦୀନବନ୍ଧୁ ମେହେର ଯୋଗ ଦେଇଥିଲେ। ପ୍ରଥମେ ପରଲୋକ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ସମସ୍ତେ ନିଜ ନିଜ ମନ୍ତବ୍ୟ ରଖିବା ସହିତ ବିଦ୍ୟାଳୟ ପୁରୁଣା ଦିନକୁ ମନେପକାଇ ଥିଲେ। ସହପାଠୀଙ୍କ କିଛି ସମସ୍ୟା ହେଲେ ସହଯୋଗର ହାତ ବଢ଼ାଇବାକୁ ଆଲୋଚନା ହୋଇଥିଲା। କବୟିତ୍ରି ନିରୁପମା ପଟେଲ ସ୍ୱରଚିତ କବିତା ପାଠ କରିଥିବା ବେଳେ ଚୈତନ୍ୟ ବାଗ, ହରିହର ମିଶ୍ର, କ୍ଷୀରୋଦ ପ୍ରଧାନ, ବ୍ଲକ୍ ଉପାଧ୍ୟକ୍ଷ ଶୁଖିରାମ ସାଣ୍ଡ, ଜ୍ୟୋତ୍ସ୍ନାମୟୀ ସାହୁ, ଶେଷବନ୍ତି ସାହୁ, ଏମ ଡି ଜୁନେଦ, ଏମ ଡ଼ି କାଦର, ଅବିୟ ଛତ୍ରିଆ, ପ୍ରଦୀପ ମେହେର, ସତ୍ୟବାନ୍ ମେହେର, ସିଦ୍ଧାର୍ଥ ପଟେଲ, ଶେଷଦେବ ମେହେର, ମନୋଜ ସାହୁ ପ୍ରମୁଖ ତିରିଶି ସହପାଠୀ ପରିବାର ଯୋଗଦେଇଥିଲେ। ଡ଼. ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦଣ୍ଡ ଯାତ୍ରା ପାଇଁ ବାଲିମେଳା ଉତ୍ସବ ମୁଖର



ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ମା' ଦଣ୍ଡକାଳୀ ମନ୍ଦିର ପରିଚାଳନା କମିଟି ତରଫରୁ ୨ ତାରିଖ ମଙ୍ଗଳବାର ଠାରୁ ୧୩ ଦିନିଆ ଦଣ୍ଡ ଯାତ୍ରା ଆରମ୍ଭ ହୋଇଛି। ଏହା ଆସନ୍ତା ୧୪ ତାରିଖରେ ପାଳନ ହେବାକୁ ଥିବା ମହାବିଷୁବ ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ଏହାକୁ ନେଇ ସମଗ୍ର ବାଲିମେଳା ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ଏହି ଅବସରରେ ମଙ୍ଗଳବାର ସହରର ଓଡ଼ିଆ ସାହିର ଦଣ୍ଡ ନାଚ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ମାନସିକ ଧାରୀ ଦଣ୍ଡୁଆମାନେ ଧୂଳି ଦଣ୍ଡ ପରିବେଷଣ କରିଥିଲେ। ଏହାପରେ ପ୍ରସାଦ ସେବନ ଏବଂ ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଷୁବ ସଂକ୍ରାନ୍ତି ଅବସରରେ ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ମେରୁ ଯାତ୍ରା ଅନୁଷ୍ଠିତ ହେବ। ଯାତ୍ରାକୁ ସୁରୁଖୁରୁରେ ସମାପନ କରିବା ଲାଗି ପ୍ରସ୍ତୁତି କରାଯାଇଥିବା ଦଣ୍ଡ ଯାତ୍ରା ପରିଚାଳନା କମିଟିର ସଭାପତି ଗଜେନ୍ଦ୍ର ମାହାନ୍ତି, ଉପ ସଭାପତି ରାମ ବାରିକ, ସମ୍ପାଦକ ବାବୁଲା ଡାକୁଆ, ଯୁଗ୍ମ ସମ୍ପାଦକ ସୁଶାନ୍ତ ମହାରଣା ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ କହିଛନ୍ତି। ଅଭିଭକ୍ତ କୋରାପୁଟ ଜିଲ୍ଲାରେ ବାଲିମେଳା ଦଣ୍ଡ ଯାତ୍ରାର ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ଅନେକ ମାନସିକ ଧାରୀଙ୍କ ମନୋସ୍କାମନା ପୂରଣ ଓ ପରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ଦଣ୍ଡ ଯାତ୍ରା କରିଥାନ୍ତି। ଚଳିତବର୍ଷ ଏହି ଦଣ୍ଡ ଯାତ୍ରା ବାଲିମେଳା ସହରର ବିଭିନ୍ନ ଅଞ୍ଚଳରେ ୮ ଦିନ, ନବରଙ୍ଗପୁରରେ ଦୁଇ ଦିନ, ଦାମନଯୋଡିରେ ଦିନେ, ସୁନାବେଡାରେ ଦିନେ ଏବଂ ବୈପାରୀଗୁଡାରେ ଗୋଟିଏ ଦିନ ଦଣ୍ଡ ଯାତ୍ରା ପରିବେଷଣ କରିବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି। ତେବେ ଜନ ଗହଳିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ, ଏପ୍ରିଲ ୧ ତାରିଖ ଠାରୁ ୧୪ ପର୍ଯ୍ୟନ୍ତ ଓଡ଼ିଶା 'ଓଡ଼ିଆ ପକ୍ଷ' ପାଳନ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟା ସଭାଗୃହରେ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏପ୍ରିଲ ୩ ତାରିଖକୁ ପାରମ୍ପରିକ ପୋଷାକ ପରିଧାନ ଦିବସ ଭାବେ ପାଳନ କରାଯିବା ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ତତଃ ପକ୍ଷେ ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କୁ ପାରମ୍ପରିକ ପୋଷାକ ପରିଧାନ କରିବା ପାଇଁ ଜିଲ୍ଲାପାଳ ଡଃ ମହାପାତ୍ର ଅନୁରୋଧ କରିଥିଲେ। ଆଗାମୀ ୧୩ ତାରିଖ ରବିବାର ଦିନ ଜିଲ୍ଲା କାର୍ଯ୍ୟାଳୟ ମଧ୍ୟରେ ଏକ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ବୈଠକ ଶେଷରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଏବଂ କର୍ମଚାରୀ ମାନେ ଫଟୋ ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ନବରଙ୍ଗପୁର, ବିରଞ୍ଚି ନାରାୟଣ ଦର୍ବାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ନବରଙ୍ଗପୁର ଯଦୁମଣି ନାୟକ, ପ୍ରକଳ୍ପ ପ୍ରଶାସକ, ସମ୍ୱନୀତ ଅଧିବାସୀ ଉନ୍ନୟନ ସଂସ୍ଥା, ରାଜୀବ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁଧାଂଶୁ ଶେଖର ପାତ୍ର, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଶ୍ରୀମତୀ ଦ୍ରୌପଦୀ କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ମନୋଜ କୁମାର ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ, ଅଜୟ କୁମାର ମଲ୍ଲିକ, ଡେପୁଟି କଲେକ୍ଟର ଶ୍ରୀମତୀ ମୀରା ନାୟକ, ଚଇନୁ ଗଣ୍ଡ, ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର, ଅଶ୍ୱିନୀ ମାଝୀ, ହେମନ୍ତ ସୌରା, ବିନାୟକ ଖଡଙ୍ଗା, ଶିବ ଶଙ୍କର ପାଢ଼ି, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜରୁରୀ କାଳୀନ ବିଭାଗ, ହିମାଂଶୁ ଶେଖର ପଟନାୟକଙ୍କ ସହିତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପରିଚାଳନା କରିଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ ଅଁରା ଗ୍ରାମଠାରେ ଏକ ମାଗଣା ଚକ୍ଷୁ ଶିବିର ଶ୍ରୀ ମେଟାଲିକ୍ସ ଲିମିଟେଡ୍, କେନ୍ଦୁଝରଗଡ ରୋଟାରୀ କ୍ଲବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସ ଜି ଫାଉଣ୍ଡେସନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। କଟକ ସ୍ଥିତ ଜେପିଏମ ଆର. ସି. ସି ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ସଦସ୍ୟ ବୃନ୍ଦ ଅଁରା ତଥା ପାର୍ଶ୍ୱବର୍ତ୍ତୀ ଗ୍ରାମ ବିନିଦା ଆମୁଣି, ଉରୁମୁଣ୍ଡା ଶଙ୍କରାପଶି ଓ ରାଇଗୁଡା ଗ୍ରାମର ୮୭ଜଣ ଗ୍ରାମବାସୀ ସେମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ନିମନ୍ତେ ଜେପିମ୍ ଚିକିତ୍ସାଳୟକୁ ନିଆଯାଇ ମାଗଣା ଚିକିତ୍ସା କରାଯାଉଛି। ଜେପିଏମ ଏକ ଦଳ ସ୍ଥାନୀୟ ଅଁରା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶିବିର କରି ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ପ୍ରାୟ ୪୦ଜଣ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକବୃନ୍ଦ ଏହି ଶିବିର ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉପର ରାଇଗୋଡା ପଞ୍ଚାୟତର ସରପଞ୍ଚ ବିନିତା ପ୍ରଧାନ ଓ ରାଇଗୋଡାର ଶ୍ରୀ ବେଣୁଧର ପ୍ରଧାନ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଉପରୋକ୍ତ ଚକ୍ଷୁ ଚିକିତ୍ସା ଶିବିର ପରିଚାଳନାରେ କେନ୍ଦୁଝରଗଡ଼ ରୋଟାରୀ କ୍ଲବର ପ୍ରମୁଖ ସଦସ୍ୟବୃନ୍ଦ ସୁରେଶ ଚନ୍ଦ୍ର ଖଟେଇ, ଇଂ ଦେବବ୍ରତ ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, ଅମୀୟ ବେହେରା, ସବିତା ବେହେରା, ସତ୍ୟଜିତ ନନ୍ଦ, ପ୍ରଭାତ ଭୂୟାଁ, ପ୍ରଶାନ୍ତ ସ୍ୱାଇଁ, ବିଜୟ କାପୁର, ଗଜେନ୍ଦ୍ର ପ୍ରସାଦ ବେହେରା, ପ୍ରଣତି ମହାପାତ୍ର, ଶ୍ରୀ ମେଟାଲିକ୍ସ ଲିଃ ତରଫରୁ ସଭାପତି ସରୋଜ କୁମାର ବିଶ୍ୱାଳ, ବି ଏନ ପ୍ରସାଦ, ଶିଶିର କୁମାର ରାଉତ, ପ୍ରଭାତ କୁମାର ପ୍ରଧାନ, ଚକ୍ରଧର ପରିଡା, ଅଫତାବ ଆଲାମ, ଇଞ୍ଜାମାମ ଉଲ ହକ, ଶେଷଦେବ ବେହେରା, ବିନୋଦ କୁମାର ମହାନ୍ତି ପ୍ରମୁଖ ଓ ଏସଜି ଫାଉଣ୍ଡେସନ ପକ୍ଷରୁ ବିଶ୍ୱଭୂଷଣ ଭଟ୍ଟାଚାର୍ଯ୍ୟ, ମାନସ କୁମାର ରାଉତ, ରଞ୍ଜନ ନାୟକ, ହିତବନ୍ଧୁ ଜୁଆଙ୍ଗ ଓ ପ୍ରମୋଦ ଜେନା, ସ୍ଥାନୀୟ ଅଁରା ଗ୍ରାମର ପ୍ରମୁଖ ବ୍ୟକ୍ତିବିଶେଷ ପୁରନ୍ଦର ସେନାପତି, ବିଦ୍ୟାଧର ବାରିକ, ପ୍ରଭାକର ବାରିକ, ଗୋବର୍ଦ୍ଧନ ଖମାରିଆ, ଶିଶିର ଦାସ, ହିମାଂଶୁ ଦାଶ ତନୁ ବାରିକ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଗାୟତ୍ରୀ ଯଜ୍ଞ, ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳିତ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁଆଁରପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଗୁରୁବାର ପ୍ରାତଃ ସମୟରେ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଭଉଁରିଆ ନଦୀରୁ ଅଭିଭାବକ ମା ଓ ଶିଶୁ ଭଉଣୀ ମାନେ କଳସ ଯାତ୍ରା, ଘୋଷ ବାଦ୍ୟର ତାଳରେ ଅସ୍ତରଙ୍ଗ ବଜାର ପରିକ୍ରମା କରି ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ତତ୍ପରେ ବିଦ୍ୟାଳୟ ପରିସରରେ ବିଦ୍ୟାରମ୍ଭ ଯଜ୍ଞ ବିଦ୍ୟାଳୟ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀଙ୍କ ସମୂହ ଉପସ୍ଥିତରେ ଅନୁଷ୍ଠିତ ହୋଇଥିଲା। ନୂତନ କରି ବିଦ୍ୟାଳୟର ପ୍ରବେଶ ଉତ୍ସବରେ ୪୫ଜଣ ନୂତନ ଛାତ୍ର, ଛାତ୍ରୀଙ୍କୁ ଶିଶୁମାନଙ୍କୁ ଖଡ଼ିଛୁଆଁ ଯାଇଯାଇଥିଲା। ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାନାଥ ପରିଡା, ସଭ୍ୟା ପୂଜାରାଣୀ ନାୟକ, ସ୍ୱପ୍ନା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଗୁରୁଜୀ ଅଶୋକ ପରିଡା ନୂତନ ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଁ କରାଇଥିଲେ। ଉପସ୍ଥିତ ଅତିଥି ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ 'ପ୍ରବେଶ ଉତ୍ସବ' ଏବଂ ଖଡିଛୁଆଁ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି ବୋଲି ମତ ଦେଇଥିଲେ। ଯାହାକି ସେମାନଙ୍କ ନାମ ଲେଖା ଓ ବିଦ୍ୟାଳୟରେ ପ୍ରଥମ ଦିନ ସ୍ମରଣୀୟ କରିବ। ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ପ୍ରତିଶ୍ରୁତି ବଦ୍ଧ। ଶିଶୁ ନୂଆ ପିଢ଼ିର ଭବିଷ୍ୟତ ଗଠନ କରି ପିଲା ମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶିଳ ଭବିଷ୍ୟତ ପ୍ରଦାନ କରିବ ବୋଲି ଅତିଥି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଗୁରୁଜୀ ସନ୍ତୋଷ ଜେନା, ପ୍ରଦୀପ ବେହେରା ସଂଯୋଜନା କରିଥିଲେ। ଗୁରୁଜୀ ଦିବାକର ପ୍ରଧାନ, ରବି ସେନାପତି ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ଭଞ୍ଜ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

## ଅବସର ପରେ ସ୍ୱାଗତ ସମ୍ବର୍ଦ୍ଧନା



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଭାରତୀୟ ସେନାରେ ଚାକିରୀ ପରେ ଅବସର ଗ୍ରହଣ କରିଥିବା ଜଣେ ଯବାନଙ୍କୁ ନିଜ ଜନ୍ମ ମାଟିରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଯବାନ ଜଣକ ହେଲେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ନାୟକଗୁଡାର ବନ୍ଧୁ ବାକା। ସେନାରୁ ଅବସର ପରେ ନିଜ ଜନ୍ମମାଟିକୁ ଫେରିଛନ୍ତି ବନ୍ଧୁ। ଆଉ ଆନନ୍ଦ ଉଲ୍ଲାସରେ ଫାଟି ପଡିଛି ନାୟକଗୁଡା ଗାଁ। ୨୦୦୮ ମସିହା ମାଲକାନଗିରିରେ ଭାରତୀୟ ସେନାରେ ଭର୍ତ୍ତୀ ହେବା ପାଇଁ ପରୀକ୍ଷା ହୋଇଥିଲା। ସେହି ସମୟରେ ମାଲକାନଗିରି ଜିଲ୍ଲାରେ ମାଓବାଦୀଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ଥିଲା। ସୁରକ୍ଷା ବାହିନିରେ ଯୋଗ ନଦେବା ତଥା ସେମାନଙ୍କୁ ସାହାଯ୍ୟ ନକରିବା ପାଇଁ ଫତୁଆ ଜାରି କରିଥିଲେ ମାଓବାଦୀ। କଥା କଥା କେ ମିଳୁଥିଲା ମୃତ୍ୟୁ ଦଣ୍ଡ। ସେନାରେ ଚାକିରୀ କରୁଥିବା ଅନେକ ସ୍ଥାନୀୟ ଯବାନଙ୍କୁ ଛୁଟିରେ ଗାଁକୁ ଆସିଥିବା ବେଳେ ହତ୍ୟା ମଧ୍ୟ କରିଛନ୍ତି ମାଓବାଦୀ। ଏସବୁକୁ ଭ୍ରୂକ୍ଷେପ ନକରି ନିଜ ଜୀବନର ୧୭ ବର୍ଷର ସେନା ଚାକିରୀ ସମାପ୍ତ କରି ଫେରିଛନ୍ତି ବନ୍ଧୁ ବାକା। ନିଜ ଚାକିରି ଜୀବନରେ ଜମ୍ମୁ କାଶ୍ମିର, ପଞ୍ଜାବ, ମଣିପୁର, ବିହାରରେ ବିଭିନ୍ନ ସେନା ଅପରେସନରେ ସଫଳତାର ସହ ଯୋଗ ଦେଇ ଦେଶ ମାତୃକାର ସେବା କରିଛନ୍ତି ବନ୍ଧୁ। ସତର ବର୍ଷ ଲାନସ ନାୟକ ଭାବେ କାର୍ଯ୍ୟ କରିବା ପରେ ଗଇଉଚ ହାବିଲଦାର ଭାବେ ଅବସର ଗ୍ରହଣ କରିଛନ୍ତି। ଘରେ ଥିବା ସ୍ତ୍ରୀ ଉଷାବତୀ ଓ ଚାରି ବର୍ଷର ଝିଅ ବାପାଙ୍କୁ ପାଖରେ ପାଇ ବେଶ ଖୁସି ହୋଇଛନ୍ତି। ଦେଶ ପାଇଁ କାମ କରି ଫେରିଥିବାରୁ ବାଜା ବଜାଇ, ନାଚଗୀତ କରି ଗ୍ରାମବାସୀଙ୍କ ସହ ପଡୋଶୀ ଗ୍ରାମର ସାଧାରଣ ଜନତାଙ୍କ ଦ୍ୱାରା ସ୍ୱାଗତ କରାଯାଇଛି ବନ୍ଧୁଙ୍କୁ। ଗାଁ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଆଗାମୀ ଦିନରେ ଯୁବବର୍ଗ ଦେଶମାତୃକାର ସେବା ପାଇଁ ଆଗକୁ ଆସିବାକୁ ଆହ୍ୱାନ ଦେଇଛନ୍ତି ବନ୍ଧୁ ବାକା।

## କୋର୍ଟ ରାସ୍ତା ମରାମତି କେବେ?

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରପରିଷଦ କିଛି ଦିନ ତଳେ ପୌରପରିଷଦ ଅଞ୍ଚଳରେ ନିୟମିତ ଛୋଟବଡ଼ ଦୁର୍ଘଟଣାକୁ ରୋକିବା ପାଇଁ ପୌରପରିଷଦ ଅଧକ୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତାର ବିଭିନ୍ନ ସ୍ଥାନରେ ଫାଇବାର ହମ୍ପସ କରି ଭଲ ପଦକ୍ଷେପ ନେଇଥିଲେ। କିନ୍ତୁ ଅଳ୍ପ କିଛିଦିନ ପରେ ପୂର୍ତ୍ତ ବିଭାଗ ଫୁଲବାଣୀ ରାସ୍ତାକୁ ସୁନ୍ଦର କରିବା ପାଇଁ ହମ୍ପସ ଉପରେ ପିଚୁ ରାସ୍ତା କରିଦେଇଥିଲେ। ବର୍ତ୍ତମାନ ସୁଧା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଉଭୟ ପକ୍ଷ କୌଣସି ଦୃଢ଼ ପଦକ୍ଷେପ ନ ନେଇ ସବୁ ଜାଣି ଚୁପରେ ବସି ଯାଇଛନ୍ତି। ସବୁଠାରୁ ବଡ ଦୁଃଖର ବିଷୟ ଯେ ଦୀର୍ଘ ଦିନ ହେଲାଣି କୋର୍ଟ ସମ୍ମୁଖରେ ଥିବା ପିଚୁ ରାସ୍ତାର ମରାମତି କରୁନାହାନ୍ତି। ଏହି ରାସ୍ତାରେ ଜର୍ଜଙ୍କ ବାସଗୃହ ଓ ପ୍ରତିଦିନ ଜିଲ୍ଲା କୋର୍ଟକୁ ଶହ ଶହ ଜନସାଧାରଣ ଓ ଅଧିକାରୀ ମାନେ ଯାତାୟାତ କରିଥାନ୍ତି। ହେଲେବି ରାସ୍ତା ମରାମତି ହେଉପାରୁନାହିଁ। ମାନ୍ୟବର ମୁଖ୍ୟମନ୍ତ୍ରୀ ଓ କୋଠାବାଡି ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବା ସହିତ ଅଧିକାରୀଙ୍କ ପ୍ରତି ଦୃଢ଼ ପଦକ୍ଷେପ ନେଲେ ଠିକ ସମୟରେ ସରକାରଙ୍କ ଅର୍ଥ ଠିକ ଭାବରେ ଖର୍ଚ୍ଚ ହେବ ଓ ଜନସାଧାରଣ ମାନେ ସୁବିଧା ପାଇପାରିବେ।

## ଜୟ ଶ୍ରୀ ରାମସେନା ପକ୍ଷରୁ ରାମନବମୀ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ପବିତ୍ର ରାମନବମୀ ଉପଲକ୍ଷେ ରଘୁନାଥପୁର ଶ୍ରୀ ରାମ ସେନା ପକ୍ଷରୁ ହେବାକୁ ଥିବା ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ରଘୁନାଥପୁର ମଦନମୋହନ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ଶୋଭାଯାତ୍ରାକୁ ସଫଳ କରିବା ସହ ସନାତନୀ ଭାଇ ମାନଙ୍କୁ ଏକଜୁଟ କରିବା ଏହି ଶୋଭାଯାତ୍ରାର ପ୍ରମୁଖ ଲକ୍ଷ୍ୟ। ଏହି ଶୋଭା ଯାତ୍ରା ସ୍ଥାନୀୟ ରୁଦ୍ରେଶ୍ୱର ମହାଦେବ ମନ୍ଦିରରୁବାହାରି ଅଯୋଧ୍ୟା ପୁର ହନୁମାନ ମନ୍ଦିର ରଘୁନାଥ ପୁର ନାରାୟଣୀ ଛକକୁ ସଂଯୋଗକରି ରଘୁନାଥ ପୁର ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବ। ପରେ ଏହି ଶୋଭାଯାତ୍ରା ହଂଶୁଆ, ପଣ୍ଡା ଛକ, ଅଡେଇକୁଳ, ସନକୋରକୋର କର୍, ଗୁଆଳିପୁର, ବର୍ତ୍ତି, ରାଧାନଗର, ନାଉଲିଆ, ଓଡ଼ପଡ଼ା, ଗୋପାଳପୁର, ଭାସିଲ ପୁର, ଧରାଧରପୁର ଆଦି ଗ୍ରାମକୁ ଏହି ଶୋଭାଯାତ୍ରା ସଂଯୋଗ କରିବ। ଶେଷରେ ଏହି ଶୋଭାଯାତ୍ରା ମହାବୀର ସାହି ହନୁମାନ ମନ୍ଦିରରେ ସମାପ୍ତି ହେବ। ସେଠାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଶୋଭା ଯାତ୍ରାକୁ ସଫଳ କରିବା ସହ ଶୋଭାଯାତ୍ରାରେ ଯୋଗଦେବା ପାଇଁ ରଘୁନାଥ ପୁର ଶ୍ରୀରାମ ସେନା ପକ୍ଷରୁ ଅଞ୍ଚଳର ଜନସାଧାରଣଙ୍କୁ ଆହ୍ୱାନକରାଯାଇଛି। ଏହି ପ୍ରସ୍ତୁତି ବୈଠରେ ଜଗତସିଂହପୁର ଜିଲ୍ଲାର ବଜରଙ୍ଗ ଦଳର ବଳ ଉପାସନା କେନ୍ଦ୍ର ପ୍ରମୁଖ ଦେବାଶିଷ ଦଳାଇ, ରଘୁନାଥପୁର ଶ୍ରୀରାମ ସେନାର କର୍ମକର୍ତ୍ତା ପ୍ରତାପ ଚନ୍ଦ୍ର ମହାନ୍ତି, ସରିତ୍ ମହାପାତ୍ର, ସୁମିତ୍ ମଣ୍ଡଳ, ବିଶ୍ୱଜିତ୍ ଦାସ, ଉମାକାନ୍ତ ପାତ୍ର, ନିଶିକାନ୍ତ ନାୟକ, ଆଶିଷ ସାମଲ, ସୁମଲ୍ୟ ମହାନ୍ତି, ରାକେଶ ସାହୁ, ବୈଜୟନ୍ତ ସାହୁ, ସୁକାନ୍ତ ଦଳାଇ, ଚିତ୍ତରଞ୍ଜନ ଦାସ, ପ୍ରକାଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ ଅଭିଯୋଗ ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିରେ ପୂର୍ବତନ ବିଧାୟକ ଦେଲେ ଦାବିପତ୍ର



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍ ) : ଖପ୍ରାଖୋଲରେ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ ଅଭିଯୋଗ ଘଟଣାରେ ଅଭିଯୁକ୍ତକୁ ଗିରଫ ଦାବଓରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ଏକ ଦାବିପତ୍ର ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଥମେ ବିଜେଡି କର୍ମୀ ଦଳୀୟ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଥାନାରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକଙ୍କ ସମେତ ରମେଶ ପ୍ରଧାନ, ମୋହନ ସୁନା, ବିପ୍ର ବିଶି, ଟିକେଶ୍ୱର୍ ଧରୁଆ, କୁଶ ମାଝୀ, ପବିତ୍ର ପଟେଲ, କେଶବ ସେଠ୍, ଜଳନ୍ଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୮ ତାରିଖ କନିଷ୍ଠ ଯନ୍ତ୍ରୀ ଲୋହିତ କୁମାର ବଳ ତାଙ୍କୁ ଉପେନ୍ଦ୍ର ଭୋଇ ଓ ଗୋପାଲ ଆକ୍ରମଣ କରିଥିବା ବଲାଙ୍ଗିର ଟାଉନ୍ ଥାନାର ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସେହିପରି ଖପ୍ରାଖୋଲ ଥାନାର ସାହଜପାଣି ସମିତି ସଭ୍ୟ ଉପେନ୍ଦ୍ର ଭୋଇ କନିଷ୍ଠ ଯନ୍ତ୍ରୀ ତାଙ୍କୁ ଆକ୍ରମଣ କରିଥିବା ନେଇ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନା ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ପୂର୍ବତନ ବିଧାୟକ କନିଷ୍ଠ ଯନ୍ତ୍ରୀଙ୍କ ସପକ୍ଷରେ ବାହାରିଛନ୍ତି।

## ରାଜା ମହାନ ଗ୍ରାମରେ ଅଷ୍ଟପ୍ରହରୀ ସମାପନ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ବ୍ରଜରାଜନଗର ପୌରପରିଷଦ ରାଜା ମହାନ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅଷ୍ଟପ୍ରହରୀ ସମାପନ ହୋଇଯାଇଛି। ଏହି ଅଷ୍ଟପ୍ରହରୀ ସୋମବାର ଦିନ କଳସ ଯାତ୍ରାରୁ ଆରମ୍ଭ ହୋଇ ବୁଧବାର ସନ୍ଧ୍ୟାରେ ଦଧି ହାଣ୍ଡି ଭଞ୍ଜନରେ ଶେଷ ହୋଇଛି। ଏହି ଅଷ୍ଟପ୍ରହରୀ ନାମଯଜ୍ଞରେ କର୍ତ୍ତା ଭାବେ ରବିନ୍ଦ୍ର କୁମାର ଜେନା ଓ ତାଙ୍କ ସହଧର୍ମିଣୀ ଡଲି ଜେନା ଦାୟୀତ୍ୱ ତୁଲାଇଥିଲେ। ସୋମବାର ଦିନ ସାତଟି କଳସ ଧରି ରାଜା ମହାନ ଗ୍ରାମର ପୁରୁଷମାନେ ଇବ୍ ନଦୀ ଠାରେ ପହଞ୍ଚି ସେଠାରେ ପୂଜକ ଅଶୋକ କୁମାର ଉପାଧ୍ୟାୟ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିବା ପରେ କଳସ ଯାତ୍ରା ଆରମ୍ଭ କରିଥିଲେ। କଳସ ଧରି ଯଜ୍ଞ ମଣ୍ଡପ ଠାରେ ପହଁଞ୍ଚି ସେଠାରେ କଳସ ସ୍ଥାପନ କରିଥିଲେ। ଏହି ଅଷ୍ଟପ୍ରହରୀରେ ଆଖପାଖର ଆଠଟି ସଙ୍କୀର୍ତ୍ତନ ଦଳ ଯୋଗଦେଇଥିଲେ। ଏହି ଅଷ୍ଟପ୍ରହରୀକୁ ରାଜା ମହାନ ଗ୍ରାମର ଜୟସନ୍ ପରିଡ଼ା, ଲୋଚନ ରାଉତ, ଗଣେଶ ସାହୁ, ବିମଲ ବେହେରା, ବସନ୍ତ ପଣ୍ଡା, କୈଳାଶ ସାହୁ, ସନ୍ତୋଷ ଗଣ୍ଡ, ଶଙ୍କର ସାହୁ, ରୋହିତ ସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବ୍ରାହ୍ମଣୀ ବ୍ଲକ ଗଠନ ଦାବି ଜୋର ଧରିଲା

## ଧୋୟା ଅଞ୍ଚଳବାସୀଙ୍କୁ ନେଇ ସଂଗ୍ରାମ ସମିତିର ବୈଠକ




ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ର ସରକାର ନିର୍ବାଚନମଣ୍ଡଳୀ ପୁନଃ ଗଠନ ପାଇଁ ପଦକ୍ଷେପ ନେଇଥିବାରୁ ରାଜ୍ୟ ସରକାର ପ୍ରଶାସନିକ ସୁବିଧା ପାଇଁ ବ୍ଲକ ପୁନଃ ଗଠନ କରିବା ପାଇଁ ଯୋଜନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ଉପାନ୍ତ ଧୋୟାଞ୍ଚଳ ବନ୍ୟା ବିପନ୍ନ ପଞ୍ଚାୟତକୁ ନେଇ ବ୍ରାହ୍ମଣୀ ବ୍ଲକ ଗଠନ ପାଇଁ ଧୋୟାଞ୍ଚଳବାସୀ ଦୀର୍ଘ ଦିନ ହେବ ଦାବି କରିଆସୁଛନ୍ତି। ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକ ଧୋୟାଞ୍ଚଳର ୧୪ଟି ପଞ୍ଚାୟତକୁ ନେଇ ଗଠିତ ବ୍ରାହ୍ମଣୀ ବ୍ଲକ ଗଣ ସଂଗ୍ରାମ ସମିତି ଜରିଆରେ ୧୯୯୩ ମସିହାରେ ଧୋୟାଞ୍ଚଳର ବିଶିଷ୍ଟ ସମାଜସେବୀ ବରିଷ୍ଠ ରାଜନେତା ଦିବଂଗତ ଡା ଗଦାଧର ମଲ୍ଲିକ, ଦିବଂଗତ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ବ୍ରହ୍ମାନନ୍ଦ ସାମଲ ପ୍ରଫେସର ଗୟାଧର ରାଉତ, ଅଭୟ ପରିଡା, କୃଞ୍ଜ ବିହାରୀ ପାତ୍ର, ଧରଣୀଧର ଦାସ ଓ ଶ୍ୟାମ ସୁନ୍ଦର ଓଝା ପ୍ରମୁଖ ଧୋୟାଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ବ୍ରାହ୍ମଣୀ ବ୍ଲକ ଗଠନ ଦାବି ନେଇ ଆନ୍ଦୋଳନ କରିବା ସହିତ ଏ ସମ୍ପର୍କ ତତ୍କାଳୀନ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟନାୟକ ଏ ଦିଗରେ ଅନୁକୂଳ ମତପୋଷଣ କରିଥିଲେ ଓ ମାତ୍ର ଇତି ମଧ୍ୟରେ ୩୨ବର୍ଷ ବିତି ଯାଇଥିବା ସହିତ ସରକାର ପରେ ସରକାର ବଦଳି ଯାଇଛି। କିନ୍ତୁ ଧୋୟାଞ୍ଚଳବାସୀଙ୍କ ବ୍ରାହ୍ମଣୀ ବ୍ଲକ ଗଠନ ସ୍ୱପ୍ନ ଅଧୁରା ରହିଛି। ରାଜ୍ୟ ସରକାର ସମ୍ପ୍ରତି ବ୍ଲକ ପୁନଃଗଠନ ପାଇଁ ଯୋଜନା କରୁଥିବାରୁ ବ୍ରାହ୍ମଣୀ ବ୍ଲକ ଗଠନ ଦାବୀ ପୁନଃଜୀବିତ ହୋଇଛି। ଏହି ଦାବି ହାସଲ ପାଇଁ ବ୍ରାହ୍ମଣୀ ବ୍ଲକ ଗଣସଂଗ୍ରାମ ସମିତି ଗଠନ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଁଶରା ସମବାୟ ସମିତି ସମ୍ମିଳନୀ କକ୍ଷରେ ବ୍ରାହ୍ମଣୀ ବ୍ଲକ ଗଠନ ଦାବି ନେଇ ଗଣସଂଗ୍ରାମ ସମିତିର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣୀ ବ୍ଲକ ଗଠନ ପାଇଁ ଅତୀତରେ ହୋଇଥିବା ଆନ୍ଦୋଳନର ପୁରୋଧାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆୟୋଜିତ ସଭାରେ ଗଣସଂଗ୍ରାମ ସମିତିର ବରିଷ୍ଠ ସଭ୍ୟ ଡ଼ ଚକ୍ରଧର ଦାସ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ସାମଲ, ବିପ୍ଲବୀ ନେତା ଅଭିମନ୍ୟୁ ମଲ୍ଲିକ, ବର୍ଷିଆନ ନେତା ଧନେଶ୍ୱର ପ୍ରଧାନ, ଦଳିତ ନେତା ଦଶରଥ ମଲିକ, ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁ, ଶକ୍ତିରଞ୍ଜନ ବିଶ୍ୱାଳ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ବ୍ରାହ୍ମଣୀ ବ୍ଲକ ଗଠନ ଦାବୀର ଯଥାର୍ଥତା ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଭାଷଣ ଦେଇଥିଲେ। ଶିକ୍ଷାବିତ ନିରଞ୍ଜନ ସୁନ୍ଦରରାୟ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସଭାରେ ପ୍ରାଧ୍ୟାପକ ଅଶୋକ ନାୟକ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ଅମୃତମଣୋହି ସମିତିସଭ୍ୟ ଅନ୍ନପୂର୍ଣ୍ଣା ମଲ୍ଲିକ, ପେଣ୍ଡପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ତରଡ଼ିପାଳ ସମିତିସଭ୍ୟ ନିରଞ୍ଜନ ବାରିକ, ଶିକ୍ଷାବିତ ପାର୍ଥସାରଥୀ ଦାଶ ଓ ନିମାଇଁ ମଲ୍ଲିକ କବି ସଚିତ୍ର ବେହୁରା, ଯୁବନେତା ପ୍ରଶାନ୍ତ ସ୍ୱାଇଁ ସମାଜସେବୀ ଅଶୋକ ମଲ୍ଲିକ ଓ ହୃଷିକେଶ ବେହୁରା, ପ୍ରାକ୍ତନ ସରପଞ୍ଚ ରତିକାନ୍ତ ସାହାଣୀ, କୂଳମଣି ମଲିକ ନିଶାମଣି ମହାନ୍ତି, ପ୍ରାକ୍ତନ ସମିତି ସଭ୍ୟ ଅଶୋକ ବିଶ୍ୱାଳ, ବବିତା ମଲିକ, ବାମପନ୍ଥୀ ନେତା ସଂଜୀବ ରାଉତ, ଯୁବନେତା ସିଦ୍ଧାର୍ଥ ଦାସ, ସୌଭାଗ୍ୟ ରଞ୍ଜନ ରାଉତ, ସୁଧାଂଶୁ ଦାସ ପ୍ରମୁଖ ଭାଷଣ ଦେଇ ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକ ଧୋୟାଞ୍ଚଳବାସୀଙ୍କୁ ପ୍ରଶାସନିକ ସୁବିଧା ଯୋଗାଇ ଦେବା ପାଇଁ ବ୍ରାହ୍ମଣୀ ବ୍ଲକ ଗଠନ ଜରୁରୀ ହୋଇ ପଡିଛି ବୋଲି ମତପ୍ରକାଶ କରିବା ସହିତ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦୃଢ଼ ଦାବି କରିଥିଲେ। ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକ ଧୋୟାଞ୍ଚଳର ୧୪ଟି ପଂଚାୟତର ଲୋକପ୍ରତିନିଧି ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଗୋରୁ ବ୍ୟବସାୟକୁ ନେଇ ବସିଲା ସ୍ୱତନ୍ତ୍ର ଗ୍ରାମସଭା

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍ ) : ସମଲେଇ ସାପ୍ତାହିକ ହାଟରେ ଗୋରୁ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହେବା ନେଇ ଦୀର୍ଘ ଦିନ ଦାବି ହୋଇ ଆସୁଥିଲା। ଏ ସଂକ୍ରାନ୍ତରେ ବଣାଇ ଉପଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ କେନ୍ଦ୍ର କରି ଉପଜିଲ୍ଲାପାଳ ଗୋରୁ ହାଟ ନକରିବାକୁ ଲହୁଣୀପଡ଼ା ବିଡ଼ିଓଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ। ନିର୍ଦ୍ଦେଶକଙ୍କୁ ଆଧାର କରି ଗୋରୁ ହାଟ ନକରି କେବଳ ପରିବା ହାଟ କରିବା ପାଇଁ ରାଜା ମୁଣ୍ଡା ପଞ୍ଚାୟତ ନୋଟିସ ଜାରି କରିଥିଲା। ଏହା ଜାଣିବା ପରେ କେହି ବ୍ୟକ୍ତି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ନଥିଲେ। ତେଣୁ ବାଧ ହୋଇ ସମଲେଇ ସାପ୍ତାହିକ ହାଟରେ ଗୋରୁ ହାଟ ବସିବ ନାଁ ନାହିଁ ସେ ନେଇ ଲୋକଙ୍କ ମତାମତ ଲୋଡିଥିଲା ରାଜାମୁଣ୍ଡା ଗ୍ରାମ ପଞ୍ଚାୟତ। ଏହାକୁ ନେଇ ଅନୁଷ୍ଠିତ ହୋଇଥିଲା ସ୍ୱତନ୍ତ୍ର ଗ୍ରାମ ସଭା। ଅନୁଷ୍ଠିତ ଗ୍ରାମ ସଭା ସାଢେ ୧୦ଟା ରହିଥିବା ବେଳେ ସଭାକାର୍ଯ୍ୟ ସାଢେ ୧୧ଟାରେ ଆରମ୍ଭ ହୋଇଥିଲା। ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ପିଇଓ ଏବଂ ସମିତି ସଭ୍ୟ ଅଶୋକ ବେହେରା ମଞ୍ଚାସୀନ ଥିଲେ। ଗୋରୁ ହାଟ ବସିବାକୁ ନେଇ ସ୍ୱତନ୍ତ୍ର ଗ୍ରାମସଭାରେ ଉପସ୍ଥିତ ଏକ ତୃତୀୟାଂଶ ଲୋକ ଗୋରୁ ହାଟ ବସିବାକୁ ନେଇ ବିରୋଧ କରିଥିଲେ। ଏବଂ ଗୋରୁ ହାଟକୁ ବାଦ ଦେଇ ଅନ୍ୟ ହାଟକୁ ନିଲାମ ପାଇଁ ଉପସ୍ଥିତ ଲୋକ ନିଜ ନିଜ ମତ ରଖିଥିଲେ। ଏ ନେଇ ପଞ୍ଚାୟତ ପିଇଓ ଲୋକଙ୍କ ମତାମତକୁ ବ୍ଲକ ବିଡିଓଙ୍କୁ ଲିଖିତ ଜଣାଇବେ ଏବଂ ସେଠାରୁ ନିର୍ଦ୍ଦେଶ ଆସିବା ପରେ ହିଁ ହାଟ ନିଲାମ ବ୍ୟବସ୍ଥା କରାଯିବ ବୋଲି ଜଣାଇଛନ୍ତି। କିଛି ଚାଷୀ ଗୋରୁ ହାଟ ନିଲାମ କରାଯାଉ ବୋଲି ସରପଞ୍ଚଙ୍କ ଠାରେ ଲିଖିତ ଅଭିଯୋଗ କରିଥିବାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିବା କଥା ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରି ଲିଖିତ ଅଭିଯୋଗ କାରିଙ୍କ ନାମ ସଭାରେ ଘୋଷଣା କରାଯାଉ ବୋଲି କହିଥିଲେ ହେଁ ସରପଞ୍ଚ ମହୋଦୟା ସେଭଳି କିଛି ଲିଖିତ ଅଭିଯୋଗ ଆସିନଥିବା ସ୍ୱିକାର କରିଛନ୍ତି। ହେଲେ କେଉଁ ପରିସ୍ଥିତିରେ କୃଷକଙ୍କ ନାମରେ ଏଭଳି ମିଛ ଖବର ପ୍ରସାରଣ କରାଗଲା ବୋଲି ଲୋକେ ନିନ୍ଦା କରିଛନ୍ତି। ଆସନ୍ତା ୯ ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିଲାମ ପ୍ରକ୍ରିୟାରେ ସମଲେଇ ସାପ୍ତାହିକ ହାଟରେ ଗୋରୁ ହାଟ ସାମିଲ ହୋଇ ନିଲାମ ହେଉଛି ନା ଗୋରୁ ହାଟ ଛାଡିକି ନିଲାମ ହେଉଛି ଦେଖିବାକୁ ବାକି ରହିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ନିକଟସ୍ଥ ଶିର୍ଲୋ ବ୍ରାହ୍ମଣଖଣ୍ଡର ନିଗମାନନ୍ଦ ଆଶ୍ରମ ପରିସରରେ ବିଜେପି ପକ୍ଷରୁ ପବିତ୍ର ଉତ୍କଳ ଦିବସ ବରିଷ୍ଠ ବିଜେପି ନେତା ବୈଷ୍ଣବ ଚରଣ ଗାୟାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟିର ସଦସ୍ୟ ଓ ଉପସ୍ଥିତ ଅତିଥିମାନେ ବନ୍ଦେ ଉତ୍କଳଜନନୀ ଗାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ଅଟଳସେନାର ସଦସ୍ୟ ଦିବାକର ପ୍ରଧାନ ଯୋଗଦେଇ ଭାରତୀୟ ଜନତା ପାର୍ଟି ଭାରତରେ ସୁଶାସନ କରିବା ସହ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ବିକାଶଶୀଳ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିଛି। ଅନ୍ୟତମ ଅତିଥିଭାବେ ବିଜେପି ନେତା ପ୍ରଦୀପ୍ତ ପାତ୍ର, ଆରଏସ୍ଏସ୍ ସଦସ୍ୟ ହୁପଦ ସ୍ୱାଇଁ, ବିଜେପିନେତା ପ୍ରଦୀପ ବେହେରା, ଉତ୍ତରକୂଳର ପରିବର୍ତ୍ତନ ବିଜେପି ପ୍ରମୁଖ ତୁଷାରକାନ୍ତ ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ରରେ ଓ ରାଜ୍ୟରେ ଚାଲୁଥିବା ବିଜେପିର ସୁଶାସନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସଭା ପରିଚାଳନା ଦୁଲାଲ ଭୋଇ କରିଥିବାବେଳେ ଗୋବର୍ଦ୍ଧନ ଖୁଣ୍ଟିଆ, ପବିତ୍ର କୁମାର ଦାଶ, ଗୁରୁଚରଣ ପରିଡ଼ା, ଚନ୍ଦନ ସେନାପତି, ଲକ୍ଷ୍ମୀକାନ୍ତ ଚୌଧୁରୀ, ତପନ ନାୟକ, ପ୍ରମୋଦ ଭୋଇ, କ୍ଷୀରୋଧ ମହାପାତ୍ର, ପ୍ରମୋଦ ସେଠୀ, କାଳୀ ଚରଣ ମୁଖାର୍ଜୀ, ଆଇନଜୀବୀ ଦୋଳଗୋବିନ୍ଦ ମହାପାତ୍ର, ଯୋଗଦେଇ ଉତ୍କଳ ଦିବସ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶେଷରେ ଚନ୍ଦନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂତ ବଙ୍ଗଳା ଛକକୁ ଭଗବାନ ଶ୍ରୀଶ୍ରୀ ପର୍ଶୁରାମଙ୍କ ନାମରେ ନାମିତ କରାଯାଉ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗରର ସଚେତନ ନାଗରିକ ପକ୍ଷରୁ ଭୂତ ବଙ୍ଗଳା ଛକକୁ ଭଗବାନ ଶ୍ରୀଶ୍ରୀ ପର୍ଶୁରାମଙ୍କ ନାମରେ ନାମିତ କରିବା ପାଇଁ ଚଳିତ ମାସ ଦୁଇ ତାରିଖ ବୁଧବାର ଦିନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କୁ ପୌରପରିଷଦ ମାଧ୍ୟମରେ ଏକ ଦରଖାସ୍ତ ଦିଆଯାଇଛି । ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ଭୂତ ବଙ୍ଗଳା ୱାର୍ଡନଂ.୧୭ ଅବସ୍ଥିତ, ତାହା ବ୍ରଜରାଜନଗରର ମୁଖ୍ୟରାସ୍ତା ଅଟେ । ଏହି ରାସ୍ତାରେ ପ୍ରତିଦିନ ଅସଂଖ୍ୟ ଯାନବାହାନ ଓ ଜନସାଧାରଣ ଯିବାଆସିବା କରୁଛନ୍ତି। ଆଗରୁ ଏହାକୁ ଭୂତବଙ୍ଗଳା ଛକ କୁହାଯାଉଛି। କିନ୍ତୁ ଏହା ଜନସାଧାରଣଙ୍କ ମତରେ ଗ୍ରହଣୀୟ ହେଉନାହିଁ। ଯାହାଦ୍ୱାରା କି କୌଣସି ଭଗବାନ କିମ୍ବା ମହାପୁରୁଷଙ୍କ ଛକକୁ ନାମିତ କଲେ ଜନସାଧାରଣ ସହଜରେ ଗ୍ରହଣ କରିବେ ବୋଲି ସଚେତନ ନାଗରିକ ପକ୍ଷରୁ ସୂଚନା ଦିଆଯାଇଛି। ଦରଖାସ୍ତ ପ୍ରଦାନ ସମୟରେ ବ୍ରଜରାଜନଗର ସଚେତନ ନାଗରିକ ପକ୍ଷରୁ ପ୍ରମୋଦ କୁମାର ପ୍ରଭା, ପ୍ରହଲ୍ଲାଦ ଶର୍ମା, ରଘୁମଣି ସାହୁ, ଗୋପାଳ ପୁରୋହିତ, ତପନ କୁମାର ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟକ ସଦସ୍ୟ ଉପସ୍ଥିତ ଥିଲେ।

## ମଧ୍ୟରାତ୍ରୀରେ ଚାଲାଣ ହେଉଥିଲା ଚୋରା କାଠ, ମାଡ଼ି ବସିଲେ ମହିଳା ଫରେଷ୍ଟର

### ପିକ୍ଅପ୍ ସହ ଲକ୍ଷାଧିକ ଟଙ୍କାର କାଠ ଜବତ



ବାରିପଦା (ଭାସ୍କର ନ୍ୟୁଜ୍) : ସେ ହେଉଛନ୍ତି ଲେଡି ସିଙ୍ଗମ୍। ତାଙ୍କ ଭୟରେ ଚୋରା କାଠ ମାଫିଆଙ୍କ ନିଦ ହଜିଯାଇଛି। ଆପଣମାନେ ନିକଟରେ ଓଡ଼ିଆ ଚଳଚ୍ଚିତ୍ର ଶିମିଳି ଦେଖିଥିବେ। ଜଣେ ମହିଳା ରେଞ୍ଜର କିଭଳି କାଠ ମାଫିଆଙ୍କୁ ନିପାତ କରିଛନ୍ତି । ଠିକ୍ ସେହିଭଳି, ଇଏ ହେଉଛନ୍ତି ଦେଉଳି ରେଞ୍ଜ ଚାନ୍ଦୁଆ ସେକ୍ସନର ମହିଳା ଫରେଷ୍ଟର ପଦ୍ମାବତୀ ବେହେରା। ପଦ୍ମାବତୀଙ୍କ ଅଦମ୍ୟ ସାହସ ପାଇଁ ଅନେକ ଥର ସୁନାମ ଅର୍ଜନ କରିଛନ୍ତି। ମଙ୍ଗଳବାର ମଧ୍ୟ ରାତ୍ରୀରେ ଏକ ଚୋରା କାଠବୋଝେଇ ପିକ୍ଅପ୍ ଭ୍ୟାନ୍କୁ ଗୋଡେଇ ଗୋଡେଇ ଧରିବା ଘଟଣା ଏବେ ଚର୍ଚ୍ଚାରେ। ଖବର ନେବାରୁ ଜଣାପଡ଼ିଛି ପଦ୍ମାବତୀଙ୍କ ଏବେ ଡ୍ୟୁଟି ଦେଉଳି ରେଞ୍ଜର ଚାନ୍ଦୁଆ ସେକ୍ସନରେ। ହେଲେ କିଛିଦିନ ହେଲାଣି ଡୁକୁରା ରେଞ୍ଜର ବିଭିନ୍ନ ସ୍ଥାନରେ ପଥର ମାଫିଆ ସକ୍ରିୟ ହେବାରୁ ସେମାନଙ୍କୁ ଜବତ ପାଇଁ ତାଙ୍କୁ ଡ୍ୟୁଟି ଦିଆଯାଇଛି। ପଦ୍ମାବତୀ ଅନ୍ୟତ୍ର ରହୁଥିବା ଜାଣି ଦେଉଳି, ଚାନ୍ଦୁଆ ଅଞ୍ଚଳର କିଛି କାଠଚୋର ସକ୍ରିୟ ହୋଇ ଉଠିଥିଲେ। ପ୍ରତ୍ୟେହ ଚାନ୍ଦୁଆ ରାସ୍ତା ଦେଇ ବିପୁଳ କାଠ ଲଗ୍ ଆଦି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ମଙ୍ଗଳବାର ପଦ୍ମାବତୀ ତାଙ୍କ ସଦଳବଳ ସହ ଖବର ପାଇ ଛପି ରହିଥିଲେ । ଆଉ ଏକ ପିକପ୍ ଗାଡିରେ ବିପୁଳ ପରିମାଣର ଚୋରାକାଠ ପଶ୍ଚିମବଙ୍ଗ ପାର ହେଉଥିବା ଖବର ପାଇ ରାତି ଅନ୍ଧାରକୁ ଭୟ ନକରି କାଠ ଗାଡ଼ିକୁ ମାଡି ବସିଥିଲେ। ଗାଡିରେ ଡ୍ରାଇଭର ସହ ଅନ୍ୟ ପାଞ୍ଚଜଣ ଥିବାବେଳେ ଗାଡିକୁ ନେଇଯିବାକୁ ସେମାନେ ଧମକ ଦେଇଥିଲେ। ଖାଲି ଏତିକି ନୁହେଁ ବରଂ କାଠ ଚୋରଙ୍କ ସର୍ଦ୍ଦାର ମଧ୍ୟ ସେଠାରେ ପହଞ୍ଚି ତମେ ମହିଳା। ଚାକିରି କରିଛ। ଆମେ ତମକୁ ଦେଖିନେବୁ ବୋଲି ଧମକ ଦେଇଥିଲେ। ହେଲେ ପଦ୍ମାବତୀ ସେମାନଙ୍କୁ ଓଲଟି ଭୟ ଦେଖାଇବାରୁ ଅନ୍ଧାର ସୁଯୋଗ ନେଇ ମାଫିଆମାନେ ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ପଦ୍ମାବତୀ ତାଙ୍କ ସହ ଥିବା ସହକର୍ମୀଙ୍କୁ ଧରି କାଠ ଗାଡିକୁ ଜବତ କରିଛନ୍ତି। ଜବତ ଗାଡିର ନଂ ଜେଏଚ୍ ୦୫ଏଚ୍ ୪୨୩୮। ସେଥିରେ ୨୩ ନିମ୍ବ ଲଗ୍, ୦୫ଟି ଶିରିଷ ଲଗ୍ ଏବଂ କିଛି ଜାଳେଣି କାଠ ମଧ୍ୟ ରହିଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଚାନ୍ଦୁଆ, ଶୁଳିଆପଦା, ଝାରପୋଖରିଆ ଆଦି ଅଞ୍ଚଳରୁ ବ୍ୟାପକ ଚୋରାକାଠ ପଶ୍ଚିମବଙ୍ଗକୁ ରାତିରେ ଚାଲାଣ ହେଉଥିବା ବେଳେ ଏହି କାରବାରରେ କାଠ ମାଫିଆଙ୍କ ସହ ଜଣେ ପୂର୍ବତନ ନେତା ଟୁଡୁବାବୁ, କିଛି ଜାଲି ସାମାଜିକ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ମଧ୍ୟ ରହିଥିବା ଚର୍ଚ୍ଚା ହେଉଛି। ଦୀର୍ଘବର୍ଷ ଧରି ସେମାନେ ଚାନ୍ଦୁଆ ଅଞ୍ଚଳରେ ନିଜର ପତିଆରା ଦେଖାଇ ସରକାରୀ କର୍ମଚାରୀଙ୍କୁ ଧମକଚମକ ଦେଇ ଏହିପରି କାରବାର ଚଳାଇ ଆସୁଥିବା ବେଳେ ଏମାନଙ୍କର ନାମ ବନଖଣ୍ଡ ଅଧିକାରୀଙ୍କୁ ମଧ୍ୟ କର୍ମଚାରୀମାନେ ଜଣାଇ ଦେଇଛନ୍ତି। ଆଗକୁ ଏମାନଙ୍କ ମୋବାଇଲ୍ ନମ୍ବରକୁ ଟ୍ରାକ କରି ଏହି ଚୋରମାନେ କେଉଁ କେଉଁଆଡେ ଏହି କାରବାର ଲମ୍ବାଇଛନ୍ତି ଏବଂ କାହା କାହା ସହ ସମ୍ପର୍କରେ ରହିଛନ୍ତି ତାହା ତଦନ୍ତ କରିବାକୁ ଦାବି ହେଉଛି।

## ଦି ଫାଉଣ୍ଡେସନ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ପୌରାଞ୍ଚଳ ସିଂହସାହି ସ୍ଥିତ ଡ. ସୁନିତି ମିଶ୍ର ମେମୋରିଆଲ ଟ୍ରଷ୍ଟ ତାଳଚେର ପକ୍ଷରୁ ଦ ଫାଉଣ୍ଡେସନ ପବ୍ଲିକ ସ୍କୁଲ ଓ ଦ ଫାଉଣ୍ଡେସନ ଡ୍ୟାନ୍ସ ଏକାଡେମୀର ମିଳିତ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସୁନିତି ମିଶ୍ର ମେମୋରିଆଲ ଟ୍ରଷ୍ଟର ସଭାପତି ସିଦ୍ଧେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାସ୍ୟ କୁନି ୟୁଟ୍ୟୁବର ମାଙ୍କେ ଯୋଗଦେଇ ତାଙ୍କ ପିତା ସ୍ମିତିରଞ୍ଜନ ପ୍ରଧାନଙ୍କ ସହ ମିଶି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ସ୍ୱାଇଁ ଯୋଗ ଦେଇ କୁନି ପିଲାମାନେ ଉଚିତ ଶିକ୍ଷା ପାଇଁ ଏହିପରି ପବ୍ଲିକ ସ୍କୁଲରେ ପାଠପଢି ନିଜର ମୂଳଦୁଆ ପକାଇ ଆଗକୁ ବଢ଼ି ଜଣେ ଦେଶର ଓ ରାଜ୍ୟର ସୁନାଗରିକ ହୋଇ ଅଞ୍ଚଳର ଟେକ ରଖିବ ବୋଲି କହିଥିଲେ। ଏହି ସ୍କୁଲର ପିଲାମାନେ ପାଠପଢିବା ସହିତ



ନାଚଗୀତ ଓ କ୍ରୀଡା ଶିକ୍ଷା ଗ୍ରହଣ କରିବା ପାଇଁ ଉପଯୁକ୍ତ ଅନୁଷ୍ଠାନ ବୋଲି ପ୍ରକାଶ କରିଥିଲେ। ତେବେ ଏହି ଫାଉଣ୍ଡେସନ ପବ୍ଲିକ ସ୍କୁଲ ପକ୍ଷରୁ ସ୍କୁଲର କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ବେଶ ଚିତ୍ତାକର୍ଷକ ହୋଇଥଲା। ଟ୍ରଷ୍ଟ ପକ୍ଷରୁ ଡ. ସୁନିତି ମିଶ୍ର ମେଧା ବୃତ୍ତି ପିଲାଙ୍କୁ ଚୟନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। ଏଥିରେ ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ପ୍ରଥମ ହୋଇଥିବ ବେଳେ ବିବେକା ନନ୍ଦ ବିଦ୍ୟାଳୟର ଛାତ୍ର ଦ୍ୱିତୀୟ ଓ ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଦେବୀ ମିଶ୍ର ମେମୋରିଆଲ ସମ୍ମାନ ଭାବେ ବରିଷ୍ଠ ଆଇନଜୀବୀ ରାମକଷ୍ଣ ସ୍ୱାଇଁଙ୍କୁ ପ୍ରଦାନ କରଯାଇଥିଲା। ପବ୍ଲିକ ସ୍କୁଲର ଅଧ୍ୟକ୍ଷା କବିତା ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କ୍ରିତିମତି ମିଶ୍ରଙ୍କ ଦ୍ୱାରା ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରଦର୍ଶନୀର ଶୁଭାରମ୍ଭ କାର୍ଯ୍ୟକ୍ରମ କରାଯିବା ସହ ଏକ କ୍ରିକେଟ ଏକାଡେମୀର ଶୁଭାରମ୍ଭ ହାସ୍ୟ ୟୁଟ୍ୟୁବର୍ ପ୍ରିତିରଞ୍ଜନ ପ୍ରଧାନଙ୍କ ଦ୍ୱାରା କରାଯାଇଥଲା। ଶେଷରେ ବିଭିନ୍ନ କ୍ଷେତ୍ରରେ କୁନି କୁନି କୃତି ଛାତ୍ରଛତ୍ରୀମାନଙ୍କୁ କ୍ରୀଡା, ସଂଗୀତ ନାଚ ଇତ୍ୟାଦିରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏବଂ ପବ୍ଲିକ ସ୍କୁଲର ପିଲାମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ଛାତ୍ରଛାତ୍ରୀ ଅଭିଭାବକ ସ୍କୁଲର କର୍ମଚାରୀମାନେ ଉପସ୍ଥିତ ରହି ବେଶ ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା।

### ଜାତୀୟ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସିଟିକାଲ୍ ଶିକ୍ଷା ଏବଂ ଅନୁସନ୍ଧାନ ପ୍ରତିଷ୍ଠା ପାଇଁ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାରେ ଜାତୀୟ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସିଟିକାଲ୍ ଶିକ୍ଷା ଏବଂ ଅନୁସନ୍ଧାନ ପ୍ରତିଷ୍ଠା ପାଇଁ ପ୍ରଗତିଶୀଳ ଉତ୍କଳ ସମାଜ ତରଫରୁ ଦାବି ହୋଇଛି ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଓଡ଼ିଶାର ବ୍ରହ୍ମପୁରରେ ରାଜ୍ୟ ତଥା ସମଗ୍ର ପୂର୍ବ ଭାରତର ସର୍ବପ୍ରାଚୀନ ଏବଂ ପ୍ରଥମ ଫାର୍ମା ପ୍ରତିଷ୍ଠାନ ରହିଛି। ଏନେଇ ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲାର ବରିଷ୍ଠ ମନ୍ତ୍ରୀ, ସଂସଦ ଓ ବିଧାୟକମାନଙ୍କ ପତ୍ର ମଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଚିଠି ଲେଖିଥିଲେ ଓ ନାଇପ ପ୍ରତିଷ୍ଠା ପାଇଁ ଏକ ବଡ଼ ପରିମାଣର ଜମି ଏକ ପ୍ରମୁଖ ଆବଶ୍ୟକତା ଏବଂ ବ୍ରହ୍ମପୁର ଉପକଣ୍ଠରେ ପାତି- ସୁନପୁର, ଲୌଡିଗାଁ, ସୋରୋଳ, ହୁମା ଏବଂ ବ୍ରହ୍ମପୁର ରିଙ୍ଗରୋଡ ଚାରିପାଖରେ ବିଶାଳ ଭୂମି ଉପଲବ୍ଧ ଅଛି। ଓଡ଼ିଶା ସରକାର ତୁରନ୍ତ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଏବଂ ଭିତ୍ତିଭୂମି ସହାୟତା ଯୋଗାଇପାରିବେ । ଏହାଛଡ଼ା ବ୍ରହ୍ମପୁର ସହର, ସଡ଼କ, ରେଳ ଏବଂ ବିମାନ ଦ୍ୱାରା ଦେଶର ସମସ୍ତ ଅଞ୍ଚଳ ସହିତ ଭଲ ଭାବରେ ସଂଯୁକ୍ତ ରହିଛି।

## ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ଇତିହାସ, ଐତିହ୍ୟ, ନୃତ୍ୟ, ସଙ୍ଗୀତ ପରମ୍ପରା ଆଦି ହେଉଛି ସମୃଦ୍ଧ ଏବଂ ଏହାକୁ ନେଇ ଆମେ ଗର୍ବିତ। ଏହାର ସଂରକ୍ଷଣ କରିବା ସହ ସଂସ୍କୃତି ଆଦିକୁ ବିଶ୍ୱବିଦିତ କରାଇବା ହେଉଛି ଆମର କର୍ତ୍ତବ୍ୟ। ଆମର ଏହି ସଂସ୍କୃତି ଓ ପରମ୍ପରାକୁ ମହାଆଡ଼ମ୍ବରେ ସହକାରେ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଶିକ୍ଷାବିତ୍ ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ରବୀନ୍ଦ୍ର ମହାନ୍ତି, ସହକାରୀ ଯନ୍ତ୍ରୀ ସନ୍ତୋଷ ସେଠୀ, ବ୍ଲକ ବଡ଼ବାବୁ ଭୁବନେଶ୍ୱର ରଥ, କ୍ୟାସିୟର ସନ୍ତୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ପାରମ୍ପରିକ ଓଡ଼ିଆ ପୋଷାକ ତଥା ଓଡିଶାର ହସ୍ତତନ୍ତ, ବୟନ ଶିଳ୍ପର ପ୍ରଚାର ପ୍ରସାର ପାଇଁ ହସ୍ତତନ୍ତ, ପାରମ୍ପରିକ ପୋଷାକ ପରିଧାନ -ଆମ ପୋଷାକ ଆମ ପରିଚୟ ସମ୍ପର୍କୀତ ବାର୍ତ୍ତା ପ୍ରଦାନ କରିଥିଲେ। ଏହା ସହ ସମ୍ମିଳନୀ କକ୍ଷ ପରିସରରେ ଉପସ୍ଥିତ ଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ଓ ବ୍ଲକର ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଦୀପ୍ତ ତ୍ରିପାଠୀ, ଶଙ୍କର ଦାଶ, ନଟକିଶୋର ମହାନ୍ତି, ଅଲେଖ ବସ୍ତିୟା, ରାଜକିଶୋର ବେହେରା, ରମେଶ ଚନ୍ଦ୍ର ସ୍ୱାଇଁ, ସତ୍ୟବ୍ରତ ଲେଙ୍କା, ଦୁଷ୍ମନ୍ତ ପରିଡା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।



## ସହଯୋଗ ଓଡ଼ିଶା ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ଭୁବନେଶ୍ୱର ଦୈତ ନଗରୀ ଫୁଲନଖରା ଛକ ନିକଟସ୍ଥ ନଖରା ଠାରେ ଅବସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ପୀଠରେ ଅବସ୍ଥିତ ଶ୍ରୀରାମ ମନ୍ଦିର ସମ୍ମୁଖର ପୂଜ୍ୟ ପୂଜା ସାଂସ୍କୃତିକ ସଂଗଠନ ସହଯୋଗ-ଓଡ଼ିଶା ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସହଯୋଗର ପ୍ରତିଷ୍ଠାତା ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡ. ଶରତ କୁମାର ରଥ, ବଂଶୀଧର ଭୋଳ, ଅନ୍ନପୂର୍ଣ୍ଣା ସାହୁ, ନିରୁପମା ଦାଶ, ବିଚିତ୍ରାନନ୍ଦ ଦଳାଇ, ପରେଶ ମଙ୍ଗରାଜ, ରାଜେଶ ଦାଶ, କିଶୋର ଚନ୍ଦ୍ର ବରାଳ, ଗଣେଶ ଚନ୍ଦ୍ର ମହାନ୍ତି, କେଦାରନାଥ ଜେନା, ବ୍ରହ୍ମାନନ୍ଦ ସାହୁ, ସାମ୍ବାଦିକ ଲଳିତ କୁମାର ଦାଶ ଓ ଧୀରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ଦୈନନ୍ଦିନ ଜୀବନରେ ଗ୍ରହଣ କରି ଏକ ସ୍ୱାଭିମାନୀ ଓଡିଶା ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭା ଆରମ୍ଭରେ ଉତ୍କଳ ଓଡ଼ିଶା ଗଠନରେ ନେତୃତ୍ୱ ନେଇଥିବା ମହାପୁରୁଷମାନଙ୍କ ତୈଳ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ମହୀଧରପଡା ମେଡିକାଲ ଛକ ଠାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଓଡିଶା ଦିବସ ପାଳନ ହୋଇଯାଇଛି । ଏହିପରି ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ଓଡ଼ିଶା ଦିବସ ପାଳନ କରାଯାଇଛି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଏରସମା (ଭାସ୍କର ନ୍ୟୁଜ୍) : ଏରସମା ବ୍ଲକ ବାଲିତୁଠ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଆରସି ଶେଷଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ନିରଞ୍ଜନ ମୁଦୁଲିଙ୍କୁ ଏକ ଶୋକାକୁଳ ପରିବେଶ ମଧ୍ୟରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ମୃତ୍ୟୁଞ୍ଜୟ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିନା ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟବକ୍ତା ଭାବେ ଏବିଇଓ ଗୋପବନ୍ଧୁ ନାୟକ, ଲିୟାକତ ଅଲ୍ଲୀ ଖାଁ, ସମ୍ମାନୀତ ଅତିଥି ଭାବେ ଏରସମା ବ୍ଲକ ଉପାଧ୍ୟକ୍ଷ ବିକାଶ କୁମାର ପରିଡା, ଚାରି ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ତଥା ଯୁବନେତା ପିନାକୀ ନାରାୟଣ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଚିତ୍ର କୁମାର ବେଜ, ପଞ୍ଚ ସଖା ଶିକ୍ଷା ସେତୁ ସଭାପତି ମାନ ଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିବା ସହିତ ଶିକ୍ଷକ ନିରଞ୍ଜନ ମୁଦୁଲି ଜଣେ ଛାତ୍ର ବତ୍ସଳ, ସ୍ନେହି, ସମୟାନୁବର୍ତ୍ତିତା ଶିକ୍ଷକ ଥିଲେ ବୋଲି ମତବେକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ନିରଞ୍ଜନ ମହାପାତ୍ର, ନିବେଦିତା ଜେନା, ରାଜେନ୍ଦ୍ର ପ୍ରସାଦ ସାହୁ, ରାଜଶ୍ରୀ ବେହେରା, ବୈଷ୍ଣବ ବିଶ୍ୱାଳ, ମେନେକା ମଞ୍ଜରୀ ସ୍ୱାଇଁ, ବରିଷ୍ଠ ଶିକ୍ଷକ ନେତା ଅଶୋକ ଖଣ୍ଡୁଆଳ, ସରୋଜ ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଷମା ସ୍ୱାଇଁ, ଦେବଜାନୀ ସ୍ୱାଇଁ, ମମାଲି ମହାପାତ୍ର, ଛବି ଲତା ସାହୁ, ଜୟନ୍ତୀ ଭୋଳ, ଅଭୟ ପରିଡ଼ା, ପ୍ରକାଶ ମଲ୍ଲ, ପ୍ରଦୀପ ପରିଡ଼ା, ଦିଲ୍ଲୀପ ପ୍ରଧାନ, ମିତ୍ରଭାନୁ ସାହୁ ଓ ଝରଣା ଦାସ ପ୍ରମୁଖଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ନବନିର୍ବାଚିତ ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ କୋର୍ଟ ଆଇନଜୀବୀ ସଂଘର ନୂତନ ଭାବେ ନିର୍ବାଚିତ ହୋଇଥବା କାର୍ଯ୍ୟକର୍ତ୍ତାମାନେ ଗୁରୁବାର କୋର୍ଟ ପରିସରରେ ଶପଥ ଗ୍ରହଣ କରିଥିବା ଜଣାପଡିଛି। ସାରା ରାଜ୍ୟରେ ଗତ ଶନିବାର ଦିନ ବିଭିନ୍ନ କୋର୍ଟମାନଙ୍କରେ କାର୍ଯ୍ୟରତ ଓକିଲ ସଂଘର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ହୋଇଥିବା ବେଳେ, ପରଜଙ୍ଗ କୋର୍ଟ ପରିସରରେ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା। ଯୁବ ଆଇନଜୀବୀ ପ୍ରଦୀପ କୁମାର ସାହୁ (ଖ)ଙ୍କ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହୋଇଥିଲା। ସେହି ପରିପ୍ରେକ୍ଷୀରେ ଘୋଷଣା ହୋଇଥିବା ମୁତାବକ ନବନିର୍ବାଚିତ ଓକିଲ ସଂଘର ସଭାପତି ଅଶୋକ କୁମାର ଦଳବେହେରା, ଉପସଭାପତି ନିରଞ୍ଜନ ସାହୁ, ସମ୍ପାଦକ ବେଣୁଧର ସାହୁ,ସଂଘର ଉପଦେଷ୍ଟା ସଦାଶିବ ମଲ୍ଲିକ, ମମତା ବିଶ୍ୱାଳ, ଜ୍ୟୋତ୍ସ୍ନା କୁମାରୀ ବିଶ୍ୱାଳ ଓ ସୁଧାକର ଧଳ ପ୍ରମୁଖ କୋର୍ଟର ଅନ୍ୟ ସମସ୍ତ ଓକିଲଙ୍କ ଉପସ୍ଥିତରେ ଶପଥ ପାଠ କରିଥିଲେ। ସଂଘର ନୀତି ଆଦର୍ଶକୁ ମାନିବା, ପରସ୍ପର ମଧ୍ୟରେ ଶୃଙ୍ଖଳା ଭାତୃଭାବ, ଅନ୍ୟକୁ ଯଥାସମ୍ଭବ ସହଯୋଗ ସହ ସଠିକ୍ ଭାବେ ସମନ୍ୱୟ ରକ୍ଷା କରି କାର୍ଯ୍ୟ ପରିଚାଳନା ଭଳି କେତେକ ଉକ୍ତି ଉପରେ ନୂତନ ସଂଘ ସଭାପତି ଶ୍ରୀ ଦଳବେହେରା ସମସ୍ତଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ସଂଘର ପ୍ରାକ୍ତନ ସଭାପତି ପ୍ରଦୀପ କୁମାର ସାହୁ (କ), ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ସାମନ୍ତ, ଉନେନ୍ଦ୍ର କୁମାର ଲେଙ୍କା, ବିପିନ ବିହାରୀ ପାଣି, ଯୁବ ଆଇନଜୀବୀ ଦୁଃଶାସନ ରାଉତ, ଦିଲ୍ଲୀପ କୁମାର ସାହୁ, ଅରବିନ୍ଦ ସାହୁ, ସୁରେଶ ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ଭୂତିଆ ପ୍ରମୁଖ ବାର୍‌ର ସମସ୍ତ ଆଇନଜୀବୀ ଉପସ୍ଥିତ ରହି ଶପଥ ଗ୍ରହଣ ଉତ୍ସବ ପାଳିଥିଲେ।

## ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ

କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ କାକଟପୁର ସରକାରୀ ନୋଡାଲ ପିଏମଶ୍ରୀ ହାଇସ୍କୁଲ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଆନୁଷ୍ଠାନିକ ଭାବେ ବାଲ୍ ବାଟିକା ଶ୍ରେଣୀକୁ ଉଦ୍‌ଘାଟନ କରିବା ସହିତ ନୂତନ ଭାବେ ବାଲ ବାଟିକା ଓ ପ୍ରଥମ ଶ୍ରେଣୀରେ ଯୋଗଦେଇଥିବା ଶିଶୁମାନଙ୍କୁ ସ୍ୱାଗତ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ ଏହି ପିଲାଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି କମିଟିର ସଭାନେତ୍ରୀ ରୀନାଲତା ପରିଡ଼ା ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଚନ୍ଦନ ଓ ତିଳକ ଲଗାଇ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ । ନୂତନ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ପିଲାମାନଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। ଇତ୍ୟ ଅବସରରେ ଏକ ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରବେଶ ଉତ୍ସବ ସମ୍ପର୍କିତ ବାର୍ତ୍ତାକୁ ପଢ଼ି ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି, ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଚାରିଦିନ ଧରି ଚାଲିବ ଓ ୫ ତାରିଖରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ପରିଚାଳନା କମିଟି ଓ ଅଭିଭାବକଙ୍କୁ ନେଇ ନାମଲେଖା ଅଭିଯାନ ତଥା ଶିକ୍ଷା ସଚେତନତା ରଥ ଗ୍ରାମ ପରିକ୍ରମା କରିବ ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପୀତବାସ ଦୀକ୍ଷିତ, ସରୋଜିନୀ ହାଂସଦା, ପ୍ରଗତି ପୃଷ୍ଟି, ଦିଲ୍ଲୀପ କୁମାର କାଣ୍ଡି, ଭକ୍ତିସୁଧା ମଲ୍ଲିକ, ପ୍ରିୟଦର୍ଶିନୀ ସ୍ୱାଇଁ ଓ ଶକୁନ୍ତଳା ଦେଇ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

## କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅନ୍ତର୍ଗତ ଷୋଳଘର ଗଣେଶ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟତ୍ରୀ ସଂଗଠନ ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର କ୍ରିଡ଼ା ଶିକ୍ଷକ ବାଲ୍ୟ ପୋଲାଇ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତରେ ଅତିଥିମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଗଞ୍ଜାମ ଆନୁକୂଲ୍ୟରେ ନରସିଂହ ଦାସ ଉଚ୍ଚ ବିଦ୍ୟାଳୟ, ପୁରୁଷୋତ୍ତମପୁରର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ମଞ୍ଜୁଳା ତରାଇଙ୍କୁ ଗଣେଶ ହାଇସ୍କୁଲ, ଷୋଳଘର ଠାରେ ବ୍ଲକ ସଂଗଠନ ତରଫରୁ ଜ୍ଞାପନ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳର କ୍ରୀଡା ଶିକ୍ଷକ ଶ୍ରୀ ବାଲ୍ୟକୃଷ୍ଣ ପୋଲାଇ ଅତିଥି ପରିଚୟ ପ୍ରଦାନ କରିଥଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ମଞ୍ଚରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ ଯୋଗ ଦେଇଥିବାବେଳେ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ କ୍ରିଡ଼ା ଶିକ୍ଷକ ଅଶୋକ କୁମାର ପାତ୍ର, ସଂଘର ସମ୍ପାଦକ ଜଗନ୍ନାଥ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କ୍ରିଡ଼ା ଶିକ୍ଷକ ପି. ନାରାୟଣ, ଦେବରାଜ ପ୍ରଧାନ, ସାମ୍ବାଦିକ ତଥା କାଉନସିଲର ଭାସ୍କର ବେହେରା, ଯୋଗଦେଇ ଚାକିରୀ ଜୀବନରେ ଅବସର ଗ୍ରହଣ କରିଥିବା କ୍ରୀଡ଼ା ଶିକ୍ଷୟିତ୍ରୀ ମଞ୍ଜୁଳା ତରାଇଙ୍କ ଉଦ୍ଦେଶ୍ୟରେ ସମ୍ବୋଧନ କରିଥିଲେ । ଶ୍ରୀମତୀ ତରାଇ ପୁରୁଷୋତ୍ତମପୁର ବାଳିକା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଭବେ ଦୀର୍ଘଦିନ ଗୋଟିଏ ସ୍ଥାନରେ କାର୍ଯ୍ୟକରି ଛାତ୍ରୀମାନଙ୍କୁ ଆପଣାର କରିପାରିଥିଲେ। ତାଙ୍କ କାର୍ଯ୍ୟଶୈଳୀ ଏବଂ କ୍ରୀଡା ଶିକ୍ଷୟିତ୍ରୀ ଭାବେ ଅନୁଶାସନ ଅତି ଉଚ୍ଚକୋଟିର ଥିଲା। ପ୍ରତିଟି କ୍ଷେତ୍ରରେ ତାଙ୍କର ସହଭାଗିତାକୁ ମନେପକାଇ ପ୍ରଶଂସା କରାଯାଇଥିଲା। ଏହି ଉତ୍ସବରେ ବ୍ଲକର ସମସ୍ତ ହାଇସ୍କୁଲ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ଯୁଗ୍ମ-ସମ୍ପାଦକ ଧୀର ସମୀର ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ରାଶିଫଳ

**ଶୁକ୍ରବାର, ୦୪ ଏପ୍ରିଲ ୨୦୨୫**



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ, ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ, ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ୍ୟ ବକ୍ତବ୍ୟରେ ସଂଯମ ରଖନ୍ତୁ।



**ବୃଷ:** ଆଜି ଆପଣ କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିପିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। କାର୍ଯ୍ୟରେ ସଫଳତାର ଅଭାବ ହେତୁ ନିରାଶ ହେବାର ସମ୍ଭାବନା ମଧ୍ୟ ଅଛି। ସାହିତ୍ୟ କିମ୍ବା ଅନ୍ୟ କୌଣସି ସୃଜନଶୀଳ କଳା ପ୍ରତି ଆଗ୍ରହୀ ହେବେ। ପିଲାମାନଙ୍କ ପାଇଁ ଚିନ୍ତା ଯୋଗୁଁ, ମନରେ ଚିନ୍ତା ହେବ।



**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ।



**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ୍ୟ ସମ୍ଭବ। ଜୀବନ ସାଥୀ ପାଇବା ସମ୍ଭବ ହେବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।



**ସିଂହ:** ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତିତ ହେବେ। ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ, ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ୍ୟ ହୋଇପାରେ, ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ପାରିବାରିକ ପରିବେଶ ସୁଖମୟ ହେବ।



**ତୁଳା:** ଆଜି ଅଳସୁଆ ଏବଂ ଥକାପଣର ଦିନ ହେବ। ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ସଫଳତା ପାଇବା ପାଇଁ ଆପଣଙ୍କୁ ଅଧିକ କରିବାକୁ ପଡିବ। ବିପଜ୍ଜନକ ଚିନ୍ତାଧାରା, ଗତିବିଧି ଏବଂ ସଂଗଠିତ ଠାରୁ ଦୂରରେ ରୁହନ୍ତୁ।



**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅନ୍ତୁ।



**ଧନୁ:** ଆଜି, ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ସ୍ୱଚ୍ଛ ରହଣି ସଂଗଠିତ ହେବ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ୍ୟ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି। କଣ୍ଟିଜେନ୍ସି ଟଙ୍କା ଲାଭର ସମ୍ଭାବନା ଅଛି।



**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରି ପାଇଁ ପରିଲକ୍ଷିତ। ପରିବାରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ୍ୟ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ। ଟଙ୍କା ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରୀ କରନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ। ଏକ ଲାଭ ହେବାର ସମ୍ଭାବନା। ଆଜି ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।



ଶ୍ରୀପତି ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ) : ନବରଙ୍ଗପୁର ସ୍ଥିତ ରିଜର୍ଭ ପୋଲିସ ପଡିଆରେ ୯୦ ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପୋଲିସ କର୍ମଚାରୀମାନଙ୍କୁ ନେଇଁ ରିଜର୍ଭ ପୋଲିସ ପଡିଆରେ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆୟୋଜିତ କାର୍ଯ୍ୟକ୍ରମ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥି ସହିତ ୫ ଜଣ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ ମଧ କରାଯାଇଥିଲା । ଦୁଇ ଜଣ ପୋଲିସ କର୍ମଚାରୀ ଅବସର ନେଇଁଥିବା ବ୍ୟକ୍ତିଙ୍କୁ ବି ପୁରସ୍କୃତ କରାଯାଇଥିଲା। ପୁରସ୍କୃତ ପାଇଥିବା ପୋଲିସ ଅଫିସରଙ୍କ ମଧ୍ୟରେ ଉମରକୋଟ ଥାନାରେ କାର୍ଯ୍ୟରତ ସବ୍ ଇନ୍ସପେକ୍ଟର ଶିବଜି ପଣ୍ଡାଙ୍କୁ ବେଷ୍ଟ ସବ ଇନ୍ସପେକ୍ଟର ପୁରସ୍କାର ଆରକ୍ଷୀ ଅଧିକ୍ଷକ ମିହିର ପଣ୍ଡା ପୁରସ୍କୃତ କରିଥିଲେ ! ଅପରପକ୍ଷେ ସହରରେ ପୋଲିସର ସକ୍ରିୟତା ଯୋଗୁଁ ଶାନ୍ତି ବଜାୟ ରହୁଥିବା ଏବଂ ସମାଜରେ ପୋଲିସର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହିତ ନବରଙ୍ଗପୁର ଜିଲ୍ଲାବାସୀଙ୍କ ସହିତ ନବରଙ୍ଗପୁର ପୋଲିସ କର୍ମଚାରୀ ପରିବାରଙ୍କୁ ଉତ୍କଳ ଦିବସ ସହ ପୋଲିସ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ଏସ୍‌ପି । ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ରଙ୍କ ସମେତ ବରିଷ୍ଠ ପୋଲିସ ବିଭାଗ ବିଭିନ୍ନ ଅଧିକାରୀ।

# କଲେଗାଁ ମା’ ଠାକୁରାଣୀ ମନ୍ଦିରରେ ପ୍ରତିଷ୍ଠା ଉତ୍ସବ



ଝରିଗାଁ (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କୁଟ୍ରିଛାପର ପଂଚାୟତ ଅଧିନସ୍ଥ କଲେଗାଁ ଗ୍ରାମର ମା’ ଠାକୁରାଣୀଙ୍କ ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବା ପରେ ଆଜିଠାରୁ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି । ଉକ୍ତ ପ୍ରତିଷ୍ଠା ଉତ୍ସବ ତିନି ଦିନ ଧରି ଚାଲିବାକୁ ଥିବାବେଳେ ଆଦ୍ୟ ଦିବସରେ କଳସଯାତ୍ରା, ବତୀ ଅର୍ପଣ ଓ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଥିଲା । ପ୍ରଥମେ ଗ୍ରାମ ତଥା ଅଂଚଳର ଦେବାଦେବୀ ନିଜ ନିଜ ପ୍ରତୀକ ଲାଠି, ପାଲିଙ୍କି,ସିରା,ପୂଜାରୀ, ଗାଣ୍ଡା, ଚଲାନ ଏବଂ ରଇତଙ୍କୁ ସାଙ୍ଗରେ ଧରି ଗ୍ରାମ ପରିକ୍ରମା କରିବା ପରେ ସମସ୍ତେ ଏକ ବିଶାଳ ପଟୁଆରରେ ମନ୍ଦିର ପରିସରରେ ପହଂଚିଥିଲେ। ପରେ କଳସଯାତ୍ରା, ବତୀ ଅର୍ପଣ ଓ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହୋଇଥିଲା । ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବର ପ୍ରଥମ ରାତ୍ରିରେ ଅଖଣ୍ଡବତୀ ପ୍ରଜ୍ୱଳନ, ବ୍ରହ୍ମଧ୍ୱନୀ ସ୍ଥାପନ ସାଙ୍ଗକୁ ଅହୋରାତ୍ର ନାମ ଭଜନ କରାଯିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି । ସେହିଭଳି ଅନ୍ୟ ଦିନମାନଙ୍କରେ ବାଲ୍ୟଲୀଳା ଅର୍ପଣ, ପ୍ରସାଦ ସେବନ, ଦେବୀ ପୂଜା, ଅନ୍ନଭୋଗ ଭଳି ଅନେକ କାର୍ଯ୍ୟକ୍ରମ ରହିଛି । ଗୁରୁବାର ଓ ଶୁକ୍ରବାର ଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି । ବରେଣ୍ୟ ସାଧୁ ସନ୍ଥମାନଙ୍କ ମଧ୍ୟରେ ବ୍ରହ୍ମ ଅବଧୂତ ଇନ୍ଦ୍ରମଣି ବାବା, ବ୍ରହ୍ମ ଅବଧୂତ ଡମ୍ବରୁ ଧର ବାବା, ବ୍ରହ୍ମ ଅବଧୂତ ରାମଚନ୍ଦ୍ର ବାବା, ସାଧୁ ପ୍ରକାଶ ଦାସ, ଯଦୁ ଦାସ, ରୁଷିକେଶ ଦାସ,ଡମ୍ବୁ ଦାସ ଭରତ ଦାସ, ଗଜାନନ ଦାସ,ନର୍ସିଂ ଦାସ,ଗୁପ୍ତ ବୈରାଗୀ,ଲଖି ବୈରାଗୀ, ପିଙ୍କୁ ବୈରାଗୀ, ଗିରିଧର ବୈରାଗୀ, ଭିକାରୀ ବୈରାଗୀ ପ୍ରମୁଖ ଉପସ୍ଥିତ ରହିଥିବା ଅଖଣ୍ଡବତୀ ପ୍ରଜ୍ୱଳନ ଓ ବ୍ରହ୍ମଧ୍ୱନୀ ସ୍ଥାପନ ତଥା ଯଜ୍ଞକାର୍ଯ୍ୟ ସମ୍ପାଳିଥିବା ବେଳେ ପ୍ରଫୁଲ୍ଲ ଗାଉଟିଆ, ଅର୍ଜୁନ ଗାଉଟିଆ, କର୍ଣ୍ଣ ଗାଉଟିଆ, ଘନ ପୂଜାରୀ, ବନମାଳୀ ପୂଜାରୀ, ପ୍ରହ୍ଲାଦ ଗାଣ୍ଡା ପ୍ରମୁଖ ଦେବାଦେବୀଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଳିଛନ୍ତି । ଠିକ ସେହିପରି କଲେଗାଁ ମା ଠାକୁରାଣୀ ପରିଚାଳନା ସଦସ୍ୟମାନଙ୍କ ମଧ୍ୟରେ ନିରାକାର ଗଣ୍ଡ, କମଲୁ ବାଘ, ମାଧବ ଗଣ୍ଡ, ବିକାଶ ଗଣ୍ଡ, ତ୍ରିନାଥ ଧୂରୁଆ, ଯୁଧିଆ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରୁଛନ୍ତି । ଦର୍ଶନ କରିବାକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ପରିଚାଳନା କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ଭୋଗ ଓ ପାନୀୟଜଳ ମଧ ବ୍ୟବସ୍ଥା କରାଯାଇଛି ।

# ପାୟନିର କମ୍ପାନୀକୁ ଖଣି ପ୍ରଦାନ ନେଇ ବିରୋଧ



କୋରାପୁଟ (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୋଡିଙ୍ଗା ମାଳିରୁ ଗତ କିଛିବର୍ଷ ହେଲା ଓଏମସି ଜରିଆରେ ଖଣି ଖନନ କରାଯାଇ ବେଦାନ୍ତ କମ୍ପାନୀକୁ ପ୍ରଦାନ କରାଯାଉଛି। କୋଡିଙ୍ଗା ମାଳିରୁ ଖଣି ଖନନ ଦାୟିତ୍ୱ ଆନ୍ଧ୍ରପ୍ରଦେଶର ମୈତ୍ରୀ ନାମକ ଘରୋଇ କମ୍ପାନୀକୁ ଓଏମସି ୭୫ ପ୍ରତିଶତ ପ୍ରଦାନ କରିଥିବା ବେଳେ ଅବଶିଷ୍ଟ ୨୫ ପ୍ରତିଶତ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ପାୟନିର କମ୍ପାନୀକୁ ପ୍ରଦାନ କରାଯିବା ସକାଶେ ଚୁକ୍ତି କରାଯାଇଛି। ପ୍ରାୟ ଦେଢ଼ଲକ୍ଷ ଟନ ବକ୍ସାଇଟ ପାୟନିର କମ୍ପାନୀ ନେବା ସକାଶେ ସରକାରଙ୍କ ପାଖରେ ସ୍ୱୀକୃତି ପାଇଥିବା ଜଣାପଡିଛି । ଏହା ଜଣାପଡିବା ପରେ ଉକ୍ତ କମ୍ପାନୀ କୁ ଖଣିପ୍ରଦାନ ନକରିବାକୁ ବିରୋଧ ଜାରିରହିଛି। ଗୋପାଳ ମହାନନ୍ଦିଆ ଙ୍କ ନେତୃତ୍ୱରେ ଅଞ୍ଚଳର ଶହ ଶହ ବେକାର ଯୁବକ କମ୍ପାନୀ କୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏପରିକି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନେତୃତ୍ୱ ରେ ମଧ କୋରାପୁଟରେ ରାଲି କରାଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ଖାଲି ଏତିକି ନୁହେଁ ଗୋପାଳ ମହାନନ୍ଦିଆ ଙ୍କ ନେତୃତ୍ୱରେ ଗତ ଏକ ମାସ ଧରି ପ୍ରଭାବିତ ଅଞ୍ଚଳବାସୀ ଧାରଣାରେ ବସିଥିବା ବେଳେ ଖଣି ପ୍ରଭାବିତ ଅଞ୍ଚଳର ବିଭିନ୍ନ ସଂଗଠନ ତରଫରୁ ପାୟନିର କମ୍ପାନୀକୁ ବିରୋଧ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହିପରିପ୍ରେକ୍ଷୀରେ ବୁଧବାର ଦିନ ଗୋପାଳ ମହାନନ୍ଦିଆଙ୍କ ନେତୃତ୍ୱରେ ଶତାଧିକ ଅଞ୍ଚଳବାସୀ ବିରାଟ ଶୋଭାଯାତ୍ରାରେ ପାୟନିର କମ୍ପାନୀ ଗୋ ବ୍ୟାକ୍ ପାୟନିର୍ କମ୍ପାନୀ ଡାଉନ୍ ଡାଉନ୍ ନାରା ଦେଇ ରେଲବାଇ ଛକ ଠାରୁ ପଦଯାତ୍ରାରେ ବାହାରି ଓଏମ୍ ସି କାର୍ଯ୍ୟାଳୟକୁ ଯାଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଖଣି ପ୍ରବନ୍ଧକ ହେମନ୍ତ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହା ପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲକ୍ଷ୍ମୀପୁର ତହସିଲ୍‌ଦାର୍ ନୈବେଦ୍ୟ ଭୋଇଙ୍କୁ ମଧ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆନ୍ଦୋଳନରେ ଗୋପାଳ ମହାନନ୍ଦିଆଙ୍କ ସମେତ ପୂର୍ଣ୍ଣ ହିକକା, ବାସୁ ହିକକା, ଲିଙ୍ଗା ହିକକା, ଜିତେନ୍ଦ୍ର ଗରଡା, ରାଜେଶ୍ ଯାନି, ଦୁଖୀଶାମ୍ ମିନିୟାକା, ବିଷମ୍ବର୍ ବିଶୋୟୀ, ଦିନବନ୍ଧୁ ଗରଡା, ପିଲକୁ ହିକକା,ଗଙ୍ଗା ହିକକା, ଉଗ୍ରସେନ୍ ଜମ୍ଭେକାଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଯୋଗଦେଇଥିଲେ।

# ମୁକୁଳା ପଡିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଉମରକୋଟ(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ଝରିଗାଁ ରୋଡରେ ରହିଛି ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏହି ଟ୍ରାନ୍ସଫର୍ମର ଚାରି ପାଖରେ ତଳେ ଝୁଲି ରହିଛି ବିଦ୍ୟୁତ୍ ତାର। ସହରର ଅନ୍ୟ ଟ୍ରାନ୍ସଫର୍ମରର ପାଚେରୀ ଘେରା ଯାଇଥିବାବେଳେ ଏଠାରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଯାବତ୍ ଏହି ଟ୍ରାନ୍ସଫର୍ମର ଚାରି ପାଖରେ ପାଚେରୀ ଘେରା ଯାଇନଥିବାରୁ ଏହା ବିପଦ ସଂକୁଳ ଅବସ୍ଥାରେ ପଡ଼ିରହିଛି। ସୂଚନା ଥାଉକି ଏହି ଉଚ୍ଚ ସମ୍ପନ୍ନ ଟ୍ରାନ୍ସଫର୍ମରଟି ରାସ୍ତା ବାହାରକୁ ଥିଲା। ଯେତେ ବେଳେ ଏହି ରାସ୍ତାର ସମ୍ପ୍ରସାରଣ କରାଯାଇଥିଲା ଏହି ଟ୍ରାନ୍ସଫର୍ମରଟି ରାସ୍ତା କଡକୁ ଚାଲି ଆସିଥିଲା। ଏହି ରାସ୍ତାଟି ଝରିଗାଁ ଚନ୍ଦାହାଣ୍ଡି ଏପରିକି ପଡୋଶୀ କଳାହାଣ୍ଡି ଜିଲ୍ଲା କୁ ସଂଯୋଗ କରୁଅଛି। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଗାଡ଼ି ମୋଟର ଯାତାୟତ କରୁଥିବା ବେଳେ ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ସହ ଅନେକ ଲୋକ ଦୈନନ୍ଦିନ କାର୍ଯ୍ୟ ପାଇଁ ଯାତାୟାତ କରିଥାନ୍ତି। ସେହିପରି ଗାଈଗୋରୁଙ୍କ ସହ ବୁଲା କୁକୁରଙ୍କ ଜୀବନ ପ୍ରତି ମଧ ଏହି ମୁକୁଳା ଟ୍ରାନ୍ସଫର୍ମର ବିପଦ ସୃଷ୍ଟି କରୁଛି। ଯାହା ଫଳରେ କୌଣସି ମୁହୂର୍ତ୍ତରେ କିଛି ବଡ଼ ଅଘଟଣ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଯଦି କୌଣସି କ୍ଷୟକ୍ଷତି ହୁଏ ସେଥିପାଇଁ କିଏ ଦାୟୀ ହେବ ବୋଲି ପ୍ରଶ୍ନ ଉଠୁଛି । ବିଦ୍ୟୁତ୍ କମ୍ପାନୀ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଏହି ଟ୍ରାନ୍ସଫର୍ମର ଜନସାଧାରଣ ଓ ଗୃହପାଳିତ ପଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ବିଦ୍ୟୁତ ବିଭାଗ ତୁରନ୍ତ ଏହି ମୁକୁଳା ଟ୍ରାନ୍ସଫର୍ମରକୁ ଏଠାରୁ କାଢି ଅନ୍ୟ ଜାଗାରେ ବସାଇବାକୁ ସାହି ବାସିନ୍ଦା ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିବା ସହ ଏହି ବିପଦସଙ୍କୁଳ ଟ୍ରାନ୍ସଫର୍ମର ଏଠାରୁ କାଢି ଅନ୍ୟତ୍ର ବସାଇବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ମାଉଲିଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଭଦ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର କାଳୀନ ଉତ୍ସବରେ ସାଂସଦ ପ୍ରତିନିଧି ପ୍ରୀତିସ୍ମିତା ମହାପାତ୍ର, ରାଇଘର କଲେଜ ଅଧ୍ୟକ୍ଷ ପରୀକ୍ଷିତ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ଅତିରିକ୍ତ ଶିକ୍ଷା ଅଧିକାରୀ ସୋନା ମାଝୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସିଲ, ଶିକ୍ଷକ ବିଜୟ ପାଢ଼ୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମନୋରମା ମହାପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରୀମତୀ ଭଦ୍ର ଜଣେ ଛାତ୍ରବତ୍ସଳ ଏବଂ ପରିବେଶପ୍ରେମୀ ଆଧାତ୍ମିକ ଚିନ୍ତାଧାରାର ଶିକ୍ଷୟିତ୍ରୀ ଥିଲେବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ସହକାରୀ ଶିକ୍ଷକ, ଛାତ୍ର ଛାତ୍ରୀ, ଅଭିଭାବକ, କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପବିତ୍ର ରାଉତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଉମରକୋଟ(ଭାସ୍କର ନ୍ୟୁଜ) : ସହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଓଁ ପ୍ରଭା ସାହୁ ଉତ୍କଳ ଦିବସ ଅବସର ରେ ନୂତନ ଦାୟିତ୍ୱ ନେଇଛନ୍ତି। ଏହି ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା କବିତା ପାତ୍ର ମାର୍ଚ୍ଚ ମାସରେ ଅବସର ନେବା ପରେ, ଶ୍ରୀମତୀ ସାହୁ ଅଧ୍ୟକ୍ଷା ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଉଭୟ



ଅର୍ଥଶାସ୍ତ୍ର ଓ ଗଣମାଧ୍ୟମରେ ସ୍ନାତକୋତ୍ତର ଅଟନ୍ତି। ଏହା ପୂର୍ବରୁ ସେ ଦୂରଦର୍ଶନ ଓଡ଼ିଆରେ କାର୍ଯ୍ୟରତ ଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ର ସଭାପତି ଜୟଦେବ ପରିଡ଼ା , ସମ୍ପାଦକ ରାଜଲକ୍ଷ୍ମୀ ପରିଡ଼ା ନୂତନ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସଭାରେ ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ନେବା ପରେ ଛାତ୍ର ଛାତ୍ରୀ ତଥା ଅଭିଭାବକ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ସ୍ୱାଗତଯୋଗ୍ୟ ପଦକ୍ଷେପ ନିମନ୍ତେ ପରିଚାଳନା କମିଟିକୁ ଧନ୍ୟବାଦ୍ ଜଣାଇଛନ୍ତି।

# ଶିଶୁ ବାଟିକା ପ୍ରବେଶ ଓ ଖଡ଼ିଛୁଆଁ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ଅଧୀନ ଏମଭି-୨୬ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁଟୁ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଶିଶୁବାଟିକା ଶୁଭାରମ୍ଭ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ନୂତନ ଭାବେ ନାମ ଲେଖାଇବା ନିମନ୍ତେ ଆସିଥିବା କୁନି ଛାତ୍ର ଛାତ୍ରୀଙ୍କୁ ପ୍ରଥମେ



ବିଦ୍ୟାଳୟର ପ୍ରବେଶ ଦ୍ୱାର ଠାରେ ଫୁଲ ଚନ୍ଦନ ଟିକାଦେଇ ବିଦ୍ୟାଳୟର ଉଦ୍ଦିଷ୍ଟ କକ୍ଷ ପର୍ଯ୍ୟନ୍ତ ଅଣାଯାଇଥିଲା, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରାଯାଇଥିଲା। ପ୍ରଥମ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଶିକ୍ଷକ ସୂର୍ଯ୍ୟ କାନ୍ତ ଦାସ, ରାଜେଶ ପଟ୍ଟନାୟକ, କିରଣ କାନ୍ତ ସାହୁଙ୍କ ଦ୍ୱାରା ଏହି କାର୍ଯ୍ୟ ଶୁଭଆରମ୍ଭ କରାଯାଇଥିବା ବେଳେ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ମଧ ଏଥିରେ ଉପସ୍ଥିତ ରହି ନୂତନ ଛାତ୍ର ଛାତ୍ରୀଙ୍କୁ ପାଠ ପଢିବା ନିମନ୍ତେ ଉତ୍ସାହିତ କରିଥିଲେ। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷାବିଭାଗ ତରଫରୁ ଆଜିଠାରୁ ଆରମ୍ଭ ହୋଇଥିବା ଶିଶୁ ବାଟିକାର ପ୍ରବେଶ ଉତ୍ସବ ଓ ଖାଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥ ବାହାର ହୋଇଥିଲା। ଏହି ରଥ ବ୍ଲକ ଅଧୀନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତକୁ ଯାଇ ଜନ ସାଧାରଣଙ୍କୁ ସଚେତନତା କରିବା ସହିତ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓଡିଶାଙ୍କ ତରଫରୁ ଆରମ୍ଭ କରାଯାଇଥିବା ଶିଶୁ ବାଟିକା କିପରି ଭାବରେ ସଫଳ ହେବା ସହିତ ନିଜ ନିଜର ୫ବର୍ଷର କୁନି କୁନି ପୁଅ ଝିଅଙ୍କୁ ବିଦ୍ୟାଳୟକୁ ଆଣି ଶିଶୁବାଟିକାରେ ନାମକରଣ କରିବା ନିମନ୍ତେ ଉକ୍ତ ରଥ ସଚେତନ କରାଇବ। ଏହି ସଚେତନ ରଥକୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଶିକ୍ଷାଧିକାରୀ ମାଡା ମାଡ଼କାମୀ, ସିଆରସିସି ପୋଟ୍ରେଲ ସରୋଜ କୁମାର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ସିଆରସିସି ବାଲିମେଳା,ସିଆରସିସି କୋରୁକୋଣ୍ଡା ପ୍ରସନ କୁମାର ସାମନ୍ତରା, ତର୍ଲାକୋଟା ସିଆରସିସି ମୁଡା ମାଡ଼କାମୀ, ଯୋଗେନ୍ଦ୍ର ସରକାର ସିଆରସିସି ତୁମୁସାପଲ୍ଲୀ,ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କାନମା ପଟ୍ଟନାୟକ, ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ଉପସ୍ଥିତିରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ମୁୟା ମାଡ଼କାମୀ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ବିନାୟକ ପାତ୍ର ପତାକା ଦେଖାଇ ଉଦ୍ଘାଟନ କରିଥିଲେ।

ଉମରକୋଟ(ଭାସ୍କର ନ୍ୟୁଜ): ରାଜ୍ୟ ର ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସେହିପରି ଉମରକୋଟ ସହର ଗତିଗୁଡା ଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ଯୋଗ ଦେଇ ନୂଆ ରେ ପ୍ରବେଶ କରିବା ପାଇଁ ଆସିଥିବା କୁନି କୁନି ପିଲା ଙ୍କ ସହ ତଳେ ବସି ସେମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାପାଳଙ୍କ ସହ ଉମରକୋଟ ପୋରଦକ୍ଷା ରାଧା ଭତ୍ର ।, ସ୍ଥାନୀୟ କାଉନସିଲର ଚିତ ରଞ୍ଜନ ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରେଶମ ଲାଲ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି, ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ,ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ମାଝି, ସି ଆର ସି ସି ହେମନ୍ତ କୁମାର ସାହୁ,ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ଦେବନାଥ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନ ରେ ସମଗ୍ର ଉମରକୋଟ ବ୍ଲକ ରେ ୨୯୧୦ ଜଣ ଛାତ୍ର ଛାତ୍ରୀ ବାଳ ବାଟିକା ଓ ପ୍ରଥମ ଶ୍ରେଣୀ ରେ ପ୍ରବେଶ କରିଥିବା ଉମରକୋଟ ବ୍ଲକ୍ ଶିକ୍ଷା ଅଧିକାରୀ ଈଶ୍ୱର ମାଝି ସୂଚନା ପ୍ରଦାନ କରିଛନ୍ତି।



ବରଗଡ(ଭାସ୍କର ନ୍ୟୁଜ) : ପିଏମ ଶ୍ରୀ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟ ଠାରେ ‘ଖଡ଼ି ଛୁଆଁ’ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଦେବ ଜୀବନ କର ଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ବିକାଶ ବଘେଲ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଏ ବିଇଓ ଘାସିରାମ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ତଥା ଓଡ଼ିଆ ସଂସ୍କୃତି ସୁରକ୍ଷା ମଞ୍ଚ ର ଜିଲ୍ଲା ଆବାହକ କପିଳ ବାଗ ,ଖଲିଆପାଲି ସରପଞ୍ଚ ସସ୍ମିତା ସୁନା ପୂର୍ବତନ ପ୍ରଧାନ ଶିକ୍ଷକ ବିଶିଷ୍ଟ ସାହିତ୍ୟକ ମନୋରଞ୍ଜନ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସର ରେ ୩୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଶିଶୁ ବାଟିକା ରେ ନାମ ଲେଖାଇ ଖଡ଼ି ଛୁଇଁଥିଲେ । ଶିକ୍ଷୟିତ୍ରୀ ବନ୍ଦିତା ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ) : ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ବିଦ୍ୟାଳୟରେ ପିଲାଙ୍କ ଶିକ୍ଷା ସଚେତନତା ରଥ ,ଖଡ଼ି ଛୁଆଁ ଓ ଶିଶୁ ବାଟିକା ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଗଜପତି ଜିଲ୍ଲାର ଛାତ୍ରଛାତ୍ରୀଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା “ଶିଶୁ ବାଟିକା” କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜିଲ୍ଲାପାଳ ବିଜୟ କୁମାର ଦାଶ ଏବଂ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଡ. ମାୟାଧର ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରାଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଅଧିକାରୀ ସବୁଜ ପତାକା ଦେଖାଇ ୭ଟି ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କଲେ, ଏହି ୭ଟି ଶିକ୍ଷା ସଚେତନତା ରଥ, ଜିଲ୍ଲାର ସମସ୍ତ ସାତ ଗୋଟି ବ୍ଲକକୁ ପରିଭ୍ରମଣକରି ଶିଶୁମାନଙ୍କୁ ଶିକ୍ଷା ଦିଗରେ ଆଗେଇ ଆଣିବା ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସଂସ୍ଥାନରେ ଭର୍ତ୍ତି କରିବାକୁ ନେଇ ପ୍ରୋତ୍ସାହନ କରିବା ଦିଗରେ ସଚେତନତା ସୃଷ୍ଟି କରାଯାଇପାରିବ । ତତପରେ ଗୋସାଣୀ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୂଆ କେରାଣ୍ଡିଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଅଧିକାରୀ ଉପସ୍ଥିତ ରହି “ପ୍ରବେଶ ଉତ୍ସବ ଏବଂ ଖଡି ଛୁଆଁ ” କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳ ଗୁମ୍ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଦିନ ନୂତନ ଶିଶୁ ମାନଙ୍କୁ ସ୍ୱାଗତ କରିବା ଓ ନୂତନ ଶିକ୍ଷା ଆରମ୍ଭ କରିବା ପାଇଁ ବିଦ୍ୟାସଂସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଅରୁଣ, ଉଦୟ, ପ୍ରଭାତ ଶ୍ରେଣୀ ନିମନ୍ତେ ୬ ଜଣ ଖଡ଼ି ଛୁଆଇଁଥିଲେ ଓ ୧୦ ରୁ ଅଧିକ ଶିଶୁ ନାମ ଲେଖାଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶ୍ରୀରଙ୍ଗାଚରଣ ବିଷୋୟୀ, ମକୁନ୍ଦ ଜାନି, ଚନ୍ଦ୍ର ଭାନୁ ଗୌଡ଼, ମହେଶ୍ୱର ସାହୁ,ଜିତେନ୍ଦ୍ର ନାୟକ, ବନମାଳୀ ହରିଜନ, ବୁଦ୍ଧ ମୋହନ ପ୍ରଧାନୀ, ତ୍ରିନାଥ ଭତରା, ଲଛମନ ମୁଦୁଲି, ସାରଳା ଭତରା, ପାଉଡରିବେହେରା, ଦିନମଣୀ ହରିଜନ, ଜମ୍ବୁ ବତୀ ହରିଜନ, ରଶ୍ମିତା ପୂଜାରୀ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ ।

ମୁରିବାହାଲ (ଭାସ୍କର ନ୍ୟୁଜ) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଅନ୍ତର୍ଗତ ରାଣୀସିଲେଟ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶିଶୁ ବାଟିକା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ବିଦ୍ୟାଳୟ ରାଣୀସିଲେଟ ପ୍ରଧାନ ଶିକ୍ଷକ ଚୂଡ଼ାମଣି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶିଶୁ ବାଟିକାର ଶୁଭରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ୧୦ନଂ ୱାର୍ଡ ମେମ୍ବର ଶୁଭକାନ୍ତି ମାଝୀ ଯୋଗଦେଇ ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଙ୍ଖ ଘଣ୍ଟ ବାଦ୍ୟ ସହିତ ଶିଶୁ ଓ ପିତାମାତା ମାନଙ୍କୁ ସ୍ୱାଗତ କରିଥିଲେ । ପ୍ରଥମେ ଶିଶୁ ମାନଙ୍କୁ ପାଦ ଧୋଇ ଶିଶୁ ମାନଙ୍କୁ ଫୁଲ ଚନ୍ଦନ ଦେବା ସହିତ ସିଲେଟ ଦେଇ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମସ୍ତ ଶିଶୁ ମାନଙ୍କୁ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରି ଉତ୍ସାହିତ କରିଥିଲେ । ପ୍ରଥମ ଦିନରେ ୬ ଜଣ ଶିଶୁ ଙ୍କୁ ଖଡ଼ିଛୁଆଁ କରିବା ସହ ୩ ଜଣ ଶିଶୁଙ୍କୁ ବିଦ୍ୟାଳୟ ରେ ନାମ ଲେଖା ଯାଇଥିଲା । ଏହି ଅବସରରେ ଶିକ୍ଷକ କରୁଣା ବରିହା ପରିଚାଳନା କମିଟିର ସଭାପତି ଶ୍ୟାମଘନ ମାଝୀ ଏବଂ ସଦସ୍ୟ ସଦସ୍ୟା , ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ ।



ତେନ୍ତୁଳୀଖୁଣ୍ଟି(ଭାସ୍କର ନ୍ୟୁଜ) : ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକାର ଶୁଭାରମ୍ଭ ସହ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିବାବେଳେ ତେନ୍ତୁଳିଖୁଣ୍ଟି ବ୍ଲକର ପୂଜାରୀଗୁଡା ଉନ୍ନତି ପ୍ରାଥମିକ ଉଚ୍ଚ ବିଦ୍ୟାଳୟଠାରେ ମଧ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ- ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଉଦ୍ଘାଟନ କରି ଥିଲେ । କାର୍ଯ୍ୟକ୍ରମ ରେ ୬ ବର୍ଷର ଶିଶୁ ମାନେ ପ୍ରଥମ ଶ୍ରେଣୀ ଏବଂ ୫ ବର୍ଷ ର ଶିଶୁମାନେ ଶିଶୁବାଟିକା ରେ ନାମ ଲେଖାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତେନ୍ତୁଳିଖୁଣ୍ଟି ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ରମେଶ ରାୟ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୋହନ ମଧୁସୂଦନ ବାଘ ଅତିରିକ୍ତ ଗୋଷ୍ଠୀ ଉନୟନ ଅଧିକାରୀ କୃପାସିନ୍ଧୁ ନାୟକ ବ୍ଲକ ଅଧକ୍ଷା ନିଳେନ୍ଦ୍ର ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୟୀ, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜୁରୀ ବିଷୟୀ, ପୂଜାରୀ ଗୁଡା ସରପଞ୍ଚ ଅନାଦୀ ପୂଜାରୀ ସମିତି ସଭ୍ୟ ବିନୋଦିନୀ ସିଂ ସିଡ଼ିପିଓ ବିନିତା ଜେଠୀ ଓ ସବିତା ଉପାସୀ, ବରିଷ୍ଠବିଜେପି ନେତା ହରେ କୃଷ୍ଣ ମୁଦୁଲି ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମ ରେ ୧୯ ଜଣ ଶିଶୁ ଶିଶୁ ବାଟିକାରେ ଏବଂ ୧୫ ଜଣ ଶିଶୁ ପ୍ରଥମ ଶ୍ରେଣୀ ରେ ନାମ ଲେଖାଇ ଥିଲେ। ବିଧାୟକ ଛାତ୍ରଛାତ୍ରୀ ମାନଙ୍କୁ କୋଳରେ ବସାଇ ଖଡ଼ିଛୁଆଁ କାର୍ଯ୍ୟ କରିବା ସହ ହରିହର ମିଶ୍ର ମଧ ଶିଶୁମାନଙ୍କୁ କୋଳରେ ବସାଇ ମନ୍ତ୍ର ଉଚ୍ଚାରଣରେ ନୂତନ ସିଲଟ ରେ ଖଡିଛୁଆଁ କରାଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଣୀୟ ସାମଗ୍ରୀ ବିତରଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ବିଭୂତି ପତି ପରିଚାଳନା କରିଥିବାବେଳେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ୧୦ରୁ ମା’ ମୁତ୍ୟାଲୁମାଙ୍କ ଶୀତଳ ଚୈତ୍ର ଯାତ୍ରା



ଗୁଣୁପୁର(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ଗୁଣୁପୁରସ୍ଥିତ ଅଧିଷ୍ଠିତା ଦେବୀ ମା’ ମୁତ୍ୟାଲୁମା ଙ୍କ ୨୬ତମ ଶୀତଳ ଚୈତ୍ର ଯାତ୍ରା ପାଇଁ ବୁଧବାର ଦିନ ଶୁଭ ଦିଆଯାଇଛି। ଏହି ପୂଜା କାର୍ଯ୍ୟକୁ କମିଟିର ସଭାପତି ଟି ଗୋପାଳ ରାଓ ଅଧ୍ୟକ୍ଷତା ସମ୍ପାଦନ କରିଥିବା ବେଳେ ପୂଜକ ବି କିଶୋର କୁମାର ଆଜିର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କମିଟିର ଉପସଭାପତି ଶିବ ପ୍ରସାଦ ଦଣ୍ଡସେନା, କୋଷାଧ୍ୟକ୍ଷ ଡି ଶଙ୍କର ନାରାୟଣ, ସଦସ୍ୟ ରାମ ଚନ୍ଦ୍ର ପଣ୍ଡା, ଡି ରାଜା, ବି ରବି କୁମାର, ଅମରେଶ ପଣ୍ଡା,ବି କିରଣ କୁମାର, ରାଜେନ୍ଦ୍ର ମହାନ୍ତି, ଆର ରାମୁ,ଡି ରମେଶ ସମେତ ବହୁ ମହିଳା ଭକ୍ତ ଉପସ୍ଥିତ ଥିଲେ। ଚଳିତ ମାସ ୧୦,୧୧ ଓ ୧୨ ତାରିଖରୁ ଚୈତ୍ର ଯାତ୍ରା କରିବା ପାଇଁ ତାରିଖ ନିର୍ଦ୍ଧାରିତ ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦେଇଛନ୍ତି । ଏହି ବର୍ଷ ଚୈତ୍ର ଯାତ୍ରା ୨୬ ବର୍ଷ ହୋଇଥିବାରୁ ଜଗତ କଲ୍ୟାଣ ନିମନ୍ତେ ହୋମଯଜ୍ଞ, ଅନଦାନ କରାଯିବାର ବ୍ୟବସ୍ଥା କରାଯାଉଥିବା ବେଳେ ୧୦ ତାରିଖରେ ମା’ଙ୍କ ଶୀତଳ କଳସ ଯାତ୍ରା ରେ ମୋତିଲାଲ ନଗର ଗ୍ରାମବାସୀ ସହ ଅଂଚଳବାସୀ ମାନଙ୍କୁ ନେଇ ସହର ପରିକ୍ରମା କରି ମା ଙ୍କୁ ଶୀତଳ କରାଯିବ । ପ୍ରତ୍ୟେକ ଦିନ ମାଆଙ୍କୁ ପଞ୍ଚାମୃତ୍ ଅଭିଷେକ ସହ ହୋମଯଜ୍ଞ କରାଯିବ। ହୋମ ଯଜ୍ଞ ପୂଜାକୁ ପୂଜକ ଭାବେ ପ୍ରଭାତ କୁମାର ରଥଶର୍ମା କାର୍ଯ୍ୟ ସମ୍ପାଦନ କରିବେ ଓ ମନ୍ଦିର ପୂଜକ ଭାବେ ବି କିଶୋର କୁମାର, ଏମ କିଷାନ ଓ ଏମ ରାଜା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିବେ ବୋଲି ଜଣାପଡିଛି।

# ମା’ ଠାକୁରାଣୀଙ୍କ ନବଦିନ କଳସୀ ଯାତ୍ରା



ଉମରକୋଟ(ଭାସ୍କର ନ୍ୟୁଜ୍): ଆରମ୍ଭ ହୋଇଛି ଉମରକୋଟର ପ୍ରସିଦ୍ଧ ଜଗତଜନନୀ ମା ଠାକୁରାଣୀଙ୍କ ନବଦିନ କଳସୀ ଯାତ୍ରା। ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ପ୍ରତି ଦିନ ମାଆ’ ଙ୍କ ଘଣ୍ଟ କଳସୀ ଉମରକୋଟ ସହରର ପ୍ରତ୍ୟେକ ସାହି ବସ୍ତି ପରିକ୍ରମା କରିବା ସହ ରାତିରେ ମା’ ଗାନ୍ଧୀଛକ ମନ୍ଦିରରେ ଠାରେ ଆସି ଭକ୍ତଙ୍କୁ ଦର୍ଶନ ଦେବେ। ନବଦିନ ଯାତ୍ରା ପାଇଁ ଉମରକୋଟ ସହର ଏବେ ଚଳଚଞ୍ଚଳ ହୋଇଉଠି ଥିବା ବେଳେ ଚାରିଆଡ଼େ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। । ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳ ସହ ପଡୋଶୀ ରାଜ୍ୟ ଛତିଶଗଡରୁ ବହୁ ସଂଖ୍ୟାରେ ଭକ୍ତ ଆସିଥାନ୍ତି। ମୀନା ବଜାର ସହ ମହାରାଷ୍ଟ୍ର , ପଡୋଶୀ ରାଜ୍ୟ ଛତିଶଗଡ, ଆନ୍ଧ୍ରର ବ୍ୟବସାୟୀ ମାନେ ଅନେକ ଘର କରଣା ଉପକରଣ , ଘର ସଜା ଓ ହସ୍ତକଳା ସାମଗ୍ରୀ ଷ୍ଟଲ କରିଥିବା ଦେଖିବାକୁ ମିଳିଛି। ମନୋରଞ୍ଜନ ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥିବା ପୂଜା କମିଟିର ସଭାପତି ସାଇନାରାୟଣ ପାଢ଼ୀ କହିଛନ୍ତି। ପୂଜା କାର୍ଯ୍ୟ ଶାନ୍ତିପୂର୍ଣ୍ଣଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ଚେଷ୍ଟା କରାଯାଇଛି । ପ୍ରବଳ ଭିଡ଼କୁ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ମଧ ସୁବ୍ୟବସ୍ଥା କରାଯାଇଛି।



ପୁରୀ (ଭାସ୍କର ନ୍ୟୁଜ) : ଓଡ଼ିଆ ପକ୍ଷ ପାଳନ ଅବସରରେ ପୁରୀ ଜିଲ୍ଲାରେ ଅଧିକାରୀ ଓ କର୍ମଚାରୀ ମାନେ ପାରମ୍ପରିକ ପୋଷାକ ପରିଧାନ କରିଥିଲେ।ସମ୍ବଲପୁର ଓ ଖଦି ବସ୍ତ୍ର ପିନ୍ଧି ଅଧିକାରୀ ଓ କର୍ମଚାରୀ ମାନେ କାର୍ଯ୍ୟାଳୟ କୁ ଆସିଥିଲେ। ସରକାର ପ୍ରଥମ ଥର ପାଇଁ ଅପ୍ରେଲ ୧ ତାରିଖ ରୁ ଅପ୍ରେଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି।ସେହି ଆଧାର ରେ ଆଜି ର ଦିବସ ଥିଲା ପାରମ୍ପରିକ ପୋଷାକ ପରିଧାନ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଡେପୁଟୀ କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବସନ୍ତ ହାତୀ, ମନୀଷା ଷଡ଼ଙ୍ଗୀ, ସହଦେ୍ୱ ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ସହକାରୀ ଜିଲ୍ଲାପାଳ ତନ୍ମୟ ଦାସ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ,ଅନ୍ୟାନ୍ୟ କର୍ମଚାରୀ ମାନେ ପୋଷାକ ପରିଧାନ ପୂର୍ବକ ଫଟୋ ପ୍ରଦର୍ଶନ କରିଥିଲେ।

## ଦେଶୀ ମଦ ଓ ୩ ମୋଟର ସାଇକେଲ ଜବତ, ଦୁଇ ଅଭିଯୁକ୍ତ ଗିରଫ



ବୋଲଗଡ (ଭାସ୍କର ନ୍ୟୁଜ): ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ବୈରାଗୀ ଚରଣ ଭୋଇଙ୍କ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ଅଧିକାରୀ ଥାର୍ପା। ମାରାଣ୍ଡିଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ପୁଲିସ ସହଯୋଗରେ ଚଢାଉ କରି ୧୮୦ ଲିଟର ଦେଶୀ ମଦ ସହ ବ୍ୟବହୃତ ଯନ୍ତ୍ରପାତି ଓ ଦୁଇଟି ମୋଟର ସାଇକେଲ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ପାଟଣାହାଟ ଓ ଗୌଡପାଟଣା ଗ୍ରାମରୁ ୧୩୦ ଲିଟର ଦେଶୀ ମଦ ସହ ଗୋଟିଏ ସ୍କୁଟି ଓ ମୋଟର ସାଇକେଲ ଜବତ କରିଥିବା ବେଳେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ତାଳତୁମ୍ବ ଗ୍ରାମର ସୁକାନ୍ତ କୁମାର ବାରିକଙ୍କୁ ଗିରଫ କରିଛି । ସେହିପରି ପାଟଣାହାଟ ରୁ ୫୦ ଲିଟର ଦେଶୀ ମଦ ଜବତ ସହ ୨ ଟି ସିଲିଂ ମେସିନ ଓ ଗୋଟିଏ ମୋଟର ସାଇକେଲ ଜବତ ସହ ଖଣ୍ଡପଡ଼ା ଥାନା ଅନ୍ତର୍ଗତ ଲିମୁଡି ଗ୍ରାମର କବିରାଜ ସାହୁଙ୍କୁ ଗିରଫ କରିଛି । ଏହି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି ।

## ନିଆଳିରେ ବୁଲିଲା ତିନୋଟି ବୋଲଡଜର ଭାଙ୍ଗିଲା ୯୦ରୁ ଉର୍ଦ୍ଧ୍ୱ ଦୋକାନ ଗୃହ



ନିଆଳି (ଭାସ୍କର ନ୍ୟୁଜ): ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ ସରକାରୀ ଜାଗା ଜବରଦଖଲ କାରୀଙ୍କୁ ୫ ଦିନ ତଳେ ଜାରି କରିଥିଲେ ନୋଟିସ। ଏପ୍ରିଲ ୧ ତାରିଖ ସୁଦ୍ଧା ଉଚ୍ଛେଦ ହେବା ନିମନ୍ତେ ନୋଟିସ ରେ ସମୟ ସୀମା ଦେଇଥିଲେ। ଆଜି ସକାଳୁ ସକାଳୁ ତିନି ବୋଲଡୋଜର ସହ ଆଇଆଇସି ବିଜୟ କୁମାର ମଲିକ ଏକ ପ୍ଲାଟୁନ ଫୋର୍ସ ସହିତ କୋର୍ଟ ଛକରୁ ମେଡିକାଲ ଛକ ଓ ମେଡିକାଲ ଛକ ରୁ ବାହାରଣା ରୋଡ଼ ରେ ଥିବା ୯୦ରୁ ଉର୍ଦ୍ଧ୍ୱ ଦୋକାନ ଗୃହ କୁ ମାଟିରେ ମିସେଇଦେଇଛନ୍ତି। ସରକାରୀ ଜାଗାରେ ୩ ଟି ପରିବାର କୋଠା ଘର କରି ରହୁଥିବା ବେଳେ ସେମାନଙ୍କୁ ମଧ୍ୟ ନୋଟିସ ଜାରି କରାଯାଇଥିଲା। ସେମାନେ ପିଲା ଛୁଆ ଓ ଘର ସାମଗ୍ରୀ ଅନ୍ୟତ୍ର ନେଇନଥିବାରୁ ସେମାନଙ୍କୁ ତହସିଲଦାର ୭ ଦିନ ସମୟ ଦେଇଛନ୍ତି। ସଂଧ୍ୟା ସୁଦ୍ଧା ଆଉ ୪୦ ରୁ ଉର୍ଦ୍ଧ୍ୱ ସରକାରୀ ଜାଗାରେ ଜବର ଦଖଲ କରି ଦୋକାନ କରିଥିବା ଦୋକାନୀ ମାନଙ୍କୁ ନୋଟିସ ଜାରି ହୋଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ଖାଲି ନ କଲେ ପୁନର୍ବାର ବୋଲଡଜର ବୁଲିବ ବୋଲି ଲିଲନ ପ୍ରସାଦ ସାହୁ କହିଛନ୍ତି। ଆଜି ନିଆଳିରେ ଚର୍ଚ୍ଚା ଫେରିଲା କି ଯୋଗୀ ଆଦିତ୍ୟ ନାଥ ସରକାରଙ୍କ ଶାସନ ! ଏଠାରେ ସୂଚନା ଥାଉ କି ନିଆଳି ବିଧାୟକ ଛବି ମଲିକ ନିଆଳି ବଜାରର ଉନ୍ନତି ମୂଳକ କାମ ବସ ଷ୍ଟାଣ୍ଡ, ଶୌଚାଳୟ, ଜଳ ନିଷ୍କାସନ ନିମନ୍ତେ ଡ୍ରେନ, ଆଲୋକୀକରଣ ଭଳି ଆବଶ୍ୟକ ଥିବାରୁ ସରକାରୀ ଜାଗା ଜବରଦଖଲ କାରୀଙ୍କୁ ହଟାଇ କାମ କରିବା ନିମନ୍ତେ ଏକ ଘରୋଇ ମଣ୍ଡପ ରେ କିଛିଦିନ ତଳେ ବଜାର କମିଟିର ସଭାପତି, ତିନି ସାହିର ମୁରବି, ସ୍ଥାନୀୟ ସରପଞ୍ଚଙ୍କୁ ନେଇ ଏକ ବୈଠକ କରିଥିଲେ। ଏହି ବୈଠକ ରେ ନିଆଳି ତହସିଲଦାର ଉପସ୍ଥିତ ରହିଥିଲେ।ସରକାର ଙ୍କ ପକ୍ଷରୁ ଭେଣ୍ଡିଙ୍ଗ ଯୋନ ର ବ୍ୟବସ୍ଥା ୍ଵ। ଥଇଥାନ କରାନଯାଇ ଦୋକାନୀ ମାନଙ୍କୁ ଉଚ୍ଛେଦ କରାଯାଇଥିବାରୁ ବହୁ ପରିବାର ଆର୍ଥିକ ଅଭାବ ଭଳି ଦୁର୍ଦ୍ଦଶା ର ସମୁଖୀନ ହବାକୁ ପଡିବ। ଉଚ୍ଛେଦ ସମୟରେ ପୂର୍ତ୍ତ ବିଭାଗ ର ସହକାରୀ ଯନ୍ତ୍ରୀ ମନୋଜ କୁମାର ମିଞ୍ଜ, ରାଜସ୍ୱ ନିରୀକ୍ଷକ ଦେବ ବ୍ରତ ବିଶ୍ୱାଳ, ନିଆଳି ଥାନାର ଅନେକ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିଳ୍ପର ବିକାଶରେ...

ଦୁର୍ବଳ ରହିଥିଲା। ଆମ ଡବଲ ଇଞ୍ଜିନ ସରକାର ମୋଦୀଙ୍କ ଗ୍ୟାରେଣ୍ଟି ଯୋଗୁ ଶିଳ୍ପପାଇଁ କେବଳ ଏମଓୟୁ ନୁହେଁ, ଶିଳ୍ପକୁ ଗ୍ରାଉଣ୍ଡେଡ୍ କରିପାରିଛୁ। ମିଳିଥିବା ସୂଚନା ଅନୁଯାୟୀ ଖୋର୍ଦ୍ଧା ହଳଦୀପଦାରେ ଜିପିଟର ଟାଟ୍ରାଉଗୋଙ୍କା ରେଳ ହ୍ୱିଲ୍ ଫ୍ୟାକ୍ଟ୍ରି ପ୍ରାଇଭେଟ ଲିମିଟେଡ୍ ଟ୍ରେନ ତିଆରି ପାଇଁ ଯନ୍ତ୍ରାଂଶ ତିଆରି କରିବ। ଏଥିରେ ୩ ହଜାର କୋଟି ଟଙ୍କା ନିବେଶ କରାଯିବ। ଦେଶର ରେଳ ତିଆରି କ୍ଷେତ୍ରରେ ଏହି ଯନ୍ତ୍ରାଂଶ ଲାଗିବା ସହ ବିଦେଶକୁ ମଧ୍ୟ ପଠାଯିବ। ସେହିପରି ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବେଭରେଜେସ୍ ପ୍ରାଇଭେଟ ଲିମିଟେଡ କମ୍ପାନୀ ୧୨ଶହ କୋଟି ନିବେଶ କରିବ। ଏହାସହ ସାଲିମାର ଗ୍ଲାସ୍ ୱାର୍କ ପ୍ରାଇଭେଟ ଲିମିଟେଡ କମ୍ପାନୀ ମଧ୍ୟ ଅର୍ଥ ବିନିଯୋଗ କରିବ। ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଖୋର୍ଦ୍ଧାରେ ଟେକ୍ସଟାଇଲ ପାର୍କ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଅବସରରେ ଅରାଙ୍ଗରେ ମୁଖ୍ୟମନ୍ତ୍ରୀ ଏକ ଟେକ୍ସଟାଇଲ ପାର୍କର ମଧ୍ୟ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଧାୟକ ପ୍ରଶାନ୍ତ ଜଗଦେବ, ବିଭୂତି ବଳବନ୍ତରାୟ, ଶିଳ୍ପସଚିବ ହେମନ୍ତ ଶର୍ମାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗୃହ ଅନିର୍ଦ୍ଦିଷ୍ଟ...

ଆଲୋଚନା ନଭେମ୍ବର ୧୧ ଅପରାହ୍ନ ୩.୫୬ରୁ ଆରମ୍ଭ ହୋଇ ତହିଁ ପରଦିନ ସକାଳ ୮.୩୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଅର୍ଥାତ ସାଢେ ୧୬ଘଣ୍ଟା ପର୍ଯ୍ୟନ୍ତ ବିଲ୍ ପାସ୍ ପାଇଁ ଚାଲିଥିବା ବିଧାନସଭା ସର୍ବକାଳୀନ ରେକର୍ଡ ରହିଛି। ତେବେ ବୁଧବାର ପାସ୍ ହୋଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୪ ପାରିତ ହେବାପାଇଁ ସାଢେ ୧୨ଘଣ୍ଟା ସମୟ ଲାଗିଥିଲା। ତେବେ ଅଧିବେଶନର ଶେଷ ଦିନରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ ହୋଇଥିଲା। ପାଖାପାଖି ୧୨ ଘଣ୍ଟାର ଆଲୋଚନା ପରେ ଭୋର ୪.୩୦ ସମୟରେ ଏହି ବିଲ୍ ବାଚନିକ ଭୋଟରେ ପାରିତ ହୋଇଥିଲା। ବୁଧବାର ଅପରାହ୍ନ ୪.୦୬ରୁ ଏହି ବିଲ୍ ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା।

## ମାଓପ୍ରବଣ ଅଞ୍ଚଳ ବୁଲିଲେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ



ମାଲକାନଗିରି(ଭାସ୍କର ନ୍ୟୁଜ): ହେଲିକେପ୍ଟର ରେ ଆସିଲେ ଆଉ ଯବାନଙ୍କ ବାଇକରେ ବସି ମାଓ ପ୍ରବଣ ଅଞ୍ଚଳ ବୁଲିଲେ ଛତିଶଗଡ ଉପ ମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ବିଜୟ ଶର୍ମା । ଆଜି ସୁକମା ଜିଲ୍ଲାର ଅତ୍ୟନ୍ତ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଖୋଲାଯାଇଥିବା ରାଇଗୁଡେମ ସିଆରପିଏଫ କ୍ୟାମ୍ପରେ ପହଞ୍ଚିଥିଲେ ଗୃହ ମନ୍ତ୍ରୀ ବିଜୟ ଶର୍ମା । ଗତବର୍ଷ ଏହି କ୍ୟାମ୍ପ ସ୍ଥାପନ ହୋଇଥିବା ବେଳେ ସିଆରପିଏଫ୍‌ର ୨୨୩ ବାଟାଲିୟନ ଏଠାରେ ନିୟୋଜିତ ଅଛନ୍ତି । ସିଆରପିଏଫ କେମ୍ପରେ ପହଞ୍ଚିବା ପରେ ଗୃହମନ୍ତ୍ରୀ ପ୍ରଥମେ ଯବାନ ମାନଙ୍କୁ ଭେଟିଥିଲେ । ଏହା ପରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ମାଓ ଦମନ କାର୍ଯ୍ୟକ୍ରମକୁ ନେଇ ବୈଠକ କରିଥିଲେ । ମାଓ ପ୍ରବଣ ଅଞ୍ଚଳରେ ନିୟୋଜିତ ଥିବା ଅଧିକାରୀ ମାନେ ନକ୍ସଲ ମୋର୍ଚ୍ଚା ବିଷୟରେ ଗୃହମନ୍ତ୍ରୀ ବିଜୟ ଶର୍ମାଙ୍କୁ ସୂଚନା ଦେଇଥିଲେ । ମନ୍ତ୍ରୀ ବିଜୟ ଶର୍ମା ଯବାନଙ୍କୁ ସାକ୍ଷାତ କରିବା ପରେ ସେଠାକାର ସ୍ଥାନୀୟ ଗ୍ରାମବାସୀଙ୍କୁ ମଧ୍ୟ ଭେଟି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ଆଦିବାସୀ ଲୋକଙ୍କୁ ବୁଝାଇବା ସହ ଏହାର ଲାଭ ନେବା ଲାଗି ଗରିବ ଆଦିବାସୀ ଲୋକଙ୍କୁ ପରାମର୍ଶ ଦେଇଥିଲେ ।

## ଥାଇଲାଣ୍ଡରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା
## ରାମାୟଣ ଦେଖିଲେ, କଳାକାରଙ୍କ ପ୍ରଶଂସା କଲେ



ବ୍ୟାଙ୍କକ୍/ନୂଆଦିଲ୍ଲୀ: ଗୁରୁବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଥାଇଲାଣ୍ଡରେ ଥିବା ଭାରତୀୟମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଆସନ୍ତା ୪ ତାରିଖରେ ଅର୍ଥାତ ଶୁକ୍ରବାର ସେଠାରେ ଅନୁଷ୍ଠିତ ହେବାକୁ ଥିବା ବିମ୍‌ଷ୍ଟେକ୍ ସମ୍ମିଳନୀରେ ମୋଦୀ ଯୋଗଦେବେ। ଏଥିପାଇଁ ସେ ଥାଇଲାଣ୍ଡ ଗସ୍ତ କରିଥିବା ସୂଚନା ଦେଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ସିନାଓ୍ୱାଟ୍ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସ୍ଥାନଟି ପ୍ରଭୁ ବୁଦ୍ଧଙ୍କ ବିଶାଳ ପ୍ରତିମୂର୍ତ୍ତି ପାଇଁ ପ୍ରସିଦ୍ଧ। ୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିମଷ୍ଟେକ ସମ୍ମିଳନୀରେ ଭାରତ ସମେତ ଥାଇଲାଣ୍ଡ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ମିଆଁମାର ଏବଂ ଭୁଟାନର ନେତାମାନେ ସାମିଲ ହେବେ। ଅନ୍ୟପକ୍ଷରେ ମୋଦୀ ଥାଇଲାଣ୍ଡରେ ପହଞ୍ଚିବା ପରେ ମଞ୍ଚରେ ପରିବେଷିତ ରାମାୟଣକୁ ମନୋଭରି ଉପଭୋଗ କରିଥିଲେ। ରାମାୟଣ ଶେଷ ପରେ ମଞ୍ଚରେ ଅଭିନୟ କରୁଥିବା କଳାକାରଙ୍କ ସହ ଫଟୋ ଉଠାଇ ସେହି ସ୍ମରଣୀୟ ମୁହୂର୍ତ୍ତକୁ ସୋସିଆଲ ମିଡିଆ 'ଏକ୍ସ'ରେ ମଧ୍ୟ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଥାଇଲାଣ୍ଡରେ ଏକ ଅନନ୍ୟ ସାଂସ୍କୃତିକ ସଂଯୋଗର ମୁକସାକ୍ଷୀ ସାଜିଲି। ଥାଇ ରାମାୟଣର ଏକ ମନଛୁଆଁ ପ୍ରଦର୍ଶନର ସାକ୍ଷୀ ପାଲଟିଲି। ଭାରତ ଏବଂ ଥାଇଲାଣ୍ଡ ମଧ୍ୟରେ ଥିବା ସାଂସ୍କୃତିକ ଓ ସଭ୍ୟତାର ସଂପର୍କକୁ ଏହା ସୁନ୍ଦରଭାବରେ ବର୍ଣ୍ଣନା କରାଯାଇଛି, ଯାହାକି ମୋ ପାଇଁ ବଳିଷ୍ଠ ଅନୁଭୂତି ବୋଲି ମୋଦୀ କହିଥିଲେ।

## ହରଭଙ୍ଗା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କଲେ ସିଟି ଓ ଜିଏସଟି କମିଶନର

ବୌଦ୍ଧ (ଭାସ୍କର ନ୍ୟୁଜ ): ଗୁରୁବାର ଦୁଇ ଦିନିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ରାଜ୍ୟ ସିଟି ଓ ଜିଏସଟି କମିଶନର ଶ୍ରୀମତୀ ଜାମିନୀ ଷଡ଼ଙ୍ଗୀ ହରଭଙ୍ଗା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି । ଅପରାହ୍ନ ୧ ଘଟିକା ସମୟରେ ପୁରୁଣାକଟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚ ସଖା ଶିକ୍ଷା ସେତୁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ,କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ବୁଲି ଦେଖିଥିଲେ । ଲୁଣିବାହାଲ ଗ୍ରାମ ପଞ୍ଚାୟତ ବଡବନ୍ଧ ଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ଓ ବଡବନ୍ଧ ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ପରିଦର୍ଶନ କରିଥିଲେ । ପରେ ବିରନରସିଂହପୁର ସ୍ଥିତ ଶିଶୁ ଯତ୍ନ ଗୃହ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା,ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ- ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଅନ୍ୟକ୍ଷ ନ୍ୟ ଜିଲ୍ଲା ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଭୁବନ ଏନ୍‌ଏସିରେ 'ଓଡ଼ିଆ ପକ୍ଷ'ପାଳନ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ 'ଓଡ଼ିଆ ପକ୍ଷ' ପାଳିତ ହୋଇଯାଇଛି । ଏହି ଅବସରରେ ନଗରପାଳ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ସାହୁ ଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଲୋକନାଥ ଦ୍ୱିଜ୍,କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ପ୍ରାଣକୃଷ୍ଣ ଓଝା,ବିଶ୍ୱାସ ମହାନ୍ତି,ସଚିନ ମହାନ୍ତି,ସନ୍ତୋଷ କୁମାର ମିଶ୍ର,ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ । ଏବଂ ଆମ ପୋଷାକ, ଆମ ପରିଚୟ । ମୁ ଓଡିଆ ,ମୋ ଭାଷା ବଢିଆ ନାରାବାଜି କରିଥିଲେ । ଓଡ଼ିଆ ପକ୍ଷ ପାଳନ ପାଇଁ ସନ୍ଧ୍ୟାରେ ଏନ୍ ଏ ସି କାର୍ଯ୍ୟାଳୟକୁ ରଙ୍ଗୀନ ଆଲୋମାଳାରେ ସଜ୍ଜିତ କରାଯାଇଥିଲା ।

## ବିଜେପି କର୍ମକର୍ତ୍ତାଙ୍କ ବୈଠକରେ ରାଜ୍ୟ ବିଜେପି ସଭାପତି

ବୌଦ୍ଧ (ଭାସ୍କର ନ୍ୟୁଜ): ଗୁରୁବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବୌଦ୍ଧ ସର୍କିଟ ହାଉସ୍ ଠାରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ । ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମକର୍ତ୍ତା ସମ୍ମିଳନୀରେ ଶ୍ରୀ ସାମଲ ରାଜ୍ୟ ସରକାରଂକ ବିଭିନ୍ନ ଜନହିତକର ଯୋଜନା ଗୁଡିକ ସମ୍ପର୍କରେ ପ୍ରଚାର ପ୍ରସାର କରିବା ସହ ଲୋକଙ୍କ ସମସ୍ୟା ସହ ଜଡିତ ରହି ତାର ସମାଧାନ କରିବା ପାଇଁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।


**AFFIDAVIT**

By virtue of an affidavit sworn before The Executive Magistrate, Uditnagar, Rourkela, dated 03.04.2025, I Manimala Patra, Address: At- Kandulichak, PO- Mathuranath, Shriampur, PS- Jaleswar, Dist- Balasore, Odisha, PIN-756032, declare that I have changed my name from Manimala Mallik to Manimala Patra. Henceforth I shall be known as Manimala Patra for all purposes.

**Sd/- Manimala Patra**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated 03.04.2025, I Nrupati Narayan Behera, Address: At- Plot No 697, Near Tent House, Brahmeswar Patna, Tankapani Road, Po- Badagada Brit Colony, PS- Badagada, BBSR, Dist- Khordha, Odisha, PIN-751018, declare that I have changed my son's name from kastup Keshari Behera to Koustuv Keshari Behera. Henceforth he shall be known as Koustuv Keshari Behera for all purposes.

**Sd/- Nrupati Narayan Behera**

**ଦ.ପୂ. ରେଳପଥ-ଟେଣ୍ଡର**

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଟିଆରଡି), ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ନିମ୍ନରେ ଉଲ୍ଲେଖ କରାଯାଇଥିବା ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମିକ ନଂ., ନିମ୍ନଲିଖିତ ଟେଣ୍ଡର ନୋଟିସ୍ ନମ୍ବର ଏବଂ କାର୍ଯ୍ୟର ନାମ: ୧. ସିକେପି-ଡି-୮୦୦-ଲିନିଂ। ଚକ୍ରଧରପୁର ଡିଭିଜନରେ ଲିନିଂ ମାଷ୍ଟ ସ୍ଥାନଗୁଡ଼ିକର ଉନ୍ନତି ପାଇଁ ବାକି କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୫୧,୫୮,୨୬୭.୨୫/-। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୧,୦୩,୨୦୦/-। ୨. ସିକେପି-ଡି-୬୭୫-ପିଏସ୍‌ଜେ-ୱାଇଡି। ଚକ୍ରଧରପୁର ଡିଭିଜନରେ ପିଏସ୍‌ଜେ ୟାର୍ଡରେ ସମ୍ବନ୍ଧିତ ପରିବର୍ତ୍ତନ ସହିତ ଅତିରିକ୍ତ ଲୋଡିଂ/ଅନଲୋଡିଂ ଲାଇନ ନିର୍ମାଣ ସହିତ ଓଏଚ୍‌ଇ/ପିଏସ୍‌ଆଇ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୨,୨୪,୧୦,୮୯୯.୪୮। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୬୨,୧୦୦/-। ୩. ସିକେପି-ଡି-୬୮୧-କେଜେଡ୍‌ୟୁ-ଏମ୍‌ଆଇକେ-ଏନ୍‌ଏସ୍. ଚକ୍ରଧରପୁର ଡିଭିଜନରେ କୁଙ୍କି-ମଣିକୁଲ ଡାଉନ୍ ଲାଇନର ବିଦ୍ୟମାନ ନିରପେକ୍ଷ ଅଂଶକୁ ସ୍ଥାନ ନଂ.୩୮୪/୨୨ଏସ୍‌ରୁ ୩୮୪/୩୦ଏସ୍‌କୁ ସ୍ଥାନାନ୍ତର। ଟେଣ୍ଡର ମୂଲ୍ୟ: ଟ.୫୨,୬୬,୧୫୯.୯୬। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୧,୦୫,୩୦୦/-। ସମାପ୍ତି ଅବଧି: କ୍ରମିକ.୧ ଏବଂ ୩ ପାଇଁ ୬ ମାସ ଏବଂ କ୍ରମିକ ୨ପାଇଁ ୧୨ମାସ। ଇ-ଟେଣ୍ଡର ଖୋଲିବାର ସ୍ଥାନ: ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୨୨.୦୪.୨୦୨୫ର ୧୫:୦୦ ଘଣ୍ଟା। ଟେଣ୍ଡର ଖୋଲିବାର ତାରିଖ ଏବଂ ସମୟ: ୨୨.୦୪.୨୦୨୫ ର ୧୫:୩୦ ଘଣ୍ଟା। ଇ-ଟେଣ୍ଡର ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରଙ୍କର ଶ୍ରେଣୀ-III ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡ଼ିବ।

**(PR-17)**

**Summons for Settlement of Issues**
(O.5, R.1,5.)

Adv. Nilesh B. Runwal

IN THE COURT OF 2nd Jt. CIVIL JUDGE SR. DIVISION, JALGAON.

Spl.C.S.No. - 247/2023
Exh.No. - 14
Next Date - 15/07/2025

J.P. Traders,
Prop. Narendra Pralhad Keshwani ----- Plaintiff

...Vs...

SD. JOHAR ALI & SONS ----- Defendant

To,
Defendant - SD. JOHAR ALI & SONS,
Prop. Sayyed Jakir Ali, Age-Major, Occu.-Business,
Add.- By Pass Road, Kendrapara, Orissa, Pin – 454211.

WHEREAS, Plaintiff as above has instituted a suit in this Court against you. You are hereby summoned to appear in this Court in person or by a pleader duly instructed, and able to answer all material questions relating to the suit, or who shall be accompanied by some person able to answer all such question, on 15/07/2025 at 11:00 forenoon to answer the claim; and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off of counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this 02/04/2025.

By Order,
Jr.Clerk
Asstt.Supdt.
Civil Court Sr.Division, Jalgaon,
Teh.Dist. Jalgaon, Maharashtra.

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051
Phones: 06861-232581 (O)/232641 (R) : FAX:06861-232541.,E-Mail unit.head balimela@yahoo.com
CAD-12
REGD. OFFICE:ODISHA HYDRO POWER CORPORATION LIMITED
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK,JANAPATH,BHUBANESWAR-751022
Tel:91-0674-2541983, 2542802, 2545526 , Fax: 2542102, GRAM: HYDROPOWER,E-MAIL: ohpc corp@gmail.com / md@ohpcltd.com, Web: www.ohpcltd.com.
CIN: U40101OR1995SGC003963, GSTIN-21AAACO2575P1Z9

TENDER CALL NOTICE NO:-BHEP/ 01 /2025-26 Dtd. 02.04.2025

Sealed Tenders are invited in two part bid basis i.e. (i) Technical bid & (ii) Price bid in separate sealed envelopes from the reputed & experienced Firms having similar or experience in Hydro Turbine Generators works .

| Sl. No. | Description of Services | Cost of tender paper (Non-refundable) in Rs. |
|---|---|---|
| 1 | Correction & Alignment of combined shaft of Unit-1. | 7080/- |

The Sale of Tender Paper will be from : 05.03.2025 to 11.00 Hrs of 15 .04.2025
The last date & time of receipt of tenders : Up 12.00 Hrs of 15.04.2025
Date and time of opening of the tenders : At 12.30 Hrs. of 15.04.2025.

For details of the tender documents, terms and conditions please visit our website www.ohpcltd.com

Sd/- C&P Head
BHEP, Balimela

OIPR 04019/11/0069/2425

**NOTIFIED AREA COUNCIL, JUNAGARH** C-20
email-nacjunagrh@gmail.com
NOTICE INVITING TENDER FOR LEASE OF TANKS OF NAC JUNAGARH
LETTER NO. 605 DATE. 02.04.2025
Details terms and Conditions are available
at Office of the Notified area council Junagarh
www.junagarhnac.in or visit website – www.degm.Kalahandi@odisha.gov.in

Executive Officer
N.A.C., Junagarh

OIPR 13133/11/0015/2425

**ODISHA CONSTRUCTION CORPORATION LTD.**
(A Government of Odisha undertaking)
OFFICE OF SENIOR MANAGER (MECH)
KANUPUR GATE ERECTION PROJECT,
BASUDEVPUR,KEONJHAR
Qtr No- D1,Kanupur Irrigation Colony,
Basudevpur,Keonjhar,758047
E-Mail:smmechkanupur@gmail.com
CAD-11

Tender Call Notice No.: OCCL/KGEP/05/2024-25 Dated.02.04.2025

Name of work:- Electrical arrangement for power supply to all 04 Nos. of Head Regulator Service gates and hoisting arrangements at Kanupur Gate Erection Project Bsudevpur, Keonjhar as per the direction of Engineer-in-Charge.

Total No.of work :- 01 (One)
Period of completion:-30 (Thirty) Days.

| Tendering Officer | Bid Identification No. | Cost of bid document (including GST) (in Rs) | Availability of tender | Submission of Bid | License |
|---|---|---|---|---|---|
| Senior Manager (Mech.), Kanupur Gate Erection Project,Basudevpur,Keonjhar. | OCCL/KGEP/05/2024-25 Dated.02.04.2025 | 4,720/- (Non-refundable) | From 03.04.2025, 10.00 A.M. to 10.04.2025, 3.00 P.M. | Upto 10.04.2025, 3.00 P.M. | EHT/ELT (M.V) license Job-worker enlisted in OCCL |

Date of opening of the Bid : 10.04.2025 at 4.00 PM
Further details can be seen from the OCCL website www.odishaconstruction.com

Sd/-
Senior Manager (Mech.)
Kanupur Gate Erection Project,
Basudevpur,keonjhar

OIPR 32543/11/0003/2425

**OFFICE OF THE ENGINEER IN CHIEF**
**PUBLIC WORKS DEPARTMENT, NAVA RAIPUR, ATAL NAGAR**
**(CENTRAL TENDER CELL) E-Procurement Tender Notice**
**Main Portal: https: // eproc.cgstate.gov.in**

Tenders are invited for the Following works:-

| S. N0. | System Tender No. / Date | Name of Work | PAC Amount (Rupees in lacs) |
|---|---|---|---|
| 1 | 166274 First Call 24.03.2025 | WIDENING & UPGRADATION WORK OF BADKAPARA-PAMPAPUR- KOT- PATNA ROAD LENGTH 9.70 KM, DISTT.- SURAJPUR (Work code – W27338). | 2074.80 |
| 2 | 166278 First Call 24.03.2025 | Widening & Strengthening of Kawardha (Old) Bypass Road Length 1.30 K.M. including Bridges & culverts at Distt.- Kawardha (C.G.). | 399.14 |
| 3 | 166309 Second Call 26.03.2025 | RECONSTRUCTION WORK OF HIGH LEVEL BRIDGE ON RAIGARH BY PASS GOVERDHANPUR-RAMPUR ROAD ACROSS KELO RIVER. | 235.75 |
| 4 | 166310 4th Call 26.03.2025 | CONSTRUCTION OF GIRWANI TO DAUKADAD ROAD LENGTH 4.436 Km. INCLUDING CURVERTS DISTT.- KOREYA (C.G.) (Work code – W24651). | 666.86 |
| 5 | 166316 First Call 26.03.2025 | Construction of Mardum To Karlakonta Road Total Length = 7.81 km i/c Slab & Culvert. | 778.19 |
| 6 | 166339 First Call 27.03.2025 | Construction of Aamgaon Rawaswahi Pandepara Road Length 5.100 Km in/c Bridges and Culverts. | 928.51 |
| 7 | 166347 Third Call 27.03.2025 | CONSTRUCTION OF SYNTHETIC ATHELETIC TRACK ( 8 LANE 400 METER,AND 8000 SQ METER) AT GOVT. D.K. COLLEGE, BALODABAZAR.(DEPOSIT WORK). | 898.68 |

Last Date of Tender Downloading S.No. 04 & S.No. 07 date 08.04.2025 , S.No. 05 To S.No. 06 date 21.04.2025 . Other Tenders Date are Schedule as date 15.04.2025. For more details on the tender and bidding process please visit the above mentioned portal.

Sd/-Chief Engineer
(Central Tender Cell)
Office Of Engineer In Chief
P.W.D. Nava Raipur Atal Nagar

G-252600001/9


## ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଚୟନ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଚୟନ ପ୍ରକ୍ରିୟା । ୫ଟି ପର୍ଯ୍ୟାୟରେ ୧୭୨ ଅଫିସର ଓ ୧୪୯୯ ସିପାହୀ ଚୟନ ହେବେ । ଆଜି ୩୨୯ ଜଣ ପୋଲିସ କର୍ମଚାରୀ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀମନ୍ଦିରର ସୁରକ୍ଷା ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସରକାର ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ସୃଷ୍ଟି କରିଛନ୍ତି ।ଏଥିପାଇଁ ଗୃହ ବିଭାଗ ପକ୍ଷରୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଗଠିତ ଚୟନ କମିଟିରେ ଜଣେ ଆଇଜି, ଡିଆଇଜି ଓ ପୁରୀ ଏସପି ସଦସ୍ୟ ରହିଛନ୍ତି । ୯ ତାରିଖ ପର୍ଯ୍ୟନ୍ତ ଚୟନ ପ୍ରକ୍ରିୟା ଚାଲିବ । ବିଭିନ୍ନ ରାଙ୍କରେ ୧୬୭୧ ଜଣ ମନୋନିତ ହେବେ । ପ୍ରଥମେ ସଶସ୍ତ୍ର ପୋଲିସ ବାଟାଲିୟନରେ ଅଭିଜ୍ଞତା ଥିବା ପୋଲିସ ମାନଙ୍କୁ ୩ ବର୍ଷ ପାଇଁ ଡେପୁଟେସନରେ ଅଣାଯିବ । ରାଜ୍ୟ ପୋଲିସ କ୍ୟାଡରର ଜଣେ କମାଣ୍ଡାଣ୍ଟ, ଦୁଇ ଜଣ ଡେପୁଟି କମାଡାଣ୍ଟ, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ,୮ ଜଣ ଇନ୍ସପେକ୍ଟର, ୩୧ ଜଣ ସବ ଇନ୍ସପେକ୍ଟର,୨୪ ଜଣ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ପଦବୀରେ ନିଯୁକ୍ତ ହେବେ ।

# ଜାତୀୟ,ଅନ୍ତର୍ଜାତୀୟ ଓ ବାଣିଜ୍ୟ



ନୂଆଦିଲ୍ଲୀ : ଦିଲ୍ଲୀର ରେଖା ଗୁପ୍ତା ସରକାର ପୂର୍ବର ଆପ୍ ସରକାରଙ୍କ ଭଳି ମହିଳାଙ୍କ ନିମନ୍ତେ ମାଗଣା ବସ୍ ସେବା ଜାରି ରଖିବେ। ତେବେ ଏଥି ପାଇଁ ସରକାର ନୂଆ ସର୍ତ୍ତ ଲଗାଇବାକୁ ଯାଉଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ମାଗଣା ବସ୍ ଯାତ୍ରା ଯୋଜନା କେବଳ ସେହି ମହିଳା ଉପଲବ୍ଧ କରିପାରିବେ ଯେଉଁମାନେ ଦିଲ୍ଲୀରେ ରହୁଥିବେ। ଅଧିକାରୀ କହିଛନ୍ତି ଯେ ଏଥି ପାଇଁ ପରିବହନ ବିଭାଗ 'ଆଜୀବନ ସ୍ମାର୍ଟ କାର୍ଡ' ଆରମ୍ଭ କରିବାକୁ କାମ କରୁଛନ୍ତି। ଅଧିକାରୀ କହିଛନ୍ତି ଯେ ଦିଲ୍ଲୀ ସାର୍ବଜନିକ ବସ୍ ରେ ନିଶୁଳ୍କ ଯାତ୍ରା କରିବା ପାଇଁ ସ୍ମାର୍ଟ କାର୍ଡ ପ୍ରାପ୍ତ କରିବା ପାଇଁ ଇଚ୍ଛୁକ ମହିଳାଙ୍କ ନିମନ୍ତେ ପଞ୍ଜିକରଣ ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ। ଗତ ଦିନରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବିଧାନସଭାରେ ପିଛିଲା ଆପ ସରକାର ପିଙ୍କ ଟିକେଟ୍ ପ୍ରଣାଳୀରେ ଭ୍ରଷ୍ଟାଚାର କରିଥିବାର ଅଭିଯୋଗ କରିଥିଲେ। ଏହା ପରେ ଅଧିକାରୀ ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ଏ ପର୍ଯ୍ୟନ୍ତ ଦିଲ୍ଲୀ ଡିଟିସି ବସମାନଙ୍କରେ ମହିଳା ମାଗଣା ଯାତ୍ରା କରୁଛନ୍ତି। ତେବେ ଏଥି ପାଇଁ ସେମାନଙ୍କୁ ଏବେବି ପିଙ୍କ ଟିକେଟ୍ ନେବାକୁ ପଡୁଛି।

## ସୁପ୍ରିମକୋର୍ଟଙ୍କ ଆଦେଶ ଉପରେ ଅସନ୍ତୋଷ ପ୍ରକାଶ କଲେ ମମତା



କୋଲକାତା: ପଶ୍ଚିମବଙ୍ଗରେ ୨୬ ହଜାର ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିବା ପରେ ରାଜନୀତି ସରଗରମ ହୋଇଛି। ଏହାକୁ ନେଇ ବିଜେପି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରିଥିବା ବେଳେ ସିପିଏମ ତୁରନ୍ତ ଏସବୁ ପଦବୀ ପୂରଣ କରିବାକୁ କହିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋର୍ଟଙ୍କ ଏହି ନିଷ୍ପତ୍ତିକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସେ ନ୍ୟାୟପାଳିକାକୁ ବହୁତ ସମ୍ମାନ କରନ୍ତି କିନ୍ତୁ ଏହି ନିଷ୍ପତ୍ତିକୁ ଗ୍ରହଣ କରିପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ସେ ଚାକିରି ହରାଇଥିବା ଲୋକଙ୍କୁ ଭେଟିବେ ଏବଂ ସେମାନଙ୍କୁ ଆଶା ନ ହରାଇବାକୁ ଅନୁରୋଧ କରିବେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ପଶ୍ଚିମବଙ୍ଗ ବିଜେପି ସଭାପତି ଏବଂ କେନ୍ଦ୍ରମନ୍ତ୍ରୀ ରାଜ୍ୟର ମମତା ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଛନ୍ତି, 'ଶିକ୍ଷକ ନିଯୁକ୍ତିରେ ଏତେ ବଡ଼ ଦୁର୍ନୀତିର ସମ୍ପୂର୍ଣ୍ଣ ଦାୟିତ୍ୱ ରାଜ୍ୟର ବିଫଳ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସ୍ପଷ୍ଟ କରିଛି ଯେ ମମତା ବାନାର୍ଜୀଙ୍କ ଶାସନରେ ପଶ୍ଚିମବଙ୍ଗର ଶିକ୍ଷିତ ବେକାର ଯୁବକ ଯୁବତୀଙ୍କ ଯୋଗ୍ୟତାକୁ କିପରି ଟଙ୍କାରେ ବିକ୍ରି କରାଯାଇଥିଲା।'

## ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜନରେ ସାମିଲ ହେଲା ଭାରତୀୟ ଯୋଗ ସଂଘ

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫କୁ ମାତ୍ର ୭୯ ଦିନ ବାକି ଥିବାବେଳେ, ଭାରତୀୟ ଯୋଗ ସଂଘ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ସ୍ୱେଚ୍ଛାକୃତ ଭାବରେ ଆଗେଇ ଆସିଛି। ସାଧାରଣ ସମ୍ପାଦକ ସୁବୋଧ ତିୱାରୀଙ୍କ ନେତୃତ୍ୱରେ ସଂଘର ପ୍ରତିନିଧିମାନେ ଆୟୁଷ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ଭେଟି ସେମାନଙ୍କ କାର୍ଯ୍ୟକଳାପର ଯୋଜନା ବିଷୟରେ ଆଲୋଚନା କରିଛନ୍ତି। ସଂଘର ୨୭ଟି ରାଜ୍ୟ ଶାଖାର ପ୍ରତିନିଧିମାନେ ଏହି ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ବୃହତ୍ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଇଁ ସେମାନଙ୍କ ସମର୍ପଣ ଏବଂ ଉତ୍ସାହ ପ୍ରଦର୍ଶନ କରିଥିଲେ। ଯୋଗ ଦିବସ ୨୦୨୫ ପାଇଁ ସକ୍ରିୟ ଆଭିମୁଖ୍ୟ ଏବଂ ଅଗ୍ରୀମ ଯୋଜନା ନିମନ୍ତେ ଆୟୁଷ ମନ୍ତ୍ରଣାଳୟ ସଂଘକୁ ଧନ୍ୟବାଦ ଜଣାଇଛି। ଏହି ସହଯୋଗ ଆୟୋଜନକୁ ବ୍ୟାପକ କରିବ ଏବଂ ବିଶ୍ୱ ସ୍ତରରେ ଯୋଗର ଲାଭକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ଯୋଗ ଦିବସ ୨୦୨୫ ବିଷୟବସ୍ତୁ ହେଉଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଯୋଗକୁ ନିଜର ଦିନଚର୍ଯ୍ୟାରେ ସାମିଲ କରିବା ଏବଂ ସାମଗ୍ରିକ କଲ୍ୟାଣ ପାଇଁ ଦେଶର ପାରମ୍ପରିକ ଜ୍ଞାନ ଉପରେ ଗର୍ବ କରିବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଛନ୍ତି। ସଂଘ ନିଜର ଅନେକ ଅନୁଷ୍ଠାନ ମାଧ୍ୟମରେ ଏହି ବିଷୟବସ୍ତୁର ପ୍ରସାର ପାଇଁ ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିଛି । ସଂଘର ସଦସ୍ୟମାନେ କହିଥିଲେ ଯେ ସେମାନଙ୍କ ମଧ୍ୟରୁ ଅନେକ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ର ଦଶମ ବାର୍ଷିକୀ ପାଳନ ପାଇଁ ଚିହ୍ନଟ କରାଯାଇଥିବା ୧୦ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିସାରିଛନ୍ତି। ଚଳିତ ବର୍ଷ ଯୋଗ ସଂଗମ, ଯୋଗ ବନ୍ଧନ, ଯୋଗ ପାର୍କ, ଯୋଗ ସମାବେଶ, ଯୋଗ ପ୍ରଭାବ, ଯୋଗ କନେକ୍ଟ, ହରିତ୍ ଯୋଗ, ଯୋଗ ଅନପ୍ଲଗଡ୍, ଯୋଗ ମହାକୁମ୍ଭ, ସମ୍ୟୋଗ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସୂଚନାଯୋଗ୍ୟ ଗତ ଏକ ଦଶନ୍ଧି ମଧ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ଏକ ବିଶ୍ୱସ୍ତରୀୟ କଲ୍ୟାଣ ଆନ୍ଦୋଳନ ପରିଣତ ହୋଇଛି।

## ଲାଲୁଙ୍କ ସଫଳ ଅସ୍ତ୍ରୋପଚାର

ନୂଆଦିଲ୍ଲୀ : ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଯାଦବଙ୍କର ଦିଲ୍ଲୀ ଏମସ୍‌ରେ ଗୁରୁବାର ଅସ୍ତ୍ରୋପଚାର ସଫଳ ହୋଇଛି। ତାଙ୍କୁ ଆଇସିୟୁରୁ ୱାର୍ଡକୁ ସିଫ୍ଟ କରାଯାଇଛି। ସୂଚନା ଅନୁସାରେ ଲାଲୁ ଯାଦବ ଗତ ୨ ଦିନ ହେଲା ପିଠିରେ ଗଭୀର ଜଖମ ଯୋଗୁ ଯନ୍ତ୍ରଣାରେ ଥିଲେ। ଏଣୁ ବୁଧବାର ସନ୍ଧ୍ୟାରେ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ପାଟନାରୁ ଦିଲ୍ଲୀ ଏମସକୁ ନିଆଯାଇଥିଲା। ଏମସର ସିନିୟର ଡାକ୍ତରମାନେ ତାଙ୍କ ପିଠିରେ ଅସ୍ତ୍ରୋପଚାର କରିଛନ୍ତି। ଏହି ଅସ୍ତ୍ରୋପଚାର ସଫଳ ହୋଇଛି ଏଣୁ ତାଙ୍କୁ ଆଇସିୟୁରୁ ଜେନରାଲ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟରେ ଏବେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଲାଲୁ ଯାଦବଙ୍କ ସହ ହସ୍ପିଟାଲରେ ତାଙ୍କ ପତ୍ନୀ ରାବଡୀ ଦେବୀ ଓ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଅଛନ୍ତି। ଡାକ୍ତର ଲାଲୁଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖି ରହିଛନ୍ତି।

## ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଲୋକସଭାରେ ସଙ୍କଳ୍ପ ଆଗତ କଲେ ଶାହ

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ଲାଗି ଲୋକସଭାରେ ଏକ ବୈଧାନିକ ସଙ୍କଳ୍ପ ଆଗତ କରିଛନ୍ତି। ଏହାପରେ ନିମ୍ନ ସଦନ ଦ୍ୱାରା ଏହି ସଙ୍କଳ୍ପ ଗୃହୀତ ହୋଇଥିଲା। ମଣିପୁରରେ ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ମଧ୍ୟ ଗୃହରେ ସମ୍ମାନ, ସହାନୁଭୂତି ଏବଂ ଗଭୀର ଦୁଃଖ ପ୍ରକାଶ କରାଯାଇଛି। ଏହି ସଂକଳ୍ପ ଉପସ୍ଥାପନ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ମଣିପୁର ହାଇକୋର୍ଟଙ୍କ ଏକ ସଂରକ୍ଷଣ ସମ୍ବନ୍ଧୀୟ ବିବାଦ ସମ୍ବନ୍ଧୀୟ ନିଷ୍ପତ୍ତି କାରଣରୁ ମଣିପୁରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଆରମ୍ଭ ହୋଇଥିଲା। ସେ ଉଲ୍ଲେଖ କରିଥିଲେ ଯେ ଏଗୁଡ଼ିକ ଦଙ୍ଗା କିମ୍ବା ଆତଙ୍କବାଦ ନୁହେଁ, ବରଂ ହାଇକୋର୍ଟଙ୍କ ନିଷ୍ପତ୍ତିର ବ୍ୟାଖ୍ୟା କାରଣରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରାୟ ଚାରି ମାସ ଧରି ମଣିପୁରରେ କୌଣସି ହିଂସା ହୋଇନାହିଁ ଏବଂ ଶିବିରଗୁଡ଼ିକରେ ଖାଦ୍ୟ, ଔଷଧ ଏବଂ ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଇଛି। ସେ କହିଛନ୍ତି ଯେ ବୈଷୟିକ ଏବଂ ଡାକ୍ତରୀ ଶିକ୍ଷା ପାଇଁ ଅନଲାଇନ୍ ବ୍ୟବସ୍ଥା କରାଯାଇଛି ଏବଂ ପ୍ରାଥମିକ ଶିକ୍ଷା ପାଇଁ ଶିବିର ଭିତରେ ଶ୍ରେଣୀଗୃହ ସ୍ଥାପନ କରାଯାଇଛି, ଯେଉଁଠାରେ ସେମାନଙ୍କ ଅଧ୍ୟୟନ ପାଇଁ ବ୍ୟବସ୍ଥା କରାଯାଇଛି। ଶ୍ରୀ ଶାହ କହିଥିଲେ ଯେ କୌଣସି ହିଂସା ହେବା ଉଚିତ ନୁହେଁ ଏବଂ ଜାତିଗତ ହିଂସାକୁ କୌଣସି ରାଜନୈତିକ ଦଳ ସହ ଯୋଡ଼ାଯିବା ଉଚିତ ନୁହେଁ। ସେ ଉଲ୍ଲେଖ କରିଥିଲେ ଯେ ବିରୋଧୀ ଦଳ ଏକ ଚିତ୍ର ଅଙ୍କନ କରିବାକୁ ଚେଷ୍ଟା କରିଥିଲେ ଯେ ଆମ ଶାସନ କାଳରେ ଜାତିଗତ ହିଂସା ଘଟିଥିଲା। ସେ ଗୃହକୁ ସୂଚନା ଦେଇଥିଲେ ଯେ ୧୯୯୩ ରୁ ୧୯୯୮ ମସିହା ମଧ୍ୟରେ ମଣିପୁରରେ ପାଞ୍ଚ ବର୍ଷ ଧରି ନାଗା-କୁକି ସଂଘର୍ଷ ହୋଇଥିଲା, ଯେଉଁଥିରେ ୭୫୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଏକ ଦଶନ୍ଧି ଧରି ବିକ୍ଷିପ୍ତ ଘଟଣା ଜାରି ରହିଥିଲା। ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ ଯେ ଯଦିଓ ଆମେ ବିଶ୍ୱାସ କରୁ ଯେ ଏଭଳି ଘଟଣା ଆମ ଶାସନ କାଳରେ କଦାପି ଘଟିବା ଉଚିତ ନୁହେଁ, ଏକ ଦୁର୍ଭାଗ୍ୟଜନକ ନିଷ୍ପତ୍ତି ଫଳରେ ହିଂସା ସୃଷ୍ଟି ହୋଇଥିଲା, ଯାହାକୁ ତୁରନ୍ତ ନିୟନ୍ତ୍ରଣକୁ ଅଣାଯାଇଥିଲା। ସେ କହିଛନ୍ତି ଯେ ହିଂସାରେ ୨୬୦ ଜଣଙ୍କ ମୃତ୍ୟୁ ମଧ୍ୟରୁ ୮୦ ପ୍ରତିଶତ ପ୍ରଥମ ମାସରେ ଘଟିଥିବା ବେଳେ ଅବଶିଷ୍ଟ ମୃତ୍ୟୁ ପରବର୍ତ୍ତୀ ମାସଗୁଡ଼ିକରେ ଘଟିଥିଲା। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ୧୯୯୭-୯୮ ରେ କୁକି-ପାଇଟ୍ ସଂଘର୍ଷରେ ୫୦ରୁ ଅଧିକ ଗ୍ରାମ ଧ୍ୱଂସ ହୋଇଯାଇଥିଲା, ୪୦,୦୦୦ ଲୋକ ବିସ୍ଥାପିତ ହୋଇଥିଲେ, ୩୫୨ ଲୋକ ପ୍ରାଣ ହରାଇଥିଲେ, ଶହ ଶହ ଆହତ ହୋଇଥିଲେ ଏବଂ ୫୦୦୦ ଘର ଜଳାଇ ଦିଆଯାଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ୧୯୯୩ ରେ ଛଅ ମାସ ଧରି ଚାଲିଥିବା ମୈତେଇ-ପଙ୍ଗଲ ସଂଘର୍ଷ ସମୟରେ ୧୦୦ ରୁ ଅଧିକ ମୃତ୍ୟୁ ଘଟିଥିଲା।

## ବସ୍ତର ବୈଭବ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ପ୍ରଥମ : ଉପମୁଖ୍ୟମନ୍ତ୍ରୀ



ରାୟପୁର: ଛତିଶଗଡ ସରକାରଙ୍କ ପକ୍ଷରୁ ବସ୍ତର ଜନଜାତି ଲୋକଙ୍କ ସମୃଦ୍ଧ କଳା ଏବଂ ସଂସ୍କୃତିକୁ ପୁନର୍ଜୀବିତ କରି ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ଛତିଶଗଡ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି। ସେ କହିଛନ୍ତି ଯେ, ଏହି ସମ୍ପ୍ରଦାୟର ସଂସ୍କୃତିକୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ବସ୍ତରେ ସମ୍ଭାଗସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଦାନ୍ତେୱାଡା ହାଇସ୍କୁଲରେ ଏହି ସମାରୋହ ଆୟୋଜନ କରାଯାଇଥିଲା ଯେଉଁଥିରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ଶର୍ମା ଏବଂ ଜଙ୍ଗଲ ମନ୍ତ୍ରୀ କେଦାର କଶପ୍ୟ ଯୋଗଦାନ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ଶର୍ମା କହିଥିଲେ ଯେ, ନବରାତ୍ରୀ ଅବସରରେ ବସ୍ତରର ଗୌରବଶାଳୀ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଉଦ୍ୟମ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବସ୍ତର ସଂସ୍କୃତି ଓ ପରମ୍ପରା ଉପରେ ସାରା ବିଶ୍ୱକୁ ଅବଗତ କରାଇବା ନିମନ୍ତେ ଯେଉଁ ଉଦ୍ୟମ ଚାଲି ତା'ର ସେ ପ୍ରଶଂସ କରିଥିଲେ। ଶ୍ରୀ ଶର୍ମା କହିଥିଲେ ମୁଁ ବସ୍ତରରେ ପହଞ୍ଚି ଏଠାର ପରମ୍ପରାର ସ୍ୱାଦ ଅନୁଭବ କରିବାର ସୁଯୋଗ ପାଇଛି। ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନାରେ ସଫଳ ରୂପାୟନ ମଧ୍ୟ ବସ୍ତରରେ କରାଯାଉଥିବା ସେ କହିଥିଲେ। ସେହିପରି ଜଙ୍ଗଲ ମନ୍ତ୍ରୀ କେଦାର କାଶ୍ୟପ କହିଥିଲେ ଯେ ଦେଶ ବିଦେଶରେ ବସ୍ତର ପଣ୍ଡୁମକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଲୁପ୍ତ ହୋଇଯାଇଥିବା ବେଶଭୂଷା, ଆଭୁଷଣ, ସ୍ଥାନୀୟ ଖାଦ୍ୟକୁ ଏବେ ପରମ୍ପରା ଭିତରକୁ ଅଣାଯାଇ ପୁରୁଣା ରୀତିର ପ୍ରୟୋଗ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଚେତରାମ ଅଟାମୀ, ଜିଲ୍ଲା ପଞ୍ଚାୟତ ଅଧ୍ୟକ୍ଷ ନନ୍ଦଲାଲ ମୁଦାମି, ନଗରପାଳିକା ଅଧ୍ୟକ୍ଷ ପାୟଲ ଗୁପ୍ତା, ମହିଳା କମିଶନ ସଦସ୍ୟ ଉଜ୍ଜ୍ୱସ୍ୱୀ ମଣ୍ଡାପିଙ୍କ ସହିତ ଅନ୍ୟ ଜନପ୍ରତିନିଧି ଓ ଅଧିକାରୀ ଯୋଗ ଦେଇଥିଲେ।

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହିତ ମୋଦୀଙ୍କ ମିଳିତ ପ୍ରେସ୍ ବିବୃତ୍ତି



ନୂଆଦିଲ୍ଲୀ: ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମଦୋଦୀଙ୍କ ଏକ ମିଳିତ ପ୍ରେସ୍ ବିବୃତ୍ତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ସ୍ୱର୍ଣ୍ଣଭୂମିରେ ମୋତେ ଦିଆଯାଇଥିବା ଭବ୍ୟ ସ୍ୱାଗତ ଏବଂ ଆତିଥ୍ୟ ସତ୍କାର ପାଇଁ ମୁଁ ପ୍ରଧାନମନ୍ତ୍ରୀ ସିନାୱାତ୍ରାଙ୍କୁ ହୃଦୟରୁ ଗଭୀର କୃତଜ୍ଞତା ଜଣାଉଛି। ମାର୍ଚ୍ଚ ୨୮ରେ ଘଟିତ ଭୂମିକମ୍ପରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ପରିବାରବର୍ଗଙ୍କୁ ମୁଁ ଭାରତବାସୀଙ୍କ ତରଫରୁ ଗଭୀର ସମବେଦନା ଜଣାଉଛି । ଆମେ ସମସ୍ତେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ। ଭାରତ ଏବଂ ଥାଇଲାଣ୍ଡ ମଧ୍ୟରେ ବହୁ ପୁରୁଣା ସମ୍ପର୍କ ଆମର ଗଭୀର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମ୍ପର୍କ ସହ ଜଡିତ । ବୌଦ୍ଧ ଧର୍ମର ପ୍ରଚାର-ପ୍ରସାର ଆମ ଲୋକଙ୍କୁ ଏକତ୍ରିତ କରିଛି। ରାମାୟଣର କାହାଣୀ ଥାଇ ଲୋକକଥାରେ ଗଭୀର ଭାବରେ ଜଡ଼ିତ । ଏଥିସହିତ ସଂସ୍କୃତ ଓ ପାଲିର ପ୍ରଭାବ ଆଜି ବି ଆମ ଭାଷା ଓ ପରମ୍ପରାରେ ପ୍ରତିଫଳିତ ହେଉଛି। ମୋର ଏହି ଯାତ୍ରା ପରିପ୍ରେକ୍ଷୀରେ ୧୮ଶ ଶତାବ୍ଦୀର 'ରାମାୟଣ' ମୂର୍ତ୍ତିଚିତ୍ର ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଡାକଟିକଟ ଉନ୍ମୋଚନ କରିଥିବାରୁ ମୁଁ ଥାଇଲାଣ୍ଡ ସରକାରଙ୍କୁ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀ ସିନାୱାତ୍ରା ମୋତେ ଏକ ତ୍ରି-ପିଟକ ଉପହାର ଦେଇଛନ୍ତି। ଚଳିତ ବର୍ଷ ଆମର ପୁରୁଣା ସମ୍ପର୍କ ଭାରତରେ ମହାକୁମ୍ଭରେ ମଧ୍ୟ ଦୃଶ୍ୟମାନ ହୋଇଥିଲା। ଭାରତର 'ଆକ୍ଟ ଇଷ୍ଟ' ନୀତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣରେ ଥାଇଲାଣ୍ଡର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଥାଇଲାଣ୍ଡ ଏବଂ ଭାରତର ଉତ୍ତର-ପୂର୍ବରାଜ୍ୟ ମଧ୍ୟରେ ପର୍ଯ୍ୟଟନ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗ ଉପରେ ଆମେ ଗୁରୁତ୍ୱ ଦେଇଛୁ। ପାରସ୍ପରିକ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ବ୍ୟବସାୟିକ ବିନିମୟ ବୃଦ୍ଧି ଉପରେ ଆମେ ଆଲୋଚନା କରିଛୁ । ଏମ.ଏସ.ଏମ.ଇ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ମଧ୍ୟ ଚୁକ୍ତି ହୋଇଛି । ମୁଁ ଆସନ୍ତାକାଲି ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ।

## ତୁର୍କି ବିମାନ ବନ୍ଦରରେ ଫସି ରହିଛନ୍ତି ୨୦୦ ଭାରତୀୟ

ନୂଆଦିଲ୍ଲୀ: ଲଣ୍ଡନରୁ ମୁମ୍ବାଇ ଆସୁଥିବା ଭର୍ଜିନ୍ ଅଟଲାଣ୍ଟିକ୍‌ର ବିମାନକୁ ତୁର୍କି ବିମାନ ବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା । ଜଣେ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହେବା କାରଣରୁ ବିମାନକୁ ଡାଇଭର୍ଟ କରାଯାଇଥିଲା। କିନ୍ତୁ ଏମର୍ଜେନ୍ସି ଲ୍ୟାଣ୍ଡିଂ ଅନ୍ୟ ଯାତ୍ରୀଙ୍କ ପାଇଁ ଯନ୍ତ୍ରଣାଦାୟୀ ହୋଇଛି । ୨୦୦ରୁ ଅଧିକ ଭାରତୀୟ ଯାତ୍ରୀ ଗତ ୧୮ ଘଣ୍ଟା ଧରି ବିମାନ ବନ୍ଦରରେ ଫସି ରହିଛନ୍ତି । ନାଁ ଖାଇବା ପିଇବାର କୌଣସି ବ୍ୟବସ୍ଥା ଅଛି, ନାଁ ବିଶ୍ରାମ ନେବା ପାଇଁ କୌଣସି ସୁବିଧା। ରିପୋର୍ଟ ଅନୁସାରେ, ବିମାନର ଏମର୍ଜେନ୍ସି ଲ୍ୟାଣ୍ଡିଂ ବେଳେ ଏଥିରେ କିଛି ବୈଷୟିକ ତ୍ରୁଟି ଦେଖା ଦେଇଥିଲା । ସେପଟେ ଯେଉଁ ବିମାନ ବନ୍ଦରର ଜରୁରୀ ଅବତରଣ କରାଯାଇଛି, ସେଠାରେ ଉଡାଣ ଭରିବାର ସଠିକ୍ ସୁବିଧା ମଧ୍ୟ ନାହିଁ । ତେଣୁ ବିମାନ ଏବେ ସୁଦ୍ଧା ମୁମ୍ବାଇ ଅଭିମୁଖେ ଉଡାଣ ଭରିପାରି ନାହିଁ ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ର ସ୍ଥିତ ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ବାର୍ଷିକ ନିଷ୍ପାଦନ ସମୀକ୍ଷା ଏବଂ ପୁରସ୍କାର କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଆଲୋକ ବର୍ମା ଉତ୍କୃଷ୍ଟ ନେତୃତ୍ୱ ପୁରସ୍କାର, ସୁରକ୍ଷା ଚମ୍ପିୟାନ ପୁରସ୍କାର ଓ ଶ୍ରେଷ୍ଠ ସିଫ୍ଟ ପ୍ରଭାରୀ ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ଆକାରରେ ୧୦ ହଜାର ଟଙ୍କା ପୁରସ୍କାର ରାଶି, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ଥର ପାଇଁ ପ୍ରଚଳିତ ହୋଇଥିବା ସେଫ୍ଟି ଚାମ୍ପିଅନ୍ ଅଫ୍ ଦି ଇୟର ପୁରସ୍କାର ବୋଲାଣି ଲୌହ ଖଣିର ମ୍ୟାନେଜର ପ୍ରଦୀପ କୁମାର ହାସଲ କରିଥିଲେ। ୮ ଜଣ ଅଧିକାରୀ ଏବଂ ୬ ଜଣ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ସିଫ୍ଟ ଇନ୍-ଚାର୍ଜ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ବିଜେତା ହେଲେ କୋକ ଓଭେନ ବିଭାଗର ସିନିୟର ଟେକନିସିଆନ ପ୍ରଦୀପ କୁମାର ନାୟକ, ସିଣ୍ଟରିଂ ପ୍ଲାଣ୍ଟ-୧ ବିଭାଗର ମାଷ୍ଟର ଅପରେଟିଭ ଝାଡିୟା କେର୍କେଟା, ସିଣ୍ଟରିଂ ପ୍ଲାଣ୍ଟ-୨ ବିଭାଗର ଏମଓଏମଟି ରାମକୃଷ୍ଣ ପଣ୍ଡା, ରିଫ୍ରାକ୍ଟୋରିଜ ବିଭାଗର ମାଷ୍ଟର ଟେକନିସିଆନ ଧର୍ମୁ କିଷାନ, ହଟ ଷ୍ଟ୍ରିପ ମିଲ-୨ ବିଭାଗର ଏମଓଏମଟି ଅନାଦି ଚରଣ ସାହୁ ଏବଂ ଇନଷ୍ଟ୍ରମେଣ୍ଟେସନ ଓ ଅଟୋମେସନ ବିଭାଗର ମାଷ୍ଟର ଟେକନିସିଆନ ସୁଶ୍ରୀ ପ୍ରଭା କେ ଜି ଟପ୍ପୋ।

## ୩୨୨ ଅଙ୍କ ଖସିଲା ସେନସେକ୍ସ

ନୂଆଦିଲ୍ଲୀ: ସେୟାର ମାର୍କେଟରେ ଆଜି ଉତ୍ଥାନ ପତନ ଦେଖିବାକୁ ମିଳିଥିଲା । ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ପରେ ସେନ୍‌ସେକ୍ସ ୩୨୨ ଅଙ୍କ ଖସିଥିଲା । ସେପଟେ ନିଫ୍ଟି ଖସି ପୁଣି ଥରେ ୨୩,୨୫୦ ପଏଣ୍ଟର ଗୁରୁତ୍ୱପୂର୍ଣ୍ଣ ସ୍ତରରେ ଆସି ପହଞ୍ଚିଛି । କିନ୍ତୁ କ୍ଷୁଦ୍ର ଓ ମଧ୍ୟମ ଧରଣ ସେୟାରରେ ଆଜି ସ୍ଥିତି ଓଲଟା ଦେଖିବାକୁ ମିଳିଥିଲା । ବିଏସ୍‌ଇର ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୦.୩୧ ପ୍ରତିଶତ ବଢି ବନ୍ଦ ହୋଇଛି । ସେହିପରି ସ୍ମଲ୍ କ୍ୟାପ୍ ଇଣ୍ଡେକ୍ସ ୦.୭୬ ପ୍ରତିଶତ ବଢିଛି। ଏହି କାରଣରୁ ନିବେଶକଙ୍କୁ ଆଜି ପ୍ରାୟ ୩୩ ହଜାର କୋଟି ଟଙ୍କା ଲାଭ ହୋଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ରେସିପ୍ରୋକଲ୍ ଟାରିଫ୍ ଘୋଷଣା ପରେ ଆଇଟି, ମେଟାଲ୍ ଓ ଅୟଲ ଆଣ୍ଡ ଗ୍ୟାସ୍ ସେୟାରେ ବଡ଼ ଧରଣ ବିକ୍ରି ଦେଖିବାକୁ ମିଳିଛି ।

## ସ୍ୱାଇସମନି ଏକାଡେମୀର ଡିଜିଟାଲ ତାଲିମରେ ୫.୨୮ ଲକ୍ଷ ଅଧିକାରୀ ସଶକ୍ତ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ରୁରାଲ ଫିନଟେକ୍ ସ୍ୱାଇସ ମନି ଏହାର ଅଗ୍ରଣୀ ଲର୍ଣ୍ଣିଂ ପ୍ଲାଟଫର୍ମ ସ୍ୱାଇସ୍‌ମନିଏ କାଡେମି ଜରିଆରେ ଡିଜିଟାଲ ସାକ୍ଷରତା ଅନ୍ତରକୁ ଦୂର କରୁଛି। ୱେବ ଓ ମୋବାଇଲ୍ ଆପ୍ ଜରିଆରେ ଉପଲବ୍ଧ ହେଉଥିବା ଏକାଡେମିର ଡିଜିଟାଲ ତାଲିମ ୫,୨୮,୦୦୦ ଅଧିକାରୀମାନଙ୍କୁ ଅଣ ବ୍ୟାଙ୍କ ବିଜନେସ କରେସପଣ୍ଡେଂଟ ଭାବେ କାର୍ଯ୍ୟ କରିବା ଲାଗି ସଶକ୍ତ କରିଛି। ଦେଶର ଅନଗ୍ରସର ଅଂଚଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଡିଜିଟାଲ କାରବାରକୁ ବଢ଼ାଇବା ଲାଗି ସେମାନଙ୍କୁ ଆବଶ୍ୟକ ଦକ୍ଷତା ଓ ଜ୍ଞାନ ପ୍ରଦାନ କରାଯାଉଛି। ଏହି ଅଭିଯାନ ପ୍ରଭାବରେ ଏଇପିଏସ ନଗଦ ଉଠାଣରେ ୬.୯ ପ୍ରତିଶତ ବୃଦ୍ଧି ହୋଇଛି ଯାହା ଗ୍ରାମାଚଂଳରେ ଡିଜିଟାଲ ପେମେଣ୍ଟର ଗ୍ରହଣୀୟତାକୁ ଦର୍ଶାଉଛି। ଏହି ସମୟରେ ବିଲ ପଇଠ (ବିବିପିଏସ) ୧୭ ପ୍ରତିଶତ ବୃଦ୍ଧି ପାଇଛି। ସଂଚୟ ଓ ଚଳନ୍ତୀ ଖାତା କାରବାର (କାସା) ୯୩ ପ୍ରତିଶତବୃଦ୍ଧି ପାଇଛି। ସ୍ୱାଇସ ମନି ଏକାଡେମି ପକ୍ଷରୁ ଆର୍ଥିକ ବ୍ୟବସ୍ଥାରେ ମହିଳାଙ୍କ ଯୋଗଦାନ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୨୪ରେ ଏକାଡେମି ପକ୍ଷରୁ ୨୯୫୦ ମହିଳା ଅଧିକାରୀମାନଙ୍କୁ ଆଧାର ସକ୍ଷମ ପେମେଂଟ ବ୍ୟବସ୍ଥା (ଏଇପିଏସ), ବିବିପିଏସ, ତତ୍କାଳ ପାନ କାର୍ଡ ଜାରି କରିବା ଏବଂ ସଂଚୟ ଖାତା ଆଦି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଉତ୍ପାଦ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ମହିଳା ଅଧିକାରୀ/ମର୍ଚାଂଟମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ସ୍ୱାଇସମନି ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରୁଛି। ଲିଙ୍ଗ ଅନ୍ତର୍ଭୁକ୍ତୀକରଣ ଆର୍ଥିକ ସଶକ୍ତୀକରଣକୁ ନେଇ ସ୍ୱାଇସମନିର ରହିଥିବା ବ୍ୟାପକ ଲକ୍ଷ୍ୟ ଅନୁସାରେ ଏହି କାର୍ଯ୍ୟକ୍ରମ ସମନ୍ୱିତ ରହିଛି। ସ୍ୱାଇସମନି ଏକାଡେମି ଏହାର ଢ଼ାଞ୍ଚାଗତ ଲର୍ଣ୍ଣିଂ କାର୍ଯ୍ୟକ୍ରମ ଜରିଆରେ ଅଧିକାରୀ ମାନଙ୍କ ଡିଜିଟାଲ ବ୍ୟାଙ୍କିଙ୍ଗ ଦକ୍ଷତାରେ ଉନ୍ନତି ଆଣୁଛି। ପରିବର୍ତ୍ତିତ ନିୟାମକ ବ୍ୟବସ୍ଥା ସହ ଆଗକୁ ବଢ଼ି ସ୍ୱାଇସ ମନି ଆର୍ଥିକ ସାକ୍ଷରତା ଓ ନିୟମ ପାଳନକୁ ଜାରି ରଖିଛି। ସ୍ୱାଇସମନି ପକ୍ଷରୁ ଏଇପିଏସ ଉପରେ ୧,୪୯,୦୨୬ ଜଣ, ବିବିପିଏସରେ ୮୫୮୯୮ ଜଣ, କାସାସେବାରେ ୪୫,୦୦୦ ଜଣ, ତତ୍କାଳ ପାନ କାର୍ଡରେ ୬,୯୭,୦୦୦ ଜଣ, ସବସ୍କ୍ରିପସନ ଭିତ୍ତିକ ସେବାରେ ୧୭୮୦୦ ଜଣ, ନଗଦ ଉପରେ ୨୦,୦୨୬ ଜଣ, କାସା (ଆକ୍ୱିସ-ସିଏ)ରେ ୪୧,୩୦୦ ଜଣ ଏବଂକାସା (ଆକ୍ୱିସ-ଏସଏ)ରେ ୬୦,୭୦୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ୱାଇସମନିର ପ୍ରତିଷ୍ଠାତା ଓ ସିଇଓ ଦିଲ୍ଲୀପ ମୋଦୀ କହିଛନ୍ତି ଯେ, 'ବାସ୍ତବ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କେବଳ ସେବା ପ୍ରଦାନ କରିବାଠାରୁ ଅଧିକବୋଲିସ୍ୱାଇସମନିରେ ଆମର ବିଶ୍ୱାସ ରହିଛି।

## ୩୩ କେଭି ଲାଇନ୍ ଲଗାଇ ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କଲା ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଅନ୍ତର୍ଗତ ହାତୀଓଟ ପ୍ରାଇମେରୀ ସବଷ୍ଟେସନ ଓ ବେଲଗାଁ ପ୍ରାଇମେରୀ ସବଷ୍ଟେସନ ମଧ୍ୟରେ ଏକ ନୂତନ ୩୩ କେଭି ଲାଇନ ପ୍ରତିଷ୍ଠା ହୋଇଛି। ୭.୫୬୫ କିଲୋମିଟର ପରିବ୍ୟାପ୍ତ ଏହି ନୂତନ ଲାଇନ ୩୪ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ନୂତନ ଲାଇନ ପ୍ରତିଷ୍ଠା ହେବା ଦ୍ୱାରା ପୂର୍ବରୁ ସଂପୃକ୍ତ ଅଞ୍ଚଳରେ ଥିବା ବିଜୁଳିଜନିତ ସମସ୍ୟା ଦୂର ହୋଇଛି । ହାତୀଓଟ ଓ ବେଲଗାଁର ୩୩ କେଭି ଲାଇନକୁ ଅନେକ କୃଷି କ୍ଷେତ୍ର ଓ ଜଙ୍ଗଲ ଦେଇ ନେବାକୁ ପଡ଼ିଥିଲା, ଯାହା ଅତ୍ୟ' କଷ୍ଟସାଧ୍ୟ ଥିଲା। ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ, ଗୁଣାତ୍ମକ ବିଜୁଳି ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀ ଏହାକୁ ସଫଳତାପୂର୍ବକ କାର୍ଯ୍ୟକ୍ଷମ କରାଇଛି। ନୂଆ ୩୩ କେଭି ଲାଇନ ପ୍ରତିଷ୍ଠା ହେବା ଦ୍ୱାରା ସମଗ୍ର ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ସହଜରେ ମିଳିପାରୁଛି । ଏପରକି, ଆଖପାଖ ଅଞ୍ଚଳର କୌଣସି ପ୍ରାଇମେରୀ ସବଷ୍ଟେସନରେ ବିଜୁଳି ସେବା ପ୍ରଭାବିତ ହେଲେ, ଏହି ଲିଙ୍କ୍ ଲାଇନ ଯୋଗେ ବିଜୁଳି ସେବା ସୁନିଶ୍ଚିତ କରାଯାଇପାରିବ। ଡାଉନଟାଇମ୍ ହ୍ରାସ ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପୂର୍ବରୁ ହାତୀଓଟ ପ୍ରାଇମେରୀ ସବଷ୍ଟେସନ ଓ ବେଲଗାଁ ସବଷ୍ଟେସନ ମଧ୍ୟରେ ସିଧାସଳଖ ସଂଯୋଗ ନଥିବାରୁ କିଛି କ୍ଷେତ୍ରରେ ବିଜୁଳିଜନିତ ସମସ୍ୟା ରହୁଥିଲା, ଯାହାର ପ୍ରଭାବ ପାଖାପାଖି ଅଞ୍ଚଳକୁ ମଧ୍ୟ ପଡୁଥିଲା । ଏବେ ନୂଆ ଲାଇନ ପ୍ରତିଷ୍ଠା ହେବା ଫଳରେ ଉପଭୋକ୍ତାମାନଙ୍କୁ ନିର୍ଭରଯୋଗ୍ୟ ବିଜୁଳି ସେବା ମିଳୁଛି। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ବିଶେଷ କରି ଗ୍ରୀଷ୍ମ ଋତୁରେ ବଢୁଥିବା ଚାହିଦାକୁ ଦୃଷ୍ଟି ରଖି ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ନୂଆ ୩୩ କେଭି ଲାଇନ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଗାମ ଜିଲ୍ଲାରେ ବିଦ୍ୟୁତ ସ୍ଥିରତା ବୃଦ୍ଧି ପାଇଛି । ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ଦକ୍ଷିଣ ଓଡ଼ିଶାବାସୀଙ୍କୁ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ନେଟୱର୍କକୁ ସୁଦୃଢ଼ କରିବା ପାଇଁ ଟିପିଏସଓଡିଏଲ୍ ଗୁରୁତ୍ୱପୂର୍ଣ୍ଣ ପୁଁଜିନିବେଶ ଜାରି ରଖିଛି। ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ ଚାହିଦାକୁ ପୂରଣ କରିବା ନିମନ୍ତେ କମ୍ପାନୀ ଅଭିନବ ପଦକ୍ଷେପମାନ ଗ୍ରହଣ କରୁଛି।

## ଟିପିସିଓଡିଏଲ୍ ପକ୍ଷରୁ ସର୍ପେଶ୍ୱର ଫିଡର୍ କାର୍ଯ୍ୟକ୍ଷମ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଲୋକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ କଟକ ବ୍ରଜବିହାରୀପୁର ଓପିଟିସିଏଲ ଗ୍ରିଡ୍ ଠାରୁ ନୂଆପାଟଣା ପର୍ଯ୍ୟନ୍ତ ଦୀର୍ଘ ୫.୪ କିମି ଲମ୍ବର ୩୩ କେଭି ଫିଡର୍ ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ହୋଇଛି। ନୂତନ ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ସର୍ପେଶ୍ୱର, ଖୁଣ୍ଟୁଣି, ଆଠଗଡ ଓ ଗୁରୁଡ଼ିଝାଟିଆ ପ୍ରାଇମେରୀ ସବ୍-ଷ୍ଟେସନ୍ ଅନ୍ତର୍ଗତ ଅଞ୍ଚଳର ୩୦ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉନ୍ନତ ବିଦ୍ୟୁତ୍ ସେବା ପାଇପାରିବେ। ଗ୍ରାମାଞ୍ଚଳର ଉପଭୋକ୍ତାଙ୍କ ସମେତ ଅନେକ ଶିକ୍ଷାନୁଷ୍ଠାନ ଏହା ଦ୍ୱାରା ଉପକୃତ ହେବେ। ସେହିପରି ଏହି ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଅଞ୍ଚଳର ଭୋଲ୍ଟେଜ୍ ସମସ୍ୟାର ସମାଧାନ ହୋଇ ପାରିବ। ଏହି ଫିଡର୍ ନିର୍ମାଣରେ ଅନେକ ପ୍ରତିବନ୍ଧକ ଥିଲା। ମହାନଦୀ ଉପରେ ନିର୍ମାଣ କାର୍ଯ୍ୟ କରିବାକୁ ପଡିଥିଲା। ଦୀର୍ଘ ୫.୪ କିମି ମଧ୍ୟରୁ କେବଳ ମହାନଦୀ ମଧୁସୂଦନ ପୋଲର ଏକ ପାର୍ଶ୍ୱକୁ ଲାଗି ୨.୬ କିମି ଲମ୍ବର ଏହି ଫିଡର୍ ନିର୍ମାଣ କରାଯାଇଛି। ବେଶ୍ କଠିନ ପରିସ୍ଥିତିରେ ମଧୁସୂଦନ ପୋଲରେ ଏହି ନିର୍ମାଣ କାର୍ଯ୍ୟ କରାଯାଇଛି ଓ ଏଥି ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିଲା। ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ଟିପିସିଓଡିଏଲ୍ ପକ୍ଷରୁ ନିର୍ମାଣ ସମୟରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ବୋଟର ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଏହି ଭିତ୍ତିଭୂମି ବିକାଶ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବର୍ଷ ବର୍ଷ ଧରି ଲାଗି ରହିଥିବା ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହୋଇଛି।

## ଦେଶର ପ୍ରତ୍ୟେକ କୋଣରୁ ଛାତ୍ର ଏବଂ ଅଭିଭାବକମାନେ କୋଟା ଆସୁଛନ୍ତି

ALLEN CAREER INSTITUTE
KOTA (RAJASTHAN)
path to success



କୋଟା : କୋଟାରେ ପ୍ରବେଶ ଋତୁ ଆରମ୍ଭ ହୋଇଛି। ସହରର କୋଚିଂ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ନୂତନ ବ୍ୟାଚ୍ ଘୋଷଣା କରାଯାଇଛି। ଅଧିକାଂଶ ପ୍ରତିଷ୍ଠାନରେ ଏପ୍ରିଲ ପ୍ରଥମ ଏବଂ ଦ୍ୱିତୀୟ ସପ୍ତାହରେ IIT-JEE ଏବଂ NEET ବ୍ୟାଚ୍ ଆରମ୍ଭ ହେଉଛି। ତାରିଖ ଘୋଷଣା ହେବା ସହିତ, ଛାତ୍ର ଏବଂ ଅଭିଭାବକମାନେ କୋଟାରେ ପହଞ୍ଚିବା ଆରମ୍ଭ କରିଦେଲେଣି। କୋଚିଂ ପ୍ରତିଷ୍ଠାନଗୁଡ଼ିକ ଜୀବନ୍ତ ଦେଖାଯିବା ଆରମ୍ଭ କରିଛନ୍ତି। ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପ୍ରବେଶ ପାଇଁ ଅନୁସନ୍ଧାନ ଆରମ୍ଭ ହୋଇଛି। କୋଟାରେ ପ୍ରବେଶ ଆରମ୍ଭ ହେବା ସହିତ, ସହରଟି ତା'ର ପୁରୁଣା ଗୌରବ ଫେରିପାଉଥିବା ପରି ମନେ ହେଉଛି। ଏଥର କୋଟା ଏକ ଭିନ୍ନ ରଙ୍ଗରେ ଦେଖାଯାଉଛି। ଏଥର ସହରର କୋଚିଂ ପ୍ରତିଷ୍ଠାନଗୁଡ଼ିକ ଯତ୍ନ ନେବା ପ୍ରତି ଅଧିକ ସଚେତନ। କୋଟାରେ କୋଚିଂ ଏବଂ କ୍ୟାରିୟର ସହିତ, ଏବେ ଯତ୍ନ ନେବା ପାଇଁ ପ୍ରୟାସ କରାଯାଉଛି। ଜିଲ୍ଲା ପ୍ରଶାସନ, ପୋଲିସ, ଜନପ୍ରତିନିଧି, ସାଧାରଣ ଲୋକ ଏବଂ କୋଚିଂ ପ୍ରତିଷ୍ଠାନ ମିଳିତ ଭାବରେ କୋଟାକୁ ଏକ ଯତ୍ନବାନ ସହର କରିବାରେ ଲାଗିଛି। ଏଠାରେ ହଷ୍ଟେଲ, ମେସ୍, ଅଟୋ ୟୁନିଅନ ସମେତ ସମସ୍ତ ଅଂଶୀଦାରମାନେ ଯୋଗ ଦେଉଛନ୍ତି ଏବଂ କୋଟାକୁ ଆସୁଥିବା ଛାତ୍ର ଏବଂ ଅଭିଭାବକଙ୍କ ଯତ୍ନ ନେବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛନ୍ତି। କ୍ୟାରିଅର ସିଟି କୋଟାରେ ଗୁଣବତ୍ତା ଏବଂ ପ୍ରତିଯୋଗିତା ଉଭୟ ଅଛି। କୋଟାର କୋଚିଂ ପ୍ରତିଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ପ୍ରସ୍ତୁତ କରନ୍ତି। କୋଟାର ଅର୍ଥନୀତି ମୁଖ୍ୟତଃ କୋଚିଂ ଶିଳ୍ପ ଉପରେ ନିର୍ଭରଶୀଳ। କୋଚିଂ ଇନଷ୍ଟିଚ୍ୟୁଟରେ ନୂତନ ପ୍ରବେଶ ଅଧିବେଶନ ଆରମ୍ଭ ହେବା ସହିତ, ହଷ୍ଟେଲ, ପିଜି, ମେସ୍ ଏବଂ ବଜାରଗୁଡ଼ିକ ମଧ୍ୟ ପୁଣି ଥରେ ଚଳଚଞ୍ଚଳ ହେବାରେ ଲାଗିଛି। କୋଚିଂ ଅଞ୍ଚଳ ତାଲୱଣ୍ଡି, ଇନ୍ଦିରା ବିହାର, ଜବାହାର ନଗର, ଦାଦାବାରି, ମହାବୀର ନଗର, କୁନହାଡି ଏବଂ ନୟା ନୋହରାରେ ଅବସ୍ଥିତ ବଜାରଗୁଡ଼ିକ ଛାତ୍ର ଏବଂ ଅଭିଭାବକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ଛାତ୍ରାବାସରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି।

## ୫ଜି ଡାଉନଲୋଡ୍ ସ୍ପିଡ୍‌ରେ ଜିଓ ସବୁଠାରୁ ଦ୍ରୁତତମ: ରିପୋର୍ଟ

ନୂଆଦିଲ୍ଲୀ: ରିଲାଏନ୍ସ ଜିଓ ପୁଣିଥରେ ୫ଜି ଡାଉନଲୋଡ୍ ସ୍ପିଡ୍ ଦୌଡ଼ରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଛି। ଓକଲା ସ୍ପିଡଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓର ହାରାହାରି ୫ଜି ଡାଉନଲୋଡ୍ ସ୍ପିଡ୍ ୨୫୮.୫୪ ଏମବିପିଏସ ରେକର୍ଡ କରାଯାଇଛି। ଏୟାରଟେଲ୍ ୨୦୫.୧ ଏମବିପିଏସ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଓକଲା ଜୁଲାଇ ଏବଂ ଡିସେମ୍ବର ୨୦୨୪ ମଧ୍ୟରେ ସାରା ଦେଶରୁ ଏହି ତଥ୍ୟ ସଂଗ୍ରହ କରିଥିଲା। ରିଲାଏନ୍ସ ଜିଓ ୫ଜି ସହିତ ସାମଗ୍ରିକ ଭାବରେ ମଧ୍ୟ ଦ୍ରୁତତମ ମୋବାଇଲ୍ ନେଟୱାର୍କର ଆଖ୍ୟା ମଧ୍ୟ ହାସଲ କରିଛି। ଜିଓ ଭାରତରେ ସବୁଠାରୁ ଦ୍ରୁତ ମୋବାଇଲ ସ୍ପିଡ୍ ନେଟୱାର୍କ ପ୍ରଦାନକାରୀ ଅପରେଟର ଭାବରେ ଉଭା ହୋଇଛି। ଜିଓର ସାମଗ୍ରିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ୧୫୮.୬୩ ଏମବିପିଏସ ରହିଥିବା ବେଳେ ଏୟାରଟେଲର ସ୍ପିଡ୍ ଜିଓର ଦୁଇ-ତୃତୀୟାଂଶ, ଅର୍ଥାତ୍ ପ୍ରାୟ ୧୦୦.୬୭ ଏମବିପିଏସ ବୋଲି ମାପ କରାଯାଇଛି। ଭୋଡାଫୋନ୍ ଆଇଡିଆ ୨୧.୬ ଏମବିପିଏସ ସହିତ ତୃତୀୟ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ, ଜିଓ ସାରା ଦେଶରେ ସର୍ବାଧିକ ୫ଜି ଉପଲବ୍ଧତା ରେକର୍ଡ କରିଥିଲା, ଅର୍ଥାତ୍, ଜିଓ ନେଟୱାର୍କ ସର୍ବାଧିକ ସ୍ଥାନରେ ଉପଲବ୍ଧ ରହିଛି। ସ୍ପିଡଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, ଜିଓର ୭୩.୭% ଉପଭୋକ୍ତା ଅଧିକାଂଶ ସମୟ ଜିଓର ୫ଜି ନେଟୱାର୍କ ବ୍ୟବହାର କରୁଛନ୍ତି, ଯାହା ଅନ୍ୟ ଯେକୌଣସି ଅପରେଟର ଅପେକ୍ଷା ବେଶ ଅଧିକ। ମୋବାଇଲ୍ କଭରେଜ୍ ଦୃଷ୍ଟିରୁ, ଜିଓ ୬୫.୬୬ କଭରେଜ୍ ସ୍କୋର ସହିତ ପ୍ରଥମ ସ୍ଥାନରେ ଥିଲା ବେଳେ ଏୟାରଟେଲ୍ ୫୮.୧୭ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ରିଲାଏନ୍ସ ଜିଓ ଦ୍ରୁତତମ ମୋବାଇଲ୍ ନେଟୱାର୍କ ଏବଂ ଉନ୍ନତ ମୋବାଇଲ୍ କଭରେଜ୍ ଉଭୟରେ ପ୍ରଥମ ସ୍ଥାନ ହାସଲ କରିଛି।



ବେଙ୍ଗାଲୁର: ଆଇପିଏଲ ୨୦୨୫ରେ ପ୍ରଥମ ୨ଟି ମ୍ୟାଚ ଜିତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ସମ୍ପୂର୍ଣ୍ଣ ଷ୍ଟାଇଲରେ ଅଭିଯାନ ଆରମ୍ଭ କରିଥିଲା। ତେବେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଦଳ ପ୍ରଥମ ପରାଜୟବରଣ କରିଛି। ଘରୋଇ ପିଚରେ ପ୍ରଥମ ମ୍ୟାଚ ହାରିବା ପ୍ରଶଂସକଙ୍କୁ ନିରାଶ କରିଛି। ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏହି ମ୍ୟାଚ ଅବସରରେ ଆଘାତପ୍ରାପ୍ତ ହୋଇଥିଲେ। ଫିଲ୍ଡିଂ ଅବସରରେ ତାଙ୍କ ଆଙ୍ଗୁଳିରେ ବଲ ବାଜିଛି। ଆରସିବି ତାର ପରବର୍ତ୍ତୀ ମ୍ୟାଚ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚରେ କୋହଲି ଖେଳିବେ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି। ମ୍ୟାଚର ୧୨ତମ ଓଭରରେ କ୍ରୁଣାଳ ପାଣ୍ଡ୍ୟା ବୋଲିଂ କରୁଥିବା ବେଳେ ସାଇ ସୁଦର୍ଶନ ଶଟ ମାରିଥିଲେ। ଡିପ ମିଡୱିକେଟରେ ଜଗିଥିବା କୋହଲି ଏହି ଶଟକୁ ଠିକ ଭାବରେ ଅଟକାଇ ନ ପାରିବାରୁ ଏହା ତାଙ୍କ ଆଙ୍ଗୁଳିରେ ବଲ ବାଜି ଆଘାତ ହୋଇଥିଲେ। ଅବଶ୍ୟ କୋହଲି ମ୍ୟାଚ ଶେଷ ପର୍ଯ୍ୟନ୍ତ ଫିଲ୍ଡିଂ ଜାରୀ ରଖିଥିଲେ। କୋହଲିଙ୍କ ଆଘାତ କେତେ ଗୁରୁତର ସେ ସମ୍ପର୍କରେ କୋଚ ଆଣ୍ଡି ଫ୍ଲାୱାର ବୟାନ ଦେଇଛନ୍ତି। ଏହା ଗମ୍ଭୀର ନୁହେଁ ଏବଂ କୋହଲି ମୁମ୍ବାଇ ବିପକ୍ଷ ମ୍ୟାଚରେ ଖେଳିବେ। ଏପ୍ରିଲ ୭ରେ ଏହି ମ୍ୟାଚ ଖେଳାଯିବ । ଆରସିବି ୩ଟି ମ୍ୟାଚରେ ୨ଟି ବିଜୟ ହାସଲ କରି ଏବେ ପଂଏଟ ଟେବୁଲରେ ତୃତୀୟ ସ୍ଥାନରେ ରହିଛି।

**୧୫ତମ ମ୍ୟାଚ୍ | କୋଲକାତା ନାଇଟ ରାଇଡର୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ**

# କୋଲକାତା ନାଇଟ ରାଇଡର୍ସ ବିଜୟୀ



କୋଲକାତା: ସ୍ଥାନୀୟ ଇଡେନ ଗାର୍ଡେନ୍ସଠାରେ ଗୁରୁବାର ଖେଳାଯାଇଥିବା ଆଇପିଏଲର ୧୫ତମ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ୮୦ ରନରେ ହରାଇ ଦେଇଛି କୋଲକାତା ନାଇଟରାଇଡର୍ସ । କୋଲକାତା ଦ୍ୱାରା ରଖାଯାଇଥିବା ୨୦୧ ରନ ଲକ୍ଷ୍ୟ ଜବାବରେ ହାଇଦ୍ରାବାଦ ୧୬.୪ ଓଭରରେ ମାତ୍ର ୧୨୦ ରନ କରି ଅଲଆଉଟ ହୋଇଯାଇଥିଲା । କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ଓ ବୈଭବ ଆରୋରା ୩ଟି ଲେଖାଏଁ ଓ ଆନ୍ଦ୍ରେ ରସେଲ ୨ଟି ୱିକେଟ ନେଇଥିଲେ। ଏହି ମ୍ୟାଚରେ ହାଇଦ୍ରାବାଦ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ଆରମ୍ଭରୁ କ୍ୱିଣ୍ଟନ ଡିକକ୍ ଓ ସୁନୀଲ ନାରାୟଣଙ୍କ ୱିକେଟ୍ ହରାଇ ସଂକଟରେ ପଡ଼ିଥିଲା। କିନ୍ତୁ ପ୍ରଥମେ ଅଜିଙ୍କ୍ୟ ରାହାଣେ ଓ ଅଙ୍ଗକ୍ରିସ ରଘୁବଂଶୀଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ହୋଇଥିଲା। ରାହାଣେ ଆଉଟ ହେବା ପରେ ରଘୁବଂଶୀ ଓ ଭେଙ୍କଟେସ୍ ଆୟରଙ୍କ ମଧ୍ୟରେ ଆଉ ଏକ ବଡ଼ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା । ରାହାଣେ ୩୮ ରନ କରିଥିବାବେଳେ ରଘୁବଂଶୀ ୫୦ ରନ କରିଥିଲେ । ତେବେ ଭେଙ୍କଟେଶ ବିସ୍ଫୋରକ ଇନିଂସ ଖେଳି ମାତ୍ର ୨୯ ରନରେ ୬୦ ରନ କରିଥିଲେ । ରିଙ୍କୁ ସିଂ ୩୨ ରନ କରିଥିଲେ । କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୨୦୦ ରନ କରିଥିଲେ । ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ସମି, ପ୍ୟାଟ୍ କମିନ୍ସ, ଜିସାନ ଅନସାରି, କାମିଣ୍ଡୁ ମେଣ୍ଡିସ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୧୨୧ରନ୍‌ର ଟାର୍ଗେଟ ନେଇ ପଡିଆ ଓହ୍ଲାଇଥିଲା ସନରାଇଜର୍ସ ହାଇଦ୍ରାବାଦ। ଓପନର ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ଖାସ୍ କିଛି କରିପାରିନଥିଲେ। ହେଡ୍ ମାତ୍ର ୪ ରନ୍ କରି ଆଉ ହୋଇଯାଇଥିଲେ। ସେହିପରି ଅଭିଷେକ ଶର୍ମା ମାତ୍ର ୨ ରନ୍ କରିଥିଲେ। ଇଷାନ କିଷାନ ୨ କରିଥିବା ବେଳେ କାମିଣ୍ଡୁ ମେଣ୍ଡିସ୍ ୨୭ ଓ ହେନରିକ୍ କ୍ଲାସେନ୍ ସର୍ବାଧିକ ୩୩ ରନ୍ କରିଥିଲେ। ଅଙ୍କିତ ବର୍ମା ୬, ଅଧିନାୟକ ପାଟ କମିନ୍ସ ୧୪, ହର୍ଷଲ ପଟେଲ ୩, ସିମରଜିତ୍ ସିଂ କୌଣସି ରନ୍ କରି ପାରି ନଥିଲେ। ମହମ୍ମଦ ଶାମି ୨ କରି ଦଳ ୧୬.୪ ଓଭରରେ ୧୦ ୱିକେଟ ହରାଇ ୧୨୦ରନ୍ କରି ମ୍ୟାଚ୍ ହାରିଯାଇଥିଲେ।

# ଟି୨୦ ର୍ୟାଙ୍କିଙ୍ଗ: ହାର୍ଦ୍ଦିକ ପାଣ୍ଡ୍ୟା ଶୀର୍ଷରେ



ନୂଆଦିଲ୍ଲୀ: ଆଇସିସି ନୂତନ ଟି୨୦ ର୍ୟାଙ୍କିଙ୍ଗ ପ୍ରକାଶ କରିଛି। ଏଥିରେ ଭାରତର ଷ୍ଟାର ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଅଲରାଉଣ୍ଡର ର୍ୟାଙ୍କିଙ୍ଗରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅପରପକ୍ଷରେ ନ୍ୟୁଜିଲାଣ୍ଡର ପେସ ବୋଲର ଜ୍ୟାକବ ଡଫି ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି । ସବୁଠାରୁ ମଜା କଥା ହେଲା ନତାଶାଙ୍କ ପୂର୍ବତନ ପତି ହାର୍ଦ୍ଦିକ ହୋଇଥିବା ବେଳେ ଏବେ ସେ ଡଫିଙ୍କ ସହ ସଂସାର କରୁଛନ୍ତି। ହାର୍ଦ୍ଦିକ ଓ ନତାଶା ପରସ୍ପରଠାରୁ ଅଲଗା ହୋଇଯାଇଛନ୍ତି । ୧୪ ଏପ୍ରିଲ ୨୦୨୩ରେ ଡଫିଙ୍କୁ ବିବାହ କରିଥିଲେ ନତାଶା । ଅବଶ୍ୟ ଏହା ପରେ ଡଫିଙ୍କ କ୍ୟାରିୟରରେ ଯଥେଷ୍ଟ ଉନ୍ନତି ଘଟିଛି। ଚଳିତ ବର୍ଷ ମାର୍ଚ୍ଚ ୧୨ରେ ଡଫି ୩୫ତମ ସ୍ଥାନରେ ରହିଥିଲେ । ୧୯ରେ ୧୨ତମ ଓ ୨୬ରେ ୫ମ ସ୍ଥାନକୁ ଉନ୍ନୀତ ହେଲେ । ଏବେ ସେ ଶୀର୍ଷ ସ୍ଥାନରେ ରହିଛନ୍ତି । ବିବାହ ପୂର୍ବରୁ ନତାଶା ଓ ଡଫି ଦୀର୍ଘଦିନ ହେବ ରିଲେଶନଶିପରେ ରହିଥିଲେ। ଏହା ହାର୍ଦ୍ଦିକ ଏବଂ ନତାଶାଙ୍କ ବିବାହ ବିଚ୍ଛେଦର ମୂଖ୍ୟ କାରଣ ବୋଲି ବିବେଚନା କରାଯାଉଛି । ହାର୍ଦ୍ଦିକ ଏବେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଉଛନ୍ତି । ମୁମ୍ବାଇ ତାଙ୍କ ନେତୃତ୍ୱରେ ଗତ ସଂସ୍କରଣରେ ଶେଷ ସ୍ଥାନରେ ରହିଥିଲା। ଏବେ ଦଳ ୩ଟି ମ୍ୟାଚରୁ ଗୋଟିକରେ ବିଜୟ ହାସଲ କରିଛି। ସେହିପରି ଭାରତର ମିଷ୍ଟ୍ରୀ ସ୍ପିନର ବରୁନ ଚକ୍ରବର୍ତ୍ତୀ ଆଇସିସି ପୁରୁଷ ଟି୨୦ ବୋଲିଂ ର୍ୟାଙ୍କିଙ୍ଗ୍‌ରେ ଗୋଟିଏ ସ୍ଥାନ ତଳକୁ ଖସି ୩ୟ ସ୍ଥାନରେ ରହିଛନ୍ତି। ଚକ୍ରବର୍ତ୍ତୀ ୭୦୬ ପଏଣ୍ଟ ସହ ତୃତୀୟ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡର ଜ୍ୟାକବ ଡଫି (୭୨୩ ପଏଣ୍ଟ) ଓ ୱେଷ୍ଟଇଣ୍ଡିଜ୍‌ର ଆକିଲ ହୋସେନ(୭୦୭) ଯଥାକ୍ରମେ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଲେଗ୍ ସ୍ପିନର ରବି ବିଷ୍ଣୋଇ(୬୭୪) ଓ ବାମହାତୀ ପେସର ଅର୍ଶଦୀପ ସିଂ(୬୫୩) ଯଥାକ୍ରମେ ସପ୍ତମ ଓ ଦଶମ ସ୍ଥାନରେ ରହିଛନ୍ତି। ଅକ୍ଷର ପଟେଲ ୧୩ତମ ସ୍ଥାନ ଅଧିକାର କରିଛନ୍ତି। ଯୁବ ଭାରତୀୟ ବାମହାତୀ ଓପନର ଅଭିଷେକ ଶର୍ମାଙ୍କ ସମେତ ୩ ଭାରତୀୟ ବ୍ୟାଟର ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ର ଟପ୍-୫ରେ ରହିଛନ୍ତି। ଅଭିଷେକ ଦ୍ୱିତୀୟ ସ୍ଥାନରେ ଥିବାବେଳେ ତିଲକ ବର୍ମା ଓ ସୂର୍ଯ୍ୟକୁମାର ଯାଦବ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

# ଲୁଲୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ମା'ତାରିଣୀ ଏକ୍ସଆଇ ଚାମ୍ପିଅନ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଘୁଟୁରୁ ବ୍ରିଜ ନିକଟ ରେଲୱେ ଷ୍ଟେସନ ରୋଡଠାରେ ରାଧା କୃଷ୍ଣ କ୍ଲବ ପକ୍ଷରୁ ଚାଲିଥିବା ସର୍ଟ ବାଉଣ୍ଡାରି ଲୁଲୁ ମେମୋରିଆଲ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫଇନାଲ ମ୍ୟାଚ୍‌ରେ ମାହୀ ଏକ୍ସଆଇକୁ ହରାଇ ମା'ତାରିଣୀ ଏକ୍ସଆଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡା ବିମ୍ବାଧର ବେହେରା ଯୋଗଦେଇ ଚାମ୍ପିଅନ ଏବଂ ରନର୍ସ ଉଭୟ ଦଳକୁ ପୁରସ୍କୃତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ। ଘୁଟୁରୁ ରାଧାକୃଷ୍ଣ କ୍ଲବ ଆୟୋଜକ ପଙ୍କଜ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଝାସକେତ ଜେନା, ଚଗୁଲୁ କୁମାର ଜେନା, ଆଶିଷ କୁମାର ଜେନା, ରଞ୍ଜିତ କୁମାର ଜେନା, କରଣ କୁମାର ଜେନା, ମହେଶ ଜେନା,ଏମ୍ ଏସ୍ ସିଟି ଇଟିଟିଏ ଶାନ୍ତନୁ, ମା' ଭବାନୀ ଟାଇଲସ, ଗଣପତି ଗ୍ୟାରେଜ, ହୁଣ୍ଡାଇ, ପପୁ ଫେବ୍ରିକେସନ, ଶଙ୍କର ଷ୍ଟିଲ, କେକେ ବାଇକ୍, ହିନ୍ଦୁସ୍ଥାନ ଷ୍ଟିଲ, ମିକ୍ସର ଫାକ୍ଟ୍ରି ସହଯୋଗ କରିଥିଲେ।

# ଅରେଞ୍ଜ କ୍ୟାପ୍ ରେସ୍‌ରେ ୩ ଭାରତୀୟ ଖେଳାଳି




ନୂଆଦିଲ୍ଲୀ : ରୋମାଞ୍ଚକର ହେଉଛି ଆଇପିଏଲ୍ ୨୦୨୫। ଭାଙ୍ଗୁଛି ଅନେକ ରେକର୍ଡ । ନୂଆ ନୂଆ ରେକର୍ଡ କରୁଛନ୍ତି ପ୍ଲେୟର । ଏବେ ଅରେଞ୍ଜ କ୍ୟାପକୁ ନେଇ ବେଶ ଚର୍ଚ୍ଚା । ରେସ୍‌ରେ ଅଛନ୍ତି ବଡ ପ୍ଲେୟର । ଆଇପିଏଲ୍ ୨୦୨୫ରେ ଅରେଞ୍ଜ କ୍ୟାପ୍ ଦୌଡରେ ବିରାଟ କୋହଲି କିମ୍ବା ଶୁଭମନ ଗିଲଙ୍କ ଭଳି ବଡ଼ ନାଁ ସାମ୍ନାକୁ ଆସୁନି। କିନ୍ତୁ ସିଜିନ୍‌ରେ ଏହି ୩ ଭାରତୀୟ ପ୍ଲେୟର କରୁଛନ୍ତି ରନ ବର୍ଷା। ଆଇପିଏଲ୍ ୨୦୨୫ରେ ବର୍ତ୍ତମାନ ଯାଏଁ ଖେଳାଯାଇଛି ୧୫ ମ୍ୟାଚ୍ । ପ୍ରତ୍ୟକ ଟିମ୍ ଅତିକମ୍‌ରେ ୨ଟି ଲେଖାଏଁ ମ୍ୟାଚ୍ ଖେଳିସାରିଲେଣି । ଗୋଟିଏ ପଟେ ପଏଣ୍ଟ ଟେବୁଲ୍ ନିଜର ପ୍ରାରମ୍ଭିକ ସ୍ଥିତି ନେବାରେ ଲାଗିଛି । ଅନ୍ୟପଟେ ଅରେଞ୍ଜ କ୍ୟାପ ରେସ୍‌ରେ ହେବାରେ ଲାଗିଛି ରୋମାଞ୍ଚକର । ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଇତିହାସରେ ସର୍ବାଧିକ ଥର ଅରେଞ୍ଜ କ୍ୟାପ୍ ଜିତିଥିବା ଖେଳାଳି ହେଉଛନ୍ତି ଡେଭିଡ୍ ୱାର୍ଣ୍ଣର । ସେ ଏହି ପୁରସ୍କାର ୩ ଥର ଜିତିଛନ୍ତି। ଲିଷ୍ଟର ପ୍ରଥମରେ ରହିଛନ୍ତି ସାଇ ସୁଦର୍ଶନ । ସେ ୨୦୨୩ରୁ ଗୁଜୁରାଟ ଟାଇଟାନ୍ସ ଟିମ୍‌ରେ ରହିଛନ୍ତି। ସାଇ ସୁଦର୍ଶନ ଗୁଜରାଟର ଶ୍ରେଷ୍ଠ ବ୍ୟାଟରଙ୍କ ମଧ୍ୟରୁ ଜଣେ। ଏପର୍ଯ୍ୟନ୍ତ ସେ ୨ଟି ଇନିଂସରେ ୧୩୭ ରନ କରିଛନ୍ତି । ସୁଦର୍ଶନ ଏପର୍ଯ୍ୟନ୍ତ ଉଭୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି । ସେ ବର୍ତ୍ତମାନ ଅରେଞ୍ଜ କ୍ୟାପ୍ ଲିଷ୍ଟର ତୃତୀୟ ସ୍ଥାନରେ ରହିଛନ୍ତି। ଏହା ପଛକୁ ରହିଛନ୍ତି ଶ୍ରେୟସ ଆୟର । ସେ ପଞ୍ଜାବ କିଙ୍ଗ୍ସ ଟିମ୍‌ର ଅଂଶ। ଶ୍ରେୟସ ବର୍ତ୍ତମାନ ଆଇପିଏଲ୍ ୨୦୨୫ର ସର୍ବାଧିକ ରନ୍ ସ୍କୋର କରିଥିବା ଭାରତୀୟ ବ୍ୟାଟର । ଏହା ବ୍ୟତୀତ ସେ ଅରେଞ୍ଜ କ୍ୟାପ୍ ରେସ୍‌ର ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଆୟର ଏପର୍ଯ୍ୟନ୍ତ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳିଛନ୍ତି ୨ଟି ମ୍ୟାଚ୍ । ଆଉ କରିଛନ୍ତି ୧୪୯ ରନ୍ । ଉଭୟ ମ୍ୟାଚରେ ଶ୍ରେୟର ଅପରାଜିତ ରହିଥିଲେ। ପୂର୍ବରୁ ଚାମ୍ପିଅନ୍ସ ଟ୍ରଫିରେ ଆୟର ଭାରତର ସର୍ବାଧିକ ସ୍କୋରର ଥିଲେ । ଯେଉଁଠାରେ ସେ ୨୪୩ ରନ କରିଥିଲେ । ସେ ଆଇପିଏଲରେ ମଧ୍ୟ ତାଙ୍କର ଉତ୍କୃଷ୍ଟ ଫର୍ମ ବଜାୟ ରଖିଛନ୍ତି। ଲିଷ୍ଟର ତୃତୀୟରେ ରହିଛନ୍ତି ରତୁରାଜ ଗାଏକ୍ୱାଡ୍। ସେ ହେଉଛନ୍ତି ସିଏସ୍‌କେର ଅଧିନାୟକ । ଯଦିଓ ଆଇପିଏଲ୍ ୨୦୨୫ରେ ଭାରତ ପାଇଁ ତୃତୀୟ ସର୍ବାଧିକ ରନ ସ୍କୋରର ହେଉଛନ୍ତି ଅନିକେତ ବର୍ମା। କିନ୍ତୁ ଫର୍ମ ଏବଂ ସ୍ଥିରତା ଆଧାରରେ ରତୁରାଜ ଗାଏକ୍ୱାଡ୍ ଭଲ ଲୟରେ ଦେଖିବାକୁ ମିଳିଛନ୍ତି । ଗାୟକଓ୍ୱାଡ ଏପର୍ଯ୍ୟନ୍ତ ଆଇପିଏଲ୍ ୨୦୨୫ରେ ୩ଟି ମ୍ୟାଚ୍ ଖେଳି ୧୧୬ ରନ କରିଛନ୍ତି । ଯେଉଁଥିରେ ତାଙ୍କ ବ୍ୟାଟରୁ ୨ଟି ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି।

## ସାମୀଙ୍କ ଭଉଣୀ-ଭିଣୋଇଙ୍କ ବଢ଼ିଲା ଅଡୁଆ

ନୂଆଦିଲ୍ଲୀ : ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ଶାମି ବର୍ତ୍ତମାନ ଆଇପିଏଲ୍ ୨୦୨୫ ଖେଳିବାରେ ବ୍ୟସ୍ତ ରହିଛନ୍ତି। ହେଲେ ଏହାରି ଭିତରେ ତାଙ୍କ ଭଉଣୀ ଓ ଭିଣୋଇଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସେମାନେ ଠକେଇରେ ଫସିଛନ୍ତି । ଠକେଇରେ ଉଭୟଙ୍କ ନାମ ଥିବା ସାମ୍ନାକୁ ଆସିଛି। ଭଉଣୀ ଓ ଭିଣୋଇଙ୍କ ବ୍ୟତୀତ, ଶାମୀଙ୍କ ଅନ୍ୟ କିଛି ସମ୍ପର୍କୀୟ ଅର୍ଥାତ୍ ୧୮ ଜଣ ଠକେଇରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ତଦନ୍ତରେ, ସମସ୍ତେ ମନରେଗା ଅଧୀନରେ ବେଆଇନ ଭାବରେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ବୁଧବାର, ଏପ୍ରିଲ ୨ ତାରିଖରେ, ଜିଲ୍ଲା ଡିଏମ୍ ନିଧି ଗୁପ୍ତା ଭାଟସ୍ କହିଥିଲେ ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ମନରେଗାରେ ଟଙ୍କା ବଣ୍ଟନରେ ଜାଲିଆତି ହୋଇଛି। ଏଥିରେ ଦୋଷୀ ସାବ୍ୟସ୍ତ ହୋଇଥିବା କର୍ମଚାରୀମାନଙ୍କୁ ନିଲମ୍ବିତ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିସହ ତାଙ୍କ ବିରୋଧରେ ପଞ୍ଚାୟତ ରାଜ ଆଇନ ଅନୁଯାୟୀ ଏକ ପୋଲିସ ରିପୋର୍ଟ ମଧ୍ୟ ରୁଜୁ କରାଯାଇଛି। ଡିଏମ୍‌ଙ୍କ ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ମାମଲାର ତଦନ୍ତରେ ମୋଟ ୧୮ ଜଣଙ୍କ ନାମ ପ୍ରକାଶ ପାଇଛି । ଯେଉଁମାନେ କୌଣସି କାମ ନକରି ମନରେଗା ଭତ୍ତାରୁ ଟଙ୍କା ନେଉଥିଲେ। ସେହି ୧୮ ଜଣଙ୍କ ମଧ୍ୟରେ ମହମ୍ମଦ ଶାମୀଙ୍କ ବଡ଼ ଭଉଣୀ ଶବିନା, ତାଙ୍କ ସ୍ୱାମୀ ଗଜନବୀ, ଶବିନାଙ୍କ ତିନି ଭାଇଭଉଣୀ ଆମିର ସୁହେଲ, ନାସିରୁଦ୍ଦିନ ଏବଂ ଶେଖୁ ଥିଲେ। ଡିଏମ୍ ଆହୁରି କହିଛନ୍ତି ଯେ ଏଥିରେ ଗ୍ରାମ ମୁଖିଆ ଗୁଲେ ଆୟେଶାଙ୍କ ଝିଅ ଏବଂ ପୁଅମାନଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ।



# କୋହଲିଙ୍କ ଆଗରେ ଭାବପ୍ରବଣ ହେଲେ ସିରାଜ, କରିପାରିଲେନି ବୋଲିଂ



ବେଙ୍ଗାଲୁରୁ : ଗତ ୨ତାରିଖରେ ଆଇପିଏଲ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସଠାରୁ ପରାଜିତ ହୋଇଛି ଆରସିବି। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୁଜରାଟ ୮ ୱିକେଟରେ ଆରସିବିକୁ ପରାସ୍ତ କରିଥିଲା। ଗୁଜୁରାଟର ବିଜୟର ନାୟକ ସାଜିଥିଲେ ମହମ୍ମଦ ସିରାଜ, ଯିଏକି ମ୍ୟାଚ୍‌ରେ ୩ ୱିକେଟ ନେଇଥିଲେ। ତେବେ ଏହି ମ୍ୟାଚ୍‌ରେ ସିରାଜଙ୍କୁ ଭାବପ୍ରବଣ ହେବାର ଦେଖାଯାଇଥିଲା। କିଛି ମୁହୂର୍ତ୍ତ ପାଇଁ ଏଭଳି ଲାଗିଥିଲା ଯେପରି ତାଙ୍କ ଆଖିରୁ ଲୁହ ବୋହିଯିବ। ଆରସିବି ପାଇଁ ଖେଳୁଥିବା ବିରାଟ କୋହଲିଙ୍କ ସମ୍ମୁଖରେ ସିରାଜ ଛଳଛଳ ହୋଇଯାଇଥିଲେ। ଆରସିବି ବିପକ୍ଷରେ ଗୁଜରାଟ ପ୍ରଥମେ ବୋଲିଂ କରିଥିଲା। ମହମ୍ମଦ ସିରାଜ ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିଲେ। ଅପରପକ୍ଷେ ଆରଇସିବି ପାଇଁ ଫିଲ ସଲ୍ଟ ଏବଂ ବିରାଟ କୋହଲି ବ୍ୟାଟିଂ ଆରମ୍ଭ କରିଥିଲେ। ସିରାଜଙ୍କ ପ୍ରଥମ ବଲ୍ ଫିଲ୍ ସଲ୍ଟଙ୍କ ସାମ୍ନା କରିଥିଲା ଏବଂ ସେ ଗୋଟିଏ ସିଙ୍ଗଲ୍ ନେଇଥିଲେ। ଏହା ପରେ ଯେତେବେଳେ ସିରାଜ ଦ୍ୱିତୀୟ ବଲ୍ ବୋଲିଂ କରିବା ଆରମ୍ଭ କଲେ, ବିରାଟ କୋହଲି ତାଙ୍କ ଆଗରେ ଥିଲେ। ବିରାଟ ବିପକ୍ଷ ଦଳର ଖେଳାଳି ଥିଲେ। ଏହା ସତ୍ତ୍ୱେ ସିରାଜ ତାଙ୍କୁ ବୋଲିଂ କରିପାରି ନ ଥିଲେ। ସେ ଭାବପ୍ରବଣ ହୋଇଯାଇଥିଲେ। ଏଭଳି ଲାଗୁଥିଲା ଯେପରି ସେ କାନ୍ଦି ପକାଇବେ। ଭିଡିଓରେ ସିରାଜ ଏବଂ ବିରାଟଙ୍କ ମଧ୍ୟରେ ଯାହା ଘଟୁଥିବାର ଦେଖାଗଲା, ତାହା ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁଭମନ ଗିଲଙ୍କ ପ୍ରତିକ୍ରିୟାରୁ ମଧ୍ୟ ଭଲ ଭାବରେ ବୁଝିହେଉଥିଲା। ଗିଲଙ୍କ ଭାବନା ସିରାଜ ଏବଂ ବିରାଟଙ୍କ ମଧ୍ୟରେ ଘଟିଥିବା ଘଟଣାର ସମ୍ପୂର୍ଣ୍ଣ ସତ୍ୟତା କହିଥିଲା। ତେବେ ମ୍ୟାଚ ଶେଷ ହେବା ପରେ, ସିରାଜଙ୍କୁ ଏ ବିଷୟରେ ପଚରାଯାଇଥିଲା। ତାଙ୍କୁ ପଚରାଗଲା ଯେ ସେ କାହିଁକି ଭାବପ୍ରବଣ ହୋଇଗଲେ। ଏହା ଉପରେ ସେ କହିଥିଲେ ଯେ ସେ ଭାବପ୍ରବଣ ହୋଇଯାଇଥିଲେ କାରଣ ତାଙ୍କର ଆର୍‌ସିବି ସହିତ ୭ ବର୍ଷର ଲମ୍ବା ସମ୍ପର୍କ ରହିଛି। ବିରାଟ କୋହଲି ତାଙ୍କର ଆଦର୍ଶ। ଏହା ବ୍ୟତୀତ ସେ ଟିକେ ନର୍ଭସ ମଧ୍ୟ ଥିଲେ। ମ୍ୟାଚ ଆରମ୍ଭରେ ସିରାଜ ଫିଲ ସଲ୍ଟ ଏବଂ ଦେବଦତ୍ତ ପାଡିକ୍କଲଙ୍କୁ ଆଉଟ କରି ଆରସିବିର ଆରମ୍ଭକୁ କ୍ଷତି ପହଞ୍ଚାଇଥିଲେ। ତା'ପରେ ସେ ବିପଜ୍ଜନକ ଦେଖାଯାଉଥିବା ଲିଭିଙ୍ଗଷ୍ଟୋନ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସର ଅନ୍ତ ଘଟାଇ ତାଙ୍କ ଦଳ ଗୁଜରାଟ ଟାଇଟାନ୍ସର ବିଜୟ ପାଇଁ ମୂଳଦୁଆ ପକାଇଥିଲେ

## ଲିଙ୍ଗ ବଦଳାଇ ଫେରିଲେ କୋଚ୍‌ଙ୍କ ପୁଅ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ବ୍ୟାଟିଂ କୋଚ ସଞ୍ଜୟ ବାଙ୍ଗରଙ୍କ ପୁଅ ଇଂଲଣ୍ଡରେ ଲିଙ୍ଗ ପରିବର୍ତ୍ତନ କରି ସ୍ୱଦେଶ ଫେରିଛନ୍ତି। ସେ ଏବେ ପୁଅରୁ ଝିଅ ହୋଇଛନ୍ତି। ତାଙ୍କ ନୂଆ ଲୁକ ସମସ୍ତଙ୍କୁ ଚକିତ କରିଛି। ତାଙ୍କ ପୂର୍ବ ନାମ ଆର୍ଯ୍ୟନ ବାଙ୍ଗର ଥିଲା ଏବେ ସେ ଏହାକୁ ବଦଳାଇ ଅନାୟା ବାଙ୍ଗର କରିଛନ୍ତି। ଭାରତରେ ପଂହଚିବା ପରେ ସେ ମୁମ୍ବାଇର ଏକ ପ୍ରତିଷ୍ଠିତ ସେଲୁନକୁ ଯାଇ ମେକଅପ କରିଥିଲେ। ଏହାପରେ ତାଙ୍କ ଲୁକ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ମାଂଚେଷ୍ଟରରେ ହରମୋନ ରିପ୍ଲେସମେଣ୍ଟ ସର୍ଜରୀ ସେ କରାଇଥିଲେ । ବାପାଙ୍କ ପରି ବାଙ୍ଗର ମଧ୍ୟ କ୍ରିକେଟର ରହିଥିଲେ। ସେ ଇଂଲଣ୍ଡର କେତେକ କାଂଉଟି କ୍ଲବ ପକ୍ଷରୁ ଖେଳିଛନ୍ତି। ଭାରତରେ ସେ ଯଶସ୍ୱୀ ଜୈସୱାଲଙ୍କ ସହ ମଧ୍ୟ କ୍ରିକେଟ ଖେଳିଛନ୍ତି । ଉଭୟ ମୁମ୍ବାଇ ୧୬ ବର୍ଷରୁ କମ ଟିମର ସେମାନେ ସଦସ୍ୟ ଥିଲେ । ଅନାୟା ସୋସିଆଲ ମିଡିଆରେ ବେଶ ସକ୍ରିୟ ରହିଥାନ୍ତି । ସେ ଅପେରେଶନ ସମୟର ସମସ୍ତ ତଥ୍ୟ ପ୍ରଶଂସକଙ୍କ ସହ ଶେୟାର କରିଥିଲେ। ନୂତନ ପରିଚୟ ନେଇ ଅନାୟା ସଫଳତା ହାସଲ କରନ୍ତୁ ବୋଲି ବାଙ୍ଗର କହିଛନ୍ତି । ତେବେ ସେ କଣ ପାଇଁ ତାଙ୍କ ଲିଙ୍ଗ ପରିବର୍ତ୍ତନ କଲେ ତାହା ସ୍ପଷ୍ଟ କରି ନାହାନ୍ତି ।


**JHARKHAND BIJLI VITRAN NIGAM LIMITED**
(CIN: U40108JH2013SGC001702)
Regd. Office:- Engineering Building, HEC, Dhurwa, Ranchi–834004.
fax # 0651-2400483 e-mail : cesp.jseb@rediffmail.com/gmsp.jbvnl@rediffmail.com

**1st Time Extension Notice**

Last date of uploading of bid documents, last date of physical submission of tender fee and bid opening date of following tender notice no. is hereby extended as below :-

| Sl. No. | NiTs No. | Extended online bid uploading/ submission end date | Last date of online submission of tender fee and EMD | Technical bid opening date and time |
|---|---|---|---|---|
| 1 | 354/PR/JBVNL/2024-25 HT & LT winding machine | 15.04.2025 upto 18:00 Hrs | 15.04.2025 upto 18:00 Hrs. | 16.04.2025 upto 18:00 Hrs. |

Further details against the above NIT can be seen on website http:jharkhandtenders.gov.in and may be contacted on Mobile No. 09431135523 / 9430348596/ NIC helpline No. 0651-2400178. Only online payment mode of submission of Tender Fee & EMD will be accepted.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

PR No. 347965

Sd/-
General Manager (S&P)
JBVNL

PR 349661 Jharkhand Bijlee Vitran Nigam Ltd(25-26)#D


# ପଟୌଦି ଟ୍ରଫିକୁ ନେଇ କ୍ଷୋଭ ପ୍ରକାଶ କଲେ ଶର୍ମିଳା



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଟିମ୍ ଜୁନ୍ ୨୦ରୁ ଆରମ୍ଭ ହେଉଥିବା ପାଞ୍ଚଟି ଟେଷ୍ଟ ମ୍ୟାଚ୍ ସିରିଜ୍ ଖେଳିବା ପାଇଁ ଇଂଲଣ୍ଡ ଯିବ। କିନ୍ତୁ ଏଥର ଏହି ଟୁର୍ଣ୍ଣାମେଣ୍ଟକୁ ପଟୌଦି ଟ୍ରଫି କୁହାଯାଇପାରିବ ନାହିଁ। କାରଣ ଏହି ଟ୍ରଫିକୁ ଅବସର ଦେବାକୁ ଯୋଜନା କରୁଛି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)। ତେବେ ପଟୌଦି ଟ୍ରଫିର ନାମ ପଟୌଦି ପରିବାର ନାମରେ ନାମିତ ହୋଇଛି। ଏହି ପରିବାର ଭାରତକୁ ଦୁଇ ଅଧିନାୟକ ଇଫତିଖର ଅଲି ଖାନ ପଟୌଦି ଏବଂ ମନସୁର ଅଲି ଖାନ ପଟୌଦି ଦେଇଛନ୍ତି ।ମନସୁର ଅଲି ଖାନ ପଟୌଦିଙ୍କୁ ଟାଇଗର ପଟୌଦି ମଧ୍ୟ କୁହାଯାଏ। ଇସିବିର ଏହି ଯୋଜନାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ତଥା ସ୍ୱର୍ଗତ ଟାଇଗର ପଟୌଦିଙ୍କ ପତ୍ନୀ ଶର୍ମିଳା ଟାଗୋର। ଟ୍ରଫିକୁ ରିଟାୟାର କରିବା ସମ୍ପର୍କରେ ଇସିବି ବଲିଉଡ ଅଭିନେତା ସୈଫ ଅଲ୍ଲୀ ଖାନଙ୍କୁ ଏକ ଚିଠି ଲେଖିଥିବା ଜଣାପଡ଼ିଛି। ସୈଫ ଅଲ୍ଲୀ ଖାନ ଭାରତୀୟ ଦଳର ପୂର୍ବତନ ଅଧିନାୟକ ସ୍ୱର୍ଗତ ମନସୁର ଅଲ୍ଲୀ ଖାନ ପଟୌଦୀଙ୍କ ପୁଅ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶର୍ମିଳା କହିଛନ୍ତି, 'ମୁଁ ସେମାନଙ୍କଠାରୁ କିଛି ଶୁଣି ନାହିଁ, କିନ୍ତୁ ଟ୍ରଫିକୁ ରିଟାୟାର କରିବା ନେଇ ଇସିବି ସୈଫଙ୍କୁ ଏକ ଚିଠି ପଠାଇଛି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଜଣେ ମୁଖପାତ୍ର କହିଛନ୍ତି: 'ଏହା ଏପରି କିଛି ନୁହେଁ ଯାହା ଉପରେ ଆମେ ମନ୍ତବ୍ୟ ଦେଇପାରିବୁ।' କ୍ରିକେଟରେ ଟ୍ରଫିଗୁଡ଼ିକୁ 'ରିଟାୟର୍ଡ' କରାଯିବା ସାଧାରଣ ନୁହେଁ, କିନ୍ତୁ ଅତୀତରେ ଏହା ଘଟିଛି। ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ୱିଜଡେନ୍ ଟ୍ରଫିର ନାମ ମଧ୍ୟ ବଦଳାଯାଇ ରିଚର୍ଡସ୍-ବୋଥାମ୍ ଟ୍ରଫି ନାମରେ ନାମିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୧୯୩୨ ମସିହାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ସିରିଜକୁ ମନେ ପକାଇବା ପାଇଁ ୨୦୦୭ ମସିହାରେ ପଟୌଦି ଟ୍ରଫି ଆରମ୍ଭ କରାଯାଇଥିଲା।


**JAP-IT**
Jharkhand Agency for Promotion of Information Technology
(An Autonomous body under Department of Information Technology, Govt. of Jharkhand)Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044/2401067, E-mail-japit_doit@rediffmail.com

**CORRIGENDUM**

**Procurement of Supply, Installation & Support for High End Server (02), End Point Protection Unit Rate (8,000 Users), Smart LED TV 65" Inch (02) for JAP-IT, Ranchi Jharkhand (Tender Ref No.JAP-IT/JHSECURE-1/2025)**

With reference to the above tender, please be informed that corrigendum-I has been uploaded in Jharkahnd Tenders.
For further details please visit https://jharkhandtenders.gov.in.

**PR Ref No. 348716.**

Sd/-
(OSD, JAP-IT)

PR 349601 (Information Technology)24-25*D



**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, CHAIBASA – 833201**

**Corrigendum to National Bidding / e-Procurement Notice**
**(Bid/Packag no: - NH/Chaibasa/02/2024-25 dated 17.03.2025)**
**Corrigendum-I**

Subject:- Reconstruction of Existing Pavement To Two Lane With Paved Shoulder of two **LCs RBK-24** From km 160.121 To km 161.861 and **LCs RBK-26** From km 163.768 To KM 165.568 of NH 75-E (New NH 20) under Special repair in The State of Jharkhand on EPC mode.
Reference is invited to the above mention work with **Bid/Package no no: - NH/Chaibasa/02/2024-25 dated 17.03.2025** Published on different Newspapers vide NIT PR No. 348681 west Singhbhum(24-25). In this regard, it is to inform that bid date and bid opening date modified as below:

| Sl No. | Item | As Published in NIT | As modified. |
|---|---|---|---|
| 1 | The complete BID document can be viewed / downloaded from official portal of the CPPP website https://eprocure.gov.in/eprocure/app | **03.04.2025** to **17.04.2025** (upto15:00 Hrs. IST). | **17.04.2025** to **02.05.2025** (upto15:00 Hrs. IST). |
| 2 | Submission of financial bid and Technical Bid | **17.04.2025** (upto 15:00 Hrs). | **02.05.2025** (upto 15:00 Hrs). |
| 3 | Bid opening date | **21.04.2025** (after 15:00 hours IST). | **05.05.2025** (after 15:00 hours IST). |

Executive Engineer
National Highway Division, Chaibasa
Mob No: -6207723164 Email- eenh.chaibasa@gmail.com

PR.NO.349617 West Singhbhum(24-25):D



ସାଧାରଣତଃ ଖରାଦିନେ ଲୋକମାନଙ୍କର ପସନ୍ଦ ହୋଇଥାଏ ତରଭୁଜ । ଏହାକୁ ଖାଇବା ଦ୍ୱାରା ଶରୀର ହାଇଡ୍ରେଟ ହୋଇ ରହିଥାଏ । କିନ୍ତୁ ଲୋକେ ତରଭୁଜ ଖାଇବା ପରେ ମଞ୍ଜି ଫିଙ୍ଗି ଦେଇଥାନ୍ତି । ଯଦି ଆପଣ ଏହାକୁ ଅଦରକାରୀ ଭାବି ଫିଙ୍ଗି ଦେଉଛନ୍ତି ତାହେଲେ ଏହା ବୋକାମୀ ଅଟେ । ତରଭୁଜ ମଞ୍ଜିରେ ପ୍ରୋଟିନ, ଭିଟାମିନ୍ସ ଏବଂ ମିନେରାଲ୍ସ ରହିଥାଏ । ଯାହା ଶରୀର ପାଇଁ ଜରୁରୀ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ । ସେହିପରି ଏଥିରେ ପଲିଅନସେଚୁରେଟ ଏବଂ ମନୋଅନସେଚୁରେଟ୍ ରହିଥାଏ । ଯାହାକି ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଅନ୍ୟପଟେ ତରଭୁଜ ମଞ୍ଜୀ କୋଲେଷ୍ଟ୍ରଲକୁ ଦୂର ରଖିବାରେ ସାହାଯ୍ୟ କରିଥାଏ । ଏଥିରେ ଆଣ୍ଟି ଅକ୍ସିଡେଣ୍ଟ ରହିବା କାରଣରୁ ଶରୀରକୁ ଫ୍ରି ରେଡିକାଲ୍ସରୁ ବର୍ତ୍ତାଇବାରେ ସାହାଯ୍ୟ କରିଥାଏ । ଏଥିରେ ଆଣ୍ଟି ଏଜିଂ ତତ୍ତ୍ୱ ମଧ୍ୟ ରହିଥାଏ । ବୟସ ବୃଦ୍ଧିର ସଙ୍କେତକୁ କିଛି ମାତ୍ରାରେ ଦୂର କରିବାରେ ସାହାଯ୍ୟ କରିଥାଏ । ଫାଇବରର ମାତ୍ରା ଅଧିକ ରହିଥିବା କାରଣରୁ ପାଚନତନ୍ତ୍ରକୁ ସଠିକ ରଖିବାରେ ସାହାଯ୍ୟ କରିଥାଏ । କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବା ସହିତ ଅନ୍ତକୁ ସଫା ରଖିବାରେ ସାହାଯ୍ୟ କରିଥାଏ ।







# ହାର୍ଦ୍ଦିକଙ୍କ ଗାର୍ଲଫ୍ରେଣ୍ଡଙ୍କୁ ଭିଆଇପି ଟ୍ରିଟମେଣ୍ଟ

ଟିମ୍ ଇଣ୍ଡିଆର ଷ୍ଟାର ଖେଳାଳୀ ହାର୍ଦ୍ଦିକ ପାଣ୍ଡ୍ୟା । ପତ୍ନୀ ନତାଶାଙ୍କ ଠାରୁ ଅଲଗା ହେବା ପରେ ହାର୍ଦ୍ଦିକଙ୍କ ଜୀବନକୁ ଆସିଛନ୍ତି ନୂଆ ସାଥୀ । କିଛି ଦିନର ହେଉଥିବା ଗୁଜବ ଏବେ ସତ ହୋଇଛି । ମ୍ୟାଚ ସରିବା ପରେ ହାର୍ଦ୍ଦିକଙ୍କ ସହ ବସ୍‌ରେ ଏକାଠି ଯାଇଥିଲେ । ଏହିସବୁ ଦେଖିବାକୁ ପରେ ଏବେ ଜସ୍ମିନ ୱାଲିଆଙ୍କୁ ନେଇ ଚର୍ଚ୍ଚା । ନିକଟରେ ଆଇପିଏଲ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ କୋଲକତା ନାଇଟ ରାଇଡର୍ସକୁ ହରାଇ ପ୍ରଥମ ମ୍ୟାଚ ଜିତିଥିଲା । ଲଗାତାର ଦୁଇଟି ମ୍ୟାଚ ହାରିବା ପରେ ସମାଲୋଚନାର ଶିକାର ହୋଇଥିଲା ଦଳ । ଏଥିସହ କ୍ୟାପଟେନ ହାର୍ଦ୍ଦିକଙ୍କ ନେତୃତ୍ୱକୁ ନେଇ ମଧ୍ୟ ଉଠିଥିଲା ପ୍ରଶ୍ନ । ତେବେ ମ୍ୟାଚ ଜିତିବା ପରେ ଏବେ ବ୍ୟକ୍ତିଗତ ଜୀବନ ମଧ୍ୟ ବେଶ ଚର୍ଚ୍ଚାରେ ରହିଛି । କିନ୍ତୁ ମ୍ୟାଚରେ ଧ୍ୟାନ ଆକର୍ଷଣ କରିଥିଲେ ଜସ୍ମିନ ୱାଲିଆ । ପାଭିଲିୟନରେ ବସି ଟିମ୍‌କୁ ଚିୟରଅପ କରିଥିଲେ ।

ଏହା ପରେ ମୁମ୍ବାଇ ଟିମ୍‌ର ବସ୍‌ରେ ଜସ୍ମିନ ଯାଉଥିବାର ନଜର ଆସିଲେ । ଯାହାକୁ ନେଇ ଖୁବ ଚର୍ଚ୍ଚା ଲାଗି ରହିଛି । ସବୁଠାରୁ ବଡ କଥା ଖେଳାଳୀଙ୍କ ପତ୍ନୀ ଓ ପ୍ରେମିକା ଯେପରି ସାଥୀରେ ଯିବାଆସିବା କରନ୍ତି ବସ୍‌ରେ ଠିକ୍ ସେମିତି ବସ୍‌ରେ ବସିଥିଲେ ଜସ୍ମିନ । ମ୍ୟାଚ ସରିବା ପରେ ଯେଉଁ ବସ୍‌ରେ ଏମ୍‌ଆଇ ଖେଳାଳି ଯାତ୍ରା କରିଥିଲେ ସେଥିରେ ଜସ୍ମିନ ମଧ୍ୟ ଯାଇଥିଲେ । ଏହି ଭିଡିଓ ସାମ୍ନାକୁ ଆସିବା ପରେ ପ୍ରଶଂସକ କନଫର୍ମ ହୋଇଛନ୍ତି ଦୁହେଁ ସମ୍ପର୍କରେ ଅଛନ୍ତି । ନିକଟରେ ଉଭୟଙ୍କ ସୋସିଆଲ ମିଡିଆରେ ଫରେନ ଟ୍ରିପର ସମାନ ଫଟୋ ପୋଷ୍ଟ ଦେଖିବାକୁ ମିଳିଥିଲା । ଭିନ୍ନ ଭିନ୍ନ ଆକାଉଣ୍ଟରୁ ପୋଷ୍ଟ କରିଥିଲେ ବି ବ୍ୟାକଗ୍ରାଉଣ୍ଡ ପିକଚର ଏମାନଙ୍କ ଆଫେୟାରର୍ସ ଖବରକୁ ସାମ୍ନାକୁ ଆସିଥିଲା ।

# ଏହି ବାସ୍ତୁ ଦୋଷ ପାଇଁ ବିଳମ୍ବ ହୁଏ ବିବାହ



*ବାସ୍ତୁ ଶାସ୍ତ୍ରରେ ଘରର ସାଜସଜ୍ଜା ଠାରୁ ଆରମ୍ଭ କରି ଜିନିଷ ରଖିବା, କେଉଁ ଜିନିଷ ଘରେ ରଖିବା ଉଚିତ ନୁହେଁ, କେଉଁ କାରଣରୁ ବାସ୍ତୁ ସମସ୍ୟା ସୃଷ୍ଟି ହୋଇଥାଏ, ଆଦି ବର୍ଣ୍ଣନା କରାଯାଇଛି । ଏହାସହ ବାସ୍ତୁ ସମସ୍ୟାର ସମାଧାନ ମଧ୍ୟ ରହିଛି । ଘରର ପ୍ରତ୍ୟେକ କୋଣ ଓ ବାସ୍ତୁ ସ୍ଥାନ ଜୀବନ ଉପରେ ଅନେକ ପ୍ରଭାବ ପକାଇଥାଏ ।*

ବାସ୍ତୁ ଶାସ୍ତ୍ର ଅନୁସାରେ, ଘରର ସଠିକ୍ ଦିଗ, ସ୍ଥାନ ପ୍ରତି ଧ୍ୟାନ ଦେଲେ ଘରେ ସର୍ବଦା ସକରାତ୍ମକ ବାତାବରଣ ରହିଥାଏ । ସୁଖସମୃଦ୍ଧି ଓ ଧନ ସମ୍ପତ୍ତି ବୃଦ୍ଧି ହୋଇଥାଏ । ଭୁଲ୍ ଦିଗରେ ଭୁଲ୍ ଜିନିଷ ରଖିଲେ ବାସ୍ତୁ ସମସ୍ୟା ସୃଷ୍ଟି ହେବା ସହ ଜୀବନରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ । କେତେକ ବାସ୍ତୁ ଦୋଷ ପାଇଁ ମାଙ୍ଗଳିକ କାର୍ଯ୍ୟ ଓ ବିବାହରେ ବିଳମ୍ବ ହୋଇଥାଏ । ଅନେକ ଚେଷ୍ଟା କରିବା ପରେ ମଧ୍ୟ ଯୁବକ ହୁଅନ୍ତୁ ଅଥବା ଯୁବତୀଙ୍କ ବିବାହ ବାରମ୍ବାର ଭାଙ୍ଗିଥାଏ । ସମସ୍ୟା ଲାଗି ରହିଥାଏ । ଜାଣନ୍ତୁ କେଉଁ ବାସ୍ତୁ ଦୋଷ କାରଣରୁ ବିବାହରେ ଆସିଥାଏ ବାଧା..

**ଭଙ୍ଗା ଜିନିଷ:** ଘରେ କଦାପି ଭଙ୍ଗା ଓ ଅଦରକାରୀ ଜିନିଷ ରଖନ୍ତୁ ନାହିଁ । ଏହା ବାସ୍ତୁ ଦୋଷ ସୃଷ୍ଟି କରିଥାଏ । ଏହା ଦ୍ୱାରା ଘରେ ସର୍ବଦା ନକରାତ୍ମକ ଶକ୍ତି ରହିଥାଏ । ବିବାହରେ ବିଳମ୍ବ ହୋଇଥାଏ ।

**ମୁଖ୍ୟ ଦ୍ୱାର:** ବାସ୍ତୁ ଅନୁସାରେ ଘରର ମୁଖ୍ୟ ଦ୍ୱାର ସର୍ବଦା ଖୋଲା ଓ ସଫା ସୁତୁରା ରଖନ୍ତୁ । ମୁଖ୍ୟ ଦ୍ୱାରକୁ କଦାପି ଭଙ୍ଗାତୁଟା ରଖନ୍ତୁ ନାହିଁ । ରଙ୍ଗ ଖରାପ ହେଲେ ନୂଆ ରଙ୍ଗ ଦିଅନ୍ତୁ ।

**ଏତେତେଣେ ଜିନିଷ :** ଘରର ସମସ୍ତ କକ୍ଷରେ ଏଣେତେଣେ ଜିନିଷ ପକାଇ ରଖନ୍ତୁ ନାହିଁ । ନିୟମିତ କଳହ ଝଗଡା ମଧ୍ୟ କରନ୍ତୁ ନାହିଁ । ଶାନ୍ତି ଓ ପରିଷ୍କାର ବାତାବରଣ ରହିଲେ ମାଙ୍ଗଳିକ କାର୍ଯ୍ୟ ଶୀଘ୍ର ହୋଇଥାଏ ।

**ଘରର ନଳରୁ ପାଣି ଅହରହ ପଡିବା:** ଘରର ନଳରୁ ପାଣି ଅହରହ ପଡିବା ଶୁଭଙ୍କର ନୁହେଁ । ତେଣୁ ଏଥିପାଇଁ ଧ୍ୟାନ ଦିଅନ୍ତୁ । ନଳ ଖରାପ ହେବା ମାତ୍ରେ ତୁରନ୍ତ ଏହାର ମରାମତି କରନ୍ତୁ ।

# ନୂଆ ଅବତାରରେ ମୌନୀ ରଏ



ଦିଶା ପଟାନୀ ଏବଂ ମୌନୀ ରୟଙ୍କ ମଧ୍ୟରେ ଏକ ଗଭୀର ବନ୍ଧୁତା ଅଛି ଏବଂ ଏହା ଅନେକ ସମୟରେ ଦେଖିବାକୁ ମିଳେ । ଉଭୟଙ୍କୁ ପ୍ରାୟତଃ ଅନେକ ଇଭେଣ୍ଟ ଏବଂ ଟ୍ରିପରେ ଏକାଠି ଦେଖାଯାଏ । ସେମାନେ ଏକାଠି ଛୁଟି ମଧ୍ୟ ମନେଇଥାଆନ୍ତି । ଏଥି ସହ ଉଭୟଙ୍କୁ ପୁଣି ଥରେ ଏକ ଇଭେଣ୍ଟରେ ଏକାଠି ଦେଖିବାକୁ ମିଳିଥିଲା । ମୌନୀ ତାଙ୍କର ଷ୍ଟ୍ରାପ୍ଲେସ୍ ବ୍ଲାକ୍ ଗାଉନ୍ ଏବଂ ନୂଆ ହେଡ୍ ବ୍ୟାଙ୍ଗ୍ସ ସହିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ଅଭିନେତ୍ରୀଙ୍କ ଏହି ଲୁକ୍ ସୋସିଆଲ୍ ମିଡିଆ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ କରିଛି । କିଛି ଫ୍ୟାନ୍ସ ମୌନୀ ରୟଙ୍କ ଷ୍ଟାଇଲିସ୍ ଲୁକକୁ ପସନ୍ଦ କରୁଥିବାବେଳେ, ଏହାକୁ ଦେଖିବା ପରେ ଅନେକ ଲୋକ ରାଗି ଯାଇଥିଲେ । ସେଥିରେ ଗୋଟିଏ ଜିନିଷ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ତାହା ଥିଲା ତାଙ୍କ ଓଠ । ବର୍ତ୍ତମାନ ଲୋକମାନେ ଅନୁମାନ କରୁଛନ୍ତି ଯେ ହୁଏତ ତାଙ୍କର ଓଠ ଏନହାନ୍ସମେଣ୍ଟ କରାଯାଇଛି । ଏହି ଭିଡିଓଗୁଡିକ ଦେଖିବା ପରେ, ଲୋକମାନେ ତାଙ୍କର ଅଜବ ଲୁକ୍ ଉପରେ ରିୟାକ୍ସନ ଦେଉଛନ୍ତି ଏବଂ କହୁଛନ୍ତି ଯେ ପୂର୍ବରୁ ଏତେ ସୁନ୍ଦର ଦେଖାଯାଉଥିବା ଏହି ଅଭିନେତ୍ରୀ ନିଜ ସହିତ କ'ଣ କରୁଛନ୍ତି । ଜଣେ ସୋସିଆଲ୍ ମିଡିଆ ୟୁଜର ଲେଖିଛନ୍ତି, ମୌନୀ ଆଉ ମୌନୀ ପରି ଦେଖାଯାଉ ନାହାଁନ୍ତି' । ଆଉ ଜଣେ ଲେଖିଛନ୍ତି 'ସର୍ଜରି କରି କ'ଣ ଦେଖାଯାଉଛନ୍ତି ତୁମକୁ ଆଉ ଚିହ୍ନି ହେଉନାହିଁ ' । ଜଣେ ଥାର୍ଡ ବ୍ୟକ୍ତି ମନ୍ତବ୍ୟ ଦେଇଥିଲେ ଯେ 'ତୁମ ମୁହଁର ଡିଜାଇନ୍, ଛୋଟପିଲାଙ୍କ ଚତ୍ର ଅଙ୍କନ ପରି ହୋଇଛି' । ଏଥି ସହ ଆଉ ଜଣେ ଲେଖିଛନ୍ତି 'ୟଙ୍ଗ ଦେଖାଯିବା ପାଇଁ ସେ କେତେ ସର୍ଜରି କରୁଛନ୍ତି' । ଏହି ସମୟରେ ଆଉ ଜଣେ ବ୍ୟକ୍ତି ଲେଖିଛନ୍ତି, 'ମୁଁ କ'ଣ କହିବି, ତାଙ୍କ ମୁହଁର ଚମକ ଚାଲିଯାଇଛି' । ଆପଣଙ୍କୁ କହିରଖୁଛୁ ଯେ ମୌନୀ ରୟ ଶେଷ ଥର ପାଇଁ ୨୦୨୨ ମସିହାରେ ଆୟନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ବ୍ରହ୍ମାସ୍ତ୍ର' ରେ ନଜର ଆସିଥିଲେ । ଏହି ଫିଲ୍ମରେ ସେ ଅନ୍ଧାରରେ ରହସ୍ୟମୟ ରାଣୀ ଜୁନୁନ୍ ଭୂମିକାରେ ଅଭିନୟ କରିଥିଲେ । ତାଙ୍କ ସହିତ ଫିଲ୍ମରେ ରଣବୀର କପୁର ଏବଂ ଆଲିଆ ଭଟ୍ଟ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିଥିଲେ । ଏହି ଚଳଚ୍ଚିତ୍ରଟି ୪୩୦ କୋଟି ଟଙ୍କା ରୋଜଗାର କରିଥିଲା । ଏହା ବ୍ୟତୀତ, ଓଟିଟିଜଗତରେ ମୌନି ରୟଙ୍କୁ ଶୋଟାଇମରେ ଇମରାନ୍ ହାସମୀଙ୍କ ସହିତ ଦେଖିବାକୁ ମିଳିଥିଲା । ଏହି ସିରିଜ୍ ଡିଜନି+ ହଟଷ୍ଟାରରେ ଉପଲବ୍ଧ । ଖୁବ୍ ଶୀଘ୍ର ଏହି ଅଭିନେତ୍ରୀ 'ଭୂତନୀ' ନାମକ ଏକ ଫିଲ୍ମରେ ନଜର ଆସିବେ ।



# ପିଲାଙ୍କର ଗୁଳୁଗୁଳିରେ ଡାଇରିଆ

## ଜାଣନ୍ତୁ ଏହା ପଛର କାରଣ

*ସବୁ ଠିକ୍ ଚାଲିଥିବ, କିନ୍ତୁ ପିଲା ମାନଙ୍କ ପେଟ ସାମାନ୍ୟ ଗୋଳମାଳ ହୋଇଗଲେ ଆଉ କିଛି ଭଲ ଲାଗିବନି । ଟାଣ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ପେଟ ଗୋଳମାଳ ହେବା କିଛି ନୂଆ କଥା ନୁହେଁ । ସମସ୍ୟା ଏହି ସମୟରେ ଡାଇରିଆ ଆଡ଼କୁ ମଧ୍ୟ ଚାଲିଯାଏ । ଯେ କୌଣସି ସମୟରେ ଯିଏ ବି ଏହାର ଶିକାର ହେବାର ଆଶଙ୍କା ରହିଥାଏ । ଖରାରେ ଖାଦ୍ୟ ସଂକ୍ରମଣ ଏବଂ ଅନ୍ୟ ଖାଦ୍ୟଜନିତ ସମସ୍ୟାରୁ ଏପରି ହୋଇପାରେ । ଏଥିରେ ଦିନକୁ ତିନିରୁ ଚାରିଥର ପତଳା ଝାଡ଼ା ହୋଇ କିଛି ଦିନ ଲାଗି ରହିଲେ ଶରୀରରୁ ଜଳୀୟ ଅଂଶ କମିଯାଏ । ଏହାଦ୍ୱାରା ଅବସ୍ଥା ଡିହାଇଡ୍ରେସନରେ ପହଞ୍ଚେ । ଓଜନ କମିଯାଏ । ତଳିପେଟରେ ଯନ୍ତ୍ରଣା, ପେଟ ଫୁଲିବା ଓ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ପ୍ରକାଶ ପାଏ । ସପ୍ତାହେ ଯାଏ ରହିଲେ ଅବସ୍ଥା ସାଂଘାତିକ ହୋଇଯାଏ । ସଂପ୍ରତି ଟାଣ ଖରା ଓ ଅଚାନକ କାଳବୈଶାଖୀ ପିଲା ମାନଙ୍କ ସ୍ୱାସ୍ଥ ଅବସ୍ଥାକୁ ଅଧିକ ବିଗିଡ଼େଇବାର ସମ୍ଭାବନା ଥାଏ । ପିଲା ମାନଙ୍କ ଡାଇରିଆ ପଛରେ ବିଭିନ୍ନ ପ୍ରକାର କାରଣ ରହିଛି । ଜାଣନ୍ତୁ...*

ଡାଇରିଆ ପଛର କାରଣ ହେଉଛି ଭାଇରାଲ କିମ୍ବା ବ୍ୟାକ୍ଟେରିଆଲ ସଂକ୍ରମଣ, ଫୁଡ୍ ଇନଟଲେରାନ୍ସ, ଦୂଷିତ ଖାଦ୍ୟ ଓ ପେନିସିଲିନ ଭଳି କିଛି ଔଷଧ, ଇଣ୍ଟେଷ୍ଟିନାଲ ବା ଅନ୍ତ୍ରଜନିତ ରୋଗ, ଇନଫ୍ଲାମେଟୋରୀ ବାଓ୍ୱେଲ ଡିଜିଜ କିମ୍ବା ସେଲିଆକ ଡିଜିଜ । ଷ୍ଟୋମାକ ସର୍ଜରୀ ବା ଗଲ ବ୍ଲାଡ଼ର ବାହାର କରିଦିଆଯିବା ପରେ ଡାଇରିଆରେ କିଛି ବ୍ୟକ୍ତି ପୀଡ଼ିତ ହୁଅନ୍ତି । ଗ୍ୟାସ ସୃଷ୍ଟି କରୁଥିବା ଖାଦ୍ୟ ବ୍ରୋକୋଲି, ଲଙ୍କା, ବିନ, ବେରିଜ, ଚିକେନ,, କଫି, ଆଲକୋହଲ, କାର୍ବୋନେଟେଡ ଡ୍ରିଙ୍କସ୍ ସହ ରାସ୍ତାକଡ଼ରେ ବିକ୍ରି ହେଉଥିବା ମାଂସ କିମ୍ବା ମାଛ ଖାଇଲେ ଡାଇରିଆ ହେବାର ଆଶଙ୍କା ବେଶୀ ।



**ପ୍ରୋବାୟୋଟିକ୍ସ :** ପ୍ରୋବାୟୋଟିକ୍ସରେ ଉପକାରୀ ବ୍ୟାକ୍ଟେରିଆ ରହିଛି । ଲହୁଣୀରେ ଥିବା ଲାକ୍ଟୋବାସିଲସ ଏସିଡୋଫିଲସ ଏବଂ ବିଫିଡୋବ୍ୟାକ୍ଟେରିୟମ ଡାଇରିଆ ଉପଶମ କରିବାରେ ସାହାଯ୍ୟ କରେ ।

**କଦଳୀ :** ଡାଇରିଆ ହୋଇଥିଲେ ସୋଡିୟମ ଓ ପଟାସିୟମ ହଜମ କ୍ରିୟା ସ୍ୱାଭାବିକ କରିବାରେ ପ୍ରମୁଖ ଭୂମିକା ନିଭାଏ । ଏଣୁ କଦଳୀ ଖାଇବା ସବୁଠୁ ଭଲ । ଏହା ସହଜରେ ହଜମ ହେବା ସହ ଆବଶ୍ୟକ ସୋଡ଼ିୟମ ଓ ପଟାସିୟମ ଯୋଗାଇ ଦିଏ । ଡାଇରିଆ ପୁରା ଭଲ ହେବାଯାଏ କଦଳୀ ଖାଆନ୍ତୁ ।

**ଆପଲ ସାଇଡର ଭିନେଗାର :** ଗ୍ଲାସେ ପାଣିରେ ଏକ ଚାମଚ ଆପଲ ସାଇଡର ଭିନେଗାର ମିଶାଇ ଦିନକୁ ଥରେ କି ଦୁଇଥର ପିଅନ୍ତୁ ।

**ଅଦା :** ପାକସ୍ଥଳୀରେ ସମସ୍ୟା ରହିଥିଲେ ଅଦାରେ ଦୂର ହୋଇଯାଏ । ଅଦା ଚା ଦିନକୁ ଦୁଇ କିମ୍ବା ତିନିଥର ପିଅନ୍ତୁ । ଅଦାରସ ଚାମଚେ ମହୁରେ ମିଶାଇ ଖାଇପାରିବେ ।

**ମେଥି :** ଡାଇରିଆ ଚିକିତ୍ସାରେ ଏହା ଲାଗେ । ଏଥିରେ ଅତ୍ୟଧିକ ସୁସିଲେଜ ରହିଛି ଯାହା ଆଣ୍ଟିଡାଇରିଆଲ ଭାବେ କାମ କରେ । ଚାମଚେ ଲହୁଣୀରେ ମେଥି ମିଶାଇ ଖାଆନ୍ତୁ । ସ୍ୱାଦ ଲାଗି ଅଳ୍ପ ଜିରା ପକାଇ ଖାଇପାରିବେ ।

**ଚାମୋମାଇଲ ଟି :** ହଜମକ୍ରିୟାର ବିଭିନ୍ନ ଅଂଶକୁ ସହଜରେ ସକ୍ରିୟ ରଖିବାରେ ସାହାଯ୍ୟ କରେ ଚାମୋମାଇଲ ଚା । ଏହାଦ୍ୱାରା ଡାଇରିଆ ଶୀଘ୍ର ଉପଶମ ହୋଇଯାଏ ।

**ପାଣି :** ସବୁଠୁଠାରୁ ଗୁରୁତ୍ୱପୂର୍ଣ୍ଣ ପାଣି । ଯେତେ ବେଶୀ ପାଣି ପିଅନ୍ତୁ । କଫି ଓ ଆଲକୋହଲ ଠାରୁ ବି ଦୂରେଇ ରୁହନ୍ତୁ । ଓରାଲ ପେଡ଼ିଆଟ୍ରିକ୍ସ ହାଇଡ୍ରେସନ ସଲ୍ୟୁସନ ପେଡ଼ିଆଲାଇଟ ପିଲାମାନଙ୍କୁ ଦିଆଯାଏ । ଏଥିରୁ ବି ଅଳ୍ପ ନେଇପାରିବେ ।

■ ପିଲାମାନଙ୍କୁ ଖରାରେ ବାହାରକୁ ଯିବାକୁ ଦିଅନ୍ତୁ ନାହିଁ । ତେଲ, ରାଗମସଲାଯୁକ୍ତ ଖାଦ୍ୟ, ଗରିଷ୍ଠ ଖାଦ୍ୟ, ବଜାରର ଫାଷ୍ଟଫୁଡ, ଆମିଷ ନଦେବା ଭଲ ।

■ ତଟକା ପନିପରିବା, ଫଳ ସବୁଠାରୁ ଭଲ । ସମ୍ଭବ ହେଲେ ପଇଡ଼ ପାଇଣି, ଆଖୁରସ, ଫଳରସ, ଦହିପାଣି ପିଲାମାନଙ୍କୁ ଦିଅନ୍ତୁ ।

■ ଖରାଦିନେ ଅତି ଥଣ୍ଡାପାଣି ବା ଅତି ଥଣ୍ଡା ପାନୀୟ ଦ୍ରବ୍ୟ ଦେବା ଭଲ ନୁହେଁ ସେଥିରେ ସାଧାରଣ ପାଣି ମିଶାଇ ପିଇବାକୁ ଦିଅନ୍ତୁ । ସମ୍ଭବ ହେଲେ ବେଲପଣା, ତାଳସଜ ପିଲାମାନଙ୍କ ପାଇଁ ଉପଯୋଗୀ ।

■ ଶାଗ ମଧ୍ୟ ସବୁଠାରୁ ଭଲ । ଗୁଳୁଗୁଳିରେ ଡାଇରିଆ ହେଲେ ପିଲାମାନଙ୍କ ଶରୀରରୁ ଜଳୀୟ ଅଂଶ ଦ୍ରୁତ ଭାବେ କମିଯାଏ ତେବେ ତୁଟୁକା ତୁଟୁକି ଚିକିତ୍ସା ନକରି ସରକାର ବ୍ୟବସ୍ଥାର ସାହାଯ୍ୟ ନିଅନ୍ତୁ ।

■ ପିଲାଙ୍କ ଡାଇରିଆ ଜନିତ ପତଳା ଝାଡ଼ା ହେଉଥିଲେ ସେମାନଙ୍କ ପୋଷାକ ପତ୍ର ଭଲ ଭାବେ ଫୁଟାପାଣିରେ ସିଝାଇ ଶୁଖାନ୍ତୁ କାରଣ ଏହ ଅପରିଷ୍କାର ବସ୍ତ୍ର ସଂକ୍ରମଣର ବଡ଼ କାରଣ ହୋଇଥାଏ ।

■ ଖରାଦିନେ ପିଲାମାନଙ୍କ ପେଟ ଯେପରି ଖାଲି ନରୁହେ ସେ ଦିଗକୁ ଦେଖନ୍ତୁ । ଡାଇରିଆ ଜନିତ କୌଣସି ଅଧିକ ବିପଦପୂର୍ଣ୍ଣ ଆଶଙ୍କା କଲେ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।



*ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ*
*ମୋ- ୯୪୩୭୧୨୪୦୭୪*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡ଼ିଘାଟ ପଞ୍ଚାୟତ ଅନ୍ତର୍ଗତ ରାଣୀସିଲେଟ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶିଶୁ ବାଟିକା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ରାଣୀସିଲେଟ ପ୍ରଧାନ ଶିକ୍ଷକ ଚୂଡ଼ାମଣି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶିଶୁ ବାଟିକାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ୧୦ନଂ ୱାର୍ଡ ମେମ୍ବର ଶୁଭକାନ୍ତି ମାଝୀ ଯୋଗଦେଇ ନୂତନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଙ୍ଖ ଘଣ୍ଟ ବାଦ୍ୟ ସହିତ ଶିଶୁ ଓ ପିତାମାତା ମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଶିଶୁ ମାନଙ୍କୁ ପାଦ ଧୋଇ ଶିଶୁ ମାନଙ୍କୁ ଫୁଲ ଚନ୍ଦନ ଦେବା ସହିତ ସିଲେଟ ଦେଇ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମସ୍ତ ଶିଶୁ ମାନଙ୍କୁ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରି ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ୬ ଜଣ ଶିଶୁ ଙ୍କୁ ଖଡ଼ିଛୁଆଁ କରିବା ସହ ୩ ଜଣ ଶିଶୁଙ୍କୁ ବିଦ୍ୟାଳୟ ରେ ନାମ ଲେଖା ଯାଇଥିଲା। ଏହି ଅବସରରେ ଶିକ୍ଷକ କରୁଣା ବରିହା ପରିଚାଳନା କମିଟିର ସଭାପତି ଶ୍ୟାମଘନ ମାଝୀ ଏବଂ ସଦସ୍ୟ ସଦସ୍ୟା, ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତଥିଲେ।

## ମଧୁଗଣେଶ ପୂଜା ଅନୁଷ୍ଠିତ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଦୋଳସାହି ବଜାରରେ ମଧୁଗଣେଶ ପୂଜା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ୧୯୬୫ ମସିହା ଠାରୁ ମଧୁଗଣେଶ ପୂଜା ଦୋଳସାହି ବଜାରରେ ଅନୁଷ୍ଠିତ ହୋଇ ଆସୁଅଛି। ସ୍ୱର୍ଗତ ରତ୍ନାକର ସାହୁ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ମଣିଚରଣ ନାଥ, ଚେମେଇ ଜେନା ପ୍ରମୁଖ ପ୍ରଥମେ ଦୋଳସାହି ବଜାରରେ ମଧୁଗଣେଶ ପୂଜା ଆରମ୍ଭ କରିଥିଲେ। ଚଳିତ ବର୍ଷ ଏହି ପୂଜା ଯଥାରୀତି ନୀତି ଅନୁସାରେ ପାଳିତ ହେଉଛି। କର୍ତ୍ତା ଭାବେ ଶକ୍ତିଧର ସାହୁ ଓ ପୂଜକ ଭାବେ କରୁଣାକର ମିଶ୍ର ପୂଜାକାର୍ଯ୍ୟ ତୁଲାଉଛନ୍ତି। ଏହି ମଧୁଗଣେଶ ପୂଜା ଚୈତ୍ରମାସ ଚତୁର୍ଥୀ ତିଥିରେ ଆରମ୍ଭ ହୋଇ ସାତଦିନ ଧରି ଚାଲିବ। ମଧୁଗଣେଶ ପୂଜା ପାଇଁ ଦୋଳସାହି ବଜାର ଉତ୍ସବମୁଖର ହୋଇ ଉଠିଛି। ବଜାର ଓ ମନ୍ଦିରକୁ ଆକର୍ଷଣୀୟ ଆଲୋକମାଳାରେ ସାଜସଜ୍ଜା କରାଯାଇଛି। ପୂଜା କମିଟିର ସଭାପତି ଦାଶରଥି ମହାପାତ୍ର, ସମ୍ପାଦକ ପ୍ରିୟରଂଜନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ମାଧବାନନ୍ଦ ପତି, ଶୁକଦେବ ପଶୁପାଳକ, ଧନେଶ୍ୱର ନାଥ ଓ ଗୋପାଳ ଜେନା ପ୍ରମୁଖ ସଦସ୍ୟମାନେ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି।

## ରହଣିଆ ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଏହି ବ୍ଲକର ରହଣିଆ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ବୁଧବାର ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନେଶ୍ୱର ଦାସ ମୁଖ୍ୟଅତିଥି, ସଭ୍ୟା ଅନୁସୂୟା ବାରିକ, ମୋ ସ୍କୁଲ ଅଭିଯାନ କମିଟି ଉପସଭାପତି କରୁଣାକର ତରାଇ, ବରିଷ୍ଠ ଶିକ୍ଷକ ହୃଷିକେଶ ପୃଷ୍ଟି ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିଶୁବାଟିକା ଛାତ୍ରଛାତ୍ରୀଙ୍କ ପାଇଁ ଉଭୟ ପ୍ରବେଶ ଓ ଖଡ଼ିଛୁଆଁ ପାଇଁ ପୂଜା, ଝୋଟି ଆଦି ବିଭିନ୍ନ ଆୟୋଜନ କରିଥିଲେ। ସେହିପରି ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ ସମକାଳୀନ ଭାବେ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ପାଠ୍ୟୋପକରଣ କିଟ୍ ବିତରଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ, ପରିଚାଳନାକମିଟିର ସଦସ୍ୟଗଣ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ନାଟି ବାଲିଘାଟରେ ମାଇନ୍ସ ବିଭାଗର ଚଢ଼ାଉ

ନିଆଳି, (ଭାସ୍କର ନ୍ୟୁଜ): ନିଆଳି ତହସିଲ ଅଧିନସ୍ତ ଏକବରୁଆଁ ପଂଚାୟତ ନାଟି ବାଲି ଘାଟ ଟି ଦୀର୍ଘ ଦିନ ହେବ ବନ୍ଦ ହୋଇ ରହିଛି। ବାଲି ଘାଟ ମାଲିକ ଲିଜ ଥିବା ଜାଗାରୁ ବାଲି ଖୋଳି ସାରିଦେଇଥିବା ବେଳେ ଏବେ ଉକ୍ତ ବାଲି ଘାଟକୁ ଖୋଲି ଲିଜ ନେଇଥିବା ସୀମା ବାହାରୁ ବାଲି ଚୋରି କରି ନେବା ନିମନ୍ତେ ନଦୀରେ ଏକ ରାସ୍ତା ନିର୍ମାଣ କରୁଛି। ଏହି ଖବର ଜିଲ୍ଲା ମାଇନ୍ସ ବିଭାଗ ପାଇବା ପରେ ମାଇନ୍ସ ବିଭାଗ ଓ ନିଆଳି ପୋଲିସ ଉକ୍ତ ଘାଟ ରେ ଚଢ଼ାଉ କରି ସୀମା ଧାର୍ଯ୍ୟ କରିଛନ୍ତି। ଖୋଦ ନିଆଳି ବିଧାୟକ ଛବି ମଲିକ ବାଲି ଚୋରା ଚାଲାଣ ଉପରେ ଦୃଢ଼ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଉଥିବା ବେଳେ ତାଙ୍କ ଦଳର କୁଜିନେତାମାନେ ଉକ୍ତ ଘାଟରେ ଗଦା ହୋଇଥିବା ବାଲିକୁ ମାଇନ୍ସବିଭାଗ ଜବତ କରିଥିବା ସତ୍ତ୍ୱେ ଏହି ଗଦାରୁ ଶହେରୁ ଊର୍ଦ୍ଧ୍ୱ ଟ୍ରିପ ବାଲି ରାତି ଅଧରେ ବିକ୍ରି କରିସାରିଲେଣି। ଶାସକ ଦଳର ଛତ୍ର ଛାୟା ତଳେ ରହି ବାଲି ଚୋରା ଚାଲାଣ କରିବା ନିମନ୍ତେ ନଦିରେ ରାସ୍ତା ନିର୍ମାଣ କରିବାରେ ଲାଗିଛନ୍ତି। ଅଞ୍ଚଳବାସୀ କିଭଳି ବିରୋଧ ନକରିବେ ସେଥିନିମନ୍ତେ ଗ୍ରାମବାସୀଙ୍କୁ ସରକାରୀ କାମ ଓ ଆର୍ଥିକ ସହାୟତା ଭଳି ଅଭିଯୋଗ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଚୋରା ବାଲିଘାଟକୁ ବନ୍ଦ କରି ନିଲାମ ହେଉଥିବା ବାଲି ଘାଟରୁ କିଭଳି ବାଲି ଚୋରା ଚାଲାଣ କରିବେ ଦଳୀୟ କର୍ମୀ। ଏଠି ନିମନ୍ତେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ଏଭଳି କାର୍ଯ୍ୟ ପାଇଁ ହାଟ ମାଲିକଙ୍କ ବିରୁଦ୍ଧରେ ଜିଲ୍ଲା ମାଇନ୍ସ ବିଭାଗ, ତହସିଲଦାର ଓ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ଚୋରା ବେପାରୀଙ୍କୁ ମଦ ଯୋଗାଉଛନ୍ତି ଲାଇସେନ୍ସ ପ୍ରାପ୍ତ ବାର୍ ମାଲିକ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଚୋରାମଦ କାରବାର। ଜିଲ୍ଲାର ବିଭିନ୍ନ ସ୍ଥାନରେ ମଦ ଚୋରା କାରବାର ହେଉଥିବା ଅନେକ ପ୍ରମାଣ ଓ ଅଭିଯୋଗ ଆସିଛି। ଅବକାରୀ ବିଭାଗ କିନ୍ତୁ ଏସବୁ ସତ୍ତ୍ୱେ କିଛି ହାତ ଗଣତି ମାମଲା ରୁଜୁ କରୁଥିବା ବେଳେ ଏହାକୁ ରୋକ ଲଗାଇବା ପାଇଁ ପ୍ରକୃତ ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ଫଳରେ ଚୋରା ବେପାରୀଙ୍କୁ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ମଦ ବିକ୍ରି କରି ପ୍ରଚୁର ଲାଭବାନ ହେଉଛନ୍ତି। ଗାଁ'ଗହଳିରେ ଏବେ ବିନା ଲାଇସେନ୍ସରେ ମଦ ବିକ୍ରୟ କରୁଛନ୍ତି ଚୋର ବେପାରୀ। ଦିନ ଦ୍ୱିପ୍ରହରରେ ମଦ ଚାଲାଣ ହେଉଥିବାର କିଛି ଏପରି ଚିତ୍ର ଆସିଛି ଜିଲ୍ଲାର କାଲିମେଳା ଥାନା ଅଞ୍ଚଳରୁ ଓ ଯେଉଁଠି ଠିପି ଖୋଲା ମଦ-ବାରରୁ ବିପୁଳ ପରିମାଣର ବିଦେଶୀ ମଦ ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଗାଁ'ଗହଳିରେ ଥିବା ଚୋରା ବେପାରୀଙ୍କୁ ଅଟୋ ସାହାଯ୍ୟରେ ପେଟି ପେଟି ବିଦେଶୀ ମଦ ଯୋଗାଉଛନ୍ତି ବାର ମାଲିକ। ଅବକାରୀ ବିଭାଗର ନାକ ତଳେ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ଏପରି ବେଆଇନ କାର୍ଯ୍ୟକଳାପ ଜାରି ରଖୁଥିବା ବେଳେ ଏପରି ଖବର ଅବକାରୀ ବିଭାଗ କିପରି ଜାଣିପାରୁନି ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସୂଚନା ଅନୁଯାୟୀ ମଙ୍ଗଳବାର ଏକ ଅଟୋ ଯୋଗେ ପେଟି ପେଟି ମଦ ଚୋରା ଚାଲାଣ ହେଉଥିଲା। ମଦ ବାର ତଥା ଠିପି ଖୋଲା ମଦ ଦୋକାନର ନିୟମ ଅନୁଯାୟୀ, ଉକ୍ତ ଦୋକାନୀ ଲୋକଙ୍କୁ ବିପୁଳ ପରିମାଣର ଠିପି ବନ୍ଦ ମଦ ବୋତଲ ବିକ୍ରୟ କରିବ ନାହି ଓ କିନ୍ତୁ ପେଟି ପେଟି ମଦ ଏକ ଅଟୋ ଯୋଗେ ଚୋରା ବେପାରୀଙ୍କ ପାଖକୁ ଯାଉଛି। ଏନେଇ କିଛି ବ୍ୟକ୍ତି କାଲିମେଳା ସ୍ଥିତ ଅବକାରୀ ବିଭାଗକୁ ଫୋନ୍ ଯୋଗେ ଅବଗତ କରାଇଥିଲେ। କିନ୍ତୁ ସେ ମଦ ବେପାରୀଙ୍କୁ ଧରିବା ପରିବର୍ତ୍ତେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା ଓ ଅବକାରୀ ବିଭାଗ ଓ ବାର ମାଲିକଙ୍କ ସଲାସୁତୁରା ରେ ପ୍ରତିଦିନ ବିଭିନ୍ନ ଗାଡ଼ି ଯୋଗେ ପେଟି ପେଟି ମଦ ଚୋରା ଚାଲାଣ ହେଉଛି ଓ ଜିଲ୍ଲାରେ କିଛି ମଦ ଦୋକାନୀ ଏପରି ଲକ୍ଷ ଲକ୍ଷ ଟଙ୍କାର ମଦ ଚୋରାରେ ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗ ଏହାର କିପରି ଟେର ପାଉନି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ବାରମ୍ବାର ଜିଲ୍ଲା ଅବକାରୀ ଅଧିକାରୀ ବିମ୍ବାଧର ପଣ୍ଡାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ସୂଚନା ଥାଉ କି ମାଲକାନାଗିରି ସଦର ମହକୁମାରେ ଥିବା ବାର୍ ମାଲିକମାନେ ମଧ୍ୟ ଏଭଳି ମଦ ଚୋରା ଚାଲାଣ କରୁଥିବା ଖବର ଅତିଶୀଘ୍ର ଖବରଦାତାଙ୍କ ହସ୍ତଗତ ହେବାକୁ ଜାଉଛି।

# ମହିଳା ସୁରକ୍ଷା ଆପ୍‌ର ଶୁଭାରମ୍ଭ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ନିକଟରେ ଏକ ମହିଳା ସୁରକ୍ଷା ଆପ୍ ଶୁଭାରମ୍ଭ କରାଯାଇଛି ଯାହାକୁ ଓ୍ୱିଙ୍ଗ କମାଣ୍ଡର ସୋନିକା ତନୱର (ଅବସର ପ୍ରାପ୍ତ) ଙ୍କ ନେତୃତ୍ୱରେ ବିକଶିତ କରାଯାଇଛି। ଏହି ଆପ୍‌କୁ ମହିଳାମାନଙ୍କ ସୁରକ୍ଷା ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଛି। ଉକ୍ତ ଆପ୍ ସେଣ୍ଟ୍ରାଲ ଆସୋସିଏଶନ ଅଫ୍ ପ୍ରାଇଭେଟ ସିକ୍ୟୁରିଟି ଇଣ୍ଡଷ୍ଟ୍ରୀ (କାପ୍‌ସି) ଓ ଏଏସ୍‌ଆଇଏସ୍ ଇଣ୍ଟରନ୍ୟାସନାଲ, ନୂଆଦିଲ୍ଲୀ ପକ୍ଷରୁ ମିଳିତ ଭାବେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓ୍ୱମେନ ସେଫ୍ଟି ଆପରେ ଥିବା ଫିଚର ଓ କାର୍ଯ୍ୟଦକ୍ଷତାଗୁଡ଼ିକୁ ପ୍ରଦର୍ଶିତ କରାଯାଇ ଥିଲା। ଏହାବ୍ୟତୀତ କାପ୍‌ସି ପକ୍ଷରୁ ମହିଳାଙ୍କୁ ସ୍ୱତନ୍ତ୍ର ଆତ୍ମରକ୍ଷା ତାଲିମ ପ୍ରଦାନ କରିବା ପାଇଁ କବଚ ଡିଫେନ୍ସ ସିଷ୍ଟମ ସହ ଏକ ଏମ୍‌ଓୟୁ ମଧ୍ୟ ସ୍ୱାକ୍ଷର କରାଯାଇଛି ଯାହା ବିଭିନ୍ନ ପ୍ରତିରକ୍ଷା ପଦ୍ଧତି ଏବଂ ଅସଦାଚରଣ, ଯୌନ ନିର୍ଯାତନା, ଛିନତାଇ ଓ ଲୁଣ୍ଠନ ଏବଂ ଘରୋଇ ହିଂସା ସ୍ଥିତି ବିରୁଦ୍ଧରେ ସୁରକ୍ଷା ରଣନୀତି ଏବଂ ସାର୍ବଜନିନ ସ୍ଥାନ, କ୍ୟାବ, ପାର୍କିଂ ସ୍ଥାନ ଓ ଯାତ୍ରା ସମୟରେ ସୁରକ୍ଷା ନିୟମ ଗୁଡିକର ଉପଯୋଗ ଆଦିକୁ କଭର କରୁଛି। ଏହି ପଦକ୍ଷେପ ମହିଳାମାନଙ୍କୁ ସହଯୋଗ ନ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତିକୂଳ ସ୍ଥିତିରେ ନିଜକୁ ସୁରକ୍ଷିତ ରଖିବା ପାଇଁ ସଶକ୍ତ କରିବ। ଏ ସମ୍ପର୍କରେ କାପ୍‌ସିର ଅଧ୍ୟକ୍ଷ କୁଅଁର ବିକ୍ରମ ସିଂହ କହିଛନ୍ତି, "ମହିଳାଙ୍କ ସୁରକ୍ଷା ନିଶ୍ଚିତ କରିବା କେବଳ ଏକ ଦାୟିତ୍ୱ ନୁହେଁ ବରଂ ଏକ ସୁରକ୍ଷିତ, ଆନୁଷଙ୍ଗିକ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ମୂଳଦୁଆ ଅଟେ। ମହିଳାମାନେ ସୁରକ୍ଷିତ ଅନୁଭବ କଲେ, ସମାଜ ଉନ୍ନତି କରିବ ଓ ଦେଶ ଆହୁରି ଶକ୍ତିଶାଳୀ ହେବ। ଯଦି ଆପଣ ନିଜର ମହିଳାଙ୍କୁ ସୁରକ୍ଷିତ ରଖିବେ, ସେମାନେ ଆପଣଙ୍କର ଦେଶ ଓ ପିଢିକୁ ସୁରକ୍ଷିତ ରଖିବେ।" ସେହିପରି ଏଏସଆଇଏସ୍ ନୂଆଦିଲ୍ଲୀ ଚାପ୍ଟରର ଅଧ୍ୟକ୍ଷ ମହେଶ ସିଂହ ଚୌହାନ କହିଛନ୍ତି, "କାପ୍‌ସି ଓ ଏଏସଆଇଏସ ନୂଆ ଦିଲ୍ଲୀ, ମିଳିତ ଭାବେ ଆନ୍ତର୍ଜାତୀୟ ମହିଳା ଦିବସର ଆୟୋଜନ କରିଥିଲେ ଯାହା ଏକ ଚମତ୍କାର କାର୍ଯ୍ୟକ୍ରମ ଥିଲା। ଏହା ମହିଳା ଲିଡରମାନଙ୍କ ଅନ୍ତର୍ଭୁକ୍ତୀକରଣ ପାଇଁ ଏକ ଅଗ୍ରଗାମୀ ପଦକ୍ଷେପ ଅଟେ। ଜଣେ ମହିଳାଙ୍କ ସ୍ୱର କେବଳ ସ୍ୱର ନୁହେଁ ଏକ ଆନ୍ଦୋଳନ, ଏକ ବିପ୍ଳବ ଅଟେ ଯାହାର ସମାଜକୁ ପରିବର୍ତ୍ତନ କରିବାର ଶକ୍ତି ରହିଛି।"

## ଠାକୁରମୁଣ୍ଡାରେ ତିନି ଦିନରେ ୨ କାଠ ଗାଡ଼ି ଜବତ

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ବିଶେଷସୂତ୍ରରୁ ଖବର ପାଇ ତରାମରା ଗ୍ରାମ ପଞ୍ଚାୟତ ଡକେଇପାଳ ଗ୍ରାମର ରାନ୍ଦସାହିରେ ଚଢ଼ାଉ କରି ଏକ ଶାଳ ଲଗ୍ ବୋଝେଇ ଟାଟା ଜେନନ ପିକପ୍ ଗାଡ଼ିକୁ ଜବଦ କରିଛନ୍ତି। ଠାକୁରମୁଣ୍ଡାରେ ନୂତନ ବନାଞ୍ଚଳ ଅଧିକାରୀ ଭାବରେ ଉମାକାନ୍ତ ବେହେରା ଜୋଗ ଦେବା ପରେ କାଠ ବେପାରୀଙ୍କ ମହଲରେ ଛନକା ପଶିଯାଇଛି। ବୁଧବାର ରାତି ୩,୧୫ ମିନିଟ ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ବନବିଭାଗ କର୍ମଚାରୀ ଡକେଇପାଳ ଗ୍ରାମ ରାନ୍ଦସାହି ରାସ୍ତାରେ ପେଟ୍ରଲିଙ୍ଗ କରୁଥିବା ସମୟରେ ଏକ ଶାଳକାଠ ଲକ୍ ବୋଝେଇ ଟାଟା ଜେନନ ନମ୍ବର ପିକପ୍ ଗାଡ଼ିକୁ ଅଟକାଇ ଥିଲେ। ଅନ୍ଧାରର ସୁଜୋଗ ନେଇ ପିକପର ଡ୍ରାଇଭର ଦୌଡ଼ି ପଳାଇ ଯାଇଥିଲା। ବନବିଭାଗ ଏକ ଟ୍ରାକ୍ଟର ଯୋଗେ ଟାଣି ଟାଣି ଠାକୁରମୁଣ୍ଡା ବନବିଭାଗ କାର୍ଯ୍ୟାଳୟକୁ ଆଣିଛନ୍ତି। ଆଜି ର ଏହି ଚଢ଼ାଉ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ଫରେଷ୍ଟର ବିଦ୍ୟାଧର ମହାନ୍ତ, ଚମ୍ପାଝର ଫରେଷ୍ଟର ବନ୍ଦନା ମହାନ୍ତ, ଫରେଷ୍ଟ ଗାର୍ଡ ସୁଶାନ୍ତ କୁମାର ପଲେଇ, ଚିତ୍ତରଞ୍ଜନ ନାୟକ, ଏବଂ ଠାକୁରମୁଣ୍ଡାର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। କାଠଗଣ୍ଡିର ମୂଲ୍ୟ ଏକଲକ୍ଷରୁ ଅଧିକ ହେବ ବୋଲି ବନବିଭାଗ ସୂଚନା ଦେଇଛନ୍ତି। ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଏ ସମ୍ବନ୍ଧରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ମଦ ବିକ୍ରି ରୋକିବାକୁ ଏସପିଙ୍କୁ ଦାବିପତ୍ର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସିଲିପଦା ଗ୍ରାମରେ ପ୍ରଚୁର ପରିମାଣରେ ମଦ କାରବାର ଚାଲିଥିବାରୁ ମହିଳାମାନେ ମଦ ବିକ୍ରି ରୋକିବାକୁ ଏସ୍‌ପିଙ୍କୁ ଦାବିପତ୍ର ଦେଇଛନ୍ତି। ପୁରୁଷମାନେ ମଦ ପିଇ ସ୍ତ୍ରୀ'ଙ୍କୁ ମାରପିଟ କରିବା ସହିତ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଛୋଟଛୋଟ ପିଲାମାନେ ମଦ ପିଇବା ଯୋଗୁଁ ସ୍ୱାସ୍ଥ୍ୟହାନୀ ଘଟିଥିବା ସହିତ ସେମାନଙ୍କର ପାଠପଢାରେ ଡୋରି ବାନ୍ଧାଯାଇ ଭବିଷ୍ୟତ ଅନ୍ଧାର ହୋଇଯାଉଛି। ଏହି କାର୍ଯ୍ୟକଳାପକୁ ସନ୍ତୋଷ କୁମାର ମହାନ୍ତ ସହଯୋଗ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଅବକାରୀ ବିଭାଗ ଓ ପାଟଣା ପୁଲିସ ଆସିଲେ ମଦ ବ୍ୟବସାୟୀଙ୍କୁ ସେ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଚଢାଉ କରି ନପାରି ବିଭାଗୀୟ ଅଧିକାରୀମାନେ ନିରାଶ ହୋଇ ଫେରୁଥିବା ଜଣାପଡିଛି। ସାହୁ ଛକ ଦୋକାନ ସିଲପଦା ବିଜୟ ପ୍ରସାଦ ସାହୁ, ଗିରିସାହି ଦିଗବିନ୍ଧାସାହି ଲାଲ ମୋହନ ମହାନ୍ତ, ଉଦୟପୁର କୁକୁଡିଆପୋଶି ଯଦୁନାଥ ମହାନ୍ତ ଓ ବୁଲୁ ମହାନ୍ତ ମଦବ୍ୟବସାୟ ଚଳାଇଛନ୍ତି। ତୁରନ୍ତ ବିଭାଗୀୟ କର୍ମଚାରୀ ଚଢାଉ କରି ମଦବ୍ୟବସାୟୀଙ୍କୁ ଗିରଫ କରିବାକୁ ଦାବି ହୋଇଛି। ନଚେତ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ସହ ଜାତୀୟ ରାଜପଥ ଅବରୋଧ କରିବାକୁ ପଦ୍ମିନୀ ମହାନ୍ତ, ରୀନାମଞ୍ଜରୀ ମହାନ୍ତ, କ୍ଷୀରୋଦିନୀ ନାଏକ, ମୀନା ମହାନ୍ତ, ଗୋଲାପ ମହାନ୍ତ ଅନ୍ୟମାନେ ଦାବି କରିଛନ୍ତି। ଏହାର ଏକ ନକଲ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ପ୍ରେରଣ କରାଯାଇଛି।

# ବିଦ୍ୟାଳୟରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଆଜି ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଆଜି ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବଟମହାପୁରୁଷ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସହିତ ଶିଶୁବାଟିକାର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୌଧୁରୀ ସରୋଜକାନ୍ତ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ଏହି ବିଦ୍ୟାଳୟର ଅବୈତନିକ ପୂର୍ବତନ ଶିକ୍ଷକ ସମାଜସେବୀ ସ୍ମାରକ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସରକାରଙ୍କ ନୂତନ ଶିକ୍ଷାନୀତି ସମ୍ପର୍କରେ ଆଲୋକପାତ କରି ଅବିଭାବକମାନଙ୍କୁ ସରକାରୀ ବିଦ୍ୟାଳୟରେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୫ରୁ ଉର୍ଦ୍ଧ୍ୱ ନୂତନ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହିତ ଯୋଗଦେଇ ଖଡ଼ିଛୁଇଁବା ସହିତ ଶିଶୁବାଟିକାର ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସହିତ ଅଙ୍ଗନୱାଡ଼ି କର୍ମୀ ଅନ୍ନପୂର୍ଣ୍ଣା ମିଶ୍ର, ସହଯୋଗୀ ସଂଯୁକ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଭାବଗ୍ରାହୀ କର, ନିର୍ମଳା ହୋତା ଏବଂ ପ୍ରଜ୍ଞା ପାରମିତା ନାୟକ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଖରିଦାସାହି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷୟିତ୍ରୀ ନଳିନୀବାଳା ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଯାଅଁରା ବାରିମୂଳ ପଂଚାୟତ ଅନ୍ତର୍ଗତ ଜେନାମଣି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଭିରାମ ମିଶ୍ର, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ଓ ଶିକ୍ଷକ ମନୋରଞ୍ଜନ ଦାଶଙ୍କ ଦ୍ୱାରା ଅନୁଷ୍ଠିତ ଖଡ଼ଛୁଆ କାର୍ଯ୍ୟକ୍ରମରେ ବାଲବାଟିକା ଶ୍ରେଣୀରେ ୪ ଜଣ ନୂତନ ଛାତ୍ରଛାତ୍ରୀଙ୍କୁ ବାଲବାଟିକା ଶ୍ରେଣୀରେ ଯୋଗ ଦେଇଥିଲେ।

# ସଂପୁରରେ ପବିତ୍ର ଉତ୍କଳ ଦିବସ ପାଳିତ



ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତ ସଂପୁର ସ୍ଥିତ ପାଞ୍ଚଗଡ଼ ସୃଜନ ଶୀଳ ସମିତି ଆନୁକୂଲ୍ୟରେ ଓ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ପବିତ୍ର ଉତ୍କଳ ଦିବସ ମହାଆଡ଼ମ୍ବର ସହକାରେ ହରିରାଜପୁର ପ୍ରାଥମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଦିବସରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ବୋଲଗଡ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା, ମୁଖ୍ୟବକ୍ତା ଭାବେ ବୋଲଗଡ ବ୍ଲକ ଓଷ୍ଟା ଶାଖା ସଭାପତି ସୀତାକାନ୍ତ ମିଶ୍ର ଓ ସମ୍ମାନିତ ଅତିଥିଭାବେ ଯୁବ ସମାଜସେବୀ ବାସୁଦେବ ସାହୁ, ଚିଲିକା ବ୍ଲକ ଓଷ୍ଟା ସମ୍ପାଦକ କୁନା ମହନ୍ତ, ବେଗୁନିଆ ବ୍ଲକ ଓଷ୍ଟା ସହସମ୍ପାଦକ ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଉତ୍ସବର ପ୍ରାରମ୍ଭରେ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଦେଶାତ୍ମକ ସଂଗୀତ ପରିବେଷଣ କରିଥିଲେ। ହରିରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ତଥା ସାମ୍ବାଦିକ ନିରଞ୍ଜନ ନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରି ପବିତ୍ର ଉତ୍କଳ ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ପବିତ୍ର ଦିବସରେ ସଂପୁରଗ୍ରାମର ବହୁ ଜନ ସାଧାରଣ, ଛାତ୍ରଛାତ୍ରୀ, ସମାଜ ସେବୀ, ଯୁବ ଗୋଷ୍ଠି ଓ ବହୁ ସାମ୍ବାଦିକମାନେ ଯୋଗ ଦେଇ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ବହୁ କୃତୀ ଛାତ୍ରଛାତ୍ରୀମାନଙ୍କୁ ପାଞ୍ଚଗଡ଼ ସୃଜନ ଶୀଳ ସମିତି ତରଫରୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ଟ୍ରଫି ଓ ପ୍ରମାଣ ପ୍ରଦାନ କରିଥିଲେ। ରାଜ୍ୟର ଓଡ଼ିଆ ଭାଷା, ସାହିତ୍ୟ, ଲୋକକଳା, ସଂସ୍କୃତି ଓ ରାଜ୍ୟ ସୀମା ସୁରକ୍ଷା ତଥା ବିକାଶ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବଳିଦାନ ଦେଇଥିବା ମହାପୁରୁଷମାନଙ୍କ ସମ୍ପର୍କରେ ସମସ୍ତ ନିମନ୍ତ୍ରିତ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଓଡ଼ିଶାବାସୀ ଉତ୍କଳ ରାଜ୍ୟର ଏକତା, ଅଖଣ୍ଡତା, ସଂହତି, ସମନ୍ୱୟ, ସୁରକ୍ଷା ରକ୍ଷା କରିବା ପାଇଁ ଶପଥ ନେବାକୁ ସଭାପତି ପ୍ରମୋଦ କୁମାର ସ୍ୱାଇଁ ଅନୁରୋଧ କରିଥିଲେ। ରାଜ୍ୟ ତଥା ଭାରତ ବର୍ଷର ସ୍ୱାଧୀନତା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମା' ମାଟି ଓ ମାତୃଭାଷାକୁ ଭଲ ପାଇ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ୨ମିନିଟି ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାଞ୍ଚଗଡ଼ ସୃଜନଶୀଳ ସମିତିର ସମ୍ପାଦକ ସମ୍ବିତ କେଦାର କର, ସହ ସମ୍ପାଦକ ସାନନ୍ଦ କୁମାର ସାହୁ, ଅବିନାଶ ମହାନ୍ତି, ଶାନ୍ତନୁ ଛୋଟରାୟ, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଚିକୁ ମହାନ୍ତି, ପ୍ରଧାନ ଶିକ୍ଷକ ଶେଖ ଉମର ଫାରୁକ, ଧନେଶ୍ୱର ସ୍ୱାଇଁ, ଚନ୍ଦନ, ଅମର ଓ ଲିଟନ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ସମାଜ ସେବୀ ହରପ୍ରସାଦ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୁକ୍ତ ପାଖରେ ପହଞ୍ଚି ପାରୁନି ପୁଲିସ

- ରହସ୍ୟ ଘେରରେ ରହିଯାଉଛି ଅନେକ ମାମଲା
- ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧ କରୁଛନ୍ତି ଅପରାଧୀ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଉପାନ୍ତ ଅଞ୍ଚଳ ଭିନ୍ନ କଥା। ଖୋଦ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଆଇନି ଶୃଙ୍ଖଳା ପରିସ୍ଥିତି ଅଣାୟତ ହେବାରେ ଲାଗିଛି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଆତଙ୍କ ଖେଳାଇ ଚାଲିଥିଲେ ମଧ୍ୟ ପୁଲିସ ସେହି ଅନୁପାତରେ ଅପରାଧ ମୁକାବିଲା କରିବାରେ ସମର୍ଥ ହେଉନାହିଁ। ଚୋରି, ଡକାୟତି, ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କୌଣସି ଅପରାଧିକ ମାମଲାରେ ପୁଲିସ ଟେର ମଧ୍ୟ ପାଉନାହିଁ। ଗତ ୫ମାସ ମଧ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଏକାଧିକ ଚୋରି ହୋଇଥିବା ବେଳେ କେବଳ ଥାନାରେ ମାମଲା ରୁଜୁ ବ୍ୟତୀତ କୌଣସି ଅପରାଧିକୁ ପୁଲିସ ଧରି ନାହିଁ। ପୁଣି ଅନେକ ମାମଲା ରହସ୍ୟମୟ ହୋଇ ରହିଯାଉଛି ଓ ପୁଲିସ ଶେଷ ଯାଏଁ ପହଞ୍ଚି ପାରୁନାହିଁ। ଅନ୍ୟପଟେ ଅସ୍ତରଙ୍ଗରେ ନୂତନ ଥାନା ଗୃହ ହୋଇଥିଲେ ମଧ୍ୟ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ ହୋଇ ନ ପାରିବାରୁ ତଦନ୍ତରେ ବାଧକ ସାଜିଛି। ଯାହାକି ଅପରାଧ ନିୟନ୍ତ୍ରଣରେ ବାଧକ ସାଜିଛି। ଅସ୍ତରଙ୍ଗ ଝାଡ଼ଲିଙ୍ଗ ଶିବ ମନ୍ଦିର ରୁ ବିଳମ୍ବିତ ରାତ୍ରରେ ବିଭିନ୍ନ ସରଞ୍ଜାମ ଚୋରି ହୋଇଥିବା ପୁନର୍ବାର କିଛି ମାସ ପରେ କୁଅଁରପୁର ସ୍ଥିତ କନ୍ଧେଶ୍ୱର ମନ୍ଦିରରୁ ଚୋରି ହୋଇଥିଲା, ଏହା ପରେ ବିଭିନ୍ନ ଲୋକଙ୍କ ଘରୁ ଚୋରି ହେଉଛି କିନ୍ତୁ ପୁଲିସ କେବଳ ଥାନାରେ ମାମଲା ରୁଜୁ କରିଥିବା ବେଳେ ଅସ୍ତରଙ୍ଗ ପୁଲିସ ଅପରାଧିକ ଙ୍କୁ ଧରିବାରେ ବିଫଳ। ଅନ୍ୟପଟେ ଅସ୍ତରଙ୍ଗ ଥାନାରେ ଚୋରି ଅଭିଯୋଗ ଫର୍ଦ ବଢ଼ିବାରେ ଲାଗିଛି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି କିନ୍ତୁ ଅପରାଧିକ ଟେର ପାଉନି। ଅନ୍ୟପଟେ ଗତ ୫ରୁ ୬ମାସ ମଧ୍ୟରେ ହୋଇଥିବା ଚୋରି ଅଭିଯୋଗରେ ଏଯାବତ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି ପୋଲିସ। ଅନ୍ୟପଟେ ଏଭଳି ଘଟଣା ପରେ ପୁଲିସର କଡା ପାଟ୍ରୋଲିଂ ପାଇଁ ବିଭିନ୍ନ ମହଲରେ ଦାବୀ କରାଯାଇଥିଲେ ହେଁ ଏହା କରାଯାଉ ନଥିବାରୁ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଯାହାକୁ ନେଇ ବୁଦ୍ଧିଜୀବୀ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କରିଛନ୍ତି।

# ଜଳିଗଲା ସିଲିଣ୍ଡର ବୋଝେଇ ଟାଟା ଏସିଇ

କଣିହାଁ, (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ପବିତ୍ରନଗର ଠାରେ ତାଳଚେର ପାଳଲହଡା ମୂଖ୍ୟ ରାସ୍ତାରେ ଗୁରୁବାର ଅପରାହ୍ନରେ ଏକ ଗ୍ୟାସ ସିଲିଣ୍ଡର ବୋଝେଇ ଟାଟା ଏସିଇ ଗାଡି ଜଳି ଯାଇଛି। ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣଭାବେ ଜଳି ନଷ୍ଟ ହୋଇଥିବା ବେଳେ ଡାଲା ପାଖରେ ଥିବା ସିଲିଣ୍ଡର ବିଶେଷ କ୍ଷୟକ୍ଷତି ହୋଇନାହିଁ। ଖବରରୁ ଜଣାଯାଏ ଗ୍ୟାସ ସିଲିଣ୍ଡର ବୋଝେଇ ଟାଟା ଏସ୍‌ଇ ଗାଡି ତାଳଚେରରୁ ଜାମସେଦପୁର ଯାଉଥିଲା। ପବିତ୍ରନଗର ବଜାର ଠାରୁ ୨୦୦ ମିଟର ପୂର୍ବରୁ ରାସ୍ତା ଉପରେ ଗାଡ଼ିଟି କୌଣସି କାରଣରୁ ଜଳିଗଲା। ଖବର ପାଇ କଣିହାଁ ଅଗ୍ନିଶମ ବିଭାଗ ପହଞ୍ଚି ନାଆଁ ଆୟତ କରିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ସୁଜିତ ମିଶ୍ରଙ୍କ ନେତୃତ୍ୱରେ ତାଙ୍କ ଟିମ ନିଆଁ ଆୟତ୍ତ କରିଥିଲେ। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସମଲ ପୋଲିସ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ତିହିଡି ବ୍ଲକ ଅଧୀନସ୍ଥ କୁବେରା ଗ୍ରାମ ପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜୟପୁରରେ ଉତ୍କଳ ଦିବସ ସହିତ ବାର୍ଷିକ ଉତ୍ସବ ପରିଚାଳନା କମିଟି ର ସଭାପତି ଗୋବର୍ଦ୍ଧନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବାସୁଦେବପୁର ସଂକୁଳର ସଂକୁଳ ପ୍ରମୁଖ କିଶୋର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତି ପରମ୍ପରା ଆଧାରିତ ବିଦ୍ୟାଳୟ ଉପରେ ଆଲୋକପାତ କରିଥିଲେ। ସମାଜସେବୀ ତଥା ସାହିତ୍ୟିକ ଶ୍ରୀଧର ପ୍ରସାଦ ନାଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭରତ ଚରଣ ବାରିକ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିବା ବେଳେ ପରିଚାଳନା କମିଟିର ସମ୍ପାଦକ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଉପସ୍ଥିତ ରହି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ଯୁଗ୍ମ ସମ୍ପାଦକ ଶଶୀକାନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ରଶ୍ମିତା ନାୟକ ପରିଚାଳନା କରିଥିବା ବେଳେ ଗୁରୁମା ପୂର୍ଣ୍ଣମା ଖଟୁଆ, ପ୍ରତିଭା ରାଣୀ ସାହୁ, ସେବତୀ ତ୍ରିପାଠୀ, ରଶ୍ମିତା ସାହୁ, ଗୁରୁଜୀ ଦୀପ୍ତିକାନ୍ତ ଜେନା, ସେବିକା ବର୍ଷା ରାଣୀ ଖଟୁଆ ଉପସ୍ଥିତ ରହି ସହଯୋଗ କରିଥିଲେ। ସର୍ବଶେଷରେ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇଭଉଣୀମାନଙ୍କୁ ପୁରସ୍କାର ବିତରଣ କରଯାଇ ଥିଲା। ବହୁ ସଂଖ୍ୟାରେ ଅଭିଭାବକ ବନ୍ଧୁ ଉପସ୍ଥିତ ଥିଲେ। ଆଜି ପ୍ରବେଶ ଉତ୍ସବରେ ନୂତନ ଶିଶୁ ଭାଇଭଉଣୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ଦ୍ୱାରା ସାରା ରାଜ୍ୟରେ ଡାକରା ଦିଆଯାଇଥିବା ପରିପ୍ରେକ୍ଷୀରେ ସିପିଆଇ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ କେନ୍ଦ୍ରାପଡ଼ା ଟିପିସିଓଡିଏଲ ସହକାରୀ ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପାର୍ଟି ପକ୍ଷରୁ ଖରାଦିନେ ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା, ଜନ ବିରୋଧୀ ପ୍ରିପେଡ ସ୍ମାର୍ଟ ମିଟର ସଂଯୋଗ ବନ୍ଦ କରାଯିବା, ସରକାରଙ୍କ ନିର୍ବାଚନ ପ୍ରତିଶୃତି ଅନୁଯାଇ ବିଦ୍ୟୁତ ଉପଭୋକ୍ତାଙ୍କୁ ମାସରେ ୩ ଶହ ୟୁନିଟ ଫ୍ରି ବିଦ୍ୟୁତ ଯୋଗାଇ ଦିଆଯିବା, ଓଡ଼ିଆରେ ବିଲ ପ୍ରଦାନ କରାଯିବା, ଓଇଆରସି ଏବଂ ଟାଟା କମ୍ପାନୀର ଶୋଷଣ ବନ୍ଦ କରାଯିବା, ବିଦ୍ୟୁତ ଶୁଳ୍କ ହ୍ରାସ କରାଯିବା, ଘରୋଇକରଣ ବନ୍ଦ କରି ପୂର୍ବଭଳି ଓଏସଇବିକୁ କାର୍ଯ୍ୟକାରୀ କରାଯିବା, କର୍ମଚାରୀଙ୍କୁ ସରକାରୀ ଚାକିରୀର ମାନ୍ୟତା ପ୍ରଦାନ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ ପ୍ରଦାନ କରାଯିବା ପ୍ରଭୃତି ଦାବିକୁ ନେଇ ସିପିଆଇ ଜିଲ୍ଲା କମିଟି ପକ୍ଷରୁ କେନ୍ଦ୍ରାପଡା ଟିପିସିଓଡିଏଲ ସହକାରୀ ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ସାଥି ବିକାଶ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଜିଲ୍ଲା ସମ୍ପାଦକ ବରିଷ୍ଠ ଆଇନଜୀବୀ ସାଥି ରମଣୀରଞ୍ଜନ ରାଉତରାୟ, ଅଧ୍ୟାପକ ସାଥି ଅଜୟ ସାମଲ, ବିଶିଷ୍ଟ ନାରୀନେତ୍ରୀ ସଂଯୁକ୍ତା ରାଉତ, ଉପଭୋକ୍ତା ସଂଘର ରାଜ୍ୟ ନେତା ଡକ୍ଟର ରମେଶ ଚନ୍ଦ୍ର ନାୟକ, ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସଏଫ) ନେତା ପ୍ରଦ୍ୟୋସ ରଞ୍ଜନ ବେଉରା, କୃଷକସଭାର ନେତା ପ୍ରଦୀପ୍ତ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଟିପିସିଓଡିଏଲ ସହକାରୀ ସାଧାରଣ ପରିଚାଳକଙ୍କୁ ପ୍ରଦାନ କରାଯାଇଥିଲା।

# ଭଡ଼ା ଘରୁ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

କୋଇଡ଼ା, (ଭାସ୍କର ନ୍ୟୁଜ): ଓଡ଼ିଶା ଦିବସ ଅବସରରେ ସମଗ୍ର କୋଇଡା ଅଂଚଳ ସରକାରୀ, ବେସରକାରୀ, ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଶା ଦିବସ ପାଳନ କରିବା ପାଇଁ ମସଗୁଲ ଥିବାବେଳେ କୋଇଡା ଅଂଚଳରେ ଜଣେ ଯୁବକର ଆତ୍ମହତ୍ୟା ସମସ୍ତଙ୍କୁ ବ୍ୟଥିତ କରିଦେଇଥିଲା। ସୂଚନାଯୋଗ୍ୟ କୋଇଡା ବଜାର ନିକଟସ୍ଥ ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପଛପଟେ ଜନୈକ ଭଡ଼ାଘରେ ଆଇଚର କମ୍ପାନୀର ଯୁବ ମ୍ୟାନେଜର ହରକାନ୍ତ ପଣ୍ଡୀତ (୨୯) ଗତକାଲି ରାତିରେ ଘର ଭିତରେ କବାଟ ଦେଇ ଶୋଇଥିବା ବେଳେ ପାଖ ରୁମରେ ତାଙ୍କର ଅଧସ୍ତନ କର୍ମଚାରୀ ଶୋଇଥିଲେ। ସକାଳୁ ଅଧସ୍ତନ କର୍ମଚାରୀଙ୍କ ପାଖକୁ ଜନୈକ ଯୁବତୀର ସକାଳ ୭.୩୦ ଟା ୮ଟା ପାଖାପାଖି ସମୟରେ ଏକ ଫୋନକଲ୍ ଆସିଥିଲା। ଯୁବତୀଜଣକ ଫୋନରେ କହିଥିଲେ ହରକାନ୍ତ କ'ଣ କରୁଛନ୍ତି ଫୋନ ଉଠାଇ ନାହାନ୍ତି ଯାଇ ଟିକେ ଦେଖନ୍ତୁ ତ। ସଙ୍ଗେସଙ୍ଗେ ସେ ଯାଇ କବାଟ ବାଡ଼େଇ ଡାକିଥିଲେ ସୁଦ୍ଧା ହରକାନ୍ତର କୌଣସି ଉତ୍ତର ମିଳି ନଥିଲା। କବାଟ ଫାଙ୍କରେ ଦେଖନ୍ତି ତ ହରକାନ୍ତ ଘର ଭିତରେ ଶାଢ଼ୀ ଲଗାଇ ଝୁଲି ପଡିଛନ୍ତି। ସେ ସଙ୍ଗେସଙ୍ଗେ ପାଖ ଲୋକ ଏବଂ କୋଇଡା ଥାନାକୁ ଖବର ଦେଇଥିଲେ। ଖବର ପାଇ କୋଇଡା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ଯୁବକକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ। ପୋଲିସ ପାରିପାର୍ଶ୍ୱିକ ପରିବେଶ ଓ ଘଟଣାବଳୀକୁ ନେଇ ଛାନଭିନ ଆରମ୍ଭ କରିଦେଇଛି। ତେଣୁ ଅସଫଳ ପ୍ରେମ ଜନିତ ଘଟଣାକୁ ନେଇ ଯୁବକ ଜଣକ ଆତ୍ମହତ୍ୟା କରିଥାଇପାରେ ବୋଲି ସନ୍ଦେହ ଉପୁଜୁଛି। ପୋଷ୍ଟମର୍ଟମ ରିପୋର୍ଟ ଓ ମୃତକର ଫୋନକଲ୍‌କୁ ନେଇ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଆଗେଇ ନେବ। ସାଧାରଣରେ ଆଲୋଚନା ହେଉଛି କିଏ ସେ ଯୁବତୀ ହରକାନ୍ତକୁ କ'ଣ କହିଲା ଯାହାଫଳରେ ହରକାନ୍ତ ପାଖରେ ଆତ୍ମହତ୍ୟା ଛଡ଼ା ଅନ୍ୟ ବିକଳ୍ପ ରାସ୍ତା ନଥିଲା। ଯାହାକୁ ନେଇ କୋଇଡା ଅଂଚଳରେ ଚର୍ଚ୍ଚା ଚାଲିଛି।



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସାଧୁ ଗୋଷ୍ଠୀ ଆଶ୍ରମ ଠାରେ ଶ୍ରୀରାମ ନବମୀ ଅବସରରେ ପାଞ୍ଚ ଦିନ ବ୍ୟାପି ଶ୍ରୀରାମ ଚରିତ ପୁରାଣ ବର୍ଣ୍ଣିତ ଶାସ୍ତ୍ର ପଠନ ଶୁଭାରମ୍ଭ ବୁଧବାର ଠାରୁ ଜାରି ରହିଅଛି। ସମାଜରେ ପରମ୍ପରା ଅନୁସାରେ ପବିତ୍ର ଶ୍ରୀରାମ ନବମୀ ଅନ୍ୟତମ ପର୍ବ ଭାବେ ପରିଚିତ ରହିଛି। ଏହି ପର୍ବ ଆସନ୍ତା ଏପ୍ରିଲ୍ ମାସ ୬ ତାରିଖ ରବିବାର ଦିନ ପୁରପଲ୍ଲୀରେ ଆଡ଼ମ୍ବର ସହକାରେ ପାଳନ କରିବା ଦେଖିବାକୁ ମିଳିଥାଏ। ଏହି ଅବସରରେ ସାଧୁ ଗୋଷ୍ଠୀ ପରିସର ମଧ୍ୟରେ ରହିଥିବା ହୋମ ଯଜ୍ଞ ସ୍ଥାନରେ ଶ୍ରୀରାମଙ୍କ ଫଟୋଚିତ୍ରରେ ଶ୍ରୀରାମ ଚରିତ ପୁରାଣ ବର୍ଣ୍ଣିତ ପାଠ୍ୟ ପୁସ୍ତକକୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ପଠନ ଆରମ୍ଭ କରାଯାଇଥିଲା। ଦୁର୍ଗାଚରଣ କର ଯଥାବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିବା ବେଳେ ସର୍ବେଶ୍ୱର ଦଳବେହେରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜାର୍ଚ୍ଚନା ସମୟରେ ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ ଓ କମିଟିର ସମସ୍ତ ସଦସ୍ୟ, ଭାଗବତ ପ୍ରେମୀ ଶ୍ରୋତାମାନେ କୃପାଭିକ୍ଷା କରି ପାଞ୍ଚଦିନ ବ୍ୟାପି ସହଯୋଗ ଜାରି ରଖିଛନ୍ତି।

# କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ପାନୀୟ ଜଳପ୍ରକଳ୍ପ କାମରେ ଆସୁନି



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗର ଦାୟିତ୍ୱହୀନତା ସର୍ବୋପରି କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ କାମରେ ଆସୁ ନଥିବାର ଅଭିଯୋଗ ହୋଇଛି। ଟୋପାଏ ପାନୀୟ ଜଳ ନପାଇ ଲୋକେ ଚରମ ହଟହଟାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବା ନିମନ୍ତେ ସାଧାରଣରେ ଦୃଢ଼ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମା ଠାରୁ ମାତ୍ର ୧କିମି ଦୂରରେ ବୁହାଳୋ ଗ୍ରାମପଂଚାୟତ ଜମରା ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ୧ହଜାରରୁ ଉର୍ଦ୍ଧ୍ୱ ଲୋକେ ବାସ କରନ୍ତି। ଦୀର୍ଘଦିନ ହେଲା ପାନୀୟଜଳର କୌଣସି ସୁବନ୍ଦୋବସ୍ତ କରାଯାଇନଥିଲା। ଫଳରେ ଲୋକେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ କୂଅ ପୋଖରୀ ଉପରେ ନିର୍ଭର କରିଆସୁଥିଲେ। ତେବେ ବିଗତ ବିଜେଡି ସରକାର ଲୋକଙ୍କ ସମସ୍ୟାକୁ ଆଖି ଆଗରେ ରଖି ଏହି ଗ୍ରାମରେ ଗୋଟିଏ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରାୟ ୧କୋଟି ୮ଲକ୍ଷ ୨୦ହଜାର ଟଙ୍କା ଅର୍ଥ ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାତ୍ର ଠିକାଦାର ଅଟକଳ ଅନୁଯାଇ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରି ନଥିବାର ଅଭିଯୋଗ ହୋଇଛି। ପ୍ରକଳ୍ପ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏପରିକି ସ୍ଥାନୀୟ ଅଂଚଳରେ ବିଛାଯାଇଥିବା ପାଇପ ଗୁଡିକ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ଫାଟିବାକୁ ଆରମ୍ଭ କଲାଣି। ସେହିପରି ଭାବେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ପାଇପ ଷ୍ଟାଣ୍ଡଗୁଡିକ ମଧ୍ୟ ଭାଙ୍ଗିରୁଜି ଗଲାଣି। ଏହି ପାଇପ ଷ୍ଟାଣ୍ଡଗୁଡିକ ମଧ୍ୟ ନିମ୍ନମାନର କରାଯାଇଥିବାର ଅଭିଯୋଗ ହୋଇଛି। ତେବେ ଠିକାଦାର ମନମୁଖି ଭାବେ କାର୍ଯ୍ୟ କରିଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏହାର ତଦାରଖ କରିନଥିବାର ଅଭିଯୋଗ ହୋଇଛି। ତେବେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେଲା ଶେଷ ହୋଇ ସାରିଲାଣି। ମାତ୍ର ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ଭିତରେ ତାଳମେଳ ନରହିବା କାରଣରୁ ଏହି ପ୍ରକଳ୍ପ ଉଦଘାଟିତ ହୋଇପାରୁ ନଥିବାର ଅଭିଯୋଗ ହୋଇଛି। ତେବେ ଗତ କିଛିଦିନ ହେଲା ସ୍ଥାନୀୟ ଅଂଚଳରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧିପାଇଛି। ସ୍ଥାନୀୟ ଅଂଚଳରେ ଥିବା ଗଡିଆ ପୋଖରୀ ଶୁଖି ଯିବାକୁ ବସିଲାଣି। ସରକାରଙ୍କ ତରଫରୁ ସ୍ଥାପନ କରାଯାଇଥିବା ନଳକୂପଗୁଡିକର ଜଳସ୍ତର ନିମ୍ନଗାମୀ ହୋଇପଡିଛି। ଗ୍ରାମରେ ଥିବା ଅଚଳ ନଳକୂପଗୁଡିକୁ ମରାମତି କରାଯିବା ଦିଗରେ ବିଭାଗୀୟ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉନାହିଁ। ଫଳରେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ସ୍ଥାନୀୟ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ଏପରିକି ସ୍ଥାନୀୟ ଅଂଚଳର ଗାଈଗୋରୁ, ଛେଳିମେଣ୍ଢା ସର୍ବୋପରି ପଶୁପକ୍ଷୀମାନେ ମଧ୍ୟ ଟୋପାଏ ପାଣି ପାଇବା ନିମନ୍ତେ ଡହଳବିକଳ ହେଉଛନ୍ତି। ଏପରି ସ୍ଥଳେ ବିଭାଗୀୟ ଅଧିକାରୀ ଚୁପହୋଇ ବସିଛନ୍ତି। ଜଳ ସମସ୍ୟା ସମାଧାନ କରାଯିବା ଦିଗରେ କୌଣସି ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଫଳରେ ସାଧାରଣରେ ପୁଞ୍ଜିଭୂତ ଅସନ୍ତୋଷ ଆଗାମୀ ଦିନରେ ଗଣ ଆନ୍ଦୋଳନର ରୂପନେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# 'ମୋ ପୋଷାକ ମୋ ପରିଚୟ' ପାଳିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଏପ୍ରିଲ ୧ ଓଡ଼ିଶା ଦିବସରୁ ଏପ୍ରିଲ ୧୪ ଓଡ଼ିଆ ନବବର୍ଷ ଯାଏଁ ପ୍ରଥମଥର କରି ପାଳନ ହେଉଥିବା 'ଓଡ଼ିଆ ପକ୍ଷ, ୨୦୨୫'ର ତୃତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ ଦିବସ "ମୋ ପୋଷାକ ମୋ ପରିଚୟ" ରୂପେ ପାଳନ ହୋଇଛି। ଏହି ଅବସରରେ ଆମ ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ସ୍ୱଦେଶୀ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ନିମନ୍ତେ କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ବିଭିନ୍ନ ପାରମ୍ପରିକ ପୋଷାକ ପରିଧାନ କରି ନିଜନିଜର କର୍ମକ୍ଷେତ୍ରକୁ ଆସିବା ସହ ନିଜ ମୋବାଇଲରେ ସେଲ୍ଫି ନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ ଏବଂ ହସ୍ତତନ୍ତ ପୋଷାକ ପରିଧାନକୁ ଅଭ୍ୟାସରେ ପରିଣତ କରି ବୁଣାକାର ଏବଂ ଗ୍ରାମ୍ୟ ଅର୍ଥନୀତିକୁ ଆହୁରି ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବାପାଇଁ ସଚେତନତା ଅଭିଯାନରେ ନିଜକୁ ସାମିଲ କରିଛନ୍ତି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ଅଭିଳାଷ ପୁରୋହିତ, ଶ୍ୱେତାଲିନା ସାହୁ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା,ସରୋଜ ମଲ୍ଲିକ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରି ସମବେତ ହୋଇ ଫୋଟୋ ଉଠାଇଥିଲେ। ସେହିପରି ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ଅଫିସ କାର୍ଯ୍ୟ କରିବା ସହ ଏହି ଅଭିଯାନରେ ସାମିଲ ହୋଇଛନ୍ତି।

# ୩୦୮ଟି କଇଁଛ ଜବତ, ୨ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକର ବିଭିନ୍ନ ସ୍ଥାନରେ କଇଁଛ ଚାଲାଣ କରାଯାଉଥିବା ନେଇ ଆନ୍ତର୍ରାଜ୍ୟ ରେକେଟ ଜଡିତ ଥିବା ନେଇ ଗତ ଦିନରେ ଗଣମାଧ୍ୟମରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଏଥିଲାଗି ଗତ କିଛିଦିନ ଧରି ବନବିଭାଗ ପକ୍ଷରୁ ଗୁପ୍ତ ସୂଚନା ସଂଗ୍ରହ ସହ ଏକାଧିକ ସ୍ଥାନରେ ଚଡାଉ ଜାରି ରହିଥିଲା। ଗତ କାଲି ବିଳମ୍ବିତ ରାତିରୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମୋଟୁ ତଥା ଏମ ଭି ୭୯ ରେଞ୍ଜର ରଶ୍ମିରଂଜନ ସ୍ୱାଇଁଙ୍କ ନେତୃତ୍ୱରେ ଫରେଷ୍ଟର ମୂରାଲୀଧର ଅନୁଗୁଳିଆ, ସମସ୍ତ ମୋଟୁ ବନବିଭାଗର କର୍ମଚାରୀ ପ୍ରମୁଖ ମୋଟୁ ଠାରେ କଇଁଚ ଚାଲାଣ ହେଉଥିବା ଗାଡିକୁ ଜବତ କରିବାକୁ ପ୍ରହରୀ ଦେଇଥିଲେ। ସୂଚନା ମୁତାବକ ଗତକାଲି ରାତି ତଥା ଆଜି ଭୋର ୪ଟା ବେଳେ ଏକ ଅଶୋକ ଲାଇଲଣ୍ଡ ଦୋଷତ (ପିକ୍-ଅପ୍)ଗାଡି ଏବଂ ୨ଟି ମୋଟର ସାଇକଲ ପୋଡ଼ଶୀ ରାଜ୍ୟରୁ ଆସୁଥିବା ଦେଖି ସନ୍ଦେହରେ ଯାଞ୍ଚ କରିବାରୁ କଇଁଛ ଥିବା ଜାଣିପାରିଲେ। ଏମ୍ ଭି ୭୯ ସ୍ଥିତ ବନବିଭାଗ କାର୍ଯ୍ୟାଳୟକୁ ନିଆଯାଇ ଦୁଇଟି ମୋଟର ସାଇକଲ, ୨ ଜଣ ଲୋକ ଓ ୩୦୮ଟି କଇଁଛ ସହ ପିକପ ଭ୍ୟାନ ଜବତ କରାଯାଇଥିଲା। ଏ ନେଇ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁରଜ ମଲ୍ଲିକ (୨୭), ଶକ୍ତିପଦ ଗାଇନ ୨ ଜଣ ଚାଲାଣକାରିଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୁହାଯାଇଛି। ଏହି କଇଁଚ ଆନ୍ଧ୍ରପ୍ରଦେଶର କାକିନାଡା ଅଞ୍ଚଳରୁ ଆଣି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରାଯାଉଥିବା ଜଣାପଡ଼ିଛି। ଦୀର୍ଘଦିନ ଧରି ପ୍ରଶାସନକୁ ଚକମା ଦେଇ ଏହି ବେପାର ଚାଲିଥିବା ବନ ବିଭାଗର ଏଭଳି ଚଡାଉ ଯୋଗୁଁ କଇଁଛ ବେପାରୀଙ୍କ ମଧ୍ୟରେ ଆତଙ୍କ ଖେଳଯାଇଥିବା ଜଣାପଡିଛି।

# ଆର୍ଯ୍ୟବର୍ତ୍ତ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚରମ୍ପା ସ୍ଥିତ ଆର୍ଯ୍ୟବର୍ତ୍ତ ବିଦ୍ୟା ନିକେତନର ୨୦ତମ ବାର୍ଷିକ ଉତ୍ସବ ଅଧକ୍ଷା ଶୋଭନା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ତ୍ୟାଗଭୂମିର ପ୍ରତିଷ୍ଠାତା ସଭାପତି ଅଜୟ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ପରାମର୍ଶଦାତା ରୋହିତ ଦାସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ସାମ୍ପ୍ରତିକ ସମୟରେ ପିତାମାତାଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ସୂତ୍ରଧର ଏବଂ ସିଆରସିସି ସନ୍ତୋଷ କୁମାର ସେଠୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ନୂଆ ଶିକ୍ଷା ନୀତି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଏନ୍ଏମ୍ଏ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଡ. ବିଶ୍ୱରଂଜନ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପାଠକୁ ପଢ଼ିବା ସହିତ ଆୟତ କରିବା ହିଁ ବିଦ୍ୟାର୍ଥୀ ଜୀବନର ସାର୍ଥକତା ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟା ନିକେତନର ପ୍ରାକ୍ତନ ଅଧକ୍ଷ ସୁଭାଷ ଚନ୍ଦ୍ର ବେହେରାଙ୍କୁ ମାନପତ୍ର ଓ ଅଂଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ଅଭୟ କୁମାର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ବରିଷ୍ଠ ଶିକ୍ଷକ ଅଜୟ ମହାନ୍ତି ସଭା ପରିଚାଳନା କରିଥିଲେ। ବିଦ୍ୟାନିକେତନର ଶିକ୍ଷୟିତ୍ରି ମିତା କବି, ସିପ୍ରା ପଟ୍ଟନାୟକ, ରାଜଶ୍ରୀ ମହାପାତ୍ର, ଶାଶ୍ୱତୀ ଦାସ, ପଲ୍ଲବୀ ଦାଶ, ଶୁଭଲକ୍ଷ୍ମୀ ନାୟକ ଓ ଅଜୟ ବେହେରାଙ୍କ ପରିଚାଳନା ଏବଂ ପୁରାତନ ଛାତ୍ର ଛାତ୍ରୀମାନଙ୍କ ତତ୍ତ୍ୱାବଧାନ ଓ ଉପସ୍ଥାପନାରେ ବିଦ୍ୟା ନିକେତନର ପିଲାମାନେ ନୃତ୍ୟ, ସଂଗୀତ ଓ ଅଭିନୟ ଆଦି କଳା ପ୍ରଦର୍ଶନରେ ସମବେତ ଜନତାଙ୍କୁ ମୁଗ୍ଧ କରିଥିଲେ। ଶେଷରେ କୃତି କଳାକାର ମାନଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରା ଯାଇଥିଲା।

# ବନ୍ଧକ, ସୁନା ଫେରସ୍ତ ନଦେବା ଅଭିଯୋଗରେ ମାମଲା ରୁଜୁ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିଶୋଳ ଶାସନ ଗ୍ରାମର ସରୋଜ ସେନାପତିଙ୍କ ପତ୍ନୀ କଳ୍ପନା ସେନାପତି ବନ୍ଧକ ସୁନାଗହଣା ଫେରାଉ ନଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ୨୦୧୭ ମସିହାରେ କୁଲଣା ଭୁଆଲସାହି ଗ୍ରାମର ହରିଶ୍ଚନ୍ଦ୍ର ସାହୁଙ୍କୁ ୪୪ ଗ୍ରାମର ସୁନାଗହଣା ବନ୍ଧକ ଦେଇ ୪୦ହଜାର ଟଙ୍କା ଘରୋଇ ଋଣ ସରୋଜ ସୋନପତି ଆଣିଥିଲେ। ଏହା ପରେ ନିୟମିତ ଭାବେ ସୁଧ ଓ ମୂଳ ପରିଶୋଧ କରୁଥିଲେ। ମାତ୍ର ୩ ବର୍ଷ ପୂର୍ବରୁ ସୁଧମୂଳ ପରିଶୋଧ କରିପାରିନଥିଲେ। ଅଭିଯୋଗର ୧୫ ଦିନ ପୂର୍ବରୁ ଅବଶିଷ୍ଟ ମୂଳ ଓ ସୁଧ ପାଇଁ ୪୦ ହଜାର ଟଙ୍କା ସହ ହରିଶ୍ଚନ୍ଦ୍ରଙ୍କ ଘରକୁ ଯାଇଥିଲେ। ହରିଶ୍ଚନ୍ଦ୍ର ପରିବାର ପକ୍ଷରୁ ଏଥିପାଇଁ ୨ ଲକ୍ଷ ଟଙ୍କା ଦାବି କରାଯାଇଥିଲା। ଏଥିରେ ଅସମର୍ଥ ହେବାରୁ କଳ୍ପନାଙ୍କୁ ପରିବାର ଲୋକେ ଗାଳିଗୁଲଜ କରି ଫେରାଇ ଦେଇଥିଲେ ବୋଲି କଳ୍ପନା ଗତ ଫେବୃୟାରୀ ୨୦ତାରିଖରେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୧୨୯/୨୫ନଂ ମାମଲା ରହିଶ୍ଚନ୍ଦ୍ର ସାହୁ, ପୁତ୍ର ନିରଞ୍ଜନ ସାହୁ ଓ ବେଙ୍ଗ ସାହୁଙ୍କ ନାମରେ ମାମଲା ମାର୍ଚ୍ଚ ୧୯ ତାରିଖରେ ରଜୁ ହୋଇଥିଲା। ମାମଲା ରଜୁ ପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଅନ୍ୟପକ୍ଷରେ ଗତ ବୁଧବାର ସକାଳ ୯.୨୦ମି. ସମୟରେ ନିରଞ୍ଜନ ସାହୁ ପନଖା ହନୁମାନ ଛକ ନିକଟରେ ବାଇକରେ ଯାଉଥିବା ବେଳେ ନର ସେନାପତି ଓ କାଳିଆ ସେନାପତି ନିରଞ୍ଜନକୁ ଆକ୍ରମଣ କରି ସୁନା ଓ ବାଇକ ଛଡାଇ ନେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୧୬୧/୨୫ନଂ ମାମଲା ରଜୁ ହୋଇ ନର ସେନାପତିଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଜଣାଯାଇଛି।

# କର୍କଟ ପିଡ଼ିତଙ୍କୁ ସହାୟତା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ କର୍କଟ ପିଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟି



ଭୁବନମୋହନ ଦାସ କେନ୍ଦ୍ରାପଡା ଜିଲ୍ଲାର ଠାଉରୀ ଗ୍ରାମର ଦିନବନ୍ଧୁ ସାହୁଙ୍କ ଘରେ ପହଞ୍ଚି ତାଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆର୍ଥିକ ସହାୟତା ପ୍ରଦାନ ସମୟରେ ସ୍ୱୟଂଭୂବ ଦାସ ଓ ଶରତ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

# ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାଟରାଚକଡ଼ା ପଂଚାୟତ ଅନ୍ତର୍ଗତ କିରଣକୁଞ୍ଜ ସ୍ଥିତ ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ ଗତକାଲି ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଇଂ ଭକ୍ତକବି ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ବିଷ୍ଣୁ ଚରଣ ବାରିକ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ପଲିଟେକ୍ନିକ୍ ଅଧକ୍ଷ ଡ. ଗୁଣନିଧି ପ୍ରଧାନ, ସମ୍ମାନିତ ଅତିଥିଭାବେ ଡେରାବିଶ କଲେଜ ଅଧକ୍ଷ ଚନ୍ଦ୍ର ଶେଖର ନାୟକ ଯୋଗଦେଇ ସ୍ୱର୍ଗତ ଇଂ ବାନାମ୍ବର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପାଠାଗାର ସ୍ଥାନୀୟ ଅଂଚଳରେ ଶିକ୍ଷାର ବିକାଶ ଘଟାଇବା ସହିତ, ଗବେଷଣାରତ ଛାତ୍ରଛାତ୍ରୀଙ୍କ ପାଇଁ ଗବେଷଣା କାର୍ଯ୍ୟରେ ବିଶେଷ ସହାୟକ ହୋଇଛି ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଭାକର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠାଗାରର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ହଳଧର ଦାଶ, ପ୍ରାଧ୍ୟାପକ ବୃନ୍ଦାବନ ଦାସ, ବିଶ୍ୱଜିତ ସାହୁ, ଶିକ୍ଷାବିତ୍ ଗୋଲଖ ଚନ୍ଦ୍ର ମହାଭୋଇ, ଚିତରରଞ୍ଜନ ଦାସ, ଦିପକ ଓଝା, ନିରଞ୍ଜନ କର, ପୂର୍ଣ୍ଣାନନ୍ଦ ବେହେରା ଓ ଅନନ୍ତ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ।

# ନିଆଳି ଟାଉନ୍ କ୍ଲବ୍ ପକ୍ଷରୁ ଇଦ୍ ମିଳନ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଟାଉନ୍ କ୍ଲବ୍ ତରଫରୁ ଗତ ବୁଧବାର ଦିନ ସଂଧ୍ୟା ସମୟରେ ନିଆଳି ସ୍ଥିତ ସାହୁ ପ୍ୟାଲେସରେ ଇଦ ମିଳନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟାଉନକ୍ଲବର ସଭାପତି ତଥା ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନଟବର ଷଡଙ୍ଗୀ, ଡ. ଅଧୀରାଜ ପରିଡା, ଡ. ତ୍ରିନାଥ ପଟନାୟକ, ଜିଲାପରିଷଦ ଦେବାଶିଷ ଷଡ଼ଙ୍ଗୀ, ନିଆଳିର ପୂର୍ବତନ ତହସିଲଦାର ଏସଏନ ମହମ୍ମଦ, ଏସକେ ମାୟା ଉଦିନ, ଏସ ଯାକୁବ ଖାନ, ଏସକେ ଇଉଉଦିନ ଅତିଥିଭାବେ ଯୋଗ ଦେଇଥିଲେ। ଶତାଧିକ ମୁସଲମାନ ଭାଇଭଉଣୀମାନେ ଇଦ ପର୍ବ ଉପଲକ୍ଷେ ଏହି ମିଳନରେ ଯୋଗ ଦେଇଥିଲେ। ଟାଉନ କ୍ଲବ୍ ପକ୍ଷରୁ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁସଲମାନ ଭାଇମାନଙ୍କ ପକ୍ଷରୁ ଟାଉନକ୍ଲବ୍‌କୁ ଓଡ଼ିଆରେ ଲିଖିତ କୋରାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଲୋକ ଯୋଗଦେଇଥିବା ବେଳେ ଟାଉନକ୍ଲବ୍‌ର ଏଭଳି ପଦକ୍ଷେପକୁ ନିଆଳି ବାସି ପ୍ରଶଂସା କରିଛନ୍ତି। ଶେଷରେ ଟାଉନକ୍ଲବ୍‌ର ଉପସଭାପତି ସୁକାନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




# ସାମ୍ବାଦିକଙ୍କ ପିତୃ ବିୟୋଗ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକ ଆର୍ଯ୍ୟ ବିଶ୍ୱାଳଙ୍କ ପିତା ଋଷିକେଶ ବିଶ୍ୱାଳଙ୍କ ୭୨ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିବା ବେଳେ ଗୁରୁବାର ଦିନ ଏକ ଘରୋଇ ହସ୍ପିଟାଲ ସନ୍ଧ୍ୟା ୬ଘଟିକାରେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ଋଷିକେଶ ବିଶ୍ୱାଳ ସମଗ୍ର ଅଂଚଳରେ ଜଣେ ଅମାୟିକ, ନିଷ୍ଠାବାନ, ସରଳ, ନିଷ୍କପଟ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ବେଶ ସୁନାମ ଅର୍ଜନ କରିଥିଲେ। ଉକୁଳେଇ ସ୍ଥିତ ସ୍ମଶାନରେ ବଡ଼ପୁତ୍ର ଅନ୍ତର୍ଯ୍ୟାମୀ ବିଶ୍ୱାଳ ମୁଖାଗ୍ନି ଦେଇଥିବା ବେଳେ ନିକଟରେ ସାନପୁଅ ଆର୍ଯ୍ୟ ବିଶ୍ୱାଳ, ବଡ଼ବୋହୂ, ନାତି, ନାତୁଣୀ, ଝିଅ ଶେଷକୃତ୍ୟ ଦର୍ଶନ କରିଥିଲେ।

# ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା




କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ପ୍ରେସ କ୍ଲବ୍ କଣ୍ଟାବାଞ୍ଜି ଅଫିସ ପରିସରରେ ନବ ନିର୍ବାଚିତ ଓକିଲ ସଂଘ କଣ୍ଟାବାଞ୍ଜିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରେସ କ୍ଲବ୍ କଣ୍ଟାବାଞ୍ଜି ସଭାପତି ପ୍ରଭଜିତ୍ ସିଂହ ସାଲୁଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପରାମର୍ଶଦାତା ଆଶିଷ ଖେତାନ ସଭା ପରିଚାଳନା କରିଥିବା ବେଳେ, ନୂତନ ଭାବେ ଓକିଲ ସଂଘ କଣ୍ଟାବାଞ୍ଜିର ନିର୍ବାଚିତ ସଭାପତି ପ୍ରଫୁଲ୍ଲ କୁମାର ନାୟକ, ସମ୍ପାଦକ ମନୋଜ କୁମାର ଦାସ, ଉପସଭାପତି ଅଭିମନ୍ୟୁ ନାଗ, କୋଷାଧ୍ୟକ୍ଷ ବିଜୟ କୁମାର ଶର୍ମା, ଯୁଗ୍ମ ସମ୍ପାଦକ ବିବେକ ଶର୍ମାଙ୍କୁ ଫୁଲତୋଡା ଓ ଉପଢ୍ଣୌକନ ଦେଇ ସମ୍ବର୍ଦ୍ଧିତ କରାଗଲା। ଓକିଲ ସଂଘ ସଭାପତି ପ୍ରଫୁଲ୍ଲ ନାୟକ ଏହି ଆୟୋଜନ ପାଇଁ ପ୍ରେସ କ୍ଲବ୍‌କୁ ଧନ୍ୟବାଦ୍ ଜଣାଇବା ସହ ଆଗାମୀ ଦିନରେ ଓକିଲ ସଂଘ ଓ ପ୍ରେସ କ୍ଲବ୍ ମିଶି ସମାଜ ଓ ସହରର ଉନ୍ନତି ପାଇଁ କାର୍ଯ୍ୟ କରିବା ପାଇଁ ନିବେଦନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ପ୍ରେସ କ୍ଲବ୍‌ର ଅମିତ୍ ଶର୍ମା, ଶୈଲୁ ଜୈନ, କମଳ ଅଗ୍ରୱାଲ, ସହ ଅଲେଖ ବେହେରା, ରୁପେଶ ସାହୁ, ମନୋଜ ବୁଡେକ ସହ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ତିହିଡ଼ି ବ୍ଲକରେ 'ଆମ ପୋଷାକ ଆମ ପରିଚୟ' ପାଳିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆମ ପୋଷାକ ଆମ ପରିଚୟ ଦିବସ ଗୁରୁବାର ପାଳିତ ହୋଇ ଯାଇଛି। ଏହି ଅବସରରେ ବ୍ଲକର ବିଡିଓଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ହସ୍ତତନ୍ତ ପୋଷାକ ପରିଧାନ କରି ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିବା ପାଇଁ ବାର୍ତ୍ତା ଦେଇଥିଲେ। ବିଡିଓ ନିରଂଜନ ବାରିକଙ୍କ ସମେତ ଏବିଡିଓ ମାନସ କୁମାର ଜେନା, ସେକ୍ସନ ଅଫିସର ରୁନା ସୁନା, ଜୀବିକାମିଶନ ବିପିଏମ ରଶ୍ମିତା ନାୟକ, ହିସାବ ନିରୀକ୍ଷକ ଦାଶରଥି ସାମଲ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟସୁଚରିତା ମହାନ୍ତି, ଜୀବିକାମିଶନ ଏସଡିଏସ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ।

# କୋଇଡ଼ାରେ ପ୍ରବେଶ ରଥର ଶୁଭାରମ୍ଭ ଓ ସ୍କୁଲରେ 'ଖଡ଼ିଛୁଆଁ' ଆରମ୍ଭ





କୋଇଡ଼ା, (ଭାସ୍କର ନ୍ୟୁଜ୍): ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା ନେଇ ସାରା ଓଡିଶାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଏହି କାର୍ଯ୍ୟକ୍ରମରେ ୫ ବର୍ଷରୁ ତଦୁର୍ଦ୍ଧ୍ୱ ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଲାଭ କରିପାରିବେ। ଶିଶୁ ବାଟିକାର ପିଲାମାନଙ୍କୁ ଶିକ୍ଷଣୀୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇ ମନୋରଞ୍ଜନ ଧର୍ମୀ ଶିକ୍ଷା ପ୍ରଦାନ କାମ ଜରିଆରେ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୋଇଡା ବ୍ଲକ ସମ୍ମୁଖରେ ଏକ ସୁସଜ୍ଜିତ 'ପ୍ରବେଶ ରଥ' ସଚେତନତା ରଥର ଶୁଭାରମ୍ଭ ବିଡ଼ିଓ ରଶ୍ମି ରେଖା ପାତ୍ର, ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, ବ୍ଲକ ଶିକ୍ଷା ଗୋଷ୍ଠୀ ଅଧିକାରୀ ଅଭିମନ୍ୟୁ ବେହେରା, ସରପଞ୍ଚ ହୃଷିକେଶ ଦେହୁରୀ, ସିଆରସିସି ପ୍ରଶାନ୍ତ କୁମାର ପରିଡ଼ା, ଆସ୍କାର ମୁଖ୍ୟ ବପିଲି ଗୋସ୍ୱାମୀ, ଗଣମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ପ୍ରମୁଖ କୋଇଡା ବ୍ଲକର ଭଞ୍ଜପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖଡ଼ି ଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୁନି କୁନି ପିଲାମାନଙ୍କୁ ଆପଣେଇ ହାତଧରି ବିଭାଗୀୟ ଅଧିକାରୀମାନେ ଖଡ଼ି ଛୁଆଁ କରାଇଥିଲେ। ପରେ କୋଇଡା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ସମସ୍ତଙ୍କ ଉପସ୍ଥିତିରେ ସବୁଜ ପତାକା ହଲାଇ 'ପ୍ରବେଶ ରଥ'ର ଶୁଭାରମ୍ଭ କରିଥିଲେ। ଏହି ପ୍ରବେଶ ରଥ କୋଇଡା ବ୍ଲକର ସମସ୍ତ ପଞ୍ଚାୟତ ଗ୍ରାମରେ ଗାଁ'କୁ ଗାଁ' ବୁଲି ପରିକ୍ରମା କରି ସମସ୍ତଙ୍କୁ ସଚେତନତାର ବାର୍ତ୍ତା ଦେବା ସହ ସମସ୍ତ ଅଭିଭାବକ ସେମାନଙ୍କ କୁନିକୁନି ପିଲାମାନଙ୍କୁ ସରକାରୀ ସ୍କୁଲରେ ନାମ ଲେଖାଇ ସେମାନଙ୍କୁ ଖଡ଼ି ଛୁଆଁ କରାଇବା ବାର୍ତ୍ତା ଜଣାଇବ ବୋଲି ବିଡ଼ିଓ ମହାଶୟା କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ, ଅଭିଭାବିକା, କୁନିକୁନି ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ପ୍ରଶାନ୍ତ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ବ୍ୟାସ ବିଷ୍ଣୁ ସ୍ନେହାଳୟ ଭିତ୍ତିପ୍ରସ୍ତର ନିମନ୍ତେ ପ୍ରସ୍ତୁତି ବୈଠକ

ରାହାମା, (ଭାସ୍କର ନ୍ୟୁଜ୍): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ଗ୍ରାମ ପଞ୍ଚାୟତର ନାଳିଆପାଳ ଗ୍ରାମର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ଅବହେଳିତ ବୃଦ୍ଧାବୃଦ୍ଧ ଓ ମାନସିକ ବିକାରଗ୍ରସ୍ତ ଲୋକମାନଙ୍କର ଥାଇଥାନ ପାଇଁ ଏକ ସେବାଶ୍ରମ ପରିକଳ୍ପନାକୁ ସାକାର କରିବା ପାଇଁ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଗରେଇ ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷକ ଶୁକଦେବ ନାୟକ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ସ୍ଥାନୀୟ ଅଞ୍ଚଳର ଜିଲ୍ଲାପରିଷଦ ଜୋନ ୨ ରବିନାରାୟଣ ସାହୁ, ସରପଞ୍ଚ ବ୍ରଜ କିଶୋର ମହାରାଜ, ରଶ୍ମିତା ନାୟକ, ଡ ସୁନାକର ବେହେରା, ଶରତ ଚନ୍ଦ୍ର ଦାଶ, ତୁଷାର ଲେଙ୍କା, ବିନୋଦ ମୁଦୁଲି, ରଞ୍ଜନ କୁମାର ପ୍ରଧାନ, ସମାଜସେବୀ ତଥା ପଙ୍କପାଳ ସମବାୟ ସମିତି ସଭାପତି ଫକୀର ଦାସ, ନିକୁଞ୍ଜ ଚୌଧୁରୀ, ସନ୍ତୋଷ ଦାଶ, ସଂଗ୍ରାମ ମନ୍ତ୍ରୀ, ମନୋହର ସ୍ୱାଇଁ, ଶରତ ଚନ୍ଦ୍ର ଦାଶ, ରମାକାନ୍ତ ରାଉଳ, ପ୍ରସନ୍ନ କୁମାର ସେଠୀ, ପଣ୍ଡିତ ଡ ସିଦ୍ଧେଶ୍ୱର ପଣ୍ଡା, ମନୋଜ ପ୍ରଧାନ, ଡ ପବିତ୍ର କୁମାର କର, ବିପିନ ବିହାରୀ ଦାସ, ବିପିନ ମାଝୀ, ଆର୍ତ୍ତ ବନ୍ଧୁ ନାୟକ, ହେମନ୍ତ ସାହୁ ଓ ବିଜେପି ଯୁବ ମୋର୍ଚ୍ଚା ସଭାପତି ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଅସହାୟ ଅନଗ୍ରସର ମାନସିକ ବିକାର ଲୋକମାନଙ୍କର ଓ ବୃଦ୍ଧ ବୃଦ୍ଧା ମାନଙ୍କ ପାଇଁ ଆଶ୍ରୟ ଓ ଥଇଥାନ ନିମନ୍ତେ ଯୋଜନା ପ୍ରସ୍ତୁତି କରାଯାଇଥିଲା। ଯାହାର ନାମ ବ୍ୟାସ ବିଷ୍ଣୁ ସ୍ନେହାଳୟ ନାମରେ ନାମିତ କରାଯାଇଛି। ଆଗାମୀ ଦିନରେ ଏହାର ଭିତ୍ତିପ୍ରସ୍ଥର ସ୍ଥାପନ କରାଯିବକ୍ଷ ପାଇଁ ନିଷ୍ପତ୍ତି ନିଆଗଲା। ଏଠାରେ ସ୍ମରଣଯୋଗ୍ୟ ଯେଉଁ ସ୍ଥାନରେ ଉକ୍ତ ସେବାଶ୍ରମଟି ନିର୍ମାଣ କରାଯିବ ସେହି ଜାଗାକୁ ନାଳିଆପାଳ ଅଞ୍ଚଳର ବାୟେଜେଷ୍ଠ ବ୍ୟକ୍ତିବିଷ୍ଣୁ ଚରଣ ସ୍ୱାଇଁ ଉକ୍ତ ଜମିକୁ ବ୍ୟାସ ଫାଉଣ୍ଡେସନକୁ ଦାନ କରିଛନ୍ତି, ଯାହା କି ଭବିଷ୍ୟତରେ ଅସହାୟକଙ୍କ ସାହାରା ପାଲଟିବ।



### ହୀରାଖଣ୍ଡ ଏକ୍ସପ୍ରେସରେ ବେଡ଼ ରୋଲରଙ୍କ ମୃତ୍ୟୁ ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ବାପା

ଜୁନାଗଡ଼(ଭାସ୍କର ନ୍ୟୁଜ୍ ) : ଜୁନାଗଡ଼ରୁ ଭୁବନେଶ୍ୱର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରେ କାର୍ଯ୍ୟରତ ବେଡ଼ରୋଲର ଲକ୍ଷ୍ମୀକାନ୍ତଙ୍କ ମୃତ୍ୟୁକୁ ନେଇ ତାଙ୍କ ବାପା ପୁଅକୁ ସୁପରିକଳ୍ପିତ ଭାବେ ହତ୍ୟା କରିଥିବା ନେଇ ଜୁନାଗଡ଼ ଥାନାରେ ବୁଧବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିଛନ୍ତି। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗୁଡା ଗ୍ରାମର ପତିତପାବନ ଦୁର୍ଗାଙ୍କ ପୁଅ ଲକ୍ଷ୍ମୀକାନ୍ତ ଦୁର୍ଗା ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରେ ବେଡ଼ରୋଲର ଭାବେ କାର୍ଯ୍ୟ କରୁଥିଲେ। ଗତ ମାର୍ଚ୍ଚ ୨୯ ତାରିଖରେ ଭୁବନେଶ୍ୱର ଜୁନାଗଡ଼ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନର କୋଚ ନଂ ବି-୩ରେ ସେ ଥିଲେ। ଟ୍ରେନ ଭୁବନେଶ୍ୱରରୁ ଫେରୁଥିବା ସମୟରେ ବ୍ରହ୍ମପୁର ନିକଟରେ ବେଡ଼ରୋଲର ଲକ୍ଷ୍ମୀକାନ୍ତ ଦୁର୍ଗାଙ୍କୁ କୌଣସି ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ଟ୍ରେନରୁ ଫୋପାଡ଼ି ଦେଇଥିବା ଅଭିଯୋଗ କରିଛନ୍ତି। ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମୀକାନ୍ତଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ବ୍ରହ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର ତଦନ୍ତ କରି ଦୁର୍ବୃତ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଧବାର ସନ୍ଧ୍ୟାରେ ବହୁଜନ ସଂଗ୍ରାମ ସମିତିର ସହଯୋଗରେ ମୃତ ଲକ୍ଷ୍ମୀକାନ୍ତଙ୍କ ବାପା ପତିତପାବନ ଦୁର୍ଗା ଜୁନାଗଡ଼ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ । ଏହି ପ୍ରତିନିଧିଦଳରେ ବହୁଜନ ସଂଗ୍ରାମ ସମିତିର ସଭାପତି ରଞ୍ଜନ ଜାଲ, ସମ୍ପାଦକ ସୁଶାନ୍ତ ନାଏକ, ପୂର୍ଣେନ୍ଦୁ ମାଝୀ, ରତନ ଧଙ୍ଗଡାମାଝୀ, କାଉନସିଲର ହିମାଦ୍ରୀ ସିନ୍ଧୁର, ନରେନ୍ଦ୍ର କ୍ଷୀତି, ଉଗ୍ରସନ କନ୍ଦପାନ, ମିନୁ କନ୍ଦପାନ, ରାଜେଶ ଦୁର୍ଗା ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ।

## କଲ୍ୟାଣ ମଣ୍ଡପରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ନବନିର୍ମିତ କଲ୍ୟାଣମଣ୍ଡପର ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ। ଶ୍ରୀ ଦିଶାରୀ ଆଜି ଦିନିକିଆ ଲାଞ୍ଜିଗଡ ବ୍ଲକ ଗସ୍ତରେ ଆସିଥିବାବେଳେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳୀ ମାଝୀ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ, ସମିତିସଭ୍ୟ ଅଜିତ ପ୍ରଧାନୀଙ୍କ ସମେତ ସମାଜସେବୀ ହରିଶଙ୍କର ପାତ୍ର, ସମିତିସଭ୍ୟ ଜଗଦୀଶ ବେନିଆ, ମନୋହର ହରପାଲ, ସମାଜସେବୀ ତରୁଣ କୁମାର ଦାସ, କିଶୋର ହରପାଲ, ଅନନ୍ତ ପ୍ରଧାନୀ ପ୍ରମୁଖ ଯୋଗ ଦେଇଥିଲେ।

## ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରାରେ ସଫେଇ ଅଭିଯାନ



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଖଲିଗଡ଼ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାର ପର୍ଯ୍ୟଟନ ଅଞ୍ଚଳକୁ ବୁଧବାର ବିଭିନ୍ନ ସଂଗଠନ ପକ୍ଷରୁ ସଫେଇ କରାଯାଇଛି। ପର୍ଯ୍ୟଟନସ୍ଥଳୀରେ ଆସନ୍ତା ୫ ତାରିଖରୁ ଶ୍ରୀରାମ ନବମୀ ଓ ଐତିହାସିକ ଗୁଡହାଣ୍ଡି ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଲୋକଙ୍କ ସୁଅ ଛୁଟିବ। ଏହାକୁ ଦୃଷ୍ଟିରେ ରଖି ମହୋତ୍ସବ ପୂର୍ବରୁ କୁମୁଡାମୁଣ୍ଡା ମା' ମାଉଳି କ୍ଲବ ସଭାପତି ଅନିଲ ନାଏକ, କାଉଡୋଲା ୟଙ୍ଗ ଷ୍ଟାର ସଭାପତି ସୌରଭ ସରାବୁ ଓ ବଙ୍ଗୋମୁଣ୍ଡା ନେହେରୁ ଯୁବକ ସଂଘର ସଭାପତି ତୁଲସୀରାମ ପୁଝାରୀଙ୍କ ନେତୃତ୍ୱରେ ତ୍ରିଶକ୍ତି ଯୁବ ଅନୁଷ୍ଠାନ ଟେରାମ, ସିଉନୀ ଯୁବ କ୍ରିୟାନୁଷ୍ଠାନ, ବୋବାରିଆ ୟୁଥ କ୍ଲବ, ବଞ୍ଜିବାହାଲ ୟୁଥ କ୍ଲବ ସମେତ ବିଭିନ୍ନ ସଂଘର କର୍ମକର୍ତ୍ତା ମାନେ ସାମିଲ ହୋଇ ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାର ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଏଥି ସହିତ ଆଗକୁ ଯେମିତି ପର୍ଯ୍ୟଟନ ସ୍ଥଳୀରେ ଏଣେତେଣେ ଅଳିଆ ଆବର୍ଜନା ପଡ଼ି ନ ରହିବ ସେନେଇ ଲୋକଙ୍କୁ ସଚେତନ ସୃଷ୍ଟି କରିଥିଲେ। ସିଉନୀ ଯୁବ କ୍ରିୟାନୁଷ୍ଠାନ କମିଟି ସଭାପତି ଭୁବନେଶ୍ୱର ଦିଶାରୀ, ସମ୍ପାଦକ ଖଗେଶ୍ୱର ନାଏକ, ଟେମରା ତ୍ରିଶକ୍ତି ଯୁବ ଅନୁଷ୍ଠାନର ସଭାପତି ପୁରୁଷୋତ୍ତମ ଦାସ, ବୋବାରିଆ ୟୁଥ କ୍ଲବ ସଭାପତି ଅମିତ୍ ମାଝୀ, ବଞ୍ଜିବାହାଲ ୟୁଥ କ୍ଲବ ସଭାପତି କୁନା ମାଝୀ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳିତ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷା ଅତ୍ୟନ୍ତ ଆବଶ୍ୟକ ବୋଲି କହିବା ସହିତ ଜାତୀୟ ଶିକ୍ଷାନୀତିର ସଠିକ କାର୍ଯ୍ୟକାରିତା ଓ ଶିଶୁ ବାଟିକାର ନୂତନ ଉପଲବ୍ଧି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବଳଦେବ ମୁଣ୍ଡ, ଭାରତଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ କାନକୁଟ୍ଟ ସମିତି ସଭ୍ୟ ମନୋହର ହରପାଲ, ପାହାଡ଼ପଦର ସମିତିସଭ୍ୟ ଜଗଦୀଶ ବେନିଆଁ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ, ସମିତିସଭ୍ୟ ଅଜିତ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କ୍ଲଷ୍ଟର ସଂଯୋଜକ ଓ ଅଭିଭାବକମାନେ ସାମିଲ ଥିଲେ। କ୍ଲଷ୍ଟର ସଂଯୋଜକ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକର ସମସ୍ତ ସ୍କୁଲରେ ଆଜି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।





ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ରଙ୍ଗାବାହାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀଙ୍କ ସଭାପତିତ୍ୱରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ସୁଧୀରରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଥିବାବେଳେ ବିଶିଷ୍ଟ ଅତିଥି ଭାବରେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ଓ ସମ୍ମାନିତ ଅତିଥି ଭାବରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ମନୀଷା ମିଶ୍ର, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅରୂପାନନ୍ଦ ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ପ୍ରଧାନ ଶିକ୍ଷକ ବିବେକାନନ୍ଦ ସାଗର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରୀନା ପଟେଲ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି, ମାତା ପିତା, ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଶିଶୁ ବାଟିକା, ପ୍ରଥମ ଶ୍ରେଣୀର ନାମ ଲେଖାର ବୟସ ଓ ନିପୁଣ ଓଡିଶା କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ସମସ୍ତ ଅତିଥି ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ନୂଆ ଛାତ୍ର ଛାତ୍ରୀମାନଙ୍କୁ ପାରମ୍ପରିକ ରୀତିରେ ଫୁଲଚନ୍ଦନ ଦେଇ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସ୍ୱାଗତ କରିଥିଲେ ଓ ସିଲଟ ଉପରେ ତିନୋଟି ଗୋଲ ବୁଲାଇ ଖଡ଼ି ଛୁଆଁଇଥିଲେ। ଖଡ଼ି ଛୁଆଁ ସରିଲା ପରେ କିଟ ପ୍ରଦାନ କରାଯାଇଥିଲା ପରେ ଅତିଥି ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନେଇ ପିତାମାତା, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଉପସ୍ଥିତିରେ ବୈଠକ କରାଯାଇଥିଲା। ଏହି ବୈଠକରେ ଶିକ୍ଷା ସମ୍ବନ୍ଧୀୟ ସ୍ଥାନୀୟ ସମସ୍ୟା ଓ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଭା କାର୍ଯ୍ୟପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ପୂର୍ବ ପ୍ରସ୍ତୁତ ସାକ୍ଷରତା କେନ୍ଦ୍ର, ସଂଖ୍ୟା ଜ୍ଞାନ କେନ୍ଦ୍ର ଓ ସୃଜନାତ୍ମକ କେନ୍ଦ୍ର ପରିଦର୍ଶନ କରିଥିଲେ। ଧର୍ମଗଡ଼ ବିଧାୟକ ଶ୍ରୀଯୁକ୍ତ ପଟ୍ଟଯୋଶୀ ଶିକ୍ଷା ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଦୀର୍ଘ ଚାରିଦିନ ମଧ୍ୟରେ ବ୍ଲକର ପ୍ରତ୍ୟେକ ଗାଁକୁ ଯାଇ ନିପୁଣ ଓଡିଶା ତଥା ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁର ବାର୍ତ୍ତା ଦେଇ ଲୋକଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସୁଶେଷ କୁମାର ମେହେର ପରିଚାଳନା କରିଥିବାବେଳେ ସମସ୍ତ ସିଆର୍‌ସିସି, ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ପରିଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟଠାରେ ବୁଧବାର ସଭିଏଁ ସ୍କୁଲ ଯିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ପାଇଁ ସଚେତନ ରଥ ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ସା ଓ ରୋହିତ କୁମାର ରଣା, ଗୋପମଣୀ ସାହୁ, ଆଦିବାସୀ ନେତା ନନ୍ଦି କିଶୋର ଭୋଇ, ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ, ତେରେସିଙ୍ଗା ସିଆରସିସି ହେମନ୍ତ ନାଏକ, ରିଷିଡା ସିଆରସିସି ବିଶିକେସନ ସୁନା, ୱାର୍ଡ ମେମ୍ବର ଚନ୍ଦ୍ରଭାନୁ ସାହୁ, ସମାଜସେବୀ ଘିନୁ ସାହୁ ପ୍ରମୁଖ ଯୋଗଦେଇ ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥଟି ବ୍ଲକରେ ଥିବା ସମସ୍ତ ଗାଁକୁ ଯାଇ ସଚେତନ କରିବ ବୋଲି ଏବିଇଓ ରାମ ଚନ୍ଦ୍ର ସା ସୂଚନା ଦେଇଛନ୍ତି। ତା'ସହିତ ଶିଶୁବାଟିକାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ମଧ୍ୟ ଅନୁଷ୍ଠିତ ହୋଇଛି।

## ଟେମରି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଟେମରି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ପୁଟେଲଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋଲାମୁଣ୍ଡା ଏବିଇଓ ମୁଖ୍ୟ ଅତିଥି ଭାବରେ ଲିଜା ଦାସ ଓ ମୂଖ୍ୟବକ୍ତା ଭାବରେ ଟେମରି ସିଆର ସି.ସି ବିନୋଦ ପାଣିଗ୍ରାହୀ ଓ ସମ୍ମାନୀୟ ଅତିଥି ଭାବରେ କୁମୁଦ ଚନ୍ଦ୍ର ସା, ଖଗେଶ୍ୱର ନାଏକ, ଭବାନୀ ଶଙ୍କର ବାଗ, କୁମସୁତ ସୁନାନି, ମନୋଜ କୁମାର ଅଗ୍ରୱାଲ, ସୁଧୀର କୁମାର ପଣ୍ଡା, ତିଲକରମ୍ ସୁନାନି, ନିର୍ମଳ ଚନ୍ଦ୍ର ଭୋଇ, ମଙ୍ଗଳମୟ ପ୍ରଧାନ, ଗୁପ୍ତେଶ୍ୱର ବାଗ, ବିରଞ୍ଚି ପଟେଲ, ତରୁଣ କୁମାର ସୁନାରୀ, ଖୁସିରାମ୍ ନାଏକ, ସୁନାଧର ନାଏକ, ନବୀନ କୁମାର ସରାପ, ଆରତୀ ଧଙ୍ଗଡା ମାଝି, ବଡ଼ଚେରଗାଁ ସିଆର ସି.ସି ଅମିତ କୁମାର ଜାଲ ସହ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ସମସ୍ତ ଅତିଥି ବୃନ୍ଦଙ୍କୁ ଉପଢୌକନ ସହ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। ବାର୍ଷିକ ଉତ୍ସବର ଉଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଶ୍ରୀଯୁକ୍ତ ରଜନୀ କାନ୍ତ ପଟେଲ ଉପସ୍ଥାପନା କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ମନଯୋଗ ସହକାରେ ପାଠପଢ଼ି ଭଲ ମଣିଷ ହେବାପାଇଁ ଉତ୍ସାହିତ କରିଥିଲେ। ଏହିଭଳି ଲିନା ଦାସ ମୁଖ୍ୟ ମନ୍ତ୍ରୀଙ୍କ ବାର୍ତ୍ତା ଶିଶୁ ବାଟିକା ପାଇଁ ପଢି ଶୁଣାଇଥିଲେ ଏବଂ କାର୍ଯ୍ୟକ୍ରମରେ ଶିକ୍ଷକ ତରୁଣକୁମାର ସୁନାରୀ ମଞ୍ଚ ପରିଚାଳନା କରିଥିଲେ । କାଯ୍ୟକ୍ରମ ଶେଷରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଶେଷରେ ପ୍ରତିଯୋଗିତାରେ ଭାଗ ନେଇଥିବା କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଏହି କାଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଗ୍ରାମର ଭଦ୍ରବ୍ୟକ୍ତି ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ବିନା ଜଳସେଚନରେ ଚାଷୀ ଗଣୁଛି ଜଳ କର



ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ - ଏହି ପନ୍ଥିର ସମାନତା ଭିତରେ ଛନ୍ଦି ହୋଇ ପଡିଛି ଧର୍ମଗଡ଼ କ୍ଷୁଦ୍ର ଜଳ ସେଚନ ବିଭାଗ। ଦୁର୍ନୀତି ଓ ଅବହେଳା ଭିତରେ ବୁଡି ରହିଥିବା ନେଇ ଚର୍ଚ୍ଚାରେ ରହିଆସିଛି ବିଭାଗ। ବିଭାଗ ତତ୍ୱାବଧାନରେ ଧର୍ମଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ଡ୍ୟାମ, ଆଡ଼ି ବନ୍ଧ, ଚେକ ଡ୍ୟାମ ଆଦି ନିର୍ମାଣ ହୋଇଛି ସତ ହେଲେ କୌଣସି କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। ବିଶେଷ ଭାବେ ଧର୍ମଗଡ଼ ଅନ୍ତର୍ଗତ ଦଣ୍ଡପାଟ ଅଞ୍ଚଳର ନଈ ନାଳ ଠାରେ ଗଢି ଉଠିଥିବା ଶହ ଶହ ଆଡ଼ି ବନ୍ଧ, ଚେକ ଡ୍ୟାମ। ହେଲେ ମୂଳ ଉଦେଶ୍ୟ ଠାରୁ ଦୁରେଇ ରହିଛି। ଏପଟେ କାମକୁ ଆସୁ ନ ଥିବା ନେଇ ଚାଷୀଙ୍କ ଭିତରେ ଉଦବେଗ ପ୍ରକାଶ ପାଉଥିବା ବେଳେ ଉତ୍ତେଜନା ଦେଖା ଦେଇଛି। ସିଧାସଳଖ ଭାବେ ବିଭାଗର ଅବହେଳାକୁ ନେଇ ଚାଷୀ ଏବେ ପ୍ରଶ୍ନ ଉଠାଇଛି। ଏପରିକି ନିର୍ମାଣ ଆଳରେ ଠିକଦାର ଓ ବିଭାଗର ସୁନା ଅଣ୍ଡା ଦିଆ କୁକୁଡ଼ାରେ ପରିଣତ ହୋଇଥିବା ଆଲୋଚନା ହେଉଛି। କୋଟି କୋଟି ସରକାରୀ ଅର୍ଥ କାମକୁ ନ ଆସି ଖତ ଗଦାରେ ପରିଣତ ହୋଇଥିବା କୁହାଯାଉଛି। ଏବେ ପୁଣି ବିଭାଗ ନାରେ ସାଂଘାତିକ ଅଭିଯୋଗ ଉଠାଇଛନ୍ତି ଚାଷୀ। ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ପଞ୍ଚାୟତ ପଦ୍ମପୁର ଗ୍ରାମର ଶତାଧିକ ଚାଷୀ ଓ ପାଣି ପଞ୍ଚାୟତ କମିଟି ଡ୍ୟାମରୁ ଜଳସେଚନ ବ୍ୟବସ୍ଥା ହେଉ ନ ଥିଲେ ମଧ୍ୟ ଜଳ କର ଦେଇ ଆସୁଥିବା ଅଭିଯୋଗ କରିଛନ୍ତି। ବର୍ଷେ ନୁହେଁ କି ଦ୍ୱିବର୍ଷ ନୁହେଁ ଦୀର୍ଘ ୧୫ବର୍ଷରୁ ବିନା ଜଳସେଚନରେ ଜଳକର ଦେଇ ଆସୁଥିବା ଖୁଦ ପାଣି ପଞ୍ଚାୟତ କମିଟି ଓ ଗ୍ରାମର ଚାଷୀ ଅଭିଯୋଗ ଉଠାଇଛନ୍ତି। ଦୀର୍ଘ ବର୍ଷ ତଳେ ଗାଁର ଚାଷୀଙ୍କ ଜମିରେ ଜଳ ସେଚନ ବ୍ୟବସ୍ଥା ପାଇଁ ଏଠାରେ ଧର୍ମଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଡ୍ୟାମ ନିର୍ମାଣ ହୋଇଛି। ଗାଁର ପ୍ରାୟ ୧୫୦-୨୦୦ଏକର ଜମିରେ ଜଳସେଚନ ବ୍ୟବସ୍ଥା ନେଇ ନିର୍ମାଣ ହୋଇଥିବା ବେଳେ ଶତାଧିକ ଚାଷୀ ଉପକୃତ ହେବା ଆଶା କରାଯାଇଥିଲା। ହେଲେ ନିର୍ମାଣର ବର୍ଷ ପରେ ପରେ ଡ୍ୟାମରେ ଜଳ ସଂରକ୍ଷଣ ଠପ ହୋଇ ପଡିଛି। ନିର୍ମାଣ ମୂଳରୁ ରକ୍ଷଣବେକ୍ଷଣ ଅଭାବ ଯୋଗୁଁ ଡ୍ୟାମରେ ପାଣି ସଂରକ୍ଷଣ ହ୍ରାସ ଦେଖା ଦେଇଛି। ବର୍ତ୍ତମାନ ଡ୍ୟାମର ରୂପରେଖ ସମ୍ପୂର୍ଣ୍ଣ ସମତଳ ମରୁଭୂମିରେ ପରିଣତ ହୋଇଛି। ଆଖି ଯୋଉଠି ପଡିବ କେବଳ ଲଟା ବୁଦାରେ ଭରପୁର ରହିଛି। ଅନ୍ୟପଟେ ବିଭାଗ ପକ୍ଷରୁ ଗାଁରେ ଗତ ୧୫ବର୍ଷ ତଳେ ପାଣି ପଞ୍ଚାୟତ କମିଟି ଗଠନ କରି ନିଜ ଦାୟିତ୍ୱ ସାରି ଦେଇ ନିରବ ସାଜିଛି। ଚାଷୀମାନେ ସେତେବେଳୁ ଜଳକର ଦେଇ ଦେଇ ଆସୁଛନ୍ତି। ହେଲେ ମୂଳରୁ ଡ୍ୟାମରୁ ନିଜ ଚାଷ ଜମିକୁ ଜଳସେଚନ ହୋଇ ପାରି ନ ଥିବା ମା ଭଣ୍ଡାର ଘରଣୀ ପାଣି ପଞ୍ଚାୟତ ସଭାପତି ଇଡି ଗୋପାଳ ପ୍ରକାଶ କରନ୍ତି। ଡ୍ୟାମର ମରାମତି ଓ ପଙ୍କ ଉଦ୍ଧାର କରିବାକୁ ବାରମ୍ବାର ଜଣାଇ ଥିଲେ ମଧ୍ୟ ବିଭାଗ ଅଧିକାରୀ ନିରବ ରହୁଥିବା ନେଇ ଚାଷୀମାନେ କ୍ଷୁବ୍ଧ ପ୍ରକାଶ କରନ୍ତି। ଦିନକୁ ଦିନ ପାଣିପାଗ ପରିବର୍ତ୍ତନ ଓ ସ୍ୱାଭାବିକ ଠାରୁ ଅଞ୍ଚଳରେ କମ ବର୍ଷା ହେବା ଲାଗି ରହିଛି। ଏଭଳି ସ୍ଥଳେ ଉକ୍ତ ଡ୍ୟାମର ମରାମତି ଓ ପଙ୍କ ଉଦ୍ଧାର କରାଗଲେ ନିଶ୍ଚିତ ଭାବେ ଗ୍ରାମର ଶତାଧିକ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏଥିପ୍ରତି ଧର୍ମଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଚାଷୀ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପାଣି ପଞ୍ଚାୟତ କୋଷାଧ୍ୟକ୍ଷ ନରହରି ଗୋପାଳ, ସତ୍ୟବାନ ଗୋପାଳ, ଗୌରୀ ଶଙ୍କର ଗୋପାଳ, ହର ଗୋପାଳ ଗ୍ରାମର ଚାଷୀ ଓ ପାଣି ପଂଚାୟତ ସଭ୍ୟ ମାନେ ଚେତାବନୀ ଦେଇଛନ୍ତି। ଏନେଇ ଧର୍ମଗଡ଼ ଉପଖଣ୍ଡ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

## ରାଶିଫଳ

ଶୁକ୍ରବାର, ୦୪ ଏପ୍ରିଲ ୨୦୨୫



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ, ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ, ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ୍ୟ ବକ୍ତବ୍ୟରେ ସଂଯମ ରଖନ୍ତୁ।



**ବୃଷ:** ଆଜି ଆପଣ କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। କାର୍ଯ୍ୟରେ ସଫଳତାର ଅଭାବ ହେତୁ ନିରାଶ ହେବାର ସମ୍ଭାବନା ମଧ୍ୟ ଅଛି। ସାହିତ୍ୟ କିମ୍ବା ଅନ୍ୟ କୌଣସି ସୃଜନଶୀଳ କଳା ପ୍ରତି ଆଗ୍ରହୀ ହେବେ। ପିଲାମାନଙ୍କ ପାଇଁ ଚିନ୍ତା ଯୋଗୁଁ, ମନରେ ଚିନ୍ତା ହେବ।



**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ।



**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ୍ୟ ସମ୍ଭବ। ଜୀବନ ସାଥୀ ପାଇବା ସମ୍ଭବ ହେବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।



**ସିଂହ:** ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତିତ ହେବେ। ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ, ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ୍ୟ ହୋଇପାରେ, ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ପାରିବାରିକ ପରିବେଶ ସୁଖମୟ ହେବ।



**ତୁଳା:** ଆଜି ଅଳସୁଆ ଏବଂ ଥକାପଣର ଦିନ ହେବ। ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ସଫଳତା ପାଇବା ପାଇଁ ଆପଣଙ୍କୁ ଅଧିକ କରିବାକୁ ପଡିବ। ବିପଜ୍ଜନକ ଚିନ୍ତାଧାରା, ଗତିବିଧି ଏବଂ ସଂଗଠିତ ଠାରୁ ଦୂରରେ ରୁହନ୍ତୁ।



**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅନ୍ତୁ।



**ଧନୁ:** ଆଜି, ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ସ୍ୱଚ୍ଛ ରହଣି ସଂଗଠିତ ହେବ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ୍ୟ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି। କଣ୍ଟିଜେନ୍ସି ଟଙ୍କା ଲାଭର ସମ୍ଭାବନା ଅଛି।



**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ପରିବାରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ୍ୟ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ। ଟଙ୍କା ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରୀ କରନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ। ଏକ ଲାଭ ହେବାର ସମ୍ଭାବନା। ଆଜି ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯